# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୯/୨୦୨୩ (୧୬ ପୃଷ୍ଠା) Bhubaneswar, Monday, October 9/2023 Page 16 ₹ 7.00

୪୯ଶ ଭାଗ ୩୧୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 315 ମୂଲ୍ୟ₹୭/-



DSPL-272





WATCO Drink from tap ODISHA

# ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍
## ଜଳଯୋଗାଣ

ବର୍ତ୍ତମାନ ଅନ୍ୟ ୫ଟି ସହରକୁ
(ରାଇରଙ୍ଗପୁର, ଚମ୍ପୁଆ, ବୀରମିତ୍ରପୁର, ରାଜଗାଙ୍ଗପୁର, ନିମାପଡ଼ା)
ଏବଂ
ଆଉ ୧୩ଟି ସହରର ୧୪୯ଟି ୱାର୍ଡରେ,
ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ୨୪x୭ ଜଳଯୋଗାଣ ସୁବିଧା

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ଙ୍କ
ଦ୍ୱାରା ଉତ୍ସର୍ଗ
**୯ ଅକ୍ଟୋବର ୨୦୨୩, ପୂର୍ବାହ୍ଣ ୧୧:୩୦**
କନଭେନସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର

| ସହର/ ପୌରସଂସ୍ଥା | ବର୍ତ୍ତମାନ ଅନ୍ତର୍ଭୁକ୍ତ ହୋଇଥିବା ୱାର୍ଡ ସମୂହ | ଉପକୃତ ଜନସଂଖ୍ୟା |
|---|---|---|
| ରାଇରଙ୍ଗପୁର- ସମଗ୍ର ସହର | ୧୫ | ୩୪,୦୦୦ |
| ବୀରମିତ୍ରପୁର- ସମଗ୍ର ସହର | ୧୧ | ୩୯,୦୦୦ |
| ରାଜଗାଙ୍ଗପୁର- ସମଗ୍ର ସହର | ୨୦ | ୬୬,୫୦୦ |
| ଚମ୍ପୁଆ- ସମଗ୍ର ସହର | ୧୩ | ୧୫,୫୦୦ |
| ନିମାପଡା- ସମଗ୍ର ସହର | ୧୧ | ୨୨,୩୦୦ |
| ଭୁବନେଶ୍ୱର | ୨୭ | ୩,୮୨,୫୦୦ |
| ଖୋର୍ଦ୍ଧା | ୪ | ୮,୬୦୦ |
| ଜଟଣୀ | ୩ | ୧୦,୮୦୦ |
| କଟକ | ୨୧ | ୧,୮୦,୦୦୦ |
| ବ୍ୟାସନଗର | ୬ | ୧୧,୦୦୦ |
| ସୁନ୍ଦରଗଡ଼ | ୧୭ | ୩୦,୮୦୦ |
| ରାଉରକେଲା | ୨୦ | ୮୭,୧୦୦ |
| କେଉଁଝର | ୪ | ୧୦,୦୦୦ |
| ଆନନ୍ଦପୁର | ୪ | ୯,୫୦୦ |
| ଯୋଡ଼ା | ୧ | ୪,୦୦୦ |
| ବଡ଼ବିଲ | ୨ | ୭,୫୦୦ |
| ବ୍ରହ୍ମପୁର | ୩୭ | ୩,୦୨,୦୦୦ |
| ହିଞ୍ଜିଳିକାଟୁ | ୩ | ୬,୫୦୦ |

ଏହି ପର୍ଯ୍ୟାୟରେ ଉପକୃତ ସମୁଦାୟ ଜନସଂଖ୍ୟା: ୧୨.୩ ଲକ୍ଷ



ଓଡ଼ିଶାରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯାତ୍ରାର
୩ ବର୍ଷ ପୂର୍ତ୍ତି ପାଳନ

**ଓଡ଼ିଶା**
୧ମ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ରାଜ୍ୟ ସମଗ୍ର ଦେଶରେ

ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ
ଓଡ଼ିଶା ସରକାର



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୯ ଅକ୍ଟୋବର, ୨୦୨୩

## ଇସ୍ରାଏଲରୁ ମୁମ୍ବାଇ ଫେରିଲେ ନୁଶରତ୍



ବଲିଉଡ୍ ଅଭିନେତ୍ରୀ ନୁଶରତ ଭରୁଚା ହାଫିଆ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଯୋଗଦେବା ପାଇଁ ଇସ୍ରାଏଲ ଯାଇଥିଲେ। ସେଠାରେ ତାଙ୍କ ଫିଲ୍ମ 'ଅକେଲି' ର ସ୍କ୍ରିନିଂ କାର୍ଯ୍ୟକ୍ରମ ରହିଥିଲା। ଏହି ଫିଲ୍ମରେ ଇସ୍ରାଏଲୀ କଳାକାର ସାହି ହାଲେଭି ଓ ଅମିର ବୁଟ୍ରୋସ୍ ମଧ୍ୟ ଅଭିନୟ କରିଛନ୍ତି। ତେବେ ଶନିବାର ଯୁଦ୍ଧ ଆରମ୍ଭ ହେବା ପରେ ସେଠାରେ ସେ ଫସିଯାଇଥିଲେ। ୩୮ ବର୍ଷୀୟା ଅଭିନେତ୍ରୀ ଓ ତାଙ୍କ ଟିମ୍ ରବିବାର ଅପରାହ୍ନ ୨ଟାରେ ମୁମ୍ବାଇ ଫେରିଛନ୍ତି। ଭାରତୀୟ ଦୂତାବାସ ଜରିଆରେ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପରେ ସେମାନେ ଆଶ୍ୱସ୍ତି ଲାଭ କରି ଈଶ୍ୱରଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି।

# ପ୍ରତିଶୋଧମୁହାଁ ଇସ୍ରାଏଲ

ଶନିବାର ସକାଳେ ଇସ୍ରାଏଲବାସୀ ନିଦରୁ ଉଠି ଆଖି ଖୋଲିବା ମାତ୍ରେ ଦେଖିଥିଲେ ଧ୍ୱଂସ ଲୀଳାର ବିଚଳିତ କରିଦେବା ଭଳି ଦୃଶ୍ୟ, ଶୁଣିବାକୁ ପାଇଥିଲେ ତୁହାକୁ ତୁହା ରକେଟ ମାଡ଼ର ଶବ୍ଦ। ପାଲେଷ୍ଟିନୀୟ ଇସ୍‌ଲାମୀୟ ଗୋଷ୍ଠୀ ହମାସ୍‌ର ଅଭୂତପୂର୍ବ ଆକ୍ରମଣରେ ଥରିଉଠିଥିଲା ଅନେକ ସହର। କାହାକୁ ପଣବନ୍ଦୀ ତ ପୁଣି କାହାକୁ ଉଲଗ୍ନ ପରେଡ୍ କରାଉଛନ୍ତି ହମାସ୍ ମୌଳବାଦୀ। ଆତଙ୍କବାଦୀଙ୍କ ଏହି ବର୍ବରତା ବିରୋଧରେ ଯୁଦ୍ଧ ଘୋଷଣା କରି ପ୍ରତିଶୋଧ ନେଉଛି ଜେରୁଜେଲମ୍। ଭାରତ ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଆକ୍ରମଣକୁ ଦୃଢ଼ ନିନ୍ଦା କରିଥିବାବେଳେ ଇଜିପ୍ଟ, ମରକ୍କୋ ଓ ସାଉଦି ଆରବ ସଂଯମ ରହିବାକୁ ଇସ୍ରାଏଲକୁ ପରାମର୍ଶ ଦେଇଛନ୍ତି।

ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର



ଖାନ୍ ୟୁନିସ୍‌ର ଏକ ବିଧ୍ୱସ୍ତ ମସ୍‌ଜିଦ୍।

### ଯୁଦ୍ଧ ପୃଷ୍ଠଭୂମି

ଇସ୍ରାଏଲୀ-ପାଲେଷ୍ଟିନୀୟଙ୍କ ମଧ୍ୟରେ ସାମରିକ ଓ ରାଜନୈତିକ ସଂଘର୍ଷ ହେଉଛି ପଶ୍ଚିମ ଏସିଆର ପୂର୍ବ ଭୂମଧ୍ୟସାଗରୀୟ କ୍ଷେତ୍ର ଲେଭାଣ୍ଟରେ ବିଂଶ ଶତାବ୍ଦୀର ମଧ୍ୟଭାଗରୁ ଚାଲିଥିବା ଏକ ଲମ୍ବା ଲଢ଼େଇ। ଅତୀତରେ ଇସ୍ରାଏଲୀ-ପାଲେଷ୍ଟିନୀୟ ଶାନ୍ତି ପ୍ରକ୍ରିୟା ଭଳି ଅନେକ ଉଦ୍ୟମ ହୋଇଛି। କିନ୍ତୁ ବିଶ୍ୱର ଏହି ଅନ୍ୟତମ ଦୀର୍ଘ ସଂଘର୍ଷର ସମାଧାନ ହୋଇପାରି ନାହିଁ। ପାଲେଷ୍ଟାଇନ୍ ପାଇଁ ୧୯୪୭ରେ ଜାତିସଂଘ ପକ୍ଷରୁ ପାର୍ଟିଶନ୍ ପ୍ଲାନ୍ କରାଯାଇଥିଲା। କିନ୍ତୁ ତାକୁ କାର୍ଯ୍ୟକାରୀ କରା ନ ଯିବାରୁ ୧୯୪୭-୪୯ ପାଲେଷ୍ଟାଇନ୍ ଯୁଦ୍ଧ ହୋଇଥିଲା। ୧୯୬୭ରେ ୬ ଦିନ ଧରି ଚାଲିଥିବା ଯୁଦ୍ଧ ବେଳେ ୱେଷ୍ଟ ବ୍ୟାଙ୍କ ଏବଂ ଗାଜାକୁ ଇସ୍ରାଏଲୀ ସାମରିକ ବଳର ଦଖଲ ପରେ ବର୍ତ୍ତମାନର ଇସ୍ରାଏଲୀ-ପାଲେଷ୍ଟିନୀୟ ସ୍ଥିତାବସ୍ଥା ଆରମ୍ଭ ହୋଇଥିଲା। ୧୯୯୩-୧୯୯୫ ଓସ୍ଲୋ ଆକର୍ଡ୍ସ ବଳରେ ଦୁଇରାଷ୍ଟ୍ର ସମାଧାନ ଦିଗରେ ଅଗ୍ରଗତି ହୋଇଥିଲା। ପାଲେଷ୍ଟିନୀୟଙ୍କ ପ୍ରାୟ ୬୦% (ଗାଜା ଷ୍ଟ୍ରିପ୍‌ର ୭୭% ଓ ୱେଷ୍ଟ ବ୍ୟାଙ୍କର ୪୬%) ଇସ୍ରାଏଲୀଙ୍କ ବିରୋଧରେ ସଶସ୍ତ୍ର ଆକ୍ରମଣକୁ ସମର୍ଥନ କରନ୍ତି। ୭୦ ପ୍ରତିଶତଙ୍କ ମତରେ ଦୁଇରାଷ୍ଟ୍ର ସମାଧାନ ବ୍ୟବହାରିକ କିମ୍ବା ସମ୍ଭବ ନୁହେଁ। ଇସ୍ରାଏଲୀ ଇହୁଦୀଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ କୁହନ୍ତି, ୱେଷ୍ଟ ବ୍ୟାଙ୍କକୁ ଇସ୍ରାଏଲ ଦଖଲ କରିଥିବାରୁ ସେଠାରେ ବସବାସ କରୁଥିବା ପାଲେଷ୍ଟିନୀୟମାନଙ୍କୁ ମତଦାନ ଅଧିକାର ଦିଆଯିବା ଅନୁଚିତ। ପାରସ୍ପରିକ ଅନାସ୍ଥା ଭାବ ଓ ମତଭେଦ ଏହି ବ୍ୟବଧାନକୁ ବଢ଼ାଇଚାଲିଛି। ୨୦୦୬ ପରଠୁ ପାଲେଷ୍ଟିନୀୟ ପକ୍ଷ ଫତହ ସହ ଲଢ଼େଇ କରି ବିଭିନ୍ନ ଭାଗରେ ବିଭକ୍ତ ହୋଇଛି। ଇତିମଧ୍ୟରେ ଇସ୍‌ଲାମିକ୍ ଆତଙ୍କବାଦୀ ଗୋଷ୍ଠୀ ହମାସ୍ ଗାଜା ଷ୍ଟ୍ରିପ୍ ଉପରେ ନିଜ କର୍ତ୍ତୃତ୍ୱ ଜାହିର କରି ଏହାକୁ ନିଜ ନିୟନ୍ତ୍ରଣକୁ ନେଇଛି। ୨୦୧୩ ଜୁଲାଇରେ ଶେଷ ଶାନ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା, କିନ୍ତୁ ତାହା ବର୍ଷକ ପରେ ବନ୍ଦ ହୋଇଯାଇଥିଲା। ୨୦୦୬ ପରଠୁ ହମାସ୍ ଓ ଇସ୍ରାଏଲ୍ ୫ଟି ଯୁଦ୍ଧ ଲଢ଼ିସାରିଛନ୍ତି। ସଦ୍ୟତମ ଯୁଦ୍ଧ ୨୦୨୩ ଅକ୍ଟୋବର ୭ରେ ଆରମ୍ଭ ହୋଇଛି।

### ସାମ୍ପ୍ରତିକ ସ୍ଥିତି

ଇସ୍ରାଏଲୀ ସହରଗୁଡ଼ିକ ଉପରେ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ଓ ଏହାର ଜବାବୀ କାର୍ଯ୍ୟାନୁଷ୍ଠାନ ହମାସ୍ ଗୋଷ୍ଠୀକୁ ଚର୍ଚ୍ଚିତ କରିଛି। ଏହି ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ଶନିବାର ମାତ୍ର ୨୦ ମିନିଟ୍ ମଧ୍ୟରେ ଇସ୍ରାଏଲ ଉପରେ ୫,୦୦୦ରୁ ଊର୍ଦ୍ଧ୍ୱ ରକେଟ ମାଡ଼ କରି ବିଶ୍ୱବ୍ୟାପୀ ଶିରୋନାମା ମଣ୍ଡନ କରିଛି। ହମାସ୍ ଆକ୍ରମଣରେ ଇସ୍ରାଏଲର ୬୦୦ରୁ ଊର୍ଦ୍ଧ୍ୱ ଲୋକ ନିହତ ହୋଇଥିବାବେଳେ ୨ ହଜାରରୁ ଅଧିକ ଆହତ ହୋଇଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏହାକୁ ଯୁଦ୍ଧ ଭାବେ ଅଭିହିତ କରି ଜବାବୀ କାର୍ଯ୍ୟାନୁଷ୍ଠାନ ପାଇଁ ନିଜ ସୈନ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇସ୍ରାଏଲର ରକେଟ ମାଡ଼ରେ ପ୍ରାୟ ୪୦୦ ହମାସ୍ ବିଦ୍ରୋହୀ ନିହତ ଓ ୨୦୪୮ ଆହତ ହୋଇଛନ୍ତି।

### ହମାସ୍‌ର ଉତ୍ପତ୍ତି

ହମାସ୍‌ର ତାତ୍ପର୍ଯ୍ୟ ହେଉଛି ଉତ୍ସାହ ବା ଆଗ୍ରହ। ୧୯୭୮ରେ ଇଜିପ୍ଟର ଅହମଦ ୟାସିନ ଏବଂ ଅବ୍‌ଦେଲ ଅଜିଜ୍ ଅଲ୍-ରାଣ୍ଟିସିଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ସଙ୍ଗଠନ ଇସ୍‌ଲାମିକ୍ ପ୍ରତିରୋଧ ଆନ୍ଦୋଳନରେ ବିଶ୍ୱାସ କରେ। ୧୯୮୮ରେ ପାଲେଷ୍ଟାଇନ୍‌କୁ ମୁକ୍ତ କରି ଇସ୍ରାଏଲ, ୱେଷ୍ଟ ବ୍ୟାଙ୍କ ଓ ଗାଜା ଷ୍ଟ୍ରିପ୍‌କୁ ନେଇ ଏକ ଇସ୍‌ଲାମିକ୍ ଷ୍ଟେଟ୍ ଗଠନ ପାଇଁ ହମାସ୍ ଚାର୍ଟରରେ ଲକ୍ଷ୍ୟ ରଖାଯାଇଥିଲା। ଇସ୍ରାଏଲ ପ୍ରାକ୍ ୧୯୬୯ ସୀମାକୁ ଘୁଞ୍ଚି, ପାଲେଷ୍ଟିନୀୟ ଶରଣାର୍ଥୀଙ୍କୁ ଫେରିବାକୁ ଦିଆଗଲେ ସନ୍ଧି ସମ୍ଭବ ବୋଲି ସେହିବର୍ଷ ହମାସ୍ ପକ୍ଷରୁ କୁହାଯାଇଥିଲା। ତେବେ ଇସ୍ରାଏଲ ଏହାର ଦାବିକୁ ଅଗ୍ରାହ୍ୟ କରି କହିଥିଲା, ହମାସ୍ ବିଶ୍ୱକୁ ବୋକା ବନାଇବା ପାଇଁ ଉଦ୍ୟମ କରୁଛି।

### ସମର୍ଥକ କିଏ

ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ହମାସ୍‌ର ଏକ ସାଂସ୍କୃତିକ ଶାଖା 'ଦୱାହ' ଓ ସାମରିକ ବାହିନୀ 'ଇଜ୍ ଅଦ-ଦିନ୍ ଅଲ୍-କାସିମ୍ ବ୍ରିଗେଡ୍' ରହିଛି। ହମାସ୍‌କୁ ଇରାନ୍ ପ୍ରଚ୍ଛନ୍ନ ସମର୍ଥନ କରିଥାଏ। ଇରାନ, ସିରିଆ ଏବଂ ଲେବାନନ୍‌ର ଇସ୍‌ଲାମିକ୍ ଗୋଷ୍ଠୀ ହେଜ୍‌ବୋଲ୍ଲାକୁ ନେଇ ଗଠିତ ବ୍ଲକ୍‌ର ଏହା ଏକ ଅଂଶବିଶେଷ। ଏହି ବ୍ଲକ୍‌ର ସବୁ ସଦସ୍ୟ ସମ୍ପୃକ୍ତ କ୍ଷେତ୍ରରେ ଆମେରିକୀୟ ନୀତିକୁ ବିରୋଧ କରିଥାଆନ୍ତି। ଇସ୍ରାଏଲ ଉପରେ ହମାସ୍‌ର ସଦ୍ୟ ଆକ୍ରମଣକୁ ଇରାନର ବହିର୍ବ୍ୟାପାର ମନ୍ତ୍ରଣାଳୟ ସମର୍ଥନ କରିଛି। ହମାସ୍‌ର ଆକ୍ରମଣ ହେଉଛି ଜବରଦଖଲକାରୀଙ୍କ ମୁହଁରେ ପାଲେଷ୍ଟିନୀୟଙ୍କ ଚାପୁଡ଼ା। ପାଲେଷ୍ଟିନୀୟ ଭୂଖଣ୍ଡ ଓ ମଧ୍ୟପ୍ରାଚ୍ୟର ଅନ୍ୟ ଦେଶଗୁଡ଼ିକରେ ହମାସ୍‌ର ସମର୍ଥକ ରହିଛନ୍ତି। ଇରାନ, ସିରିଆ ଓ ୟେମେନ୍ ଏହି ଆକ୍ରମଣକୁ ବୀରତ୍ୱ କହି ସମର୍ଥନ କରିଛି। ବର୍ତ୍ତମାନର ସ୍ଥିତି ପାଇଁ କାତାର ଇସ୍ରାଏଲକୁ ଦାୟୀ କରିଛି। ଆରବ ଲିଗ୍ ଓ ଜୋର୍ଡାନ ମଧ୍ୟ ଇସ୍ରାଏଲୀ ନୀତିଗୁଡ଼ିକୁ ସମାଲୋଚନା କରିଛି। ଇଜିପ୍ଟ, ମରକ୍କୋ, ସାଉଦି ଆରବ ସଂଯମ ରହିବାକୁ ପରାମର୍ଶ ଦେଇଛନ୍ତି।

ଅନ୍ୟପକ୍ଷେ ଇସ୍ରାଏଲ, ଆମେରିକା, ୟୁରୋପୀୟ ସଂଘ, କାନାଡା, ଇଜିପ୍ଟ ଓ ଜାପାନ ହମାସ୍‌କୁ ଏକ ବୈଶ୍ୱିକ ଆତଙ୍କବାଦୀ ସଙ୍ଗଠନର ମାନ୍ୟତା ଦେଇଛନ୍ତି। ୨୦୧୮ରେ ଜାତିସଂଘରେ ଆଗତ ସଂକଳ୍ପନାମାରେ ହମାସ୍‌ର କାର୍ଯ୍ୟକଳାପକୁ ନିନ୍ଦା କରାଯାଇଥିଲା।

### ହମାସ୍ ବନାମ ଫତହ

ପାଲେଷ୍ଟିନୀୟ ରାଜନୈତିକ ପ୍ରେକ୍ଷାପଟରେ ହମାସ୍‌ର ଆବିର୍ଭାବ ଏହାକୁ ଫତହ ସହ ମୁହାଁମୁହିଁ କରିଛି। ୧୯୯୪ରୁ ୨୦୦୪ ପର୍ଯ୍ୟନ୍ତ ପାଲେଷ୍ଟିନିଆନ୍ ନ୍ୟାଶନାଲ ଅଥରିଟି (ପିଏନ୍‌ଏ) ଅଧ୍ୟକ୍ଷ ରହିଆସିଥିବା ୟାସର ଆରାଫତ୍‌ଙ୍କ ଦ୍ୱାରା ୧୯୯୦ ଦଶକରେ ପ୍ରତିଷ୍ଠିତ ଫତହ ପରବର୍ତ୍ତୀ ସମୟରେ ସଶସ୍ତ୍ର ପ୍ରତିରୋଧରୁ ଓହରି ପାଲେଷ୍ଟାଇନ୍ ରାଷ୍ଟ୍ର ଗଠନ ପାଇଁ ଉଦ୍ଦିଷ୍ଟ ଜାତିସଂଘ ସୁରକ୍ଷା ପରିଷଦ ସଂକଳ୍ପନାମାକୁ ସମର୍ଥନ କରିଥିଲା। ୨୦୦୪ରେ ଆରାଫତ୍‌ଙ୍କ ମୃତ୍ୟୁ ପରେ ଶୂନ୍ୟସ୍ଥାନ ସୃଷ୍ଟି ହେବାରୁ ହମାସ୍‌ର ବଳ ବୃଦ୍ଧି ଘଟିଥିଲା। ୨୦୦୭ରେ ଏହି ଗୋଷ୍ଠୀ ଫତହ ସହ ଗୃହଯୁଦ୍ଧ ପରେ ଗାଜାକୁ ନିଜ ନିୟନ୍ତ୍ରଣକୁ ନେଇଥିଲା। ସେବେଠୁ ଗାଜା ଷ୍ଟ୍ରିପ୍ ଉପରେ ହମାସ୍‌ର ଦଖଲ ଥିବାବେଳେ ୱେଷ୍ଟ ବ୍ୟାଙ୍କରେ ଫତହ କ୍ଷମତାସୀନ ରହିଛି। ହମାସ୍ ନିଜକୁ ଇସ୍‌ଲାମୀୟ କହୁଥିବାବେଳେ ଫତହ ଧର୍ମନିରପେକ୍ଷତାର ଓକିଲାତି କରିଥାଏ। ଇସ୍ରାଏଲକୁ ସ୍ୱୀକୃତି ଦେଉ ନ ଥିବା ହମାସ୍ ସଶସ୍ତ୍ର ବିଦ୍ରୋହର ଆହ୍ୱାନ ଦେଉଥିବାବେଳେ ଫତହ ଆଲୋଚନା ଜରିଆରେ ସମାଧାନର ବାଟ ଖୋଜିଥାଏ। ଏହି ୨ ଗୋଷ୍ଠୀ ଗତ ୨ ଦଶନ୍ଧି ଧରି ପରସ୍ପର ସହ ଲଢ଼େଇ କରିଆସିଛନ୍ତି। ବର୍ତ୍ତମାନ ଫତହର ନେତୃତ୍ୱ ପାଲେଷ୍ଟାଇନ୍ ରାଷ୍ଟ୍ରପତି ମୋହମ୍ମୁଦ୍ ଅବ୍ବାସ ନେଉଛନ୍ତି।



ଗାଜା ଷ୍ଟ୍ରିପ୍ ଧ୍ୱଂସାବଶେଷ ତଳେ ଆତ୍ମୀୟଙ୍କୁ ଖୋଜୁଛନ୍ତି ପାଲେଷ୍ଟିନୀୟ।

### ହେଜ୍‌ବୋଲ୍ଲା ଟାର୍ଗେଟରେ ଇସ୍ରାଏଲ

ଲେବାନନ୍‌ର ହେଜ୍‌ବୋଲ୍ଲା ବିବାଦୀୟ ଶେହବା ଫାର୍ମ୍ସରେ ଇସ୍ରାଏଲର ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରିଥିବା ନେଇ ରବିବାର ଦାବି କରିଛି। ହମାସ ବନ୍ଧୁକଧାରୀମାନେ ଗାଜାରୁ ଇସ୍ରାଏଲ ଉପରେ ଅଭୂତପୂର୍ବ ଆକ୍ରମଣ କରିବା ପରେ ପାଲେଷ୍ଟିନୀୟ ଲୋକଙ୍କ ସମର୍ଥନରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ହେଜ୍‌ବୋଲ୍ଲା କହିଛି। ୧୯୭୫-୯୦ ଗୃହଯୁଦ୍ଧ ବେଳେ ଇରାନର ରିଭୋଲ୍ୟୁଶନାରି ଗାର୍ଡ୍ସ ପକ୍ଷରୁ ୧୯୮୨ରେ ପ୍ରତିଷ୍ଠିତ ଏହି ଶିଆ ଗୋଷ୍ଠୀକୁ ଇରାନ ସମର୍ଥନ କରିଥାଏ। ଅନ୍ୟପକ୍ଷେ ଆମେରିକା ସମେତ ଅନେକ ରାଷ୍ଟ୍ର ହେଜ୍‌ବୋଲ୍ଲାକୁ ଆତଙ୍କବାଦୀ ସଙ୍ଗଠନ ଆଖ୍ୟା ଦେଇଛନ୍ତି।



ତେଲ୍ ଅଭିଭ୍‌ସ୍ଥିତ ଇଚିଲୋଭ୍ ହସ୍ପିଟାଲରେ ଆହତ ସୈନ୍ୟଙ୍କ ହାତକୁ ଧରିଛନ୍ତି ଜଣେ ମହିଳା।

## ଇସ୍ରାଏଲକୁ ଯୁଦ୍ଧବିମାନ, ଜାହାଜ ଦେବ ଆମେରିକା

ଇସ୍ରାଏଲ୍‌କୁ ସହାୟତା ଦେବା ପାଇଁ ପୂର୍ବ ଭୂମଧ୍ୟସାଗରୀୟ ଅଞ୍ଚଳକୁ ପେଣ୍ଟାଗନ୍ ଏକ ଫୋର୍ଡ କ୍ୟାରିୟର ଷ୍ଟ୍ରାଇକ୍ ଗ୍ରୁପ୍ ପଠାଇବ ବୋଲି ରବିବାର ଆମେରିକା ପ୍ରତିରକ୍ଷା ସଚିବ ଲୟଡ୍ ଅଷ୍ଟିନ୍ ସୂଚନା ଦେଇଛନ୍ତି। ୟୁଏସ୍‌ଏସ୍ ଗେରାଲ୍ଡ ଆର୍. ଫୋର୍ଡ, ସେଥିରେ ଥିବା ୫,୦୦୦ ନାବିକ ଏବଂ ଯୁଦ୍ଧବିମାନଗୁଡ଼ିକ ସହ କ୍ରୁଜର୍ସ, ବିଧ୍ୱଂସକକୁ ପଠାଯିବ। ଇସ୍ରାଏଲ ସରକାର ରବିବାର ଆନୁଷ୍ଠାନିକ ଭାବେ ଯୁଦ୍ଧ ଘୋଷଣା କରିବା ସହ ହମାସ୍ ବିରୋଧରେ ବଡ଼ ସାମରିକ ପଦକ୍ଷେପ ନେଇଛି। ଇସ୍ରାଏଲର ରକେଟ ମାଡ଼ରେ ୧୦ ଆତଙ୍କବାଦୀ ଶିବିର ଧ୍ୱଂସ ହୋଇଯାଇଛି।

## ନେତାନ୍ୟାହୁଙ୍କୁ ଫୋନ୍ କଲେ ବାଇଡେନ୍

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରବିବାର ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଫୋନ୍ କରି ହମାସ୍‌ର ବର୍ବର ଆକ୍ରମଣ ସମ୍ପର୍କରେ ଆଲୋଚନା କରିଛନ୍ତି। ଆକ୍ରମଣରେ କେତେ ଆମେରିକୀୟ ନିହତ ହୋଇଛନ୍ତି ଓ କେତେଜଣଙ୍କୁ ହମାସ୍ ପଣବନ୍ଦୀ କରି ରଖିଛି ତାହା ଉପରେ ୱାଶିଂଟନ୍‌ର ନଜର ରହିଥିବା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ସୂଚନା ଦେଇଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ, ହମାସ୍ ଆକ୍ରମଣରେ ୪ ଆମେରିକୀୟ ନିହତ ଓ ଅନେକେ ନିଖୋଜ ହୋଇଯାଇଛନ୍ତି।

## ଜର୍ମାନ୍ ମହିଳାଙ୍କୁ ଟ୍ରକ୍‌ରେ ବାନ୍ଧି ଉଲଗ୍ନ ପରେଡ୍

ଇସ୍ରାଏଲ ରାସ୍ତାରେ ଜର୍ମାନୀର ଜଣେ କ୍ଷତବିକ୍ଷତ ତଥା ଉଲଗ୍ନ ମହିଳା ପର୍ଯ୍ୟଟକଙ୍କୁ ହମାସ୍ ପରେଡ୍ କରାଇବା ଭଳି ବର୍ବର ତଥା ବିଚଳିତ କରିଦେବା ଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଆତଙ୍କବାଦୀମାନେ ଏକ ପିକ୍‌ଅପ୍ ଟ୍ରକ୍ ପଛରେ ତାଙ୍କୁ ବାନ୍ଧି ବୁଲାଉଥିବାବେଳେ ଅନ୍ୟମାନେ ଚିତ୍କାର କରୁଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ୩୦ ବର୍ଷୀୟା ଶନି ଲୋଉକ୍ ଜଣେ ଟାଟ୍ଟୁ ଆର୍ଟିଷ୍ଟ। ସେ କିବ୍‌ବଜ୍ ଉରିମ୍‌ରେ ଅନୁଷ୍ଠିତ ଏକ ମ୍ୟୁଜିକ୍ ଫେଷ୍ଟିଭାଲରେ ଯୋଗଦେବା ପାଇଁ ଜର୍ମାନୀରୁ ଆସିଥିଲେ। ଗାଜା ସୀମାରୁ ଆତଙ୍କବାଦୀମାନେ ତାଙ୍କୁ ଅପହରଣ କରି ଏପରି କାଣ୍ଡ ଭିଆଇଛନ୍ତି।



> ବର୍ତ୍ତମାନର ଉତ୍ତେଜନା ଆଉ ଏକ ଅତ୍ୟନ୍ତ ବିପଜ୍ଜନକ ତଥା ହିଂସାତ୍ମକ ସ୍ଥିତି ଆଡ଼କୁ ମୁହାଁଇଛି। ଏହା ହେଉଛି ଜାତିସଂଘ ଓ ଏହାର ସୁରକ୍ଷା ପରିଷଦ ସଂକଳ୍ପନାମାକୁ କାର୍ଯ୍ୟକାରୀ କରା ନ ଯିବାର ଫଳ। ଆମେରିକା ମଧ୍ୟ ଏଥିପାଇଁ ଦାୟୀ। ତେବେ ପାଲେଷ୍ଟିନୀୟ ଓ ଇସ୍ରାଏଲୀ ପକ୍ଷ ତୁରନ୍ତ ଅସ୍ତ୍ରବିରତି ଘୋଷଣା କରନ୍ତୁ।
>
> **- ମାରିଆ ଜାଖରୋଭା, ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର**

> ପାଲେଷ୍ଟାଇନ୍ ଓ ଇସ୍ରାଏଲ ମଧ୍ୟରେ ଲାଗିରହିଥିବା ସାମ୍ପ୍ରତିକ ଉତ୍ତେଜନାକୁ ନେଇ ଚାଇନା ଚିନ୍ତିତ। ଆମେ ଉଭୟ ପକ୍ଷଙ୍କୁ ଶାନ୍ତ ଓ ସଂଯମ ରହିବାକୁ ଆହ୍ୱାନ ଦେଉଛୁ। ଦୁଇ ପକ୍ଷ ଶତ୍ରୁତା ଛାଡ଼ି ନାଗରିକଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରନ୍ତୁ।
>
> **- ୱାଙ୍ଗ୍ ୱେନ୍‌ବିନ୍, ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର**

## ତୈଳ ବଜାରରେ ଲାଗିବ ନିଆଁ

### ଭାରତୀୟ ଅର୍ଥନୀତି ପ୍ରଭାବିତ ହେବ



ଭାରତ ନିଜ ଅନ୍ୟତମ ପୁରୁଣା ବନ୍ଧୁ ଇସ୍ରାଏଲକୁ ସମର୍ଥନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହମାସ୍ ଆତଙ୍କବାଦୀଙ୍କ ଆକ୍ରମଣକୁ ନିନ୍ଦା କରିଛନ୍ତି। ଆତଙ୍କବାଦୀ ଆକ୍ରମଣ ଓ ଏହାର ପ୍ରତିଆକ୍ରମଣ ଜାରି ରହିଲେ ଇସ୍ରାଏଲ ଏବଂ ପାଲେଷ୍ଟାଇନ୍ ମଧ୍ୟରେ ଦୀର୍ଘକାଳୀନ ଯୁଦ୍ଧ ହୋଇପାରେ। ଏହାର ପ୍ରଭାବରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଭଳି ବିଶ୍ୱବ୍ୟାପୀ ମୁଦ୍ରାସ୍ଫୀତି ବଢ଼ିବ। ବିଶେଷକରି ହମାସ୍‌କୁ ସମର୍ଥନ କରୁଥିବା ଇରାନ ଯଦି ଯୁଦ୍ଧରେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ହୁଏ, ତେବେ କ୍ରୁଡ୍ ଅଏଲ୍ ଦର ବୃଦ୍ଧି ପାଇବ। ଫଳରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ଆକାଶଛୁଆଁ ହେବ ବୋଲି ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। ଶୁକ୍ରବାର କ୍ରୁଡ୍ ଅଏଲ୍ ବ୍ୟାରେଲ ପିଛା ୮୨.୮୧ ଡଲାର ଥିବାବେଳେ ବ୍ରେଣ୍ଟ ଅଏଲ୍ ବ୍ୟାରେଲ ପିଛା ୮୪.୪୩ ଡଲାର ରହିଥିଲା। ଏହାବାଦ୍ ସୁନା ଦର ବଢ଼ିବା ସହ ଡଲାର ମଧ୍ୟ ମଜଭୁତ୍ ହେବ। ଏପରି ହେଲେ ଶୁକ୍ରବାର ୮୩.୧୧୪ରେ ବନ୍ଦ ହୋଇଥିବା ଭାରତୀୟ ଟଙ୍କା ଆହୁରି ଦୁର୍ବଳ ଅବସ୍ଥାକୁ ଖସିବ। ଭାରତୀୟ ପୁଞ୍ଜି ବଜାର ଉପରେ ଏହାର କୁପ୍ରଭାବ ପଡ଼ିବ। ଇସ୍ରାଏଲ ହେଉଛି ଏସୀୟ ବଜାରରେ ଭାରତର ତୃତୀୟ ବାଣିଜ୍ୟିକ ସହଯୋଗୀ। ରୁଷିଆ ପରେ ଇସ୍ରାଏଲ ହେଉଛି ଭାରତକୁ ସର୍ବାଧିକ ଅସ୍ତ୍ରଶସ୍ତ୍ର ଯୋଗାଣକାରୀ ରାଷ୍ଟ୍ର। ଭାରତ ଓ ଇସ୍ରାଏଲ ମଧ୍ୟରେ ବାର୍ଷିକ ୭୪,୦୦୦ କୋଟି ଟଙ୍କାର ସାମରିକ ବ୍ୟବସାୟ ରହିଛି। ଯୁଦ୍ଧ ବଢ଼ିଲେ ରୁଷିଆ ଭଳି ଇସ୍ରାଏଲ ମଧ୍ୟ ଭାରତକୁ ଅଧିକ ପ୍ରତିରକ୍ଷା ସରଞ୍ଜାମ ପଠାଇପାରିବ ନାହିଁ। ଫଳରେ ଆମେରିକା ସମେତ ଅନ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ଭାରତକୁ ଅଧିକ ନିର୍ଭରଶୀଳ ହେବାକୁ ପଡ଼ିବ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୯/୨୦୨୩ | Bhubaneswar, Monday, October 9/2023 | ପୃଷ୍ଠା-୧




**ଘାନାରେ ଦେବାଶିଷଙ୍କ ସଫଳତା**

ଓଡ଼ିଶାର ଦେବାଶିଷ ସାହୁ ଘାନାରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଆଇଟିଏଫ୍ ଟୁର୍ନାମେଣ୍ଟରେ ଡବଲ୍ସ ରନରଅପ୍ ହୋଇଛନ୍ତି।

୧୪

୦୮

**'ସିଙ୍ଘମ୍ ଏଗେନ'ରେ ବେବୋ**

ବଲିଉଡ୍ ବେବୋ କରିନା କପୁର ହାଇଦ୍ରାବାଦ୍‌ରେ ତାଙ୍କ ଆଗାମୀ ଫିଲ୍ମ 'ସିଙ୍ଘମ୍ ଏଗେନ'ର ଶୁଟିଂ ଆରମ୍ଭ କରିଥିବା ନେଇ ଏକ ଫଟୋ ଶେୟାର କରିଛନ୍ତି।





ଚେନ୍ନାଇରେ ରବିବାର ଅନୁଷ୍ଠିତ ଦିନିକିଆ କ୍ରିକେଟ ବିଶ୍ୱକପର ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ଶତକୀୟ ଭାଗୀଦାରି ଅବସରରେ ଲୋକେଶ ରାହୁଲ ଓ ବିରାଟ କୋହଲି। **(ରିପୋର୍ଟ: ଖେଳପୃଷ୍ଠା)**

# ୧୦୦୦+ ମୃତ

## ହମାସ୍-ଇସ୍ରାଏଲ ସଂଘର୍ଷ

**ଗାଜା,୮।୧୦**

ପାଲେଷ୍ଟାଇନ୍‌ର ହମାସ୍ ବିଦ୍ରୋହୀମାନେ ଶନିବାର ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିବା ପରେ ଏହା ଯୁଦ୍ଧର ରୂପ ନେଇଛି। ଜବାବୀ ଆକ୍ରମଣରେ ଇସ୍ରାଏଲ୍ ବାୟୁସେନା ଗାଜାଷ୍ଟ୍ରିପ୍ ଉପରେ ଜୋର୍‌ଦାର ବୋମାମାଡ଼ ଜାରି ରଖିଛି। ଏହି ସଂଘର୍ଷରେ ଉଭୟ ପକ୍ଷରୁ ୧,୦୦୦ରୁ ଉର୍ଦ୍ଧ୍ୱ ପ୍ରାଣ ହରାଇଲେଣି। ହମାସ୍ ବିଦ୍ରୋହୀଙ୍କ ଆକ୍ରମଣରେ ୬୦୦ରୁ ଅଧିକ ଇସ୍ରାଏଲୀଙ୍କ ମୃତ୍ୟୁ ଘଟିଥିବାବେଳେ ଇସ୍ରାଏଲ୍ ମଧ୍ୟ ଗାଜାରେ ୪୦୦ରୁ ଉର୍ଦ୍ଧ୍ୱ ହମାସ୍ ଆତଙ୍କବାଦୀଙ୍କୁ ହତ୍ୟା କରିଥିବା ଦାବି କରିଛି। ଇସ୍ରାଏଲ୍ ବିରୋଧରେ ହମାସ୍ ଶନିବାର ଅଚାନକ ଜୋର୍‌ଦାର ଆକ୍ରମଣ (ଅପରେଶନ ଅଲ୍-ଅକ୍‌ସା ଫ୍ଲଡ୍) ଆରମ୍ଭ କରିଦେବାରୁ ତେଲ୍ ଆଭିଭ୍ ପକ୍ଷରୁ ଯୁଦ୍ଧ ଘୋଷଣା କରାଯାଇଥିଲା। ହମାସ୍ ଆତଙ୍କବାଦୀମାନେ ୩,୦୦୦ରୁ ଉର୍ଦ୍ଧ୍ୱ ରକେଟ ମାଡ଼ କରିବା ସହ ଇସ୍ରାଏଲ୍‌ର ଦକ୍ଷିଣ ଭାଗରେ ଥିବା କେତେକ ସହରରେ ପ୍ରବେଶ କରି ଆକ୍ରମଣ ଚଳାଇଥିଲେ। ସେମାନେ ଅନେକ ନିରୀହ ଇସ୍ରାଏଲୀଙ୍କୁ ଗୁଳିକରି ହତ୍ୟା କରିବା ସହ କେତେଜଣ ସୈନ୍ୟ ଓ ସାଧାରଣ ନାଗରିକଙ୍କୁ ବନ୍ଦୀ କରି ନେଇଯାଇଛନ୍ତି। ସେମାନେ ଗାଜା ସୀମାରୁ ୧୫ ମାଇଲ ପର୍ଯ୍ୟନ୍ତ ଇସ୍ରାଏଲ୍ ଭିତରେ ପ୍ରବେଶ କରିବା ସହ ୨୨ଟି ସ୍ଥାନରେ ଆକ୍ରମଣ ଚଳାଇଥିଲେ। ଏବେବି ୮ଟି ସ୍ଥାନରେ ହମାସ୍ ବିଦ୍ରୋହୀ ଆକ୍ରମଣ ଜାରି ରଖିଥିବା ଇସ୍ରାଏଲୀ ସୈନ୍ୟବାହିନୀ ପକ୍ଷରୁ କୁହାଯାଇଛି।

ହମାସ୍ ଆକ୍ରମଣର ଜବାବ ଦେବାକୁ ଯାଇ ଇସ୍ରାଏଲୀ ସୈନ୍ୟବାହିନୀ ପକ୍ଷରୁ ଆରମ୍ଭ ହୋଇଥିଲା 'ଅପରେଶନ ଆଇରନ୍ ସୋର୍ଡସ୍'। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ହମାସ ବିରୋଧରେ ଯୁଦ୍ଧ ଘୋଷଣା କରିବା ସହ ଉକ୍ତ ସଂଗଠନର ଗାଜା ଆଶ୍ରୟସ୍ଥଳକୁ ମାଟିରେ ମିଶାଇଦେବେ ବୋଲି ସଂକଳ୍ପ କରିଥିଲେ। ☞ପୃଷ୍ଠା-୨

## ଇସ୍ରାଏଲ୍, ଗାଜାରେ ଥିବା ଭାରତୀୟ ସୁରକ୍ଷିତ

**ଜେରୁଜେଲମ୍,୮।୧୦**

ହମାସ୍ ବିଦ୍ରୋହୀ ଏବଂ ଇସ୍ରାଏଲୀ ସୈନ୍ୟଙ୍କ ମଧ୍ୟରେ ଯୁଦ୍ଧ ଚାଲିଥିବାବେଳେ ଉକ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ତେବେ ସେଠାରେ ଥିବା ସମସ୍ତ ଭାରତୀୟ ନାଗରିକ ସୁରକ୍ଷିତ ବୋଲି ତେଲ୍ ଆଭିଭ୍‌ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ସେମାନଙ୍କୁ ସୁରକ୍ଷିତ ଭାବେ ଭାରତ ପଠାଇବା ପାଇଁ କେତେଜଣ ନାଗରିକ ଏବଂ ଅଟକି ରହିଥିବା ପର୍ଯ୍ୟଟକ ଦୂତାବାସ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ଇସ୍ରାଏଲ୍‌ରେ ପ୍ରାୟ ୧୮,୦୦୦ ଭାରତୀୟ ରହିବା ☞ପୃଷ୍ଠା-୨


ଦିଅର ଦେଉଥିଲେ ଅମାନୁଷିକ ନିର୍ଯାତନା

........୩........

ଶିକ୍ଷକଙ୍କ ମାଡ଼ରେ ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ

........୩........


**ଆଜିର ସମ୍ପାଦକୀୟ**

ଇସ୍ରାଏଲକୁ ମାଡ଼

**ଆଜିର ମନ୍ତବ୍ୟ**

"ବିଶ୍ୱର ସୁରକ୍ଷା ପାଇଁ ବାୟୁସେନା ଗୁରୁତ୍ୱପୂର୍ଣ୍ଣ। ୨୦୪୭ ସୁଦ୍ଧା ଭାରତ ବିକଶିତ ଦେଶ ହେବାକୁ ଯାଉଥିବାରୁ ସେତେବେଳକୁ ଆଇଏଏଫ୍ ଅନ୍ୟତମ ସର୍ବଶ୍ରେଷ୍ଠ ବାୟୁସେନା ହେବା ନିଶ୍ଚିତ।

–ଭି.ଆର୍. ଚୌଧାରୀ, ଏୟାର ଚିଫ୍ ମାର୍ଶଲ






# ପୋଲିସ ଗାଡ଼ିରେ ଅଭିଯୁକ୍ତଙ୍କ ମୃତ୍ୟୁ

**ବରଗଡ଼/ରାଉରକେଲା, ୮।୧୦(ପ୍ରେମାନନ୍ଦ ଖମାରୀ/ସଙ୍ଗୀତା ଜେନା)**

ବରଗଡ଼ ଟାଉନ ଥାନା ପୋଲିସ ହାତରେ ଗତ ସେପ୍ଟେମ୍ବର ୨୫ତାରିଖରେ ଧରାପଡ଼ିଥିବା ଆନ୍ତଃରାଜ୍ୟ ଠକଗ୍ୟାଙ୍ଗର ୧୩ ଅଭିଯୁକ୍ତ ରବିବାର ଜାମିନରେ ବରଗଡ ଉପକାରାଗାର (ସବ୍‌ଜେଲ)ରୁ ମୁକ୍ତ ହୋଇଥିଲେ। ସେମାନେ ଉପକାରାଗାରରୁ ମୁକ୍ତ ହୋଇ ବାହାରକୁ ଆସିବା ପରେ ସେଠାରେ ପୂର୍ବରୁ ରହିଥିବା ରାଉରକେଲା ରଘୁନାଥପାଲି ଥାନା ପୋଲିସ ଅନୁରୂପ ଆଉ ଏକ ମାମଲାରେ ସେମାନଙ୍କୁ ସେଠାରୁ ଉଠାଇ ନେଇଥିଲା। ସେମାନଙ୍କୁ ରାଉରକେଲା ନେଉଥିବାବେଳେ ବାଟରେ ଜଣେ ଅଭିଯୁକ୍ତଙ୍କ ଆକସ୍ମିକ ମୃତ୍ୟୁ ହୋଇଥିଲା। ତେବେ ଏହା ହୃଦ୍‌ଘାତଜନିତ ବୋଲି କୁହାଯାଉଛି। ମୃତ ଅଭିଯୁକ୍ତ ଜଣକ ହେଲେ ପଶ୍ଚିମବଙ୍ଗ ପରସର୍କସ ନିବାସୀ ଅନିର୍ବାନ କାଜି(୩୯) । ତାଙ୍କ ମୃତଦେହକୁ ବୁର୍ଲାସ୍ଥିତ ଭିମ୍‌ସାର୍ ମର୍ଗ ହାଉସ୍‌ରେ ରଖାଯାଇଥିବା ସୂଚନା ମିଳିଛି।

ସୂଚନା ଅନୁସାରେ, ପଶ୍ଚିମବଙ୍ଗର ଉକ୍ତ ୧୩ ଜଣିଆ ଠକଗ୍ୟାଙ୍ଗ ନିଜକୁ ମହିନ୍ଦ୍ରା କମ୍ପାନୀର ଅଧିକାରୀ ଏବଂ ମଧ୍ୟସ୍ଥ ବୋଲି ମିଛ ପରିଚୟ ଦେଇ ଚଢ଼ାଦରରେ କମ୍ପାନୀ ପାଇଁ ଭଡ଼ାଘର ଠିକ୍ କରିଦେବା ଆଳରେ ବରଗଡ଼ ଅମ୍ବାପାଲିର ଅଜୟ କୁମାର ରେଖାନୀଙ୍କଠାରୁ ୨ଲକ୍ଷ ଟଙ୍କା ଠକି ନେଇଥିଲେ। ନଦୀପଡ଼ାସ୍ଥିତ ରେଖାନୀଙ୍କ ୩ ମହଲା ବିଶିଷ୍ଟ କୋଠାଘରକୁ କମ୍ପାନୀ ପାଇଁ ମାସିକ ସାଢ଼େ ୬ଲକ୍ଷ ଟଙ୍କାରେ ଠିକ୍ କରି ଦେଇଥିବା କହି ଏହି ଗ୍ୟାଙ୍ଗ ତାଙ୍କଠାରୁ ଠକେଇ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଘର ମାଲିକ ରେଖାନୀ ☞ପୃଷ୍ଠା-୨

## ୧୦ରୁ ରାଜ୍ୟବ୍ୟାପୀ ବସ୍ ଧର୍ମଘଟ

**ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର)**

ରାଜ୍ୟବ୍ୟାପୀ ବସ୍ ଧର୍ମଘଟ ଆସନ୍ତା ୧୦ ତାରିଖରୁ ଆରମ୍ଭ ହେବ। ଏହି ଧର୍ମଘଟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ। ଯେପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି, ସେ ପର୍ଯ୍ୟନ୍ତ ବସ୍ ଧର୍ମଘଟ ଚାଲିବ ବୋଲି ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ଏନେଇ ରବିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥର ଧର୍ମଘଟରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଲାଗିଥିବା ବସ୍‌ଗୁଡ଼ିକ ମଧ୍ୟ ସାମିଲ ହେବ। ଅର୍ଥାତ ☞ପୃଷ୍ଠା-୨

## ଓଡ଼ିଶା ସୀମାରେ ଆନ୍ଧ୍ରର ଜଳ ସଂରକ୍ଷଣ ବନ୍ଧ ଯୋଜନା

### ପ୍ରଶାସନ ପାଖରେ ଖବର ନାହିଁ

**ପଟ୍ଟାଙ୍ଗି,୮।୧୦(ଶରତ ଧଳ)**

କିଛିଦିନର ନୀରବତା ପରେ ପୁଣି ପଡ଼ୋଶୀ ଆନ୍ଧ୍ରର କାର୍ଯ୍ୟ ଚର୍ଚ୍ଚାକୁ ଆସିଛି। ଏଥର କୋଟିଆ କିମ୍ବା ଅନ୍ୟ କୌଣସି ପଞ୍ଚାୟତର ଲୋକଙ୍କୁ ନିଜ ରାଜ୍ୟ ପ୍ରତି ଆକୃଷ୍ଟ କରିବା ଲକ୍ଷ୍ୟ ନାହିଁ ବରଂ ଓଡ଼ିଶା ସୀମାରେ ଅନୁପ୍ରବେଶ କରି ଆନ୍ଧ୍ର ସରକାର ଜଳ ସଂରକ୍ଷଣ ବନ୍ଧ ନିର୍ମାଣ ଯୋଜନା କରୁଛି। ଏଥିପାଇଁ ସେ ଓଡ଼ିଶାର ରାଜସ୍ୱ ଓ ଜଙ୍ଗଲ ବିଭାଗ ଅଧୀନରେ ଥିବା ଜଳ ଓ ଜଙ୍ଗଲ ଜମିକୁ ହାତେଇବାରେ ଲାଗିପଡ଼ିଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସୁଙ୍କି ପଞ୍ଚାୟତର ମୁଙ୍ଗାରଗୁମି ଗ୍ରାମରେ ଏପରି ଘଟଣା ଦେଖିବାକୁ ମିଳିଛି। ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ଏନେଇ ସ୍ଥାନୀୟ ଜିଲା ପ୍ରଶାସନ ନିକଟରେ କିଛି ଖବର ନାହିଁ।

ଖବରରୁ ଜଣାପଡିଛି, ପଟ୍ଟାଙ୍ଗି ବ୍ଲକର ସୁଙ୍କି ପଞ୍ଚାୟତର ଇତାୱାଲସା, କୋପମାଉଡି, ଗନ୍ଧୱାଲସା, ୱାଲାଗାଁ, ମାଦିଗୁଣ୍ଡଲାମ, ମୁଙ୍ଗାରଗୁମି, ସାଙ୍ଗାମଗୁଡ଼େ, ତୋଟାଲପାଡୁ ଓ ଡ୍ରେଙ୍ଗିଗରୁଙ୍ଗୁଡ଼େ ଗ୍ରାମ ସହ ରାଲେଗଡ଼ା ପଞ୍ଚାୟତର ବାଟିୱାଲ୍‌ସା, ଚିଟାମପାଡୁ, ଟାଙ୍ଗିଣି ଓ ମାଡାୱାଲସା ପଞ୍ଚାୟତର ୧୪ଟି ଗ୍ରାମର ଗ୍ରାମବାସୀ ନିଜ ଗ୍ରାମ ନିକଟ ଦେଇ ପ୍ରବାହିତ ପାହାଡୀ ନଦୀ ଉପରେ ନିର୍ଭର କରି ଚଳନ୍ତି। ଏହି ନଦୀ ଜଳରେ ସେମାନେ ଚାଷକରି ଜୀବିକା ନିର୍ବାହ କରନ୍ତି। ତେବେ ଆନ୍ଧ୍ର ସୀମାନ୍ତ ଗ୍ରାମଗୁଡ଼ିକରେ ବସବାସ କରୁଥିବା ଲୋକମାନେ ☞ପୃଷ୍ଠା-୨

# 'ଅଲିମ୍ପିକ୍ସ ହକିରେ ଭାରତ ସ୍ୱର୍ଣ୍ଣ ଜିତିପାରିବ'

**ନୂଆଦିଲ୍ଲୀ, ୮।୧୦ (ପି.ଟି.)**

ଭାରତୀୟ ପୁରୁଷ ହକି ଦଳର ଦୃଢ଼ ମନୋବଳ ଓ ପ୍ରତିଭା ରହିଛି। ତେଣୁ ଆଗାମୀ ଅଲିମ୍ପିକ୍ସ ହକିରେ ଦଳ ସ୍ୱର୍ଣ୍ଣ ଜିତିପାରିବା ନେଇ ତାଙ୍କର ବିଶ୍ୱାସ ରହିଛି ବୋଲି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ହାଙ୍ଗଝୋ ଏସିଆନ ଗେମ୍ସରେ ଭାରତ ସ୍ୱର୍ଣ୍ଣ ପଦକ ଜିତିବା ପରେ ଏକ ସାକ୍ଷାତ୍‌କାର ଅବସରରେ ନବୀନ ଏକଥା କହିଛନ୍ତି। ସେ କହିଛନ୍ତି, ହକି ହେଉଛି ଆମର ଡିଏନ୍ଏ। ଇତିମଧ୍ୟରେ ଅନ୍ୟ କେତେକ ଖେଳ ଦୃଷ୍ଟି ଆକର୍ଷଣ କରିପାରିଛି,



ନବୀନ ପଟ୍ଟନାୟକ

ହେଲେ ବର୍ତ୍ତମାନ ହକିର ପ୍ରଶଂସା କରିବା ସମୟ ଆସି ଉପନୀତ ହୋଇଛି। ଓଡ଼ିଶା ସରକାର ଭାରତର ଉଭୟ ପୁରୁଷ ଓ ମହିଳା ହକିର ପ୍ରାୟୋଜକ ଅଛନ୍ତି। ପୁରୁଷ ହକି ଦଳ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଜିତିବା ସହ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିପାରିଛି।

ନବୀନ ପଟ୍ଟନାୟକଙ୍କର ହକି ଖେଳ ପ୍ରତି କାହିଁକି ଏତେ ଆବେଗ ରହିଛି ତାହା କାହାରିକୁ ଆଉ ଅଛପା ନାହିଁ। ସେ ଡୁନ୍ ସ୍କୁଲରେ ପାଠପଢୁଥିବା ବେଳେ ହକି ଖେଳୁଥିଲେ। ଭାରତୀୟ ଦଳ ଯେତେବେଳେ ଓଡ଼ିଶାରେ ଖେଳିଥାଏ ଗ୍ୟାଲେରିରେ ଏବଂ ବିଦେଶରେ ଖେଳୁଥିବା ବେଳେ ଟିଭି ସାମ୍ନାରେ ବସି ଦଳକୁ ଉତ୍ସାହିତ କରୁଥିବା ଦେଖିବାକୁ ମିଳିଥାଏ। ୨୦୧୮ରେ ଯେତେବେଳେ ସାହାରା ସମସ୍ତ ଦଳ ଉପରୁ ଏହାର ସ୍ପନସରଶିପ୍ ପ୍ରତ୍ୟାହାର କରିନେଲା ସେତେବେଳେ ତାଙ୍କ ସରକାର ଭାରତୀୟ ହକି ଦଳକୁ ସହାୟତାର ହାତ ବଢ଼ାଇଥିଲା। ଆସନ୍ତାବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ହକି ଦଳ ଏହି ସଫଳତା ଦୋହରାଇବା ନେଇ ତାଙ୍କର ଦୃଢ଼ ବିଶ୍ୱାସ ରହିଛି ବୋଲି ନବୀନ କହିଛନ୍ତି। ଏହି ସ୍ୱପ୍ନ ସାକାରା କରାଇବା ଲାଗି ହକି ଇଣ୍ଡିଆକୁ ସମସ୍ତ ପ୍ରକାର ସାହାଯ୍ୟ ଓ ସମର୍ଥନ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ନିକଟରେ ☞ପୃଷ୍ଠା-୨




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠକମ୍ ଠକା**
**କାମ କରୁଛି ବଙ୍କା ବଙ୍କା।**

ସାଧାରଣତଃ ଠକ ପ୍ରକୃତିର ବ୍ୟକ୍ତି କାମ କରିବାକୁ ପଛଘୁଞ୍ଚା ଦେଉଥିବା ବେଳେ କାମ ନ କରିବା ନେଇ ବିଭିନ୍ନ ପ୍ରକାର ବାହାନା ଦେଖାଇଥାନ୍ତି। ଏପରି ବ୍ୟକ୍ତିଙ୍କ ଦ୍ୱାରା କୌଣସି କାମ ଠିକ୍ ଢଙ୍ଗରେ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଠେକିର ତେଲ ଠେକିରେ ଥାଉ**
**ପୁଅର ବାଳ ନୁଖୁରା ନୋହୁ।**

କେଶ ବା ଚୁଟି ନୁଖୁରା ନ ହେବା ଲାଗି ମୁଣ୍ଡରେ ତେଲ ଲଗାଇବାକୁ ପଡ଼ିଥାଏ। ପରନ୍ତୁ ଠେକିରୁ ତେଲ ସରିଯିବା ଭୟରେ ମୁଣ୍ଡରେ ତେଲ ଲଗାଇବାକୁ ଚାହୁଁ ନ ଥିବା ବ୍ୟକ୍ତି କୃପଣ ବୋଲାଇଥାଏ। ଗୋଟିଏ ପଟେ କେଶ ନୁଖୁରା ନ ହୋଇ ଯିବାର ଚିନ୍ତା ତ ଅନ୍ୟ ପଟେ ଅର୍ଥ ଖର୍ଚ୍ଚର ଭୟ। ଏପରି ଅବସ୍ଥା ଉକ୍ତ ବ୍ୟକ୍ତିକୁ ହରଡ଼ଘଣାରେ ପକାଇଦେବା ସ୍ୱାଭାବିକ ହୋଇଥିବା ସ୍ଥଳେ କୃପଣ ବ୍ୟକ୍ତିଙ୍କର ଧନ ପ୍ରତି ରହିଥିବା ଅହେତୁକ ଦୁର୍ବଳତା ଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଭରତପୁର, ସତ୍ୟନଗର ଶ୍ମଶାନରେ ୨୮ ଅଚିହ୍ନା ମୃତଦେହ ସଂସ୍କାର ହେବ

**ବାହାନଗା ଟ୍ରେନ୍ ଟ୍ରାଜେଡି**

**ଏସ୍‌ଓପି ଜାରିକଲା ବିଏମ୍‌ସି**

ଭୁବନେଶ୍ୱର, ୮।୧୦ (ବନ୍ଦନା ସେଠୀ)

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଶତାଧିକ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା। ତେବେ ୪ମାସରୁ ଅଧିକ ସମୟ ବିତି ଯାଇଥିଲେ ବି ଏଯାଏ ୨୮ଟି ମୃତଦେହ ଚିହ୍ନଟ ହୋଇପାରୁ ନାହିଁ। ଏସବୁ ମୃତଦେହ ଏବେ ଏମ୍ସ ଭୁବନେଶ୍ୱର ପରିସରରେ କଣ୍ଟେନର ମଧ୍ୟରେ ସଂରକ୍ଷିତ ରଖାଯାଇଛି। ତେବେ ଦାବିଦାର ନ ଆସିବା ଓ ଡିଏନ୍ଏ ଟେଷ୍ଟରୁ ଏସବୁ ମୃତଦେହ ଚିହ୍ନଟ ହୋଇ ନ ପାରିବାରୁ ଶେଷରେ ଅନ୍ତିମ ସଂସ୍କାର କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ସାମୂହିକ ଅନ୍ତିମ ସଂସ୍କାର ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ବିଏମ୍‌ସିକୁ ତଦନ୍ତକାରୀ ସଂସ୍ଥା ସିବିଆଇ ସବୁଜ ସଙ୍କେତ ଦେଇଛି। ଏଥିପାଇଁ ଅଗଷ୍ଟ ୨୫ରେ ସିବିଆଇ ପକ୍ଷରୁ ଖୋର୍ଦ୍ଧା ଜିଲାପାଳଙ୍କୁ ଚିଠି ଲେଖାଯାଇଥିଲା। ଏହାପରେ ଗତ ୭ ତାରିଖ ଶନିବାର ଖୋର୍ଦ୍ଧା ଜଲାପାଳଙ୍କଠାରୁ ଚିଠି ପାଇବା ପରେ ସଂସ୍କାର ପାଇଁ ବିଏମ୍‌ସି ପ୍ରକ୍ରିୟା ଆରମ୍ଭ କରିବା ସହ ଏସ୍‌ଓପି ଜାରି କରିଛି। ଏସ୍‌ଓପି ଅନୁଯାୟୀ, ସିବିଆଇ ଅଧିକାରୀଙ୍କ ଉପସ୍ଥିତିରେ ଏମ୍ସର ନିର୍ଦ୍ଦେଶକ ବିଏମ୍‌ସିର ହେଲ୍‌ଥ ଅଫିସରଙ୍କୁ ମୃତଦେହ ହସ୍ତାନ୍ତର କରିବେ। ମୃତଦେହଗୁଡ଼ିକୁ ଗ୍ରହଣ କରିବା ପରେ ବିଏମ୍‌ସି



ହେଲ୍‌ଥ ଅଧିକାରୀ ସେଗୁଡ଼ିକର ଆବଶ୍ୟକ ରେକର୍ଡ ରଖିବେ। ହସ୍ତାନ୍ତର ସମୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ନୀତିନିୟମ ଓ ଗାଇଡ୍‌ଲାଇନକୁ ପାଳନ କରାଯିବ। ଭରତପୁର ଓ ସତ୍ୟନଗର ଶ୍ମଶାନରେ ଏହି ଅଚିହ୍ନା ମୃତଦେହଗୁଡ଼ିକର ସଂସ୍କାର କରାଯିବ। ଏମ୍ସରୁ ଶ୍ମଶାନ ପର୍ଯ୍ୟନ୍ତ ମୃତଦେହଗୁଡ଼ିକୁ ନେବା ପାଇଁ ବିଏମ୍‌ସି ଗାଡ଼ି ବ୍ୟବସ୍ଥା କରିବ। ବିଏମ୍‌ସିର ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର (ମେକାନିକାଲ)ଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ସେ ସଂସ୍କାର କାର୍ଯ୍ୟ ଠିକ ଭାବେ ସମାପନ କରିବା ପାଇଁ ଆବଶ୍ୟକ ମାନବସମ୍ବଳ ନିଯୁକ୍ତ କରିବେ। ଅପରପକ୍ଷେ ଏମ୍ସରୁ ମୃତଦେହ ହସ୍ତାନ୍ତରଠାରୁ ସଂସ୍କାର ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟର ଭିଡିଓଗ୍ରାଫି ହେବ ବୋଲି ଏସ୍‌ଓପିରେ ଉଲ୍ଲେଖ ରହିଛି। ସେହିପରି ଦିନେ ଦୁଇଦିନ ମଧ୍ୟରେ ମୃତଦେହଗୁଡ଼ିକର ସଂସ୍କାର କାରାଯିବ ବୋଲି ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଜୁନ୍ ୨ରେ ବାଲେଶ୍ୱର ବାହାନଗା ରେଳ ଷ୍ଟେଶନ ନିକଟରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଘଟିଥିଲା। ସାଲିମାର ଚେନ୍ନାଇ କରମଣ୍ଡଳ ଏକ୍ସପ୍ରେସ୍ ଲୁପ୍ ଲାଇନ୍‌କୁ ଯାଇ ପୂର୍ବରୁ ସେଠାରେ ଥିବା ଏକ ମାଲବାହୀ ଟ୍ରେନ୍‌କୁ ଧକ୍କା ଦେଇଥିଲା। ସେହି ସମୟରେ ଅପରପାର୍ଶ୍ୱରୁ ଆସୁଥିବା ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସ୍ ମଧ୍ୟ ଦୁର୍ଘଟଣାର ସାମ୍ନା କରିଥିଲା। ଏଥିରେ ଶତାଧିକ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ୧ହଜାରରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ।

# ବିଷ୍ଣୁପଦ ସେଠୀଙ୍କୁ ଏସ୍‌ଏସ୍‌ପିଡି ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ

**ଆଇଏଏସ୍ ସ୍ତରରେ ଅଦଳବଦଳ**

**ବିଏସ୍‌ଇର ଅଧ୍ୟକ୍ଷ ହେଲେ ରାମାଶିଷ ହାଜରା**

ଭୁବନେଶ୍ୱର, ୮।୧୦ (ସୁନିତ୍ ମିଶ୍ର)

ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ଶନିବାର ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଓଏସ୍‌ଡି ଥିବା ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ମିଳିଛି। ଯୋଜନା ଏବଂ ସଂଯୋଜନା ବିଭାଗର ସ୍ୱତନ୍ତ୍ର ସଚିବ ଥିବା ୧୯୯୯ ବ୍ୟାଚ୍ ଆଇଏଏସ୍ ଅଫିସର ଭାସ୍କର ଜ୍ୟୋତି ଶର୍ମା ଲ୍ୟାଣ୍ଡ ରେକର୍ଡସ ଓ ସେଟେଲମେଣ୍ଟ କମିଶନର ଭାବେ ନୂଆ ଦାୟିତ୍ୱ ପାଇଛନ୍ତି। ଏହି ପଦରେ କାର୍ଯ୍ୟ କରିବା ବେଳେ ସେ ସ୍ୱତନ୍ତ୍ର ସଚିବ ପାହ୍ୟାର ସମସ୍ତ ସୁବିଧା ସୁଯୋଗ ପାଇବେ। ସେହିପରି ପଞ୍ଚାୟତିରାଜ ବିଭାଗ ଅଧୀନ ପାନୀୟ ଜଳ ଏବଂ ସ୍ୱଚ୍ଛତା ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ଥିବା ୨୦୦୮ ବ୍ୟାଚ୍ ଆଇଏଏସ୍ ଅଫିସର ବି. ପରମେଶ୍ୱରନ୍ ଭୁବନେଶ୍ୱର କନସୋଲିଡେଶନ କମିଶନର ଭାବେ ନିଯୁକ୍ତି ପାଇଛନ୍ତି। ଅତିରିକ୍ତ ଶାସନ ସଚିବ ପାହ୍ୟା ଅଧିକାରୀଙ୍କୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗ ତାଙ୍କୁ ଦିଆଯିବ। ଆନିମଲ ହଜ୍‌ବ୍ୟାଣ୍ଡ୍ରି ଏବଂ ଭେଟେରିନାରି ସର୍ଭିସ୍‌ର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଉଥିବା ୨୦୧୦ ମସିହାର ଆଇଏଏସ୍ ରାମାଶିଷ ହାଜରା ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନର ଓଡ଼ିଶା ସଭାପତି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ୨୦୧୦ ବ୍ୟାଚ୍ ଆଇଏଏସ୍ ଜ୍ୟୋତି ପ୍ରକାଶ ଦାସ ଆର୍‌ଓଟିଆଇ(ରେଭିନ୍ୟୁ ଅଫିସର୍ସ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍) ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ସହିତ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ସ୍ପେଶାଲ ପ୍ରୋଜେକ୍ଟର ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ପେଶାଲ ପ୍ରୋଜେକ୍ଟ ନିର୍ଦ୍ଦେଶକ ଥିବା ୨୦୧୧ ବ୍ୟାଚ୍ ଆଇଏଏସ୍ ଅଫିସର ଅରବିନ୍ଦ ଡାକୁଆ ଉକ୍ତ ବିଭାଗର ପାନୀୟ ଜଳ ଏବଂ ସ୍ୱଚ୍ଛତା ବିଭାଗ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ପାଇଛନ୍ତି। ୨୦୧୧ ବ୍ୟାଚ୍ ଆଇଏଏସ୍ ଅଫିସର ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏସ୍‌ଟି ନିର୍ଦ୍ଦେଶକ ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ସେହିପରି ବୋର୍ଡ ଅଫ୍ ରେଭିନ୍ୟୁର ଫାଇନାନ୍ସିଆଲ ଆଡଭାଇଜର ଥିବା ୨୦୧୧ ବ୍ୟାଚ୍ ଆଇଏଏସ୍ ସୁବ୍ରତ ଶତପଥୀଙ୍କୁ ଇନ୍‌ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନ (ଆଇଜିଆର୍) ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି।

# ଶିଶୁ ଏସ୍‌ଡିଜିରେ ଭାରତର ଅଗ୍ରଗତି ବିଶ୍ୱକୁ ପ୍ରଭାବିତ କରିବ: ୟୁନିସେଫ୍

ନୂଆଦିଲ୍ଲୀ,୮।୧୦(ପି.ଟି.)

ବୈଶ୍ୱିକ ସ୍ତରରେ ଶିଶୁ ସମ୍ପର୍କିତ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ର ଦୁଇ-ତୃତୀୟାଂଶ ବିଫଳ ହୋଇଛି। ଏଭଳି ସ୍ଥିତିରେ ଭାରତର ଅଗ୍ରଗତି ଲକ୍ଷ୍ୟ ହାସଲ ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ୟୁନିସେଫ୍ ମୁଖ୍ୟ କାଥେଲିନ୍ ଏମ୍. ରୁସେଲ୍ କହିଛନ୍ତି। ଭାରତ ଯେତେବେଳେ କେତେକ ଏସ୍‌ଡିଜି କ୍ଷେତ୍ରରେ ଅଗ୍ରଗତି କରେ, ଏହାର ପ୍ରଭାବ ଅବଶିଷ୍ଟ ବିଶ୍ୱ ଉପରେ ପଡ଼ିଥାଏ ବୋଲି ୟୁନିସେଫ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏକ ସାକ୍ଷାତ୍‌କାରରେ କହିଛନ୍ତି। ବୈଶ୍ୱିକ ସ୍ତରରେ ଏସ୍‌ଡିଜି ପଥଚ୍ୟୁତ ହୋଇଛି। ଶିଶୁମାନଙ୍କ ସମ୍ପର୍କିତ ଦୁଇ-ତୃତୀୟାଂଶ ଏସ୍‌ଡିଜି ଆବଶ୍ୟକ ସ୍ଥଳେ ଉପଲବ୍ଧ ନାହିଁ। ସତ କହିବାକୁ ଗଲେ ବିଶ୍ୱସ୍ତରରେ ଏହା ସମ୍ପୂର୍ଣ୍ଣ ଭାବେ ଟ୍ରାକ୍‌ରୁ ବାହାରି ଯାଇଥିବା କାଥେଲିନ୍ କହିଛନ୍ତି।



କାଥେଲିନ୍ ଏମ୍. ରୁସେଲ୍

ବିଶ୍ୱ ସମ୍ମୁଖୀନ ହେଉଥିବା ବିଭିନ୍ନ ସାମାଜିକ, ଅର୍ଥନୈତିକ ଏବଂ ପରିବେଶଗତ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ଜାତିସଂଘ ୧୭ଟି ଲକ୍ଷ୍ୟକୁ ନେଇ ଏସ୍‌ଡିଜି ଧାର୍ଯ୍ୟ କରିଥିଲା। ୨୦୩୦ ସୁଦ୍ଧା ସମସ୍ତଙ୍କ ପାଇଁ ଅଧିକ ସ୍ଥାୟୀ, ନ୍ୟାୟସଙ୍ଗତ ଏବଂ ସମୃଦ୍ଧ ଭବିଷ୍ୟତ ନିମନ୍ତେ ବିଶ୍ୱ ଉଦ୍ୟମକୁ ମାର୍ଗଦର୍ଶନ ଦେବା ଲାଗି ଏହି ବୈଶ୍ୱିକ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଅଧିକାଂଶ ଏସ୍‌ଡିଜି ସିଧାସଳଖ ପିଲାମାନଙ୍କ ଭବିଷ୍ୟତ ପାଇଁ ଉଦ୍ଦିଷ୍ଟ ଥିଲା। ଏସ୍‌ଡିଜି-୨ (କ୍ଷୁଧା ମୁକ୍ତି) ଶିଶୁ ଅପପୁଷ୍ଟି ଏବଂ କ୍ଷୁଧାକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ପାଇଁ ଉଦ୍ଦିଷ୍ଟ ଥିବାବେଳେ ଏସ୍‌ଡିଜି-୩ (ଉତ୍ତମ ସ୍ୱାସ୍ଥ୍ୟ ଓ କଲ୍ୟାଣ) ଶିଶୁ ମୃତ୍ୟୁହାର ହ୍ରାସ ଏବଂ ସେମାନଙ୍କୁ ଉତ୍ତମ ମାନର ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ନିମନ୍ତେ ଉଦ୍ଦିଷ୍ଟ। ସେହିପରି ଏସ୍‌ଡିଜି-୪ ସବୁ ପିଲାଙ୍କ ପାଇଁ ଉତ୍ତମ ମାନର ଶିକ୍ଷା ଏବଂ ଏସ୍‌ଡିଜି-୫ ଲିଙ୍ଗଗତ ସମାନତା ପାଇଁ ଉଦ୍ଦିଷ୍ଟ ଥିଲା।

୫ ବର୍ଷରୁ କମ୍ ଶିଶୁ ମୃତ୍ୟୁହାର ହ୍ରାସ କରିବା ସହ ମାତୃ ମୃତ୍ୟୁହାର କମାଇବାରେ ଭାରତ ବାସ୍ତବରେ ଯଥେଷ୍ଟ ଅଗ୍ରଗତି କରିଛି। ଏହାର ସୁଦୂରପ୍ରସାରୀ ପ୍ରଭାବ ଅବଶିଷ୍ଟ ବିଶ୍ୱ ଉପରେ ପଡ଼ିବ। ବିଶେଷ କରି ଗ୍ଲୋବାଲ ସାଉଥ୍ ଅନ୍ତର୍ଗତ ଦେଶଗୁଡ଼ିକ ବାସ୍ତବରେ ଭାରତର କାର୍ଯ୍ୟକୁ ଅନୁସରଣ କରୁଛନ୍ତି ଏବଂ ସେଥିରୁ ଶିଖିବାକୁ ଚାହୁଁଛନ୍ତି ବୋଲି ୟୁନିସେଫ୍ ମୁଖ୍ୟ କହିଛନ୍ତି। ୟୁନିସେଫ୍ ୭୪ ବର୍ଷ ହେଲା ଭାରତରେ ଶିଶୁମାନଙ୍କ ପାଇଁ କାମ କରୁଛି। ନିକଟରେ କାଥେଲିନ୍ ଉତ୍ତରପ୍ରଦେଶ ଗସ୍ତରେ ଯାଇ ସେଠାର ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀମାନଙ୍କ ପ୍ରଭାବୀ କାର୍ଯ୍ୟକୁ ଦେଖିଥିଲେ। ସେମାନେ ସ୍ଥାନୀୟ ଲୋକମାନଙ୍କ ସହ ନିବିଡ଼ ସମ୍ପର୍କ ସ୍ଥାପନ କରିବା ସହ ମାଆ ଓ ପିଲାମାନଙ୍କ ଉପଯୁକ୍ତ ଯତ୍ନକୁ ସୁନିଶ୍ଚିତ କରାଇପାରିଥିବା କାଥେଲିନ୍ କହିଛନ୍ତି।

# ଦୀପ୍ ଗ୍ରେସ୍‌ଙ୍କୁ ୫୦ ଲକ୍ଷ ଟଙ୍କା ପୁରସ୍କାର



ଭୁବନେଶ୍ୱର, ୮।୧୦ (ତପନ ସ୍ୱାଇଁ)

ଚାଇନାର ହାଙ୍ଗଝୋରେ ଅନୁଷ୍ଠିତ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ମହିଳା ହକି ଦଳର ସଦସ୍ୟା ଓଡ଼ିଶାର ଦୀପ୍ ଗ୍ରେସ୍ ଏକ୍କାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି। ଦୀପ୍ ଗ୍ରେସଙ୍କ ପ୍ରଦର୍ଶନକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ସେ ରାଜ୍ୟର ଯୁବବର୍ଗଙ୍କ ପାଇଁ ରୋଲ ମଡେଲ ବୋଲି କହିଛନ୍ତି। "ଦେଶର ଉଦୀୟମାନ ଖେଳାଳିଙ୍କ ପାଇଁ ଦୀପ୍ ଗ୍ରେସ୍ ଏକ୍କା ଆଶା ଏବଂ ଗର୍ବର ପ୍ରତୀକ। ଏସିଆନ ଗେମ୍ସରେ ନିଜର ପ୍ରଦର୍ଶନ ମାଧ୍ୟମରେ ସେ ନିଜ ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ ଦେଇଛନ୍ତି" ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସୁନ୍ଦରଗଡ଼ ଜିଲା ଲୁଲକିଡିହି ଗ୍ରାମର ୨୮ ବର୍ଷୀୟା ଦୀପ୍ ଗ୍ରେସ୍ ୨୦୧୧ରେ ଆର୍ଜେଣ୍ଟିନାରେ ଅନୁଷ୍ଠିତ ଏକ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରଠାରୁ ସେ ଭାରତୀୟ ଦଳର ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛନ୍ତି। ୨୦୨୩ ମେ'ରେ ସେ ୨୫୦ ଅନ୍ତର୍ଜାତୀୟ ମ୍ୟାଚ ପୂରଣ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ସାଧାରଣ କଥାକୁ ନେଇ ବନ୍ଧୁ ସମ୍ପର୍କ ଫିକା ପଡ଼ିଯିବ, ଯାନବାହନରେ ଅସୁବିଧାର ସମ୍ମୁଖୀନ ହେବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ସମ୍ପୂର୍ଣ୍ଣ ଉନ୍ନତି ଦେଖାଦେବ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିବେ। ତଥାପି ସେମିତି କିଛି ଅସୁବିଧା ହେବନି। ପ୍ରଶାସନ, ପ୍ରକାଶନ, ଅଧ୍ୟୟନ, ଅଧ୍ୟାପନା ଓ ସାମ୍ବାଦିକତା କ୍ଷେତ୍ରରୁ ଶୁଭଫଳ ମିଳିବ।

**ବୃଷ**
ପରିବାରରେ ସାଧାରଣ କଥାରେ କ୍ଷୁବ୍ଧ ହୋଇ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି। ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ଲାଭବାନ ହେବେ। ଅବଶ୍ୟ ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଯାତ୍ରା ସଫଳ ହେବ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିବେ, କିନ୍ତୁ ଅବହେଳାଜନିତ କୌଣସି ଉପଚାର କରି ନ ପାରନ୍ତି।

**ମିଥୁନ**
ଆବଶ୍ୟକତା ପୂରଣ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ଅସ୍ଥିର ମନ ହେତୁ କଥାରେ ସଂଯମତା ହରାଇବେ ଓ ସମସ୍ୟାକୁ ଡାକି ଆଣିଲା ଭଳି କାମ କରିବେ। କ୍ରୀଡା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇପାରନ୍ତି। ନିଜ ଗୃହ ସମସ୍ୟାକୁ ସଜାଡ଼ିବାକୁ ଯାଇ ବହୁତ ହଇରାଣ ହେବାକୁ ପଡ଼ିପାରେ।

**କର୍କଟ**
ସମସ୍ୟା ଆସିଲେ ମଧ୍ୟ ତାହାକୁ ଠିକ୍ ଭାବରେ ସାମ୍ନା କରିବାର ସାହସ ଜୁଟିଯିବ। ବିତର୍କଜନିତ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। କଚେରି ମାମଲାର ଶୀଘ୍ର ଶୁଣାଣି ହେବ କିନ୍ତୁ ସନ୍ତୋଷ ପାଇପାରିବେ ନାହିଁ।

**ସିଂହ**
ନିକଟ ସମ୍ପର୍କୀୟଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବାରେ ସହାୟକ ହେବ। ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ବରଂ ନୀରବ ରହିପାରିଲେ ଭଲ ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, ମାତ୍ର କାମର ଚାପ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ନିୟନ୍ତ୍ରଣ ମଧ୍ୟରେ ରହିବ।

**କନ୍ୟା**
ସମସ୍ୟା ସମାଧାନ ପାଇଁ ଯେତେପ୍ରକାର ଚେଷ୍ଟା କଲେ ମଧ୍ୟ ପାରିବେ ନାହିଁ। ପରିବାର ଭିତରେ କିଛିଟା ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ନିଜ ପରିସରରେ ପିଲାମାନଙ୍କ ସକାଶେ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡିବ। ବନ୍ଧୁଙ୍କ ଅନୁରୋଧ କ୍ରମେ ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ତୁଳା**
ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଓ କୂଟନୀତି ପ୍ରୟୋଗ କରି କାମ ହାସଲ କରିବେ। ପାଇବାକୁ ଥିବା ଅର୍ଥ କିମ୍ବା କୌଣସି ଜିନିଷପତ୍ର ପାଇବାରେ କଳହର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ରହିଥିବା କାରଣରୁ ବହୁତଗୁଡାଏ କାମ ହାତକୁ ନେଇ ବ୍ୟଥିତ ହେବେ। ଅପରାହ୍ନରେ ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ବିଛା**
ଯେକୌଣସି କ୍ଷେତ୍ରରେ ହେଉନା କାହିଁକି ଆଜି ପ୍ରତିଦ୍ୱନ୍ଦ୍ୱିତା କଲେ କିଛି ଲାଭ ହେବନାହିଁ। କର୍ମକ୍ଷେତ୍ରରେ ଠିକ୍ ଓ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ଆପଣେଇ ନେବେ। ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ଶତ୍ରୁତା ସୃଷ୍ଟି କରିପାରନ୍ତି। ସାହିତ୍ୟ, ରାଜନୀତି, କର୍ମାରମ୍ଭ, କଳା ଓ ଏଜେନ୍‌ସିପ୍ ପ୍ରଭୃତିରୁ ସୁଫଳ ପାଇବେ।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ନିଜର ବୁଦ୍ଧିମତ୍ତାର ଉପଯୋଗ କରି କୃତିତ୍ୱ ଅର୍ଜନ କରିବେ। ଅନ୍ୟମନସ୍କତା କିମ୍ବା ବିସ୍ମରଣଜନିତ କୌଣସି ଜିନିଷ ହରାଇପାରନ୍ତି। ସହକର୍ମୀ, ଭାଇ ଭଉଣୀ, ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। ଜୋର୍ କରି ଅନ୍ୟମାନଙ୍କଠାରୁ ଅର୍ଥ,କାମ,ଆଦାୟ କରିବାରେ ସଫଳ ହେବେ।

**ମକର**
କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ କାମରେ ସନ୍ତୁଷ୍ଟ ହୋଇପାରନ୍ତି। ପାରିବାରିକ ଜୀବନରେ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ସମ୍ଭାବନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଝଗଡା ଲାଗିପାରେ। ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବ।

**କୁମ୍ଭ**
ପାରିବାରିକ କ୍ଷେତ୍ରରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବାକୁ ବାଧ ହେବେ। ସାମାଜିକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ସକାଳୁ ସକାଳୁ ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବ୍ୟସ୍ତତା ବଢ଼ିଯିବ।

**ମୀନ**
ଦୀର୍ଘଦିନ ହେଲା ଆପଣ ଯାହା ଆଶା କରୁଥିଲେ ତାହା ବହୁତ ବିଳମ୍ବରେ ଅବଶ୍ୟ ମିଳିବ। ଆନୁଷ୍ଠାନିକ କାମରୁ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଦୂରେଇ ଯିବ। ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଆଶ୍ୱିନ କୃଷ୍ଣ ଦଶମୀଯୁକ୍ତ ଏକାଦଶୀ ସୋମବାର, ବିଶ୍ୱ ଡାକ ଦିବସ, ରାଷ୍ଟ୍ରୀୟ ଡାକ ସପ୍ତାହ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ଏକାଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୨ ଗତେ, ଘ.୦୭।୧୦ ମଧ୍ୟେ, ଘ.୦୮।୫୦ ଗତେ, ଘ. ୧୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୧୦ ମି. ଗତେ, ଘ.୦୮।୩୮ ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### 'ଅଲିମ୍ପିକ୍ସ ହକିରେ ...

ଅନୁଷ୍ଠିତ ହୋଇଯାଇଥିବା ଟୁର୍ନାମେଣ୍ଟଗୁଡ଼ିକରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଭଲ ପ୍ରଦର୍ଶନ କରିଆସିଛନ୍ତି। ସେମାନଙ୍କୁ ସମର୍ଥନ କରିବାକୁ ଯାଇ ଫେବୃଆରୀରେ ଭୁବନେଶ୍ୱର ଓ ରାଉରକେଲାରେ ଆମେ ପ୍ରୋ-ଲିଗ୍ ମ୍ୟାଚଗୁଡ଼ିକ ଆୟୋଜନ କରିଛୁ। ଅଲିମ୍ପିକ୍ସ ପୂର୍ବରୁ ଏହା ସେମାନଙ୍କୁ ଅଭ୍ୟାସରେ ସହାୟକ ହେବ ବୋଲି ସେ କହିଛନ୍ତି। ଭାରତ ଶେଷ ଥର ପାଇଁ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ୧୯୮୦ରେ ଜିତିଥିଲା। ହକି ଖେଳ ପ୍ରତି ସେ କାହିଁକି ଆକୃଷ୍ଟ ହେଲେ ତାହା ମନେ ପକାଇବାକୁ ଯାଇ ସେ କହିଥିଲେ, ସ୍ୱାଧୀନତା ଆନ୍ଦୋଳନ ସମୟରେ ରାଷ୍ଟ୍ର ଗଠନରେ ହକିର ଯେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ତାହା ସେ ତାଙ୍କ ପିତା ବିଜୁ ପଟ୍ଟନାୟକଙ୍କଠାରୁ ଜାଣିବାକୁ ପାଇଥିଲେ। ପରେ ଏହି ଖେଳ ପ୍ରତି ତାଙ୍କ ମନରେ ଆଗ୍ରହ ସୃଷ୍ଟି ହୋଇଥିଲା। ସ୍କୁଲରେ ଜଣେ ଗୋଲକିପର ଭାବେ ସେ ଖେଳିବା ଆରମ୍ଭ କରିଥିଲେ। ହକି ଆମର ଜାତୀୟ କ୍ରୀଡ଼ା ବୋଲି ଅଧିକାଂଶ ଭାରତୀୟ ବିଶ୍ୱାସ କରନ୍ତି। ତେଣୁ ଏହି ଖେଳ ପ୍ରତି ଆମର ଭାବାବେଗ ରହିବା ସ୍ୱାଭାବିକ। ହକି ସମସ୍ତ ପ୍ରକାର ସହାୟତା ପାଇବା ପାଇଁ ହକ୍‌ଦାର। ଭାରତ ଯେତେବେଳେ ଅଲିମ୍ପିକ୍ସରେ ଖେଳିବ ସମଗ୍ର ଦେଶର ଜନତାଙ୍କୁ ଏକାଠି ବାନ୍ଧି ରଖିବ।

ଓଡ଼ିଶାର ସୁନ୍ଦରଗଡ଼ରେ ହକି କେବଳ ଏକ ଖେଳ ହୋଇ ରହି ନାହିଁ, ଏହା ସେଠିକାର ଏକ ଜୀବନଶୈଳୀ। ଓଡ଼ିଶାବାସୀଙ୍କର ଏହି ଖେଳ ପ୍ରତି ଖୁବ୍ ଆବେଗ ରହିଛି। ଓଡ଼ିଶା ସରକାର ଉଭୟ ପୁରୁଷ ଓ ମହିଳା ଦଳ (ସିନିୟର ଓ ଜୁନିୟର)ର ପ୍ରଥମ ୫ବର୍ଷ ପ୍ରାୟୋଜକ ହେବାପରେ ଏହାର ମିଆଦକୁ ଆଉ ୧୦ ବର୍ଷ (୨୦୨୩ରୁ ୨୦୩୩) ବୃଦ୍ଧି କରିଛନ୍ତି। ଓଡ଼ିଶାରେ ହକି ମ୍ୟାଚ୍ ବେଳେ ଷ୍ଟାଡିୟମରେ ଦର୍ଶକ ଭରପୂର ଥାନ୍ତି। ଏପରି କି ରାଉରକେଲାରେ ସ୍ଥାନୀୟ ଟୁର୍ନାମେଣ୍ଟ ବେଳେ ମ୍ୟାଚ ଦେଖିବା ଲାଗି ଓ ସେମାନଙ୍କ ଦଳକୁ ଉତ୍ସାହିତ କରିବା ପାଇଁ ୧୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ଥାନ୍ତି। ଓଡ଼ିଶା ଦିଲୀପ ତିର୍କୀ, ଲାଜରୁସ ବାର୍ଲା, ୱିଲିୟମ ଖାଲ୍‌କୋ, ନମିତା ଟପ୍ପୋ, ଦୀପଗ୍ରେସ୍ ଏକ୍କା ଓ ଅମିତ ରୋହିଦାସଙ୍କ ଭଳି ଖେଳାଳି ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଓଡ଼ିଶା ୨୦୧୮ ଓ ୨୦୨୩ରେ ପୁରୁଷ ବିଶ୍ୱକପ୍, ୨୦୧୪ରେ ଚାମ୍ପିୟନ୍ସ ଟ୍ରଫି, ୨୦୧୮-୧୯ରେ ପୁରୁଷ ଏଫ୍‌ଆଇଏଚ୍ ସିରିଜ, ୨୦୧୯ରେ ଏଫ୍‌ଆଇଏଚ୍ ଅଲିମ୍ପିକ କ୍ୱାଲିଫାୟର୍ସ ଏବଂ ପୁରୁଷ ପ୍ରୋ ଲିଗ୍ ୨୦୨୧ ସଫଳତାର ସହ ଆୟୋଜନ କରିସାରିଛି। ଓଡ଼ିଶା ମୁଖ୍ୟମନ୍ତ୍ରୀ କହିଛନ୍ତି, ତାଙ୍କ ସରକାର ହକି ପାଇଁ ବହୁ ଅର୍ଥ ବ୍ୟୟ କରୁଛନ୍ତି। ତୃଣମୂଳ ସ୍ତରରେ ଆଷ୍ଟ୍ରୋ ଟର୍ଫ ସହ ୨୨ ହକି ଟ୍ରେନିଂ ସେଣ୍ଟର ପ୍ରତିଷ୍ଠା କରାଯାଇଛି। ରାଜ୍ୟରେ ହକି ଖେଳର ପ୍ରସାର ପାଇଁ ଆହୁରି ଅନେକ ଯୋଜନା କାର୍ଯ୍ୟକାରୀ ହେବାର ଅଛି। ଭୁବନେଶ୍ୱର ଓ ରାଉରକେଲା ଇତିମଧ୍ୟରେ ହକି ହବ୍‌ରେ ପରିଣତ ହୋଇଛି। ସ୍ପୋର୍ଟ୍ସ ସାଇନ୍ସ ସୁବିଧା ସହ ଭୁବନେଶ୍ୱରରେ ଆମର ଏକ ହାଇ ପରଫର୍ମାନ୍ସ ସେଣ୍ଟର ରହିଛି। ଆମେ ଖୁବ୍ ଶୀଘ୍ର ଏକ ରାଜ୍ୟ ସ୍ତରୀୟ ହକି ଲିଗ୍‌ର ଆୟୋଜନ କରିବାକୁ ଯାଉଛୁ ବୋଲି ସେ ସୂଚନା ଦେଇଥିଲେ।

### ୧୦ରୁ ରାଜ୍ୟବ୍ୟାପୀ...

ଶିକ୍ଷାନୁଷ୍ଠାନରେ ନିୟୋଜିତ ପ୍ରାଇଭେଟ୍ ବସ୍‌ଗୁଡ଼ିକ ୧୦ ତାରିଖରୁ ଗଡ଼ିବ ନାହିଁ। ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ ବସ୍ ମାଲିକ ସଂଘର ସଦସ୍ୟମାନେ ଯୋଗ ଦେଇଛନ୍ତି। ଗତ ୨୭ ତାରିଖରେ ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରାଯାଇଥିବା ଦାବି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଲକ୍ଷ୍ମୀ ଯୋଜନାରେ ବସ୍ ଚଲାଇବା ପାଇଁ ବାହାର ରାଜ୍ୟର ଠିକାଦାରଙ୍କୁ ବସ୍ ଚଳାଇବା ପାଇଁ ଆର୍ଥିକ ସହାୟତା ଦିଆଯାଉଛି। ହେଲେ ଗାଁ ଗହଳିକୁ 'ଲକ୍ଷ୍ମୀ' ଯୋଜନାରେ ଗଡୁଥିବା ବସ୍ ଭିତରେ ରାଜ୍ୟର ଘରୋଇ ବସ୍‌ଗୁଡ଼ିକ ସାମିଲ କରିବା ଲାଗି ଦାବି କରାଯାଇଥିଲା। ସେହିପରି 'ମୋ ବସ୍' ସହରାଞ୍ଚଳ ଛଡ଼ା ଅନ୍ୟ କୌଣସି ଅଞ୍ଚଳକୁ ନ ଚଲାଇବା ପାଇଁ ବସ୍ ମାଲିକ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଏହାଦ୍ୱାରା ବସ୍ ଉଦ୍ୟୋଗୀମାନଙ୍କ ଆର୍ଥିକ କ୍ଷତି ହେଉଛି। ଏଥିସହ ବସ୍‌ଗୁଡ଼ିକର ପରମିଟ୍ ମାଲିକାନା ସ୍ୱତ୍ୱକୁ ପରିବର୍ତ୍ତନ କରିବା, ୧୫ ବର୍ଷରୁ ଊର୍ଦ୍ଧ୍ୱ ଗାଡ଼ିଗୁଡ଼ିକୁ ୨୦ ବର୍ଷ ପର୍ଯ୍ୟନ୍ତ ପରମିଟ୍ ପ୍ରଦାନ କରିବା ଏବଂ ଭିଏଲ୍‌ଟିଡି ପ୍ୟାନିକ୍ ବଟନ ଲଗାଇବା ଯୋଜନାକୁ ୨୦୨୫ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ବସ୍ ମାଲିକ ସଂଘ ଦାବି କରିଥିଲା। ଏହାଛଡ଼ା ଅନେକ ଦାବି ରାଜ୍ୟ ସରକାରଙ୍କ ସହିତ ଆଲୋଚନା ପରେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ପରିବହନ କମିଶନର ଏଗୁଡ଼ିକ କାର୍ଯ୍ୟକାରୀ କରାଇ ନ ଥିବାରୁ ଏହାକୁ ନେଇ ବସ୍ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

### ଓଡ଼ିଶା ସୀମାରେ ଆନ୍ଧ୍ରର ...

କିପରି ଉନ୍ନତମାନର ଚାଷ କରି ରୋଜଗାରକ୍ଷମ ହୋଇପାରିବେ ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଆନ୍ଧ୍ର-ଓଡ଼ିଶା ସୀମାନ୍ତର ଉପରୋକ୍ତ ଗ୍ରାମଗୁଡ଼ିକ ମଧ୍ୟରୁ ମୁଙ୍ଗାରଗୁମି ଗ୍ରାମରେ ଜଳସେଚନ ପ୍ରକଳ୍ପ ନେଇ ଏକ ବନ୍ଧ ନିର୍ମାଣ କରିବାକୁ ଆନ୍ଧ୍ର ସରକାର ଯୋଜନା କରିଛି। ଏଥିପାଇଁ ଗତ ୨୬ ତାରିଖରେ ଆନ୍ଧ୍ର ସରକାର ଜମି ଚିହ୍ନଟ ସହ ସର୍ଭେ କାର୍ଯ୍ୟ ଆରମ୍ଭ କରିଛି। ଅନ୍ୟପକ୍ଷରେ ଆନ୍ଧ୍ର ଯଦି ଏପରି ପ୍ରକଳ୍ପ କରେ ତେବେ ଓଡ଼ିଶାର ଉପରୋକ୍ତ ସମସ୍ତ ଗ୍ରାମବାସୀ ଜୀବିକା ହରାଇବା ନେଇ ଆଶଙ୍କା ପ୍ରକାଶ ପାଇଛି। ଓଡ଼ିଶାର ସୁଙ୍କି ପଞ୍ଚାୟତରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ଜଙ୍ଗଲ ବିଭାଗର କାର୍ଯ୍ୟାଳୟ ରହିଥିଲେ ସୁଦ୍ଧା ଆନ୍ଧ୍ରର ଏପରି ଅନୁପ୍ରବେଶ କିପରି ଏହି ଦୁଇ କାର୍ଯ୍ୟାଳୟର କର୍ମଚାରୀଙ୍କ ନଜରରେ ପଡୁନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ବିଷୟରେ ସ୍ଥାନୀୟ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧରୁଆଙ୍କୁ ପଚାରିବାରୁ ସେ କହିଲେ, ଏ ସମ୍ପର୍କରେ ତାଙ୍କ ନିକଟରେ କୌଣସି ଖବର ନାହିଁ। ତେବେ ସେ ଏହାର ଅନୁଧ୍ୟାନ କରିବେ। ଘଟଣାସ୍ଥଳକୁ ଗସ୍ତ କରି ତଦନ୍ତ କରିବେ ବୋଲି ପ୍ରକାଶ କରିଛନ୍ତି।

### ୧୦୦୦+ ମୃତ ...

ହମାସ ବନ୍ଦୀ କରିନେଇଥିବା ଇସ୍ରାଏଲୀ ନାଗରିକ ଓ ସୈନ୍ୟ ଯୁଦ୍ଧ ଭବିଷ୍ୟତର ରୂପ ଦେବ ବୋଲି ସୈନ୍ୟବାହିନୀ ପକ୍ଷରୁ କୁହାଯାଇଛି। ଇସ୍ରାଏଲ୍ ଭିତରେ ପଶିଥିବା ହମାସ୍ ବିଦ୍ରୋହୀ ଜଣେ ବାଳିକାଙ୍କୁ ତାଙ୍କ ମାଆବାପାଙ୍କ ସମ୍ମୁଖରେ ହତ୍ୟା କରିବା ପରେ ଦମ୍ପତି ଓ ସେମାନଙ୍କ ପୁଅକୁ ପଣବନ୍ଦୀ ରଖିଥିବାର ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଝିଅକୁ ସ୍ୱର୍ଗକୁ ପଠାଇଦେଲୁ ବୋଲି ଜଣେ ହମାସ ଆତଙ୍କବାଦୀ କହୁଥିବା ଭିଡିଓରୁ ଶୁଣିବାକୁ ମିଳିଛି। ସେପଟେ ଲେବାନନ୍‌ର ଇସ୍‌ଲାମୀୟ ଗୋଷ୍ଠୀ ହେଜ୍‌ବୋଲ୍ଲା ରବିବାର ଇସ୍ରାଏଲୀ ପୋଷ୍ଟଗୁଡ଼ିକୁ ଟାର୍ଗେଟ କରି ମୋର୍ଟାର ସେଲ୍ ମାଡ଼ କରିଛି। ଇସ୍ରାଏଲ୍ ସେନା ଲେବାନନ୍ ଉପରେ କମାଣ ଆକ୍ରମଣ କରିବା ସହ ସୀମାନ୍ତରେ ଥିବା ହେଜବୋଲ୍ଲା ପୋଷ୍ଟ ଉପରେ ଡ୍ରୋନ୍ ଆକ୍ରମଣ କରିଛି।

### ଇସ୍ରାଏଲ୍, ଗାଜାରେ ଥିବା ...

ସହ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସେମାନଙ୍କ ପ୍ରତି କୌଣସି ଅପ୍ରୀତିକର ଘଟଣା ଘଟି ନ ଥିବା ଜଣାପଡ଼ିଛି। ଇସ୍ରାଏଲ୍‌କୁ କେତେକ ପର୍ଯ୍ୟଟକ ଗୋଷ୍ଠୀ ଏବଂ ବ୍ୟବସାୟୀ ଆସିଥିବାବେଳେ ସେମାନେ ଉତ୍ତେଜନା ମଧ୍ୟରେ ଫସିରହିଛନ୍ତି। ସେମାନେ ନିରାପଦର ସହ ଭାରତ ଫେରିଯିବାକୁ ଚାହାନ୍ତି। ତେଲ ଆଭିଭ୍‌ସ୍ଥିତ ଭାରତୀୟ ଦୂତାବାସ ଏବଂ ପାଲେଷ୍ଟାଇନ୍‌ରେ ଥିବା ଭାରତର ପ୍ରତିନିଧି କାର୍ଯ୍ୟାଳୟ ପକ୍ଷରୁ ସେଠାରେ ଥିବା ଭାରତୀୟ ନାଗରିକମାନଙ୍କ ପାଇଁ ଆଡଭାଇଜରି ଜାରି କରାଯାଇଥିଲା। ସେମାନଙ୍କୁ ସତର୍କ ରହିବା ସହ ଜରୁରୀ ପଡ଼ିଲେ କାର୍ଯ୍ୟାଳୟ ସହ ସିଧାସଳଖ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା।

### ପୋଲିସ ଗାଡ଼ିରେ ...

ଠକଗ୍ୟାଙ୍ଗର ଗତିବିଧି ଓ ଭାବଭଙ୍ଗୀକୁ ନେଇ ସନ୍ଦେହ କରିଥିଲେ ଏବଂ ସେହି ଗ୍ୟାଙ୍ଗ ମିଛ ପରିଚୟ ଦେଇ ତାଙ୍କଠାରୁ ୨ଲକ୍ଷ ଟଙ୍କା ଠକି ନେଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଗତ ସେପ୍ଟେମ୍ବର ୨୪ ତାରିଖରେ ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଏହାର ପରଦିନ ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୫୭୧/୨୩) ରୁଜୁ କରିବା ସହିତ ବରଗଡ଼ର ଏକ ହୋଟେଲରୁ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ବରଗଡ଼ ଉପକାରାଗାରକୁ ପଠାଇ ଦିଆଯାଇଥିଲା। ତେବେ ଉକ୍ତ ଅଭିଯୁକ୍ତମାନଙ୍କୁ ଜାମିନ ମିଳିବା ପରେ ସେମାନେ ରବିବାର ଉପକାରାଗାରରୁ ବାହାରିଲା ବେଳେ ରଘୁନାଥପାଲି ପୋଲିସ ଗିରଫ କରି ରାଉରକେଲା ଆଣୁଥିଲା। ଖବର ଲେଖାଯିବା ସୁଦ୍ଧା (ରାତି ୧୦ଟା ୧୫) ଅନ୍ୟ ୧୨ ଅଭିଯୁକ୍ତଙ୍କୁ ରାଉରକେଲା ଅଣାଯାଉଥିବା ଜଣାପଡ଼ିଛି। ଏ ସମ୍ପର୍କରେ ରାଉରକେଲା ଅତିରିକ୍ତ ଏସ୍‌ପି ରବିକାନ୍ତ ସୁନାଙ୍କୁ ପଚାରିବାରୁ ସେ କହିଲେ, ଏକ ଠକେଇ ମାମଲାରେ ରଘୁନାଥପାଲି ଥାନା ପୋଲିସ ୧୩ଜଣିଆ ଠକଗ୍ୟାଙ୍ଗକୁ ବରଗଡ଼ରୁ ପୋଲିସ ବସ୍ ଯୋଗେ ରାଉରକେଲା ଆଣୁଥିଲା। ବାଟରେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇଥିବା ସେ କହିଥିଲେ।

**ଅପହରଣ ପରେ ହତ୍ୟା**

କୋଦଲା (ଅମିତ କୁମାର ପଟ୍ଟନାୟକ): ଗଞ୍ଜାମ ଜିଲା କୋଦଲା ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ଅପହରଣ କରାଯାଇ ହତ୍ୟା କରାଯାଇଥିବା ଜଣାପଡ଼ିଛି। ତିନିଦିନ ପରେ ରବିବାର ସାତନଳ-ବେରୁଆଁବାଡି ନୁଦୁବୁଦି ନାଳ ନିକଟସ୍ଥ ଏକ ବୁଦା ନିକଟରୁ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବକ ହେଲେ କବିସୂର୍ଯ୍ୟନଗର ଥାନା କେ. ଝରିଡ଼ା ଗ୍ରାମର ଦିପୁ ପାତ୍ର। ତାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯିବ ବୋଲି ପୋଲିସ କହିଛି।

# ଦିଅର ଦେଉଥିଲେ ଅମାନୁଷିକ ନିର୍ଯାତନା

## ୨ ବିବସ୍ତ୍ରା ମହିଳା ଉଦ୍ଧାର ଘଟଣା

ସୁନ୍ଦରଗଡ଼,୮।୧୦
(ଜୟ ନାରାୟଣ ମେଣ୍ଡୁଲି)


ଆସ୍ଥା ଗୃହରେ ଉଭୟ ମା' ଝିଅଙ୍କୁ ପଚରା ଉଚରା କରାଯାଉଛି।

ସୁନ୍ଦରଗଡ଼ ସହର ଉପକଣ୍ଠ ଇବ୍‌ନଦୀ ପୋଲ ଉପରୁ ଶୁକ୍ରବାର ଉଦ୍ଧାର ହୋଇଥିବା ୨ ବିବସ୍ତ୍ର ମହିଳାଙ୍କ ପରିଚୟ ମିଳିଥିବା ବେଳେ ତାଙ୍କ ସହିତ ଘଟିଥିବା ଅମାନୁଷିକ ନିର୍ଯାତନା ଘଟଣା ପଦାକୁ ଆସିଛି। ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳ ଖଇରମୁଣ୍ଡାରେ ଉଭୟଙ୍କ ଘର। ସେମାନେ ହେଉଛନ୍ତି ମା' ଓ ଝିଅ। ଦୀର୍ଘ ବର୍ଷ ଧରି ୪୭ ବର୍ଷୀୟ ମହିଳାଙ୍କୁ ଦିଅର ଯୌନ ନିର୍ଯାତନା ଦେଇଆସୁଥିଲେ। ଏପରିକି ତାଙ୍କ ୩ ଝିଅ ମଧ୍ୟ ଯୌନ ନିର୍ଯାତନାର ଶିକାର ହୋଇଛନ୍ତି। ୩ଝିଅଙ୍କ ମଧ୍ୟରୁ ୨ ଜଣ ଘର ଛାଡ଼ି ଚାଲିଯାଇଥିଲେ। ମା'ଙ୍କ ସହ ଘରୁ ଚାଲି ଆସିଥିବା ୨୩ବର୍ଷୀୟା ଝିଅ ମୁମ୍ବାଇରେ କାମ କରି ଗତ କିଛିଦିନ ହେବ ଘରକୁ ଆସିଥିବା ବେଳେ ସେ ପୁଣି ଯୌନ ନିର୍ଯାତନାର ଶିକାର ହୋଇଥିବା କାଉନ୍‌ସେଲିଂ ବେଳେ ଜଣାପଡ଼ିଛି। ସେମାନେ ନିଜକୁ ବଞ୍ଚାଇବା ପାଇଁ ଘର ଛାଡ଼ି ଚାଲି ଆସିଥିବା କହିଛନ୍ତି। ମାନସିକ ସ୍ତରରେ ମା' ଝିଅ ଅତ୍ୟନ୍ତ ଭୟଭୀତ ଥିବା ବେଳେ ଝିଅଟି ବର୍ତ୍ତମାନ ପର୍ଯ୍ୟନ୍ତ ପାଟି ଖୋଲି ନ ଥିବା ଆସ୍ଥା ଗୃହ ସମ୍ପାଦିକା ସ୍ନେହଲତା ପଟେଲ ସୂଚନା ଦେଇଛନ୍ତି। ରାସ୍ତାରେ ମଧ୍ୟ ସେମାନେ ବଳାତ୍କାରର ଶିକାର ହୋଇଥିବା ଆଶଙ୍କା କରାଯାଉଛି। ଓଡ଼ିଶା ସୀମାନ୍ତବର୍ତ୍ତୀ ଝାଡ଼ଖଣ୍ଡ ରାଜ୍ୟର ଏହି ୨ ମହିଳା କିଭଳି ସୁନ୍ଦରଗଡ଼କୁ ଆସିଲେ ସେ ନେଇ ଅଧିକ ପଚରାଉଚରା ଚାଲିଛି। ସମ୍ପାଦିକା ଏହି ସମ୍ପର୍କରେ ଏସ୍‌ପି ପ୍ରତ୍ୟୁଷ ଦିବାକର ଏବଂ ଟାଉନଥାନାକୁ ଅବଗତ କରିଛନ୍ତି। ରବିବାର ସ୍ୱତନ୍ତ୍ର ଡାକ୍ତରୀ ଦଳ, ମନସ୍ତତ୍ତ୍ୱବିତ୍ ଓ ପୋଲିସ ଏହି ୨ ମହିଳାଙ୍କୁ ପଚରାଉଚରା କରିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜଣାପଡ଼ିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଗମ୍ଭୀରତା ସହ ନେଇ ପୋଲିସ ପ୍ରଶାସନ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି। ସ୍ୱାଭାବିକ ସ୍ଥିତିକୁ ଆସିଲା ପରେ ସେମାନଙ୍କ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସ୍ନେହଲତା କହିଛନ୍ତି। ଚିହ୍ନଟ ପାଇଁ ସେମାନଙ୍କ ଫଟୋ ଜିଲାର ବିଭିନ୍ନ ଥାନା ଓ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ଥାନାକୁ ପଠାଯାଇଛି। ଏନେଇ ଏସ୍‌ପି ଦିବାକର ସୂଚନା ଦେଇଛନ୍ତି। ଏହି ମହିଳାଙ୍କ ପ୍ରତି ହୋଇଥିବା ଅମାନୁଷିକ କାର୍ଯ୍ୟକୁ ସବୁଠି ନିନ୍ଦା କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ସୁନ୍ଦରଗଡ ଉପକଣ୍ଠ କଲେଜ ବାଇପାସ ଇବ ନଦୀ ପୋଲ ଉପରେ ୨ ବିବସ୍ତ୍ର ମହିଳା ଚାଲି ଚାଲି ଯାଉଥିଲେ। ଶହ ଶହ ଯାତ୍ରୀ ସେଇ ରାସ୍ତା ଦେଇ ଯାଉଥିଲେ ମଧ୍ୟ କେହି ଜଣେ ଏଭଳି ଲଜ୍ଜିତ ଦୃଶ୍ୟ ପାଇଁ ଦୟା ଦେଖାଇ ନ ଥିଲେ। ନିଜ ଘରୁ ଆଦିବାସୀ ମଞ୍ଚ ଘେରାଉ କାର୍ଯ୍ୟକ୍ରମକୁ ଯାଉଥିବା ବିଧାୟିକା କୁସୁମ ଟେଟେ ଏହି ୨ ମହିଳାଙ୍କୁ ଦେଖି ଗାଡ଼ି ଅଟକାଇ ଥିଲେ। ଆଦିବାସୀ ନେତାଙ୍କୁ ସମ୍ବର୍ଦ୍ଧିତ କରିବାକୁ ସାଙ୍ଗରେ ନେଉଥିବା ଗାମୁଛାରେ ୨ ମହିଳାଙ୍କୁ ଘୋଡ଼ାଇ ଦେଇଥିଲେ। ପରେ ସଦର ଥାନା ପୋଲିସ ସହାୟତାରେ ସେମାନଙ୍କୁ ଆସ୍ଥା ଗୃହକୁ ପଠାଇଥିଲେ।

# ଶିକ୍ଷକଙ୍କ ମାଡ଼ରେ ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ

- ଭଙ୍ଗାରୁଜା କଲେ ଉତ୍ତ୍ୟକ୍ତ ଲୋକେ
- ବିଦ୍ୟାଳୟ ଆଗରେ ମୃତଦେହ ରଖି ଧାରଣା

ରେମୁଣା,୮।୧୦(ରବୀନ୍ଦ୍ର ମହାକୁଡ଼)



ସ୍କୁଲ ସମ୍ମୁଖରେ ଉତ୍ତ୍ୟକ୍ତ ଲୋକେ ହୋହଲ୍ଲା କରୁଛନ୍ତି।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଖନ୍ତାପଡ଼ା ଥାନା ଅଧୀନ କୁଳିଗାଁସ୍ଥିତ ବଂଶୀଧର ବିଦ୍ୟାପୀଠର ହିନ୍ଦୀ ଶିକ୍ଷକଙ୍କ ମାଡ଼ରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ବିଦ୍ୟାଳୟର ସ୍ମାର୍ଟ କ୍ଲାସ ଭଙ୍ଗାରୁଜା କରିବା ସହ ଗେଟ୍ ଆଗରେ ମୃତ ଛାତ୍ରଙ୍କ ଶବ ରଖି ଧାରଣା ଦେଇଛନ୍ତି।

ସୂଚନା ଅନୁଯାୟୀ, କୃଷ୍ଣନନ୍ଦପୁର ଗ୍ରାମର ଗୋବିନ୍ଦ ଚନ୍ଦ୍ର ଦାସଙ୍କ ପୁଅ ସୁମନ (୧୫) ଶନିବାର ଦଶମ ଶ୍ରେଣୀ ଅର୍ଦ୍ଧବାର୍ଷିକ ପରୀକ୍ଷା ଦେବା ପରେ ସାଙ୍ଗ ସୂର୍ଯ୍ୟକାନ୍ତଙ୍କୁ ନ କହି ତାଙ୍କ ସାଇକେଲ ନେଇ ଘରକୁ ପଳାଇଥିଲେ। ଘରୁ ଫେରିବା ପରେ ସାଇକେଲକୁ ନେଇ ଉଭୟ ସାଙ୍ଗଙ୍କ ମଧ୍ୟରେ ପାଟିତୁଣ୍ଡ ଓ ମାରପିଟ୍ ହୋଇଥିଲା। ଏହା ଦେଖି ଉକ୍ତ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ମନୋରଞ୍ଜନ ମଲ୍ଲିକ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମହାପାତ୍ରଙ୍କ ଅଫିସକୁ ଉକ୍ତ ଦୁଇ ଛାତ୍ରଙ୍କୁ ଡକାଇ ମାରପିଟ୍‌ର କାରଣ ବୁଝିବା ସହ ସୁମନଙ୍କୁ ମାଡ଼ ମାରିଥିଲେ। ଏଥିରେ ସୁମନଙ୍କ ଛାତିର ପଞ୍ଜରା ହାଡ଼ ଭାଙ୍ଗି ଯାଇଥିଲା। ବିଦ୍ୟାଳୟ ଛୁଟି ପରେ ସୁମନ ଘରକୁ ଯାଇ କାହାରିକୁ କିଛି ନ କହି ଶୋଇ ପଡ଼ିଥିଲେ। ରାତିରେ ଛାତି ଯନ୍ତ୍ରଣା ଅଧିକ ହେବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ଖନ୍ତାପଡ଼ା ଡାକ୍ତରଖାନା ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରିଥିଲେ। ରବିବାର ପୂର୍ବାହ୍ନ ୯ଟା ସମୟରେ ସୁମନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ସୁମନଙ୍କ ଶବକୁ ଧରି ପରିବାର ଲୋକେ ଗାଁକୁ ଫେରିଥିଲେ। ତେବେ ଗାଁର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଲୋକ ଶିକ୍ଷକଙ୍କ ମାଡ଼ ପ୍ରତିବାଦରେ ବିଦ୍ୟାଳୟ ସମ୍ମୁଖରେ ଶବ ରଖି ଧାରଣା ଦେବା ସହ ବିଦ୍ୟାଳୟର ସ୍ମାର୍ଟ କ୍ଲାସ ସହିତ ଗେଟ୍ ଓ କବାଟକୁ ଭାଙ୍ଗି ଦେଇଥିଲେ। ଖବରପାଇ ରେମୁଣା ତହସିଲଦାର ଅନୁପ କୁମାର ବେହେରା, ସଦର ଥାନା ଆଇଆଇସି ଜୟନ୍ତ ଦାସ, ଖନ୍ତାପଡ଼ା ଥାନା ଓଆଇସି ବିରଞ୍ଚି ସାହୁଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ଖନ୍ତାପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ତଦନ୍ତ ଜାରି ରହିଥିବା କାରଣରୁ ଅଦ୍ୟାବଧି ମାମଲା ରୁଜୁ ହୋଇ ନ ଥିବା ପୋଲିସ କହିଛି।

# ପ୍ରାତଃଭ୍ରମଣ ବେଳେ ଗାଡ଼ି ଧକ୍କାରେ ଚାଲିଗଲା ୩ ଜୀବନ

ପାଲଲହଡ଼ା/ବଲାଙ୍ଗୀର, ୮।୧୦
(ଦିବ୍ୟଜ୍ୟୋତି ଦାଶ/ ବୀରେନ୍ଦ୍ର କୁମାର ଝାଙ୍କର)

- ଅନୁଗୋଳରେ ୨, ବଲାଙ୍ଗୀରରେ ଜଣେ ମୃତ
- ମୃତକଙ୍କ ମଧ୍ୟରେ ୨ଜଣ ଯୁକ୍ତ ୨ ଛାତ୍ର

ରବିବାର ପ୍ରାତଃଭ୍ରମଣ ବେଳେ ଅନୁଗୋଳ ଜିଲା ପାଲଲହଡ଼ା ଓ ବଲାଙ୍ଗୀର ସଦର ଥାନା ଗେଡ଼ାବାଞ୍ଜି ଛକରେ ଗାଡ଼ି ଧକ୍କାରେ ଯାଇଛି ୩ ଜଣଙ୍କ ଜୀବନ। ଦୁର୍ଘଟଣା ପରେ ଉଭୟ ସ୍ଥାନରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ବୁଝାଶୁଝା ପରେ ସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ମୁକ୍ତାପୁର ଗ୍ରାମ ନିକଟରେ ରବିବାର ଭୋର ପ୍ରାୟ ୫ଟାରେ ପ୍ରାତଃଭ୍ରମଣ ବେଳେ ଦ୍ରୁତଗତିରେ ଆସୁଥିବା ଏକ ଗାଡ଼ି ଜଣେ କଲେଜ ଛାତ୍ର ଓ ତାଙ୍କ ବନ୍ଧୁଙ୍କୁ ଧକ୍କା ଦେବାରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ମୃତକ ହେଲେ ମାଳ୍ୟଗିରି କଲେଜର ଯୁକ୍ତ ୨ ଛାତ୍ର ରାଜେଶ ଶୁଣ୍ଡି (୧୭) ଓ ତାଙ୍କ ବନ୍ଧୁ ମାଧବ ସାମଡ଼ (୨୫)। ଧକ୍କା ଦେବା ପରେ ଡ୍ରାଇଭର ଗାଡ଼ିକୁ ନେଇ ଫେରାର ହୋଇଯାଇଥିଲେ। ଖବରପାଇ ପାଲଲହଡା ଥାନା ଅଧିକାରୀ ପାରାଓ ଟୁଡୁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ତେବେ ପୋଲିସ ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ସେହିପରି ବଲାଙ୍ଗୀର ସଦର ଥାନା ୪୨ନଂ ରାଜ୍ୟ ରାଜପଥର ଗେଡାବାଞ୍ଜି ନିକଟରେ ମର୍ନିଂ ୱାକ୍ କରୁଥିବାବେଳେ ପାଟଣାଗଡ଼ ପଟରୁ ଆସୁଥିବା ଏକ ମିନିଟ୍ରକ୍ ମାଡ଼ିଯିବାରୁ ପୁରୁଷୋତ୍ତମ ଭୁଏ (୧୬)ଙ୍କର ମୃତ୍ୟୁ ଘଟିଛି। ବେଲପଡା ବ୍ଲକ୍ ତରାଗାଁର ପୁରୁଷୋତ୍ତମ ବଲାଙ୍ଗୀର ସଦର ବ୍ଲକ ସିଆଲବାହାଲିରେ ମାମୁଘରେ ରହି ସାହାଜବାହାଲ କଲେଜରେ ଯୁକ୍ତ୨ପ୍ରଥମ ବର୍ଷର ଛାତ୍ର ଥିଲେ। ବିଏସ୍‌ଏଫ୍‌ରେ ଯବାନ ଭାବେ ଯୋଗଦେବା ଲକ୍ଷ୍ୟ ରଖି ସେ ପ୍ରତିଦିନ ଦୌଡିବା, ମର୍ନିଂ ୱାକ୍ କରୁଥିଲେ। ଅନ୍ୟ ତିନିଜଣ ସାଙ୍ଗଙ୍କ ସହ ସକାଳେ ସିଆଲବାହାଲି ଗାଁରୁ ବାହାରି ପାଟଣାଗଡ଼–ବଲାଙ୍ଗୀର ରାସ୍ତାରେ ଚାଲୁଥିବାବେଳେ ଗେଡାବାଞ୍ଜି ଛକରେ ଦ୍ରୁତଗତିରେ ଆସୁଥିବା ଏକ ମିନିଟ୍ରକ୍ ତାଙ୍କୁ ପଛପଟୁ ଧକ୍କା ଦେବାରୁ ପୁରୁଷୋତ୍ତମଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଗେଡାବାଞ୍ଜି ଛକରେ ସ୍ଥାନୀୟ ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ପୁରୁଷୋତ୍ତମ ତାଙ୍କ ମାତାପିତାଙ୍କ ଏକମାତ୍ର ସନ୍ତାନ ଥିଲେ। ତାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଲୋକେ ଦାବି କରିଥିଲେ। ରେଡ୍‌କ୍ରସ ପାଣ୍ଠିରୁ ତାଙ୍କୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇବା ସହ ରାଜ୍ୟ ସରକାରଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସୁପାରିସ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ବକ୍ସାଇଟ୍ ଖନନ ନେଇ ଆସିଥିବା ସର୍ଭେ ଟିମ୍‌କୁ ବିରୋଧ

ନନ୍ଦପୁର, ୮।୧୦(ଶଙ୍କର ପୂଜାରୀ)

ବାଲଡା ପାହାଡ଼ ବକ୍ସାଇଟ ଖଣି ଖନନକୁ ବିରୋଧ ଦିନକୁ ଦିନ ଜୋର ଧରୁଛି। ନିଲାମିରେ ସ୍ୱତ୍ୱ ପାଇଥିବା କମ୍ପାନୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଯୁକ୍ତ ସର୍ବେକ୍ଷଣ ଟିମ୍‌କୁ ରବିବାର କିତିବା ଗ୍ରାମ ନିକଟରେ ମହିଳାମାନେ ଅଟକରଖି ବିରୋଧ କରିଛନ୍ତି। ସେମାନେ ଟିମ୍‌କୁ ଖଣି ଖନନ ପାଇଁ ସର୍ଭେ କରିବାକୁ ବାରଣ କରିଥିଲେ। ପରେ ନନ୍ଦପୁର ପୋଲିସ ପହଞ୍ଚି ଟିମ୍‌କୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରିଥିଲା।

ଖବରରୁ ଜଣାପଡିଛି, ନନ୍ଦପୁର ବ୍ଲକ ବାଲଡା ନାଗେଶ୍ୱରୀ ପାହାଡ଼ର ୪୩୦ ଏକର ଜମିକୁ ବକ୍ସାଇଟ ଖଣି ଖନନ ନିମନ୍ତେ ରାଜ୍ୟ ସରକାରଙ୍କ ଖଣି ବିଭାଗ ଆଦାନୀ ଗ୍ରୁପର ଏମ୍‌ଏଲ୍‌ଇ କମ୍ପାନୀକୁ ନିଲାମରେ ଦେଇଥିଲା। ନିଲାମ ପାଇବା ପରେ ବର୍ତ୍ତମାନ କମ୍ପାନୀ ଖଣିଖନନ ପାଇଁ ସର୍ବେକ୍ଷଣ ଆରମ୍ଭ କରିଛି। ଏହାକୁ ପାହାଡ ପାରିପାର୍ଶ୍ୱିକ ୫ ପଞ୍ଚାୟତର ଗ୍ରାମବାସୀ ବିରୋଧ କରୁଛନ୍ତି। ଏନେଇ ପଞ୍ଚାୟତ ସ୍ତରରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାରମ୍ବାର ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

# ବର୍ଷକୁ ୨ ଥର ଦଶମ, ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ବାଧ୍ୟତାମୂଳକ ନୁହେଁ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୮।୧୦(ପି.ଟି.)



ବର୍ଷକୁ ଦୁଇଥର ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବା ପିଲାମାନଙ୍କ ପାଇଁ ବାଧ୍ୟତାମୂଳକ ହେବ ନାହିଁ। ପରୀକ୍ଷା ପାଇଁ ବର୍ଷକୁ ଗୋଟିଏ ସୁଯୋଗ ଥିବାରୁ ଏନେଇ ପିଲାଙ୍କ ଉପରେ ଯେଉଁ ମାନସିକ ଚାପ ପଡୁଥିଲା, ତାହାକୁ କମାଇବା ପାଇଁ ଦୁଇ ଥର ପରୀକ୍ଷା ଦେବାର ଏକ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଗତ ଅଗଷ୍ଟରେ ଶିକ୍ଷା ମନ୍ତ୍ରଣାଳୟ ଘୋଷଣା କରିଥିବା ନୂଆ ପାଠ୍ୟକ୍ରମ ରୂପରେଖ ଅନୁଯାୟୀ ବର୍ଷକୁ ଅନ୍ୟୂନ ୨ ଥର ବୋର୍ଡ ପରୀକ୍ଷା ହେବ। ଫଳରେ ପିଲାମାନେ ପରୀକ୍ଷାରେ ଭଲ କରିବା ପାଇଁ ପର୍ଯ୍ୟାପ୍ତ ସମୟ ଓ ସୁଯୋଗ ପାଇବେ। ସେମାନେ ଦୁଇଟି ପରୀକ୍ଷାରୁ ଶ୍ରେଷ୍ଠ ସ୍କୋରକୁ ବାଛିବାର ସୁଯୋଗ ପାଇବେ ବୋଲି ଧର୍ମେନ୍ଦ୍ର ଏକ ସାକ୍ଷାତ୍କାରରେ କହିଛନ୍ତି। ନୂଆ ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ପ୍ରସ୍ତାବିତ ବୋର୍ଡ ପରୀକ୍ଷା କିପରି ଚାପ କମ୍ କରିବ ବୋଲି ପ୍ରଶ୍ନ ହେବାରୁ ଧର୍ମେନ୍ଦ୍ର କହିଥିଲେ, ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ଜେଇଇ ଭଳି ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା ହେବ। ପିଲାମାନେ ଭଲ ନମ୍ବରକୁ ବାଛିପାରିବେ। ଦୁଇଥର ପରୀକ୍ଷା ଦେବା ପିଲାଙ୍କ ପାଇଁ ସମ୍ପୂର୍ଣ୍ଣ ଇଚ୍ଛାଧୀନ, ଏହା ବାଧ୍ୟତାମୂଳକ ନୁହେଁ ବୋଲି ଧର୍ମେନ୍ଦ୍ର ସ୍ପଷ୍ଟ କରିଦେଇଛନ୍ତି। ସେ କହିଛନ୍ତି, ବର୍ଷକୁ ଗୋଟିଏ ଥର ବୋର୍ଡ ପରୀକ୍ଷା ଥିବାରୁ ତାହା ଖରାପ ହେଲେ ବର୍ଷେ ବେକାର ହୋଇଯିବ ବୋଲି ଭାବି ଛାତ୍ରୀଛାତ୍ର ଚିନ୍ତାଗ୍ରସ୍ତ ରହୁଥିଲେ। ଗୋଟିଏ ସୁଯୋଗ ଭୟ ଦୂର କରିବା ଲାଗି ଦୁଇଥର ପରୀକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଯଦି ଜଣେ ଛାତ୍ର ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଥିବା ଏବଂ ପ୍ରଥମ ବୋର୍ଡ ପରୀକ୍ଷା ନମ୍ବରରେ ସନ୍ତୁଷ୍ଟ ବୋଲି ଅନୁଭବ କରୁଥିଲେ, ସେ ପରବର୍ତ୍ତୀ ପରୀକ୍ଷା ଦେଇ ନ ପାରନ୍ତି। ଏଥିପାଇଁ ବାଧ୍ୟବାଧକତା ନାହିଁ ବୋଲି ଶିକ୍ଷାମନ୍ତ୍ରୀ କହିଛନ୍ତି।

# ବାଦାମବାଡ଼ିରେ ହେବ ଅତ୍ୟାଧୁନିକ ବିଶ୍ୱନାଥ ପାଠାଗାର

ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର)

**୩୦ କୋଟି ୫୮ ଲକ୍ଷ ୩୧ ହଜାର ୧୦୦ ଟଙ୍କା ମଞ୍ଜୁରୀ କଲେ ମୁଖ୍ୟମନ୍ତ୍ରୀ**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ନେତା ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତଙ୍କ ସ୍ମୃତିରେ କଟକର ପୁରୀ–ଅନୁଗୋଳ ବସଷ୍ଟାଣ୍ଡ ବାଦାମବାଡ଼ିଠାରେ ଏକ ଅତ୍ୟାଧୁନିକ ପାଠାଗାର ପ୍ରତିଷ୍ଠା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ଏଥିଲାଗି ୩୦ କୋଟି ୫୮ ଲକ୍ଷ ୩୧ ହଜାର ୧୦୦ ଟଙ୍କା ଖର୍ଚ୍ଚ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ଦେଇଛନ୍ତି। ୫–ଟି ସଚିବ ଭି. କେ. ପାଣ୍ଡିଆନ୍‌ଙ୍କ କଟକ ଗସ୍ତ ସମୟରେ କଟକରେ ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତଙ୍କ ସ୍ମୃତିରେ ଏକ ଅତ୍ୟାଧୁନିକ ପାଠାଗାର ପ୍ରତିଷ୍ଠା ପାଇଁ ସ୍ଥାନୀୟବାସୀଙ୍କ ମତାମତକୁ ଗ୍ରହଣ କରି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହି ପାଠାଗାରରେ ଏକ ବଡ଼ ରିଡିଂ ହଲ୍ ରହିବ। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଛାତ୍ରୀଛାତ୍ରମାନେ ସେଠାରେ ପ୍ରସ୍ତୁତି କରିପାରିବେ। ସୂଚନାଯୋଗ୍ୟ, ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତ କଟକର ଡଗରପଡ଼ାଠାରେ ଜନ୍ମଗ୍ରହଣ କରିଥିଲେ। ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିବାରୁ ତାଙ୍କୁ କାରାବରଣ ଭୋଗିବାକୁ ପଡ଼ିଥିଲା। ଏହାପରେ ସେ ସମାଜବାଦୀ ଆନ୍ଦୋଳନରେ ଯୋଗଦେଇ ଦଳିତ, ଶ୍ରମିକ ଓ ମଜଦୁରମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଜୀବନବ୍ୟାପୀ ସଂଗ୍ରାମ କରିଥିଲେ। ତାଙ୍କ ନାମରେ ପାଠାଗାର ପ୍ରତିଷ୍ଠା ହେବା ଦ୍ୱାରା ତାଙ୍କୁ ଉପଯୁକ୍ତ ସମ୍ମାନ ମିଳିବା ସହିତ ତାଙ୍କ ଅବଦାନ ସମ୍ପର୍କରେ ଜନସାଧାରଣ ଓ ଯୁବସମାଜ ଅବଗତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

# ବ୍ରହ୍ମପୁରରୁ ବାହାରିଲା ଭକ୍ତ ଜାଗରଣ ଜନସମ୍ପର୍କ ଯାତ୍ରା

ବ୍ରହ୍ମପୁର,୮।୧୦(ସ୍ମୃତି ରଞ୍ଜନ ମହାଲିକ)

## ଶ୍ରୀମନ୍ଦିର ଚାରି ଦୁଆର, ରତ୍ନଭଣ୍ଡାର ଖୋଲିବା ଦାବି




ଶ୍ରୀମନ୍ଦିରର ଚାରି ଦୁଆର ଓ ରତ୍ନଭଣ୍ଡାର ଖୋଲିବା ଦାବି ନେଇ ଶ୍ରୀଜଗନ୍ନାଥ ସେନା ପୁରୀ କେନ୍ଦ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଭକ୍ତ ଜାଗରଣ ଜନସମ୍ପର୍କ ଯାତ୍ରା ଦକ୍ଷିଣରୁ ଅର୍ଥାତ୍ ବ୍ରହ୍ମପୁରରୁ ଆରମ୍ଭ ହୋଇଛି। ରବିବାର ଗୋଷାଣୀ ନୂଆଗାଁ ଜଗନ୍ନାଥ ମନ୍ଦିର ନିକଟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଶ୍ରୀମନ୍ଦିରର ଚାରି ଦୁଆର ବନ୍ଦ ହେବା ଯୋଗୁ ଶ୍ରଦ୍ଧାଳୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଘଣ୍ଟା ଘଣ୍ଟା ଧାଡ଼ିରେ ଅପେକ୍ଷା କରିବାକୁ ପଡୁଛି। ଏଥିଯୋଗୁ ରାଜ୍ୟ ଓ ଦେଶର ବିଭିନ୍ନ କୋଣ ଅନୁକୋଣରୁ ଆସୁଥିବା ଭକ୍ତମାନେ ନାକେଦମ୍ ହେଉଛନ୍ତି। ଚାରି ଦୁଆର ଖୋଲିବା ପ୍ରସଙ୍ଗରେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ରାଜ୍ୟ ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ୨ ମାସ ମଧ୍ୟରେ ସାରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ୨ ମାସ ମହଲତ ଦେଇଛନ୍ତି। ଅବସରପ୍ରାପ୍ତ ସୁପ୍ରିମକୋର୍ଟ ଓ ହାଇକୋର୍ଟର ବିଚାରପତିଙ୍କ ତତ୍ତ୍ୱାବଧାନରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ରତ୍ନଭଣ୍ଡାର ଖୋଲିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ପରିପ୍ରେକ୍ଷୀରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଓ ପୁରୀ ଜିଲା ପ୍ରଶାସନର ଅନୁରୋଧ ଯୋଗୁ ଶ୍ରୀଜଗନ୍ନାଥ ସେନା ଓ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଗତ ୩ ତାରିଖରେ ଓଡ଼ିଶା ବନ୍ଦ ଡାକରାକୁ ସାମୟିକ ସ୍ଥଗିତ ରଖାଯାଇ ଭକ୍ତ ଜାଗରଣ ଓ ସମ୍ପର୍କ ଯାତ୍ରା ଆରମ୍ଭ କରାଯାଇଛି। ୨ ମାସ ମଧ୍ୟରେ ରାଜ୍ୟ ସରକାର ଓ ପୁରୀ ଜିଲା ପ୍ରଶାସନ ଶ୍ରୀମନ୍ଦିର ଚାରି ଦୁଆର ଓ ରତ୍ନଭଣ୍ଡାର ନ ଖୋଲିଲେ ନିଜର ଧାର୍ମିକ ଅଧିକାର ପାଇଁ ସାମୟିକ ଭାବେ ସ୍ଥଗିତ ଥିବା ଆନ୍ଦୋଳନ ପୁନର୍ବାର ହେବ ବୋଲି କୁହାଯାଇଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୯ ଅକ୍ଟୋବର, ୨୦୨୩

"ସମସ୍ତଙ୍କ ସହିତ ଓ ସବୁ ସହିତ ତୁମେ ଯେତିକି ଯେତିକି ଏକାତ୍ମ ହେବ– ତୁମର ସେତିକି, ସେତିକି ଅଭ୍ୟୁଦୟ ହେବ। କାହାଠାରୁ କିଛି ନେବା ପରିବର୍ତ୍ତେ ତୁମେ ଅନ୍ୟକୁ ନିଜ ଆଡୁ ଦେଇଚାଲ। ତୁମେ ଯେତିକି ଦେଇ ଚାଲିବ – ସେତିକି ବିକଶିତ ହୋଇଉଠିବ। **–ଶ୍ରୀମା**



# ଇସ୍ରାଏଲକୁ ମାଡ଼

ବିଶ୍ୱର ବହୁ ଆଲୋଚିତ ବିବାଦ ମଧ୍ୟରୁ ଇସ୍ରାଏଲ–ପାଲେଷ୍ଟାଇନ୍ ଅନ୍ୟତମ। ୧୯୭୩ର ଇସ୍ରାଏଲ୍–ଇଜିପ୍ଟ ଯୁଦ୍ଧ ସେହି ଅଞ୍ଚଳର ଇତିହାସକୁ ବଦଳାଇ ଦେଇଥିଲା। ସେବେଠାରୁ ଇସ୍ରାଏଲ୍–ପାଲେଷ୍ଟାଇନ୍ ମଧ୍ୟରେ ଘୋର ସଂଘର୍ଷ ଲାଗି ରହିଛି। ସବୁବେଳେ ଦେଖାଯାଇଛି, ଇସ୍ରାଏଲ ସେନା ଅନ୍ୟ ଦେଶ ଭିତରେ ପ୍ରବେଶ କରି ବିଦେଶୀ ମାଟିରେ ଯୁଦ୍ଧ କରିଥାଏ। ନିଜ ଦେଶର ସୁରକ୍ଷା ସକାଶେ ବିଭିନ୍ନ ପଡ଼ୋଶୀ ଦେଶରେ ରହୁଥିବା ଶରଣାର୍ଥୀ ପାଲେଷ୍ଟିନୀୟ ଶିବିର ଉପରେ ମରଣାନ୍ତକ ଆକ୍ରମଣ କରି ମୁଖ୍ୟତଃ ମହିଳା ଓ ପିଲାଙ୍କୁ ହତ୍ୟା କରିବାରେ ଇସ୍ରାଏଲ ସବୁବେଳେ ସକ୍ଷମ ହୋଇଥାଏ। କିନ୍ତୁ ୭ ଅକ୍ଟୋବର ୨୦୨୩ରେ ପାଲେଷ୍ଟାଇନ୍‌ର ହମାସ ଗୋଷ୍ଠୀ ପକ୍ଷରୁ ଦକ୍ଷିଣ ଇସ୍ରାଏଲ ଉପରେ ଅନେକ ହଜାର ରକେଟ୍ ମାଡ଼ କରାଯିବାରୁ ଅଦ୍ୟାବଧି ୬୦୦ ଇସ୍ରାଏଲ ଲୋକଙ୍କ ପ୍ରାଣହାନି ଘଟିସାରିଲାଣି ବୋଲି ଅନ୍ତର୍ଜାତୀୟ ଖବରରୁ ଜାଣିବାକୁ ମିଳିଛି। ସେହିପରି ହମାସକୁ ଜବାବ ଦେବାକୁ ଯାଇ ଇସ୍ରାଏଲ ସେନା ଆକ୍ରମଣରେ ପ୍ରତିପକ୍ଷର ୪୦୦ ଜଣ ନିହତ ହୋଇଥିବା ସୂଚନା ମିଳିଛି। ହମାସ ଆକ୍ରମଣ ପରେ ଇସ୍ରାଏଲ ଯୁଦ୍ଧ ଘୋଷଣା କରିଥିବାରୁ ତାହାର ପ୍ରଭାବ ସେହି ଭୂଖଣ୍ଡ ଉପରେ କେବଳ ପଡ଼ିବ ନାହିଁ। କାରଣ ରୁଷିଆ–ୟୁକ୍ରେନ ଯୁଦ୍ଧ ୫୯୩ ଦିନରେ ପହଞ୍ଚି ବିଶ୍ୱବ୍ୟାପୀ କିଭଳି ଅର୍ଥନୈତିକ ଅସ୍ଥିରତା ସୃଷ୍ଟି କରିଛି, ତାହା ପୃଥିବୀ ଭୋଗୁଛି। ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିର ପ୍ରାରମ୍ଭରେ ଦୁଇଟି ଯୁଦ୍ଧ ଆହୁରି କ୍ଷତି ପହଞ୍ଚାଇବ ବୋଲି କୁହାଗଲାଣି।

ଇସ୍ରାଏଲ–ପାଲେଷ୍ଟାଇନ୍ ବିବାଦର ଇତିହାସକୁ ଯଦି ଦେଖାଯାଏ, ତେବେ ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ ଯିବାକୁ ପଡ଼ିବ। ସେତେବେଳେ ଜିଓନିଷ୍ଟମାନେ ଓଟୋମାନ୍ ନିୟନ୍ତ୍ରଣରେ ଥିବା ପାଲେଷ୍ଟାଇନ୍‌ରେ ଇହୁଦୀମାନଙ୍କ ପାଇଁ ନିଜସ୍ୱ ରାଷ୍ଟ୍ର ପ୍ରତିଷ୍ଠା କରିବାକୁ ଚାହିଁଲେ। ସେବେଠାରୁ ବିବାଦର ସୂତ୍ରପାତ ହୋଇଥିଲା। ସାଧାରଣତଃ ୱେଷ୍ଟ ଏସିଆର ଭୂମଧ୍ୟସାଗରର ପୂର୍ବାଞ୍ଚଳରେ ଇହୁଦୀମାନଙ୍କ ଅଭ୍ୟୁଥାନ ଘଟିଥିଲା, ଯାହାର ଭୌଗୋଳିକ ପରିଭାଷାରେ ସମ୍ପୃକ୍ତ ଅଞ୍ଚଳକୁ ଲେଭାଣ୍ଟ କୁହାଯାଇଥାଏ। ଅର୍ଥାତ୍ ଏଥିରୁ ବୁଝିବାକୁ ହେବ ଯେ, ଇହୁଦୀମାନେ କୌଶଳ କରି ପାଲେଷ୍ଟାଇନକୁ ଦଖଲ କରିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପାଲେଷ୍ଟାଇନ୍‌ରେ ଇହୁଦୀ ରାଷ୍ଟ୍ର ପ୍ରତିଷ୍ଠା ଲାଗି ଅନ୍ତର୍ଜାତୀୟ ସ୍ତରରେ ଚାପ ଜୋରଦାର ହୋଇଥିଲା। ଫଳରେ ୧୯୪୮ରେ ଇସ୍ରାଏଲ ରାଷ୍ଟ୍ର ଗଠନ ହୋଇଥିଲା। ଉଲ୍ଲେଖ କରାଯାଇପାରେ, ପାଶ୍ଚାତ୍ୟ ରାଷ୍ଟ୍ର ବିଶେଷକରି ଆମେରିକାରେ ଧନୀ ଓ ପ୍ରଭାବଶାଳୀ ସମ୍ପ୍ରଦାୟ ଭାବରେ ଇହୁଦୀମାନେ ପରିଚିତ। ଇସ୍ରାଏଲ ରାଷ୍ଟ୍ର ଗଠନ ଲାଗି ହୋଇଥିବା ଯୁଦ୍ଧରେ ଅନେକ ଲକ୍ଷ ପାଲେଷ୍ଟିନୀୟ ବାସସ୍ଥାନ ହରାଇ ଶରଣାର୍ଥୀ ହେଲେ। ସମ୍ଭବତଃ ପୂର୍ବର ପ୍ରତିଶୋଧ ନେବାକୁ ଯାଇ ହମାସ ଭଳି ଗୋଷ୍ଠୀ ଦୀର୍ଘ ବର୍ଷ ଧରି ନିଜ ଅଞ୍ଚଳକୁ ଇସ୍ରାଏଲଠାରୁ ମୁକ୍ତ କରିବା ଲାଗି ହିଂସା ଘଟାଇଆସୁଛି। ଏମିତି ଦେଖିଲେ ଇସ୍ରାଏଲୀୟମାନେ ଅତି ବିଚକ୍ଷଣ ହୋଇଥିବାରୁ ଅତ୍ୟାଧୁନିକ ଯୁଦ୍ଧ ସରଞ୍ଜାମ ବ୍ୟବହାର କରି ଅନେକ ପାଲେଷ୍ଟିନୀୟଙ୍କ ଜୀବନ ନେଇଛନ୍ତି। ଏବେ ହମାସର ଆକ୍ରମଣ ସେହି ଅଞ୍ଚଳରେ ଏକ ନୂଆ ପର୍ଯ୍ୟାୟ ଆରମ୍ଭ କରିଦେଇପାରେ। ଏହି ଯୁଦ୍ଧର ପରିଣତି ଭାବେ ବିଭିନ୍ନ ପାଲେଷ୍ଟିନୀୟ ଗୋଷ୍ଠୀ ଏକଜୁଟ ହେବାର ସମ୍ଭାବନା ରହିଛି, ଯାହାକି ଭବିଷ୍ୟତରେ ଇସ୍ରାଏଲ ପାଇଁ ଏକ ବିରାଟ ବିପଦ ଆଣିପାରେ। ବୈଷୟିକ ଜ୍ଞାନକୌଶଳ ଦୃଷ୍ଟିରୁ ଶକ୍ତିଶାଳୀ ଥିବା ଇସ୍ରାଏଲ ଭିତରେ ପଶି ଲୋକଙ୍କୁ ପଣବନ୍ଦୀ କରିନେବା ସହ ଅସଂଖ୍ୟ ରକେଟ୍ ମାଡ଼ କରିବାରେ ହମାସ କିଭଳି ସକ୍ଷମ ହେଲା ତାହାକୁ ନେଇ ପ୍ରଶ୍ନ ଉଠୁଛି। ମିଳିଥିବା ଖବରରୁ ଜଣାପଡ଼ିଛି, ପାରାଗ୍ଲାଇଡର୍ସ ସହ ଅନ୍ୟାନ୍ୟ ଅଭିନବ କୌଶଳ ଅନୁସରଣ କରି ହମାସ ଇସ୍ରାଏଲ ଭିତରକୁ ଯୁଦ୍ଧ ନେଇଯାଇଛି। ହମାସର ଏହି ଯୁଦ୍ଧରେ ପ୍ରାରମ୍ଭିକ ସଫଳତା ଦର୍ଶାଉଛି ଇସ୍ରାଏଲର ଗୋଇନ୍ଦା ଏବଂ ସୁରକ୍ଷା ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିଫଳତା। ଇସ୍ରାଏଲର ଦୁଇଟି ଗୋଇନ୍ଦା ସଂସ୍ଥା 'ଶିନ୍ ବେଟ୍', ଯାହାକି ଆଭ୍ୟନ୍ତରୀଣ ଗୋଇନ୍ଦାଗିରି କରେ ଏବଂ 'ମୋସାଦ' ବାହ୍ୟ ଗୋଇନ୍ଦାରେ ବିଶ୍ୱବ୍ୟାପୀ ପରିଚିତ, ଉଭୟ ଶୋଇପଡ଼ିଥିବା ଭଳି ଦିଶୁଛି। ସମଗ୍ର ବିଶ୍ୱରେ ଇସ୍ରାଏଲ ତା'ର ଗୋଇନ୍ଦା କାରସାଦି ଓ ସାମଗ୍ରୀ ପାଇଁ ପରିଚିତ ହୋଇଆସିଛି। ପେଗାସସ୍ ଭଳି ପ୍ରଯୁକ୍ତି କୌଶଳ ମାଧ୍ୟମରେ ଇସ୍ରାଏଲ ତା'ର ସବୁ ବିରୋଧୀଙ୍କ ଶୋଇବା ଘର ତଥ୍ୟ ମଧ୍ୟ ଜାଣିପାରେ ବୋଲି ପ୍ରଚାର କରାଯିବା ଫଳରେ ଭାରତ ଭଳି କୋଡ଼ୋଟି ଦେଶ ଅନେକ ବିଲିୟନ ଡଲାର ଖର୍ଚ୍ଚ କରି ଇସ୍ରାଏଲଠାରୁ ଗୋଇନ୍ଦା ସାମଗ୍ରୀ କିଣିଛନ୍ତି। ଏହି ହମାସ ଆକ୍ରମଣ ପ୍ରମାଣ କରୁଛି ଯେ, ଇସ୍ରାଏଲ ପ୍ରସ୍ତୁତ ସଫ୍ଟୱେର ଓ ଯନ୍ତ୍ରପାତି ଉପରେ ଆଉ ଭରସା ନାହିଁ।

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ଲିକ୍ୟୁଡ୍ ପାର୍ଟି ଦେଶରେ ଲୋକପ୍ରିୟତା ହରାଇ ଚାଲିଥିଲା ବୋଲି ନିକଟରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ବେନି ଗାଣ୍ଟଜ୍‌ଙ୍କ ନେତୃତ୍ୱାଧୀନ ନ୍ୟାଶନାଲ ପାର୍ଟି ଆସନ୍ତା ନିର୍ବାଚନରେ ଅଧିକ ଆସନ ପାଇବ ବୋଲି ସେଥିରେ କୁହାଯାଇଥିଲା। କାରଣ ନେତନ୍ୟାହୁଙ୍କ ପ୍ରତିରକ୍ଷା ନୀତି ଓ ବିଶେଷକରି ନ୍ୟାୟିକ ସଂସ୍କାରକୁ ଦେଶବାସୀ ସମାଲୋଚନା କରି ରାସ୍ତାରେ ପ୍ରତିବାଦ କରିଥିଲେ। ହମାସ ଆକ୍ରମଣ ପ୍ରମାଣ କରୁଛି ଯେ, ଆଭ୍ୟନ୍ତରୀଣ ବିଶୃଙ୍ଖଳା ସବୁଠାରୁ ସତର୍କ ରାଷ୍ଟ୍ରକୁ ମଧ୍ୟ ଆଣ୍ଠେଇ ଦେଇପାରିବ। ରାଜନୈତିକ ଦୃଷ୍ଟିକୋଣରୁ ଏହି ଯୁଦ୍ଧ ନେତନ୍ୟାହୁଙ୍କ ରାଜନୈତିକ ସ୍ଥିତିକୁ ସାହାଯ୍ୟ କରିପାରେ। ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଦେଖାଯାଇଛି ଯେ, ଦେଶବାସୀଙ୍କ ରକ୍ତ ବୋହିଲେ କ୍ଷମତାରେ ବସିଥିବା ରାଜନେତାଙ୍କର ସବୁବେଳେ ଲାଭ ହୁଏ।

ହମାସ ଆକ୍ରମଣର ଏକ କୌତୂହଳ ଦିଗ ହେଲା ଯେ, ଏବେ ଭାରତରେ ପ୍ରଚାର କରାଯାଉଛି ଏଭଳି ଆକ୍ରମଣ ପଛରେ ଚାଇନାର ସମର୍ଥନ ରହିଛି। କାରଣ ଭାବେ ଦର୍ଶାଯାଉଛି, ଭାରତରୁ ଆରମ୍ଭ କରି ୟୁରୋପ ଯାଏ ଇଣ୍ଡିଆ–ମିଡ୍‌ଲ ଇଷ୍ଟ–ୟୁରୋପ କରିଡରକୁ ଲାଇନ୍‌ଚ୍ୟୁତ କରିବା ଲାଗି ହମାସକୁ ଚାଇନା ଅସ୍ତ୍ର କରିଛି। କାରଣ ଉକ୍ତ କରିଡରକୁ କାର୍ଯ୍ୟକାରୀ କରିବା ଲାଗି ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକ ଭାରତକୁ ସମର୍ଥନ ଦେଇଛନ୍ତି। ଏହାର ଅର୍ଥ ହେଉଛି ବିଶ୍ୱବ୍ୟାପୀ ଭାରତର ପ୍ରତିପତ୍ତି ଏତେ ବୃଦ୍ଧି ପାଇଲାଣି ଯେ, ଖୋଦ୍ ଭାରତୀୟମାନେ ଭୋକ ଉପାସରେ ରହୁଥିବା ସତ୍ତ୍ୱେ ଏହାର ଗଭୀରତାକୁ ବୁଝିବାକୁ ଅକ୍ଷମ।

ରୁଷିଆ–ୟୁକ୍ରେନ ଯୁଦ୍ଧ ପରେ ଏବେ ଇସ୍ରାଏଲ–ପାଲେଷ୍ଟାଇନ୍ ମଧ୍ୟରେ ଯୁଦ୍ଧ ହେବା ନିଶ୍ଚିତ ଭାବେ ବିଶ୍ୱ ପାଇଁ ବିପତ୍ତି ଆଣି ଦେଇଛି। ରୁଷିଆ–ୟୁକ୍ରେନ୍ ଯୁଦ୍ଧକୁ ଜାତିସଂଘଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ସମୁଦାୟ ନିୟନ୍ତ୍ରଣ ଭିତରକୁ ଆଣିପାରିଲେ ନାହିଁ। ଏବେ ଇସ୍ରାଏଲ ଉପରେ ଆକ୍ରମଣକୁ ଭାରତ, ଆମେରିକା ସମେତ କେତେକ ରାଷ୍ଟ୍ର ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ ହମାସକୁ ଇରାନ୍ ସମେତ ଲେବାନନ୍‌ର ଉଗ୍ରପନ୍ଥୀ ଗୋଷ୍ଠୀ ହେଜ୍‌ବୁଲା ସିଧାସଳଖ ସମର୍ଥନ କରିଥିବାରୁ ଏହି ଯୁଦ୍ଧ ବ୍ୟାପକ ହେବାର ଆଶଙ୍କା ସୃଷ୍ଟି ହେଲାଣି। ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ମଧ୍ୟପ୍ରାଚ୍ୟରେ କିଛି ବର୍ଷ ହେବ ଶିଥିଳ ପଡ଼ିଯାଇଥିବା ବେଳେ ଏବେ ହମାସ୍ ଓ ହେଜ୍‌ବୁଲା ଚେଇଁ ଉଠିବା ନିଶ୍ଚିତ ଭାବେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିବ।



# ସର୍ବେ ଭବନ୍ତୁ ଦାର୍ଶନିକାଃ

ରଞ୍ଜନ କୁମାର ଦାସ

ଆଜିକୁ ଶହଶହ ବର୍ଷ ତଳେ ପ୍ରସିଦ୍ଧ ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ତାଙ୍କ ରଚିତ କାଳଜୟୀ ଗ୍ରନ୍ଥ 'ରିପବ୍ଲିକ'ରେ ଏକ ୟୁଟୋପିଆର ପରିକଳ୍ପନା କରିଥିଲେ, ଯାହା ଆମ ଭାରତୀୟ ଜନଚେତନାରେ କଳ୍ପିତ ରାମରାଜ୍ୟର ପ୍ରତିରୂପ କହିଲେ ଅତ୍ୟୁକ୍ତି ହେବ ନାହିଁ। ସେହି ୟୁଟୋପିଆର ପରିକଳ୍ପନା ସମୟରେ ପ୍ଲାଟୋ ଦିନେ ସ୍ୱପ୍ନରେ ଈଶ୍ୱରଙ୍କୁ ଦେଖିଲେ ଏବଂ ତାଙ୍କୁ ୟୁଟୋପିଆର ସ୍ୱପ୍ନ ଚରିତାର୍ଥ କରିବାକୁ ବର ମାଗିଲେ। ଈଶ୍ୱର ତୁରନ୍ତ ରାଜିହୋଇ ବରଦାନ ବି ଦେଇଦେଲେ। ଏବେ ପ୍ରଶ୍ନ ଉଠିଲା, ୟୁଟୋପିଆ ହେଉ ବା ଆଇଡିଆଲ ଷ୍ଟେଟ ଅଥବା ରାମରାଜ୍ୟ ଯାହା ବି ସେ ହେଉ, ସେଥିରେ ରାଜା କିଏ ହେବେ। ସ୍ୱପ୍ନରେ ପ୍ଲାଟୋ ସବୁବେଳେ ଭାବୁଥିଲେ ଯେ ରାଜ୍ୟର ରାଜା ଯିଏ ହେବ ସେ ଜଣେ ବିଚାରବନ୍ତ, ବୁଦ୍ଧିଜୀବୀ ବା ଦାର୍ଶନିକ ହେବା ଉଚିତ। ଯେ ପର୍ଯ୍ୟନ୍ତ ଜଣେ ରାଜା ଦାର୍ଶନିକ ହୋଇନାହିଁ ବା ଜଣେ ଦାର୍ଶନିକ ରାଜା ହୋଇନାହିଁ ସେ ଯାଏ ଶାସନ ସୁସଂଗଠିତ ହୋଇପାରିବ ନାହିଁ ବୋଲି ପ୍ଲାଟୋ ଭାବୁଥିଲେ। ଈଶ୍ୱର କହିଲେ ତଥାସ୍ତୁ, ମାତ୍ର ୟୁଟୋପିଆର ରାଜା କିଏ ହେବ? ସେ ପ୍ରଶ୍ନରେ ପ୍ଲାଟୋ ନିଜକୁ ସେ ସ୍ଥାନରେ ରଖିବାକୁ ପ୍ରାର୍ଥନା କଲେ। ଈଶ୍ୱର ଈର୍ଷାନ୍ୱିତ ହୋଇ ପରିହାସରେ କହିଲେ, ଏତେ ସୁନ୍ଦର ରାଜ୍ୟଟିଏ ଯଦି ମୁଁ ଗଢିପାରେ, ତେବେ ତା'ର ରାଜା ମୁଁ ନିଜେ ନ ହୋଇ ତମକୁ କାହିଁକି ସେ ରାଜପଦ ଛାଡିବି? କହିବାର ଉଦ୍ଦେଶ୍ୟ ହେଲା, ଈଶ୍ୱର ହୁଅନ୍ତୁ ବା ରାଜା ସବୁବେଳେ ସୁଜଳା, ସୁଫଳା, ଶସ୍ୟଶ୍ୟାମଳା, ସ୍ୱର୍ଣ୍ଣପ୍ରସୂ, ଶାନ୍ତି ଓ ମୈତ୍ରୀରେ ଭରା ଏଭଳି ରାଜ୍ୟରେ ଶାସନ କରିବାକୁ ଚାହାନ୍ତି। ପ୍ରଜାମାନେ ତ ସ୍ୱାଭାବିକ ଭାବେ ଏଭଳି ଏକ ରାମରାଜ୍ୟ ସ୍ଥାପନ ପାଇଁ ନିତି ଦୀପ ଜାଳି ବସନ୍ତି। ବିଭିନ୍ନ ବିଶ୍ୱ ସାହିତ୍ୟରେ ଏଭଳି ୟୁଟୋପିଆ ହେଉ, ରାମରାଜ୍ୟ ହେଉ ବା ଏଲଡୋରାଡୋ ହେଉ ତା'ର ଅବତାରଣା କରାଯାଇଛି। ସବୁଥିରେ ସାରାଂଶ ହେଲା ସୁଶାସନ।

ସୁଶାସନ କହିଲେ, ସାଧାରଣ ଜନତା ବୁଝନ୍ତି ଆଇନର ଶାସନ, ନିଃସ୍ୱାର୍ଥପର ବ୍ୟବସ୍ଥା ପରିଚାଳନା ଓ ଏକ ଦୂରଦର୍ଶୀ ଜନନାୟକର ନେତୃତ୍ୱ। ଯେଉଁଠି ଶାସନ ପରିଚାଳନା 'ମୋର–ତୋର'ର ଭେଦଭାବରେ ସୀମିତ ନ ଥାଏ,



ନୀତିନିଷ୍ଠ ଭାବେ ପରିଚାଳିତ ହୁଏ। ସେଥିପାଇଁ ମହାତ୍ମା ଗାନ୍ଧୀ ମଧ୍ୟ କହିଲେ, ରାଜନୀତି ଯଦି ଧର୍ମ ଓ ଦର୍ଶନ ଦ୍ୱାରା ପରିଚାଳିତ ନ ହୋଇଥାଏ ତାହା ପତିତ ଜନର ଉଦ୍ଧାର କରିପାରିବ ନାହିଁ। ଏଠାରେ ଧର୍ମ ବୁଝାଏ ନୀତିନିଷ୍ଠତାକୁ ଓ ଦର୍ଶନ ବୁଝାଏ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବିଚାର ଧାରାକୁ। ତେଣୁ ଶାସକ ନୀତିନିଷ୍ଠ ହେବା ସହ ପ୍ରଜା କଲ୍ୟାଣ ପାଇଁ ନିର୍ଦ୍ଦିଷ୍ଟ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବିଚାରବୋଧକୁ ନେଇ ସଂକଳ୍ପବଦ୍ଧ ହୋଇଥିବା ବିଧେୟ। ପ୍ଲାଟୋଙ୍କ ଦର୍ଶନରେ ଏଭଳି ରାଜାଙ୍କୁ ଫିଲୋସୋଫର କିଙ୍ଗ୍ ବା ଦାର୍ଶନିକ ରାଜା କୁହାଯାଇଥିଲା। ରାଜା ବା ରାଷ୍ଟ୍ରମୁଖ୍ୟ ତାଙ୍କ ଶାସନରେ ଛୋଟ–ବଡ, ପୁରୁଷ–ନାରୀ ବା ନିଜ–ପର ଏଭଳି ନ୍ୟୂନ ବିଚାରଧାରାରେ ସୀମିତ ହୋଇ ନ ଥିବେ। ଜନକଲ୍ୟାଣ ହିଁ ହେବ ଶାସନର ମୂଳମନ୍ତ୍ର। ଦେଶକୁ ଯିଏ ଦିଗ୍‌ଦର୍ଶନ ଦେବ ତା'ର ଜ୍ଞାନ, ଅନୁଭବ ଓ ଅଭିଜ୍ଞତା ମଧ୍ୟ ଅନୁରୂପ ଭାବେ ବିଶାଳ ହୋଇଥିବା ଦରକାର। ମାତ୍ର ବିଡ଼ମ୍ବନାର କଥା ହେଲା ବିଂଶ ଶତାବ୍ଦୀରେ ଗଣତନ୍ତ୍ରର ଆଗମନ ପରେ ଦାର୍ଶନିକମାନେ ଶାସନକୁ ଆସିବା ଦୂରର କଥା, ଏପରି କି ସାଧାରଣ ଦର୍ଶନ ଶକ୍ତି ନ ଥିବା ଲୋକ ବି ଶାସନକୁ ଆସି ଯାଉଛନ୍ତି। ଶାସନତନ୍ତ୍ରରେ ଚିନ୍ତକମାନେ ରହିବା ତ ଦୂରର କଥା, ଜନସାଧାରଣଙ୍କ ଭିତରେ ଥିବା ଦାର୍ଶନିକ, ଚିନ୍ତକ ଓ ବୁଦ୍ଧିଜୀବୀମାନଙ୍କୁ ମଧ୍ୟ ସହ୍ୟ କରିପାରୁନାହାନ୍ତି ଶାସକବର୍ଗ। ଭିନ୍ନ ମତବାଦ ପୋଷଣ କରୁଥିବା ଲୋକମାନଙ୍କୁ କେମିତି ଦୂର କରାଯାଇ ପାରିବ ସେକଥା ଚିନ୍ତା କରାଯାଉଛି। ଗଣତନ୍ତ୍ରର ସଂଖ୍ୟା ଖେଳରେ ଯିଏ ଅଧିକ ଖୁଚୁରା ଗୋଟେଇ ପାରିଲା ସେ ଅଧିକ ସମ୍ପନ୍ନ। ପ୍ଲାଟୋ ତ କହିଥିଲେ, ଯେଉଁଠି ରାଜା ଦାର୍ଶନିକ ନ ହେଲେ ନାଇଁ, ଜନତାଙ୍କ ଭିତରେ କିନ୍ତୁ ଦାର୍ଶନିକ, ଚିନ୍ତକ ରହିଲେ ବି ସେମାନେ ରାଜାଙ୍କୁ ବାଟ ଦେଖେଇ ପାରନ୍ତେ। ମାତ୍ର ତାହା ଅସହ୍ୟ ହୋଇପଡୁଛି ଦିନକୁ ଦିନ। ତେଣୁ ସାଧାରଣ ଲୋକେ ଦେଖିଲେ ବୁଦ୍ଧିଜୀବୀ ବା ଦାର୍ଶନିକ ହେବାରେ ଯେହେତୁ ବିପତ୍ତି ରହୁଛି, ବରଂ ଛେଳି, ମେଣ୍ଢା ବା ଘୁଷୁରି ହୋଇଯିବା ଭଲ। ଛେଳି, ମେଣ୍ଢା ହେବାରେ କିଛି ଅସୁବିଧା ନ ଥାଏ। କିଛି ଭାବିବାକୁ ପଡେନା। ଯୁଆଡେ ଗୋଠ ଯାଉଛନ୍ତି, ସେଇ ରାସ୍ତାରେ ମାଡ଼ିଚାଲ। ଗୋଠ ଯୋଉଠି ପହଞ୍ଚିବେ ଆମେ ବି ସେଇଠି। ଯାହା ସମସ୍ତଙ୍କ ଭାଗ୍ୟରେ ଥିବ, ଆମ ଭାଗ୍ୟରେ ବି ସେୟା ହେବ।

ଏଭଳି ଚିନ୍ତାଧାରା ପୋଷଣ କରୁଥିବା ଏକ ସମାଜର ସ୍ଥିତି କେତେ ଦୟନୀୟ ତାହା ସହଜେ ଅନୁମେୟ। ଯୋଉ ସମାଜରେ ରାଜାର ବୁଦ୍ଧି ବିବେକ ନ ଥାଏ କି ପ୍ରଜାର ନିରୀକ୍ଷଣ ଓ ନିର୍ଣ୍ଣୟ ଶକ୍ତି ନ ଥାଏ, ସେ ସମାଜ ଶେଷରେ କୋଉଠି ଯାଇ ପହଞ୍ଚିବ? ସମାଜର କୋଉ ଗୋଟିଏ ଦିଗ ଯଦି ସବଳ, ସଶକ୍ତ ଓ ଦୃଢ଼ ଥାଏ, ତେବେ ଭାରସାମ୍ୟ ରହିଯିବ। ମାତ୍ର ଯଦି ଉଭୟ ଆଡୁ ଦୁର୍ବଳ ଥିବ ତେବେ ତ କଥା ସରିଲା। ବେଳେବେଳେ ଲାଗେ ଗୋଟେ ରାଜ୍ୟ ପାଇଁ ବୁଦ୍ଧି ଓ ବିବେକ ଥିବା ରାଜା ଯେତେ ଦରକାର ତା'ଠୁ ବେଶି ଦରକାର ବୁଦ୍ଧି, ବିବେକ, ନିରୀକ୍ଷଣ ଓ ନିର୍ଣ୍ଣୟ ଶକ୍ତି ଥିବା ପ୍ରଜାକୁଳ। ରାଜାର ଯଦି ବୁଦ୍ଧି ଓ ବିବେକ ଥାଏ, ତେବେ ଶାସନ ଠିକ୍‌ରେ ଚାଲିବ ଏକଥା ଅନସ୍ୱୀକାର୍ଯ୍ୟ। ମାତ୍ର ପ୍ରଜା ଯଦି ବିବେକ, ବୁଦ୍ଧି, ନିରୀକ୍ଷଣ ଓ ନିର୍ଣ୍ଣୟ ଶକ୍ତିସମ୍ପନ୍ନ ତେବେ ତ ପ୍ରଶାସନର ଆଉ ଆବଶ୍ୟକତା ହିଁ ପଡିବ ନାହ। ସେମାନେ ନିଜ ସମସ୍ୟା ନିଜେ ସୁଧାରିପାରିବେ। ସମାଜ ଆପେ ଆପେ ସୁଧୁରିଯିବ। ଯେଉଁ ସମାଜ ଆପେ ଆପେ ନିଜକୁ ସୁଧାରିବାର କ୍ଷମତା ରଖେ ସେ ସମାଜ ନିଶ୍ଚିତ ଭାବେ ଦୀର୍ଘଜୀବୀ ହେବ ଏ ବିଶ୍ୱାସ କାଳେ କାଳେ ରହିଥିଲା। ଏବେ ବି ସେ ଆଶା ରଖିଛି। ସମାଜର ପ୍ରତିଟି ମଣିଷ ଯଦି ବିଚାରବନ୍ତ ହେବ, ବିବେକ–ନିର୍ଦ୍ଦେଶିତ ପଥରେ ଚାଲିବ, ଠିକ୍ ନିର୍ଣ୍ଣୟ ନେଇପାରିବ, ନିଜେ ଜଣେ ଦାର୍ଶନିକ ନାଗରିକ ହେବ ତେବେ ତ ସମାଜରୁ ବିଲକ୍ଷଣ ସବୁ କମିଯିବ। ୟୁଟୋପିଆ ବା ରାମରାଜ୍ୟ ମନକୁ ମନ ଗଢିଉଠିବ। ସବୁ ନ ହେଲେ ବି ଅନ୍ତତଃ ସଂଖ୍ୟାଗରିଷ୍ଠ ନାଗରିକ ଯଦି ଜଣେ ଜଣେ ଦାର୍ଶନିକ ପାଲଟିଯିବେ, ହଉ ପଛେ କିଛି କ୍ଷଣ ପାଇଁ, ଆଉ କୋଉ ଦାର୍ଶନିକ–ରାଜାର ଆବଶ୍ୟକତା ମଧ୍ୟ ପଡ଼ି ନ ପାରେ।

**ମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର**
**ମୋ:୯୪୩୭୨୮୬୫୧୨**



# ଏକାଅଶୀରୁ ଶହେଏକାଅଶୀ

ପ୍ରୀତିଛନ୍ଦା ଧଳ

ଦୀର୍ଘ ୨୭ ବର୍ଷର ମହିଳା ସଂରକ୍ଷଣ ବିଲ୍ ଝୁଲି ରହିଲା ପରେ ଏବେ ଏହା ଉପରେ ମୋହର ବାଜିଛି। ରାଜନୀତି କ୍ଷେତ୍ରରେ ମହିଳାମାନଙ୍କୁ ଅଗ୍ରାଧିକାର ଦେବା ହେଉଛି ଏଇ ସଂରକ୍ଷଣ ନୀତିର ମୂଳ ଉଦ୍ଦେଶ୍ୟ। ଯେଉଁ ରାଷ୍ଟ୍ରରେ ମହିଳାମାନେ ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି, ସେ ରାଷ୍ଟ୍ର ସେତେ ପ୍ରଗତିର ରାସ୍ତାରେ ଆଗକୁ ବଢ଼ି ଚାଲିଥାଏ, ତାହା ସମସ୍ତେ ଜାଣିଛେ। ଏବେ ଯେତେବେଳେ ରାଜନୀତି କ୍ଷେତ୍ରରେ ମହିଳାମାନଙ୍କର ସ୍ଥିତିକୁ ଆମେ ତର୍ଜମା କରିବା, ତା'ହେଲେ ଏଇ ବିଲ୍ ଦ୍ୱାରା ଅନେକ ପ୍ରଗତିର ରାସ୍ତା ଖୋଲିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

ଯଦି ଏହି ବିଲ୍‌କୁ ଆମେ ଦେଖିବା ତା'ହେଲେ ଦୀର୍ଘ ଦିନର ଅପେକ୍ଷାର ଅନ୍ତ ଘଟିଛି କହିଲେ ଭୁଲ୍ ହେବ ନାହିଁ। ପ୍ରଥମେ ଲୋକ ସଭାରେ ୫% ମହିଳା ପ୍ରତିନିଧିତ୍ୱ କରୁଥିଲାବେଳେ ବର୍ତ୍ତମାନ ୧୪% ମହିଳା ପ୍ରତିନିଧିତ୍ୱ କରୁଛନ୍ତି। ବିଲ୍ ପାରିତ ହେବା ପରେ ଏହା ୩୩%କୁ ବଢ଼ିଯିବ। ଅର୍ଥାତ୍ ଏବେ ମହିଳାଙ୍କ କବ୍‌ଜାରେ ବହୁ ଆସନ ରହିବ। ଏହି ବିଲ୍ ଅନୁଯାୟୀ ନୂଆ ଚିଠାର ଉପସ୍ଥାପନା ପରେ ସ୍ପଷ୍ଟ ହୋଇଗଲା ଯେ, ଆସନ୍ତା ୨୦୨୪ ନିର୍ବାଚନରେ ନୁହେଁ ବରଂ ଏହା ତା' ପରବର୍ତ୍ତୀ ନିର୍ବାଚନରେ କାର୍ଯ୍ୟକାରୀ ହେବ, ଯାହାକୁ ନେଇ ଏବେ ବିତର୍କ ଆରମ୍ଭ ହୋଇଯାଇଛି। ଯଦିଓ ଏହା ପୂର୍ବରୁ ଲୋକ ସଭାରେ ଉପସ୍ଥାପନା କରାଯାଇଛି, କିନ୍ତୁ ମତଭେଦ କାରଣରୁ ଏହା ପାରିତ ହୋଇ ପାରୁ ନ ଥିଲା। ରାଜନୀତି କ୍ଷେତ୍ରରେ ଅଗ୍ରାଧିକାର ଦେବା ପାଇଁ ପୌରାଞ୍ଚଳ ନିର୍ବାଚନରେ ସଂରକ୍ଷଣ ବ୍ୟବସ୍ଥା ଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ନ ଥିଲା। ୧୯୯୬ରେ ଦେବଗୌଡ଼ା ନେତୃତ୍ୱାଧୀନ ସରକାର ଏହି ବିଲ୍‌କୁ ପ୍ରଥମେ ପାରିତ କରିବା ପାଇଁ ଚେଷ୍ଟା କରୁଥିଲେ। କିନ୍ତୁ ସେତେବେଳେ ଶାସକଦଳ ସହ ଏକମତ ସମସ୍ତେ ହୋଇପାରି ନଥିଲେ। ଫଳରେ ସେଇଠି ସେ ବିଲ୍ ପାରିତ ସ୍ୱପ୍ନ ଅଧାରେ ରହିଯାଇଥିଲା।

ଆଜି ଏତେ ବର୍ଷ ପରେ ଭାଜପା ସରକାର ଯେତେବେଳେ ଏଇ ପ୍ରୟାସକୁ ସାକାର କରିଛି; ସେତେବେଳେ ଅନେକ ମହିଳା ସଂଗଠନ, ଅନେକ ମହିଳା ଯେଉଁମାନେ କି ରାଜନୀତିରେ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ଅଛନ୍ତି, ସେମାନଙ୍କ ପାଖରେ ଗୋଟେ ଆଗକୁ ବଢ଼ିବାର ବାଟ ଖୋଲିଯାଇଛି। ବିଳମ୍ବ ହେବ ସତ, କିନ୍ତୁ ମହିଳା ସଶକ୍ତୀକରଣକୁ ନେଇ ସମସ୍ତେ ଯେଉଁ ସ୍ୱପ୍ନ ଦେଖୁଛନ୍ତି ତାହା ସାକାର ହେବାର ଶୀର୍ଷକୁ ଆମେ ଗତି କରୁଛେ ବୋଲି କହିଲେ ଭୁଲ୍ ହେବ ନାହିଁ। ନିକଟରେ ସାଂସଦ ଓ ଅଭିନେତ୍ରୀ ହେମାମାଳିନୀ ସଂସଦ ଭବନରେ ଆମେ ଏବେ ୮୧ ଅଛୁ, ଆଗକୁ ୧୮୧ ହେବୁ ବୋଲି ନିଜର ମତ ରଖିଛନ୍ତି, ଯାହାକି ଆଗାମୀ ଦିନରେ ନିଜ ନିଜ ରାଜନୀତିକ ଦଳରେ କାମ କରୁଥିବା ସଙ୍ଗଠନ ସଜାଡୁଥିବା ମହିଳାମାନଙ୍କ ପାଇଁ ଏକ ଶକ୍ତିଶାଳୀ ବାର୍ତ୍ତା କହିଲେ କିଛି ଭୁଲ ହେବ ନାହିଁ। ଆଜିକାଲି ମହିଳା ଶକ୍ତି ପ୍ରତ୍ୟକ କ୍ଷେତ୍ରରେ ଅଗ୍ରଣୀ ହେଉଛି। ଏହାକୁ ଏକ ବଡ଼ ପୁଞ୍ଜି କହିବାରେ କିଛି ଅସୁବିଧା ନାହିଁ। ଅନେକଙ୍କ ମତ ଯଦି ସଂରକ୍ଷଣ ବିଲ୍ ଆସିଲା,



ତା'ହେଲେ କାହିଁକି ତାହାର କାର୍ଯ୍ୟକାରିତା ଆଗାମୀ ନିର୍ବାଚନରେ ହେବ ନାହିଁ ବଡ଼ ପ୍ରଶ୍ନ ଏବେ?

ଆଉ ସବୁଠାରୁ ବଡ଼ କଥା ହେଲା ସଂରକ୍ଷଣ ବିଲ୍‌କୁ କେତେଦୂର ନିଜ ନିଜ ଦଳରେ କାର୍ଯ୍ୟରେ ଲଗାଉଛନ୍ତି। ମନେରଖିବାକୁ ପଡ଼ିବ ଯେ, ଏତେ ଉନ୍ନତ ଚିନ୍ତାଧାରା ସତ୍ତ୍ୱେ ମଧ୍ୟ ଆଜି ମହିଳା ଦଳରେ ନିଜର ସେତିକି ଦବ୍‌ଦବା ରଖୁ ସେ କଥା ସମସ୍ତଙ୍କର ବିଶେଷକରି ପୁରୁଷପ୍ରାଧାନ୍ୟ ରାଜନୀତିରେ ପୁରୁଷମାନେ ଚାହାନ୍ତି ନାହିଁ ଏ କଥାର ବହୁତ ଉଦାହରଣ ଆମେ ବିଗତ ଦିନରେ ଦେଖିଛେ। ଲାଲୁ ପ୍ରସାଦ ଯାଦବ ଜେଲ ଗଲା ପରେ ମୁଖ୍ୟମନ୍ତ୍ରୀ ଭାବରେ ନିଜ ପତ୍ନୀ ରାବ୍ରୀ ଦେବୀଙ୍କୁ ଗାଦିରେ ବସେଇଥିଲେ ମଧ୍ୟ ସେ ଏଇ ମହିଳା ସଂରକ୍ଷଣ ବିଲ୍‌ର ପ୍ରବଳ ବିରୋଧୀ ଥିଲେ। ଏହି ପ୍ରକାରର ମାନସିକତା ରଖୁଥିବା କିଛି ରାଜନୀତିଜ୍ଞମାନଙ୍କର ମନୋଭାବ ଯଦି ପରିବର୍ତ୍ତନ ନ ହୁଏ, ତାହେଲେ ଏହି ବିଲ୍‌ର ଯାହା ରହିଛି ପ୍ରକୃତ ଉଦ୍ଦେଶ୍ୟ ତାହା ସଫଳ ହେବା କଷ୍ଟକର ହେଇଯିବ। ଯେମିତି କି ଆମେ ଦେଖିବା ଯେ ଆଗକୁ ଜନସଂଖ୍ୟାକୁ ନେଇ ଯେଉଁ ଡିଲିମିଟେଶନ ପ୍ରକ୍ରିୟା ହେବାକୁ ଅଛି, ସେଥିରେ ସିଟ୍‌ସଂଖ୍ୟା ବଢ଼ିବା ପରେ ସଂରକ୍ଷିତ ସିଟ୍‌ରେ ଯୋଉ ମହିଳାମାନଙ୍କୁ ଟିକେଟ ଦିଆଯିବ, ସେମାନଙ୍କୁ ସେତିକି ସହଯୋଗ ଦଳ ଏବଂ ପରିବାର ତରଫରୁ ମିଳୁଛି କି ନାହିଁ। 'ନାରୀଶକ୍ତି ବନ୍ଦନ' ବିଲ୍‌ର ମୂଳ ପ୍ରୟାସ ରାଜନୀତି କ୍ଷେତ୍ରରେ ମହିଳାଙ୍କୁ ନୀତି ନିର୍ଦ୍ଧାରକ ସ୍ଥାନରେ ବସେଇ ପ୍ରକୃତ ମହିଳା ସଶକ୍ତୀକରଣର ବାର୍ତ୍ତାକୁ ସାରା ବିଶ୍ୱରେ ପ୍ରଚାର ପ୍ରସାର କରେଇବା ତାହା କେତେଦୂର ସଫଳ ହେବ ସେ ଦିଗରେ ସମସ୍ତଙ୍କ ପ୍ରଚେଷ୍ଟା ରହିବା ଦରକାର। କାହିଁକି ୨୪ ନୁହେଁ, କ'ଣ ପାଇଁ ୨୯? ଏ ପ୍ରଶ୍ନ ଆମେ ଆଉ ନ ପଚାରି କେମିତି ସଂରକ୍ଷଣରେ ମହିଳାମାନଙ୍କୁ ରାଜନୀତି କାର୍ଯ୍ୟ ଏବଂ ନିଷ୍ପତ୍ତି ନେବାରେ ସମ୍ପୂର୍ଣ୍ଣ ରୂପେ ସ୍ୱାଧୀନତା ଦେଇପାରିବା ସେ ଦିଗରେ ସମସ୍ତେ ଚେଷ୍ଟା କରିବା ଦରକାର। ବିଶେଷକରି ଯେଉଁ ମହିଳାମାନେ ରାଜନୀତିରେ ନିଜର ସ୍ଥିତି ଜାହିର କରି ସମାଜ ଆଉ ରାଷ୍ଟ୍ର ଗଠନରେ ନିଜର ଭୂମିକାକୁ ପ୍ରତିପାଦନ କରିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଏହି 'ନାରୀଶକ୍ତି ବନ୍ଦନ ଅଧିନିୟମ' ଏକ ସୁବର୍ଣ୍ଣ ସୁଯୋଗ କହିଲେ କିଛି ଭୁଲ୍ ହେବ ନାହିଁ। ଆଉ ରବର ଷ୍ଟାମ୍ପ୍ ନୁହେଁ, ନିଜସ୍ୱ ନିଷ୍ପତ୍ତିରେ ଦେଶର ପ୍ରଗତିରେ ନିଜ ମତକୁ ଉପସ୍ଥାପନା କରିବାର ବେଶ ଭଲ ରାସ୍ତା ଖୋଲିଦେଲା।

ଏଇ ବିଲ୍। ସମ୍ପୂର୍ଣ୍ଣ ନିର୍ଭର କରୁଛି ଆମ ଉପରେ କେମିତି ଆମେ ଏହାର ଅର୍ଥାତ୍ ପୂରା ସୁଯୋଗ ଉଠେଇବା, କୋଉଭଳି ଭାବରେ ମହିଳାଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇପାରିବା, ରାଜନୀତି କ୍ଷେତ୍ରରେ ଏହା ଏବେ ବଡ଼ ଆହ୍ୱାନ ଆମ ଦେଶ ପାଇଁ। ସବୁଠାରୁ ବଡ଼ କଥା ହେଲା ଯେ ପ୍ରକୃତ ପ୍ରତିନିଧିତ୍ୱ ଏବଂ ଯାହା ଉପରେ ଉଲ୍ଲେଖ କଲେ ଯେ ନିଷ୍ପତ୍ତି ନେବାର ଅଧିକାର ମିଳିବା ଆବଶ୍ୟକ ତା' ସହିତ ଦେଶର ଲୋକଙ୍କ ମଧ୍ୟରେ ଅନୁଷ୍ଠାନିକ, ସାମାଜିକ ଓ ବ୍ୟାବହାରିକ ପରିବର୍ତ୍ତନ ଆଣିବାର ଆବଶ୍ୟକତା ଅଛି।

**ମୋ: ୯୯୩୭୭୩୪୪୬୧**

## ଏଇ ଭାରତରେ

ଦୃଢ଼ ଇଚ୍ଛାଶକ୍ତି ସଫଳତାର ମନ୍ତ୍ର ବୋଲି ପ୍ରମାଣ କରିଛନ୍ତି ଆସାମର କନିକା ତାଲୁକଦାର। ସେ ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଜିଆଖତ ଉତ୍ପାଦନ କରୁଛନ୍ତି ଓ ଏଥିରୁ ସେ ମାସକୁ ୩ ଲକ୍ଷ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। ୨୦୦୮ରେ କନିକାଙ୍କ ସ୍ୱାମୀଙ୍କର ଦେହାନ୍ତ ହେବାବେଳେ ତାଙ୍କର ୪ ମାସର ଶିଶୁକନ୍ୟାଟିଏ ଥିଲା। ସେ କନ୍ୟାଟିର ଲାଳନପାଳନ କରିବା ସହ ପରିବାର ଚଳାଇବା ପାଇଁ ପ୍ରଥମେ ସ୍ୱୟଂ ସହାୟକ ଗୋଷ୍ଠୀରେ କାମ କରି ମାସକୁ ୨୦୦୦ ଟଙ୍କା ରୋଜଗାର କରୁଥିଲେ, ଯେଉଁଥିରେ ପରିବାର ଚଳାଇବା କଷ୍ଟକର ଥିଲା। ପରେ ସେ ଅଧିକ ରୋଜଗାର କରିବା ପାଇଁ କୃଷିବିଜ୍ଞାନ କେନ୍ଦ୍ରରୁ ଜିଆଖତ ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ନେଇ ୨୦୧୪ରେ ଖତ ଉତ୍ପାଦନ ଆରମ୍ଭ କରିଥିଲେ। ପ୍ରଥମେ ସେ ଏଥିରେ ୫୦୦ ଟଙ୍କା ନିବେଶ କରିଥିଲେ। ପ୍ରଥମ ବର୍ଷ ୮୦୦ କେଜି ଖତ ତିଆରି କରି ତାକୁ କିଲୋ ପ୍ରତି ୧୦ ଟଙ୍କା ମୂଲ୍ୟରେ ବିକିଥିଲେ। ଏବେ ଜିଆଖତ ବେଡ୍ ସଂଖ୍ୟା ବୃଦ୍ଧି କରି ମାସକୁ ୩୫ ଟନ୍ ଖତ ପ୍ରସ୍ତୁତ କରୁଛନ୍ତି ଓ ଏଥିରୁ ପାଉଛନ୍ତି ୩ ଲକ୍ଷ ଟଙ୍କା। ଖତକୁ ସେ ବିଭିନ୍ନ ଫାର୍ମ, କୃଷିବିଜ୍ଞାନ କେନ୍ଦ୍ର ସହିତ ଅନଲାଇନରେ ବିକ୍ରି କରୁଛନ୍ତି। କେବଳ ଏତିକି ନୁହେଁ କନିକା ଗାଁଗୁଡ଼ିକରେ ମହିଳାମାନଙ୍କୁ ଜିଆଖତ ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଅକ୍ଟୋବର ୧୯୯୮

- ମଧ୍ୟପ୍ରଦେଶର ଦାନ୍ତେୱାଡ଼ା ଜିଲାରେ ପିପୁଲ୍ସ ୱାର ଗ୍ରୁପ୍‌ର ନକ୍ସଲପନ୍ଥୀଙ୍କ ଦ୍ୱାରା ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟି ୧୬ ପୋଲିସ ନିହତ।
- ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲା ଗୁଡ଼ିପାଡୁ ରେଳଷ୍ଟେଶନ ନିକଟରେ ହାଇଦ୍ରାବାଦ–ନରସାପୁର ଏକ୍ସପ୍ରେସ୍ ଟ୍ରେନ୍‌ର ୧୦ଟି ବଗି ଲାଇନଚ୍ୟୁତ ହୋଇଯିବା ଫଳରେ ୧୧ ଯାତ୍ରୀଙ୍କ ମୃତ୍ୟୁ।

## ଚିରନ୍ତନୀ

''ଦୀପର ତଇଳ ଦେଖ
କ୍ଷଣେ କ୍ଷଣେ ଯାଉଅଛି ସରି
''ଲାଗଇ କି ବୃକ୍ଷେ ଆଉ
ଥରେ ଯେଉଁ ପତ୍ର ପଡ଼େ ଝରି?
–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku – ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | 2 | | | | |
| | 2 | | | | 6 | | 3 | |
| 6 | | | | 3 | | | 8 | 2 |
| 1 | | 6 | | | | 7 | 5 | |
| | | | | | 4 | | | 1 |
| 3 | | | | | | 9 | | |
| | | | | | | 5 | | |
| | | | 4 | | 5 | | | |
| 4 | | 8 | | | 9 | | 7 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 6 | 7 | 9 | 3 | 4 | 1 | 8 |
| 1 | 7 | 8 | 5 | 4 | 6 | 2 | 3 | 9 |
| 9 | 4 | 3 | 2 | 1 | 8 | 7 | 5 | 6 |
| 6 | 1 | 7 | 8 | 3 | 2 | 5 | 9 | 4 |
| 3 | 9 | 5 | 1 | 7 | 4 | 8 | 6 | 2 |
| 2 | 8 | 4 | 6 | 5 | 9 | 3 | 7 | 1 |
| 8 | 6 | 9 | 3 | 2 | 7 | 1 | 4 | 5 |
| 7 | 5 | 2 | 4 | 6 | 1 | 9 | 8 | 3 |
| 4 | 3 | 1 | 9 | 8 | 5 | 6 | 2 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମଧ୍ୟବିତ୍ତଙ୍କ ଦୁଃଖ ବୁଝିବ କିଏ

ମହାଶୟ,

ବାର୍ଷିକ ୫ ଲକ୍ଷରୁ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ପରିବାରଙ୍କୁ ମଧ୍ୟବିତ୍ତ ବର୍ଗ ବୋଲି ଧରାଯାଏ। ୨୦୧୧ ଜନଗଣନା ଅନୁସାରେ ଏମାନଙ୍କ ସଂଖ୍ୟା ମୋଟ ଜନ ସଂଖ୍ୟାର ୩୦ ଭାଗ ଥିଲା। ଏହା ଏବେ ବଢ଼ି ୩୫ରୁ ୪୦ ପ୍ରତିଶତ ହେବ। ଏମାନେ ମୁଖ୍ୟତଃ କର୍ମଚାରୀ, ଡାକ୍ତର, ଇଞ୍ଜିନିୟର, ଓକିଲ, ପେନ୍‌ସନର ଓ ଖୁଚୁରା ବ୍ୟବସାୟୀ। ମଧ୍ୟବିତ୍ତମାନେ ଅଧିକ ଆୟକର ଦେଇ ଅର୍ଥନୀତିକୁ ସମୃଦ୍ଧ କରନ୍ତି। ଏମାନେ ଖାଦ୍ୟ, ବସ୍ତ୍ର, ଶିକ୍ଷା, ସ୍ୱାସ୍ଥ୍ୟ ଓ ମନୋରଞ୍ଜନ କ୍ଷେତ୍ରରେ ଅଧିକ ବ୍ୟୟ କରନ୍ତି। ବଜାରକୁ ଚଳଚଞ୍ଚଳ କରିବାରେ ଏମାନଙ୍କ ଅବଦାନ ଯଥେଷ୍ଟ ଅଧିକ। ଏମାନେ ରାଜନୈତିକ କ୍ଷେତ୍ରରେ ଅଧିକ ସଚେତନ। ଏମାନଙ୍କ ମଧ୍ୟରୁ ଅନେକେ ଭୋଟ ଦିଅନ୍ତି ନାହିଁ। ମାତ୍ର ଯେଉଁମାନେ ଭୋଟ ଦିଅନ୍ତି ସେମାନେ ଯୋଗ୍ୟ ପ୍ରାର୍ଥୀ ଓ ଦଳକୁ ଭୋଟ ଦିଅନ୍ତି। ଏମାନେ ରାଜନୈତିକ ଦଳର ମିଥ୍ୟା ପ୍ରତିଶ୍ରୁତି ଓ ପ୍ରଲୋଭନରେ ପ୍ରଭାବିତ ହୁଅନ୍ତି ନାହିଁ। ଗଣତନ୍ତ୍ରକୁ ସମୃଦ୍ଧ କରିବାରେ ଏମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ଗତ ୧୦ ବର୍ଷ ମଧ୍ୟରେ ବିଶେଷତଃ କରୋନା ମହାମାରୀ ଓ ରୁଷ–ୟୁକ୍ରେନ ଯୁଦ୍ଧ ପ୍ରଭାବରେ ମଧ୍ୟବିତ୍ତମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏମାନଙ୍କ ସମସ୍ୟା ପ୍ରତି ସମ୍ପୂର୍ଣ୍ଣ ଉଦାସୀନ। ଲୋକଙ୍କ ଉତ୍‌ଥାନ ପାଇଁ ସରକାର ମାଳମାଳ ଯୋଜନା କାର୍ଯ୍ୟ କରୁଛନ୍ତି। ମାତ୍ର ଗୋଟିଏ ହେଲେ ଯୋଜନା ଏମାନଙ୍କ ପାଇଁ ଉଦ୍ଦିଷ୍ଟ ନାହିଁ। ଏଠାରେ ପ୍ରଶ୍ନବାଚୀ ହେଉଛି ଯେ, ମଧ୍ୟବିତ୍ତଙ୍କ ଦୁଃଖ ବୁଝିବ କିଏ?

**ଅକ୍ଷୟ କୁମାର ମହାନ୍ତି,**
**ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




୮।୧୦।୨୦୨୩

| | |
|---|---|
| ୬,୦୩,୨୩୩ ଟଙ୍କା | |
| ସୁନା | ୮.୬୦୦ ଗ୍ରାମ୍ |
| ରୁପା | ୧୫୯.୫୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୬ତମ ଜୟନ୍ତୀ, ଗୋପବନ୍ଧୁ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଉତ୍କଳ ବିପନ୍ନ ସହାୟତା ସମିତି, ସେବା, ପ୍ଲଟ ନଂ. ୪୧, ସେକ୍ଟର-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ସକାଳ ୯ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ଗୋପବନ୍ଧୁ ଛକ, ସକାଳ ୯ଟା।
- ଉତ୍କଳ ରଙ୍ଗମଞ୍ଚ ଟ୍ରଷ୍ଟ ପକ୍ଷରୁ ଭାବାନ୍ତର, ଏକ୍ସପ୍ଲାନେଡ ମଲ୍, ରସୁଲଗଡ଼, ଅପରାହ୍ନ ୧ଟା।
- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ସମାରୋହ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ମଦନପୁର, ଅପରାହ୍ନ ୩ଟା।
- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ନୃତ୍ୟାଞ୍ଜଳିର ୧୮ତମ ବାର୍ଷିକ ନୃତ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ତିଗିରିଆ
- ସାଇବର ରଥ ପରିକ୍ରମା ଓ ସଚେତନତା ଶିବିର, ତିଗିରିଆ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟ ପରିସର, ସକାଳ ୯ଟା।
- ତିଗିରିଆ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ନୂଆପାଟଣା ନୋଡାଲ ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।

# ନିୟମ ଭାଙ୍ଗୁଥିବା ବାର୍ ଉପରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୮।୧୦(ସତ୍ୟଜିତ୍ ରାଉତ)

ରାଜଧାନୀରେ ଥିବା ବାର୍‌ଗୁଡ଼ିକ ବିଭିନ୍ନ ସମୟରେ ନିୟମ ଭାଙ୍ଗୁଛନ୍ତି। ବିଶେଷକରି ଡ୍ୟାନ୍ସବାର୍‌ଗୁଡ଼ିକ ନିର୍ଦ୍ଧାରିତ ସମୟରେ ବନ୍ଦ ନ କରି ବିଳମ୍ବିତ ରାତି ଯାଏ ଖୋଲା ରଖୁଛନ୍ତି। ଯୁବତୀଙ୍କୁ ନଚାଯିବା ସହ ଗ୍ରାହକଙ୍କୁ ମଦ ପରଷା ଯାଉଛି। ଅଶୋକ ନଗରସ୍ଥିତ ରଙ୍ଗିଲା ଡ୍ୟାନ୍ସ ବାର୍‌ରେ ପୂର୍ବରୁ କାମ କରୁଥିବା ଦୁଇ ଯୁବତୀ ପରଦା ପଛର ସତ ସାମ୍ନାକୁ ଆଣିବା ପରେ ଅବକାରୀ ବିଭାଗ ତତ୍ପର ହୋଇଉଠିଛି। ପାର୍ବଣ ପାଇଁ ବାର୍ ଉପରେ ଚଢ଼ାଉ କରିବାକୁ

### ଚଢ଼ାଉ ପାଇଁ ଗଠନ ହେଲା ୩ ସ୍ୱତନ୍ତ୍ର ଅବକାରୀ ଟିମ୍

ଭୁବନେଶ୍ୱର ଅବକାରୀ ପକ୍ଷରୁ ରବିବାର ୩ଟି ଟିମ୍ ଗଠନ ହୋଇଛି। ଅବକାରୀ ଇନ୍ସପେକ୍ଟର ବିକାଶ ନାୟକ ରବିବାର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି ଟିମ୍‌ଗୁଡ଼ିକ ବିଳମ୍ବିତ ରାତିରେ ଡ୍ୟାନ୍ସ ବାର୍‌କୁ ଯାଇ ଅଚାନକ ଚଢ଼ାଉ ସହ ଚେକିଂ କରିବ। ସନ୍ଦେହ ହେଲେ ସେଠାରୁ ସିସିଟିଭି ଓ ହାର୍ଡଡିସ୍କ ମଧ୍ୟ ଜବତ କରାଯିବ। ନିୟମ ଉଲ୍ଲଂଘନ କରୁଥିବା ଜଣାପଡ଼ିଲେ ଉକ୍ତ ବାର୍‌ର ଲାଇସେନ୍ସ ରଦ୍ଦ ପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଛନ୍ତି।

ତେବେ ଅବକାରୀ ବିଭାଗର ଏଭଳି ହଠାତ୍ ଚେତା ପଶିବାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏପରି କି ପୋଲିସ ଓ ଅବକାରୀ ଅଧିକାରୀଙ୍କ ଜାଣତରେ ବାର୍‌ଗୁଡ଼ିକ ବିଳମ୍ବିତ ରାତି ଯାଏ ଖୋଲା ରଖୁଥିବା ଅଭିଯୋଗ ହେଉଛି। ରାଜଧାନୀରେ ଥିବା ବାର୍‌ଗୁଡ଼ିକ ରାତି ୧୨ଯାଏ ଖୋଲିବାକୁ ଅନୁମତି ରହିଛି। କିଛି ବାର୍ ରାତି ୧ଟା ୩୦ ପର୍ଯ୍ୟନ୍ତ ଖୋଲିବାକୁ ଅନୁମତି ନେଇଛନ୍ତି। ହେଲେ ଏହି ନିୟମକୁ କିଛି ବାର୍‌ମାଲିକମାନେ ପାଳନ କରୁ ନ ଥିବା ଦେଖିବାକୁ ମିଳୁଛି। ଭୁବନେଶ୍ୱରରେ ୧୮ଟି ଡ୍ୟାନ୍ସ ବାର୍ ସମେତ ମୋଟ ୭୦ଟି ବାର୍ ରହିଛି। ତେବେ ରଙ୍ଗିଲା ବାର୍ ସମେତ ଏକାଧିକ ବାର୍ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହୁଥିବା ଅଭିଯୋଗ ଆଣିଥିବା ଯୁବତୀଦ୍ୱୟ ଗଣମାଧ୍ୟମ ସାମ୍ନାରେ ସତ ସାମ୍ନାକୁ ଆଣିଥିଲେ। ଅନ୍ୟପକ୍ଷରେ ଶୁଭଲକ୍ଷ୍ମୀ ଆତ୍ମହତ୍ୟା ମାମଲାରେ ମଧ୍ୟ ବାର୍ ଚର୍ଚ୍ଚାକୁ ଆସିଥିଲା। ବାର୍‌ରେ ନାବାଳିକାଙ୍କୁ ଡ୍ୟାନ୍ସର ଭାବେ ନିୟୋଜିତ କରାଯାଉଥିବା ଅଭିଯୋଗ ପରେ ଗତ ଅଗଷ୍ଟରେ ଅବକାରୀ ବିଭାଗ କଟକ ରୋଡସ୍ଥିତ ୮ଟି ଡ୍ୟାନ୍ସ ବାର୍‌ରେ ଚଢ଼ାଉ କରିଥିଲା।



ଇସ୍ରାଏଲ ଯୁଦ୍ଧ ପରିପ୍ରେକ୍ଷୀରେ ଶାନ୍ତି ପ୍ରାର୍ଥନା କରି ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଣଛାତ୍ରଙ୍କ ଆତଙ୍କରାଜ ଘଟଣାକୁ ନିନ୍ଦା

ଭୁବନେଶ୍ୱର,୮।୧୦ (ସତ୍ୟଜିତ୍ ରାଉତ)

ଉତ୍କଳ ବିଶ୍ୱବିଦ୍ୟାଳୟରେ ଗୁରୁବାର ଅଣଛାତ୍ରମାନେ ଛାତ୍ର ସଂସଦ ଅଫିସରେ ପଶି ଭଙ୍ଗାରୁଜା କରିବା ସହ ପୂର୍ବତନ ସଭାପତି ଓ ସମ୍ପାଦକଙ୍କ ନାମଫଳକକୁ ଭାଙ୍ଗି ଦେବା ଘଟଣାକୁ ନିନ୍ଦା କରାଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ଆୟୋଜିତ ବୈଠକରେ ପୂର୍ବତନ ଛାତ୍ର ସଂସଦ ସଭାପତି ଓ ସମ୍ପାଦକମାନେ ଏହି ଘଟଣାକୁ ନିନ୍ଦା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସୋମବାର ସଂଗଠନ ପକ୍ଷରୁ କୁଳପତି ଓ ପୋଲିସ କମିଶନରଙ୍କୁ ଭେଟି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବିପତ୍ର ଦିଆଯିବ ବୋଲି ସୂଚନା ଦିଆଯାଇଛି। ପୂର୍ବତନ ସଭାପତି ସଂଗ୍ରାମ କେଶରୀ ଦାସଙ୍କ ଆବାହକତ୍ୱରେ ଏହି ବୈଠକ ହୋଇଥିଲା। ଏଥିରେ ପୂର୍ବତନ ସଭାପତ ନିର୍ମଳ ପଣ୍ଡା, ସମ୍ପାଦକ ପୂର୍ଣ୍ଣେନ୍ଦୁ ପଟ୍ଟନାୟକ, ରାଜେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ପିଲାଙ୍କ ପାଖେ ପହଞ୍ଚିବ ବକୁଲ ବହି ବାଇକ୍

ଭୁବନେଶ୍ୱର,୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଏବେ ପିଲାମାନଙ୍କ ପାଖକୁ ୩ ଚକିଆରେ ଯିବ ପୁସ୍ତକ। ଏଥିପାଇଁ ବକୁଳ ଫାଉଣ୍ଡେଶନ ପକ୍ଷରୁ ରବିବାର ବକୁଳ ବହି ବାଇକ୍‌ର ଉଦ୍‌ଘାଟନ ହୋଇଯାଇଛି। ଅତିଥି ଭାବେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଏମ୍ଏସ୍ ଅସ୍ୱଥି ଏସ୍. ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବହି ବାଇକ୍‌ଟି ବକୁଳ ପାଠାଗାରରୁ ବାହାରି ଶାନ୍ତିନଗର ବସ୍ତି ପାଖକୁ ଯାଇଥିଲା। ସେଠାରେ ପ୍ରାୟ ୧ଘଣ୍ଟାର କାର୍ଯ୍ୟକ୍ରମ ରହିଥିଲା। ପିଲାମାନେ ମନ ଖୁସିରେ ଆସି ବାଇକ୍ ପାଖେ ପହଞ୍ଚିଥିଲେ। ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ ମହାପାତ୍ର କହିଛନ୍ତି, ଏହା ପଛରେ ଜଣେ ଆଇଟି ଇଞ୍ଜିନିୟରଙ୍କ ହାତ ରହିଛି। ସେ ହେଲେ ଆଲୋକ କୁମାର। ଦାନ ଉତ୍ସବ ଚାଲିଥିବାବେଳେ ପିଲାଙ୍କ ପାଇଁ ଏଭଳି ଏକ ଗିଫ୍ଟ ନିହାତି ଭାବେ ପ୍ରଶଂସନୀୟ। ଆଲୋକ ତାଙ୍କ ମା' ସାଧନା ସ୍ୱାଇଁଙ୍କ ସ୍ମୃତିରେ ଏହାକୁ ପ୍ରସ୍ତୁତ କରିଛନ୍ତି। ଆଲୋକ କୁମାର କହିଛନ୍ତି, ବିଭିନ୍ନ କାରଣରୁ ସବୁ ପିଲାମାନେ ଲାଇବ୍ରେରୀ



ବକୁଳ ବହି ବାଇକ୍‌କୁ ସିପି ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଅନ୍ୟ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

### ଆଇଟି ଇଞ୍ଜିନିୟର ଆଲୋକ କୁମାରଙ୍କ ନିଆରା ପ୍ରୟାସ

ଆସି ପାରୁନାହାନ୍ତି। ସେମାନଙ୍କ ପାଖେ କିଭଳି ପୁସ୍ତକ ପହଞ୍ଚିପାରିବ ସେଥିପାଇଁ ଏହା ପ୍ରସ୍ତୁତ କରାଯାଇଛି। ମୁଁ ବକୁଳରେ ୭ବର୍ଷ ହେବ ସ୍ୱେଚ୍ଛାସେବୀ ଭାବେ କାମ କରୁଛି। ବର୍ଷେ ତଳରୁ ଏହା କରିବାକୁ ଚିନ୍ତା କରିଥିଲୁ। ମାତ୍ର ଏହି ମାସରେ ପ୍ରସ୍ତୁତି ସରିବା ପରେ ଏବେ ଉଦ୍‌ଘାଟନ ହେଲା। ଏହା ଏକ ଟ୍ରଲି ପରି। ପଛ ଭାଗକୁ ବାକ୍ସ ଭଳି କନଭର୍ଟ କରିଛୁ। ଥାକ ଭିତରେ ବିଭିନ୍ନ ପ୍ରକାର ବହି ରଖିଛୁ। ଯାହାର ଯେଉଁ ପୁସ୍ତକ ପସନ୍ଦ ସେ ତାହା ନେଇ ପଢ଼ିପାରିବେ। ଆଗକୁ ଏହା ଉପରେ ଅଧିକ କାମ କରିବୁ। ସପ୍ତାହରେ କୌଣସି ଗୋଟିଏ ଦିନ ଦେଖି ଆମେ ବସ୍ତିଗୁଡ଼ିକୁ ଯିବୁ।

## ରେଳଷ୍ଟେଶନ ନିକଟରୁ ଅଚିହ୍ନା ମୃତଦେହ ଜବତ

**ଭୁବନେଶ୍ୱର,୮।୧୦ (ସୂର୍ଯ୍ୟକାନ୍ତ ବେହେରା):** ଭୁବନେଶ୍ୱର ରେଳ ଷ୍ଟେଶନର ୬ ନମ୍ବର ପ୍ଲାଟ୍‌ଫର୍ମର ବାହାର ପାର୍ଶ୍ୱରୁ ଶନିବାର ରାତି ସାଢେ ୧୧ଟାରେ ଜଣେ ଅଚିହ୍ନା ଲୋକଙ୍କ ମୃତଦେହ ମିଳିଛି। ତେବେ ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ଜିଆର୍‌ପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖି ଘଟଣାର ତଦନ୍ତ ଚଳାଇଛି। ଅପରପକ୍ଷେ ମୃତ ବ୍ୟକ୍ତିଙ୍କ ବେଶ ପୋଷାକରୁ ସେ ଜଣେ ବାବାଜୀ ବୋଲି ଜଣାପଡୁଛି।

## ମୋ ବସ୍‌ରେ ଯାତ୍ରୀଙ୍କୁ ନକଲି ଟିକେଟ ଦେଇ ଟଙ୍କା ଆତ୍ମସାତ, କଣ୍ଡକ୍ଟର ଗିରଫ

**ଭୁବନେଶ୍ୱର,୮।୧୦ (ସୂର୍ଯ୍ୟକାନ୍ତ ବେହେରା) :** ମୋ ବସ୍‌ରେ ଯାତ୍ରୀମାନଙ୍କୁ ନକଲି ଟିକେଟ ଦେଇ ଟଙ୍କା ହଡପ କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଜଣେ କଣ୍ଡକ୍ଟରଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ନାରାୟଣ ଜେନା (୨୪)। ନାରାୟଣ ପୁରୀ-ଭୁବନେଶ୍ୱର ମଧ୍ୟରେ ଚଳାଚଳ କରୁଥିବା ଏକ ମୋ ବସ୍‌ରେ ଗାଇଡ୍ ବା କଣ୍ଡକ୍ଟର ଭାବେ କାର୍ଯ୍ୟକରୁଥିଲେ। ସେ ଦିଆଯାଇଥିବା ମେଶିନରୁ ଯାତ୍ରୀମାନଙ୍କୁ ଟିକେଟ ନ ଦେଇ ନକଲି ଟିକେଟ ଦେଉଥିଲେ। ଉକ୍ତ ଅର୍ଥକୁ ସେ ମୋ'ବସ ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା କ୍ରୁଟ୍‌କୁ ନ ଦେଇ ନିଜ ପକେଟରେ ପୂରାଉଥିଲେ। ଏନେଇ ସୂଚନା ପାଇବା ପରେ ଉକ୍ତ ସଂସ୍ଥାର ଏକ ଯାଞ୍ଚକାରୀ ଦଳର ସଦସ୍ୟମାନେ ଗତ ୪ ତାରିଖରେ ଯାତ୍ରୀ ବେଶରେ ଉକ୍ତ ବସ୍‌ରେ ଯାତ୍ରା କରିଥିଲେ। ଅଭିଯୁକ୍ତ ନାରାୟଣ ସେମାନଙ୍କୁ ନକଲି ଟିକେଟ ଦେଇଥିଲେ। ଉକ୍ତ ଟିକେଟକୁ ଯାଞ୍ଚ କରାଯିବା ପରେ ତାହା ନକଲି ବୋଲି ସ୍ପଷ୍ଟ ହୋଇଥିଲା। ନିରଞ୍ଜନ ଏପରି ନକଲି ଟିକେଟ ଦେଇ ଏ ବାବଦ ଅର୍ଥକୁ ନିଜେ ଆତ୍ମସାତ୍ କରିଥିବା ଜଣାପଡିବା ପରେ ପଟିଆସ୍ଥିତ ବସ୍ ଅପରେଟ ମ୍ୟାନେଜର ଏମ.ଜୟନ୍ତ କୁମାର ଥାନାରେ ଅଭିଯୋଗ କରିଥିଲେ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅମ୍ରିତା


@ ଲିପୁନ୍


@ ପୁରୁଷୋତ୍ତମ


@ ଦିଲୀପ


@ ଶ୍ରାବଣୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଦର୍ଶକଙ୍କ ଭାଗୀଦାରିତା ନାଟକ କ୍ଷେତ୍ରକୁ ଉତ୍ସାହିତ କରିବ

**ଯେଉଁଠି ଦିନେ ନାଟକ ଶିକ୍ଷା ନେଇଥିଲେ ଆଜି ସେହି ଅନୁଷ୍ଠାନର ନିର୍ଦ୍ଦେଶକ ହୋଇଛନ୍ତି ଅଭିନେତା ଚିତ୍ତରଞ୍ଜନ ତ୍ରିପାଠୀ। ଓଡ଼ିଆ ଏବଂ ହିନ୍ଦୀ ସିନେମା ଜଗତରେ ଖୁବ୍ ଜଣାଶୁଣା ଚେହେରା ଚିତ୍ତରଞ୍ଜନ ଏବେ ପ୍ରଥମ ଓଡ଼ିଆ ଭାବେ ନ୍ୟାଶନାଲ୍ ସ୍କୁଲ ଅଫ୍ ଡ୍ରାମା(ଏନ୍ଏସ୍‌ଡି)ର ନିର୍ଦ୍ଦେଶକ ଭାବେ ଗୁରୁଦାୟିତ୍ୱ ବହନ କରି ଓଡ଼ିଶା ପାଇଁ ଗର୍ବ ପାଲଟିଛନ୍ତି। ଭଦ୍ରକ ଜିଲ୍ଲା ଚାନ୍ଦବାଲି ଏନ୍ଏସି ଅଧୀନ ବାଲିଗାଁରେ ଜନ୍ମିତ ତ୍ରିପାଠୀ ଓଡ଼ିଆ ଚଳଚ୍ଚିତ୍ର ଧଉଳୀ ଏକ୍ସପ୍ରେସ୍, ମୁଖ୍ୟମନ୍ତ୍ରୀ, ନେଟ୍‌ଫ୍ଲିକ୍ସରେ ପ୍ରସାରିତ ୱେବ୍‌ସିରିଜ୍ ସାକ୍ରେଡ୍ ଗେମ୍ସ, ହିନ୍ଦୀ ଫିଲ୍ମ ତେରା ମେରା ଟେଢ଼ା ମେଢ଼ା, ଇନ୍ଦୁ କି ଜୱାନୀ, ଛପକ୍, ଏ ମନସୁନ୍ ଡେଟ୍, ସିରିଜ୍ ଝୋଲାଛାପ୍ ଭଳି ଅନେକ ଫିଲ୍ମ, ସିରିଜ୍‌ରେ ଦମ୍‌ଦାର ଅଭିନୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ନୂଆଦିଲ୍ଲୀରେ ସୂତ୍ରଧର ନାମକ ଏକ ନାଟକ ସଂସ୍ଥା ଗଠନ କରି ଦୀର୍ଘ ୨୬ବର୍ଷ ହେବ ନାଟକ ଯାତ୍ରା ଜାରି ରଖିଛନ୍ତି। ତାଙ୍କ ସହ ଏଥରର ଧରିତ୍ରୀ ଆଳାପ।**

**– ସାକ୍ଷାତ୍: ଶର୍ମିଷ୍ଠା ପାଣିଗ୍ରାହୀ**


ଚିତ୍ତରଞ୍ଜନ ତ୍ରିପାଠୀ

**ଏନ୍ଏସ୍‌ଡିର ପ୍ରଥମ ଓଡ଼ିଆ ନିର୍ଦ୍ଦେଶକ। ଏହି ଗୁରୁଦାୟିତ୍ୱକୁ କିପରି ସମ୍ପାଦନ କରିବେ?**

■ କ୍ରିଏଟିଭିଟି, କ୍ରିଏଟିଭ୍ ଇନ୍‌ପୁଟ୍‌ସ, ଟ୍ରେନିଙ୍ଗ, ଫିଲ୍ଡ ଏକ୍ସପେରିଏନ୍ସ, କ୍ରିଏଟିଭ୍ ଫ୍ରିଡମ୍ ଏବଂ ନୀତିନିୟମ ହିସାବରେ ସବୁ କ୍ଷେତ୍ରକୁ ନ୍ୟାୟ ଦେବାକୁ ଚେଷ୍ଟା କରିବି। ଏନ୍ଏସ୍‌ଡିର ଯେଉଁ ଲେଗାସି ଅଛି, ତା'ଛଡ଼ା ବର୍ତ୍ତମାନର ଟେକ୍ନୋଲୋଜିର ଡେଭଲପ୍‌ମେଣ୍ଟକୁ ନେଇ କିପରି ଦର୍ଶକଙ୍କ ପାଇଁ ନାଟକ କ୍ଷେତ୍ର ଅଧିକ ବ୍ୟାପକ ତଥା ଫଳପ୍ରଦ ହୋଇପାରିବ ତାହାକୁ ଗୁରୁତ୍ୱ ଦେବି।

**ଓଡ଼ିଶା ପାଇଁ କିଛି କରିବାକୁ ଚିନ୍ତା କରିଛନ୍ତି କି?**

■ ଏହା ନ୍ୟାଶନାଲ୍ ସ୍କୁଲ ଅଫ୍ ଡ୍ରାମା। ଏହି ଜାତୀୟ ପ୍ରତିଷ୍ଠାନଟି କୌଣସି ଏକ ରାଜ୍ୟ ପାଇଁ ନୁହେଁ, ପୂରା ଦେଶ ଲାଗି ପ୍ରତିଷ୍ଠା ହୋଇଛି। ଜଣେ ଓଡ଼ିଆ ନିର୍ଦ୍ଦେଶକ ଭାବେ ଯେ ମୁଁ ପକ୍ଷପାତିତା କରି ୫ଜଣଙ୍କୁ ନେଇ ଆସିବି ତାହା ହେବ ନାହିଁ। ହଁ ଓଡ଼ିଶାରେ ନାଟକ ଶିକ୍ଷା ପାଇଁ ୱାର୍କଶପ୍ ସଭଳି କିଛି କାର୍ଯ୍ୟକ୍ରମ କରାଯାଇପାରିବ। କାରଣ ଏନ୍ଏସ୍‌ଡି ପକ୍ଷରୁ ଆମ ରାଜ୍ୟରେ ଯେତିକି କାମ ହେବା କଥା ଅନ୍ୟ ରାଜ୍ୟ ତୁଳନାରେ ହୋଇନାହିଁ। ମାତ୍ର ସମସ୍ତଙ୍କ ପ୍ରତି ସମାନ ମନୋଭାବ ରଖି ନିୟମ ଭିତରେ ହିଁ ମୋତେ ଏହାର ସୁପରିଚାଳନା କରିବାକୁ ପଡ଼ିବ।

**ଓଡ଼ିଶାରେ ନାଟ୍ୟ ଶିକ୍ଷା ପରିସର ସମ୍ପର୍କରେ କ'ଣ କହିବେ?**

■ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ କୁହନ୍ତୁ କି ଅନ୍ୟ ଅନୁଷ୍ଠାନଗୁଡିକ ପ୍ରଶିକ୍ଷଣ ଦେଉଛନ୍ତି। ଏକ୍ସପର୍ଟ ମଧ୍ୟ ଆସୁଛନ୍ତି। ପ୍ରକୃତ ଘଟଣା ହେଉଛି, କଳାକାରଙ୍କୁ ସାମ୍ନାକୁ ଆସିବାକୁ ସମାଜ ତରଫରୁ ଭାଗିଦାରୀର ଆବଶ୍ୟକତା ରହିଛି। ଯେ ପର୍ଯ୍ୟନ୍ତ କଳାକାରଟିଏ ସିନେମାରେ ଆସି ପରଦାରେ ଚମ୍‌କି ନାହିଁ, ସେଯାଏ ତାଙ୍କୁ ଆମେ ଅବହେଳା କରନ୍ତି। ତା'ଛଡ଼ା ଲୋକମାନେ ନାଟକ ପ୍ରତି ଉତ୍ସାହିତ ହେବା ଆବଶ୍ୟକ। ଯାହା ବି ନାଟକ ଆସୁଛି ଦେଖିବାକୁ ଯିବା ଦରକାର। କଣ୍ଟେଣ୍ଟ ଭଲ ହୋଇ ନ ଥିଲେ ମଧ୍ୟ ସୁପରଷ୍ଟାରଙ୍କୁ ଦେଖି ଲୋକ ଆସନ୍ତି ନାଟକ ଦେଖିବାକୁ। ଆମେ ଚିରାଚରିତ ଢଙ୍ଗରେ ଖାଲି ସମାଲୋଚନା କରିଦେଉ। ସେମିତି ନୁହେଁ ଯେ, କିଛି ହେଉନି। ଲୋକେ ମରିମରି, ତିଳତିଳ ଜଳିଜଳି କାମ କରୁଛନ୍ତି, ମାତ୍ର ତାଙ୍କୁ ସେମିତି ରେସପନ୍ସ ମିଳୁନି। ତେଣୁ ଏ କ୍ଷେତ୍ରରେ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦର୍ଶକଙ୍କ ସହଯୋଗ ବା ଭାଗୀଦାରିତା ହିଁ ନାଟକ କ୍ଷେତ୍ରକୁ ଉତ୍ସାହିତ କରିବ।

**୨/୪ଟି ଓଡ଼ିଆ ନାଟକରେ ଦର୍ଶକ ହାଉସ୍‌ଫୁଲ୍ ହୋଇଛନ୍ତି। କିନ୍ତୁ ସବୁ ନାଟକ କ୍ଷେତ୍ରରେ ଏପରି କାହିଁକି ହେଉନାହିଁ?**

■ ଭଲ ପ୍ରଶ୍ନ ଟିଏ। ଆପଣ ଯଦି ସେ ନାଟକର ପରଦା ପଛର ମଣିଷକୁ ଦେଖିବେ, ଜାଣିପାରିବ ତାହା କାହିଁକି ହାଉସ୍‌ଫୁଲ୍। ଗୋଟିଏ କର୍ପୋରେଟ୍ ସଂସ୍ଥା ନାଟକ କରୁ କିମ୍ୱା ସେଲିବ୍ରିଟିଙ୍କୁ ନେଇ ନାଟକ ହେଉ, ସେ ସବୁକୁ ଲୋକେ ଦେଖିବାକୁ ନିହାତି ଆସିବେ। ସମସ୍ତେ ତ ସେଭଳି ନାଟକ କରିପାରୁ ନାହାନ୍ତି। ମାସରେ ଥରେ ବି ତ ସେଭଳି ହାଉସ୍‌ଫୁଲ୍ ନାଟକ ହୋଇପାରୁନି। ସେମାନଙ୍କୁ ସାଧୁବାଦ ଏଭଳି ଇନଭେଷ୍ଟ କରି ନାଟକ କରିପାରିଛନ୍ତି। ମାତ୍ର ଯେଉଁମାନେ ଅନେକ କଷ୍ଟକରି ଦୀର୍ଘବର୍ଷ ହେବ କାମ କରୁଛନ୍ତି ସେମାନଙ୍କୁ ଲୋକଙ୍କ ତରଫରୁ ସେଭଳି ଉତ୍ସାହ ମିଳିପାରୁନାହିଁ।

**ଏନ୍ଏସ୍‌ଡିରେ ଓଡ଼ିଆ ପିଲାଙ୍କ ସଂଖ୍ୟା କମ୍ କାହିଁକି?**

■ ଯେ ଯେମିତି ପରିଶ୍ରମ କଲା, ଟ୍ୟାଲେଣ୍ଟ ଦେଖାଇଲା, ସେ ସେମିତି ସୁଯୋଗ ପାଇଲା। ଓଡ଼ିଶାରୁ ବୋଲି ଯେ ସୁଯୋଗ ପାଉନାହାନ୍ତି ସେମିତି ନୁହେଁ। ଯେହେତୁ ଏହା ଏକ ରାଷ୍ଟ୍ରୀୟ ସ୍ତରର ଅନୁଷ୍ଠାନ ସେମିତି ପ୍ରଦର୍ଶନ ମଧ୍ୟ ରଖିବା ଆବଶ୍ୟକ।

**ନାଟକ ପଢ଼ିଥିବା ପିଲା ସିନେମା କ୍ଷେତ୍ରରେ କାହିଁକି ଅଧିକ ପରିଚୟ ପାଉଛନ୍ତି?**

■ ନାଟକ ହେଉ କି ସିନେମା, ପିଲାଟିଏ ସେଠାକୁ ଯାଇ ସେହି ଅଭିନୟ ହିଁ କରୁଛି। ଯିଏ ବି ନାଟକରେ ପାଠପଢି ଯାଉଛି, ସେ ତ ଆଗ ଷ୍ଟାର୍ ହୋଇ ଯାଉନାହିଁ ନା। ୧୦/୧୫ବର୍ଷ ପରେ ସେ ଯେତେବେଳେ ସିନେମାକୁ ଆସୁଛନ୍ତି, ସେତେବେଳେ ଲୋକେ କୁହନ୍ତି ଆରେ ସିଏ ସିନେବାକୁ ପଳାଇ ଆସିଲେ। ମାତ୍ର ସେହି ୧୫ବର୍ଷରେ ସେ କ'ଣ କରିଛନ୍ତି, ତାହାର ହିସାବ କାହା ପାଖରେ ନ ଥିବ। କାରଣ ତାହା ନନ୍ ଗ୍ଲାମର୍ସ ଦୁନିଆ। ତେଣୁ ସମାଜ ଆଖିରେ ଯେ ପର୍ଯ୍ୟନ୍ତ କିଛି ହୋଇନ, ତୁମ ବିଷୟରେ କେହି କଥା ହେବେନାହିଁ। ଆଜିକାଲି ଘରେ ଘରେ ଓଟିଟି ପହଞ୍ଚିଲାଣି। ଯଦି ମୋ ପାଖରେ ଦକ୍ଷତା ଅଛି ତ ମୁଁ ଚାହିଁବି ନା ଲୋକଙ୍କ ଆଗକୁ ଆସିବାକୁ। ସେମିତି ନୁହଁ ଯେ, ନାଟକ ପଢ଼ିଥିବା କେହିଜଣେ ନାଟକ କରୁନାହାନ୍ତି। ବହୁତ ଜଣ କରୁଛନ୍ତି, ମାତ୍ର ସେମାନଙ୍କୁ ଜାଣିବାକୁ କାହା ପାଖରେ ଆଗ୍ରହ ନାହିଁ।

**ପିଲାବେଳୁ ଏହି କ୍ଷେତ୍ରରେ ଆସିବାକୁ ଇଚ୍ଛା ରଖିଥିଲେ କି?**

■ ଛୋଟବେଳୁ ନାଟକରେ ଅଭିନୟ କରିବାକୁ ଭଲ ଲାଗୁଥିଲା। ମାତ୍ର ସାହସ ନ ଥିଲା କହିବାକୁ। ମନେ ମନେ ଭାବୁଥିଲି ମୁଁ ଦିନେ ଏଇସବୁ କରନ୍ତି କି।

**ପ୍ରିୟ ଖାଦ୍ୟ?**

■ ଭାତ, ଡାଲି, ଆଳୁ ଭଜା ନ ହେଲେ ଆଳୁ ଚକଟା

**ଅବସର ସମୟରେ କ'ଣ କରନ୍ତି?**

■ ପରିବାର ପାଇଁ ସମୟ ଦିଏ।

## ସଂକ୍ଷେପରେ

### ଦାଦା ବଟି ମାଗି ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୮।୧୦ (ସୂର୍ଯ୍ୟକାନ୍ତ ବେହେରା):** ନିଶା ସେବନ ପାଇଁ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ଥିବା ଦୋକାନୀମାନଙ୍କୁ ଡରାଇ ଧମକାଇ ଦାଦାବଟି ମାଗିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲିପାଟଣା ଥାନା ଅଞ୍ଚଳର ସନ୍ତୋଷ ସେଠୀ। ସନ୍ତୋଷ ପୂର୍ବରୁ ଖାରବେଳନଗର ଓ ବାଲିପାଟଣା ଥାନାରେ ଥିବା ୮ଟି ଅପରାଧିକ ମାମଲାରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ। ଅଭିଯୁକ୍ତ ଅଭ୍ୟାସଗତ ଭାବରେ ଅପରାଧରେ ସମ୍ପୃକ୍ତ ରହୁଥିବାରୁ ତାଙ୍କ ବିରୋଧରେ ସିଆରପିସି-୧୧୦ ଧାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ପଦକ୍ଷେପ ନିଆଯିବ ବୋଲି ପୋଲିସ କହିଛି। ଅଭିଯୁକ୍ତ ସନ୍ତୋଷ ଜଣେ ବିରିୟାନୀ ଦୋକାନୀଙ୍କୁ ଟଙ୍କା ମାଗିଥିଲେ। ମାତ୍ର ନ ପାଇବାରୁ ସେ ଉକ୍ତ ଦୋକାନୀଙ୍କୁ ତଳେ ପକାଇ ନିସ୍ତୁକ ମାଡ଼ ମାରିଥିଲେ। ଏନେଇ ଦୋକାନୀ ଜଣକ ଥାନାରେ ଅଭିଯୋଗ କରିଥିଲେ।

### ରୁମ୍‌ମେଟ୍‌ର ଜିନିଷ ଚୋରି କରି ଯୁବକ ଗିରଫ

**ଭୁବନେଶ୍ୱର,୮।୧୦ (ସୂର୍ଯ୍ୟକାନ୍ତ ବେହେରା) :** ଭଡାରେ ଗୋଟିଏ ରୁମ୍‌ରେ ରହୁଥିଲେ, ଖାଉଥିଲେ। ମଜାମସ୍ତି ବି କରୁଥିଲେ। ପରେ ରୁମମେଟ୍ ସହିତ ବିଶ୍ୱାସଘାତକ କରି ଜିନିଷ ଚୋରି କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗଞ୍ଜାମର ଅମିର ପାଢୀ (୩୬)। ତାଙ୍କଠାରୁ ଗୋଟିଏ ବାଇକ ଓ ଗୋଟିଏ ମୋବାଇଲ ଜବତ ହୋଇଛି। ସୂଚନାନୁସାରେ, ଅଭିଯୋଗକାରୀ ଫିରୋଜ ଅହମ୍ମଦ ଓ ଅଭିଯୁକ୍ତ ଅମିର କୋଳଥିଆରେ ଏକତ୍ର ଭଡାରେ ରହୁଥିଲେ। ଗତ ୩ ତାରିଖରେ ଫିରୋଜ ଶୋଇଥିବାବେଳେ ଅଭିଯୁକ୍ତ ତାଙ୍କ ମୋବାଇଲ ଫୋନ, ହେଲମେଟ ଓ ମୋଟରସାଇକେଲ ଚାବି ଚୋରି କରିବା ପରେ ବାହାରେ ଥିବା ତାଙ୍କର ମୋଟରସାଇକେଲକୁ ଧରି ପଳାଇଥିଲେ। ଏନେଇ ଫିରୋଜ ଥାନାରେ ଅଭିଯୋଗ କରିଥିଲେ।

### ଫ୍ୟାନ୍‌ରେ ଗାମୁଛା ବାନ୍ଧି ଆତ୍ମହତ୍ୟା

**ନିରାକାରପୁର,୮।୧୦(ମାନସ ଚନ୍ଦ୍ର ପଟ୍ଟନାୟକ):** ଫ୍ୟାନ୍‌ରେ ଗାମୁଛା ବାନ୍ଧି ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ କଁପୁର ପଞ୍ଚାୟତ ମଳିପଡା ଗ୍ରାମର ରାକେଶ କଳସ। ଶନିବାର କୌଣସି କାରଣକୁ ନେଇ ରାକେଶ ଘର କବାଟ ଭିତର ପଟୁ ବନ୍ଦ କରିଦେଇଥିଲେ। ରାତି ପ୍ରାୟ ୧୦ଟାରେ ଖାଇବା ପାଇଁ ରାକେଶଙ୍କୁ ପରିବାରଲୋକେ ଡାକିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ପରେ ପରିବାର ଲୋକେ କବାଟ ଭାଙ୍ଗିବା ବେଳେ ରାକେଶ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଗୁରୁତର ଅବସ୍ଥାରେ ପରିବାରଲୋକେ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସୁନ୍ଦର ବିଶ୍ୱ ଗଠନରେ ସହାୟକ ହେବ ଛାୟା ଜାତିସଂଘ

**ଭୁବନେଶ୍ୱର, ୮।୧୦(ଅସମାପିକା ସାହୁ)**

କିଟ୍ ବିଶ୍ୱବିଦ୍ୟାଳୟରେ ଚାଲିଥିବା କିଟ୍ ଇଣ୍ଟରନ୍ୟାସନାଲ ମଡେଲ ୟୁନାଇଟେଡ୍ ନେସନ୍ସ(ଏମୟୁଏନ୍)ର ୧୧ଶ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଦେଶବିଦେଶର ୫ଶହ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ୧୩ଶହରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ। ଏଥିମଧ୍ୟରୁ ନାଇଜେରିଆ, ସୋମାଲିଆ, ବାଂଲାଦେଶ, ସିରିଆ, ଇଥିଓପିଆ, ଟୋଗୋ ଓ ଇଣ୍ଡୋନେସିଆ ଆଦି ଦେଶର ଛାତ୍ର ପ୍ରତିନିଧି ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଟୋଗୋ ଉଚ୍ଚଶିକ୍ଷା ଓ ଗବେଷଣା ମନ୍ତ୍ରାଳୟର ସ୍କଲାରସିପ୍ ଓ ଇଣ୍ଟର୍ନସିପ୍ ବିଭାଗର ନିର୍ଦ୍ଦେଶକ କୋମଲା ଏ. ଜେରିସ୍ ଜୋଗବେମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୂଆଦିଲ୍ଲୀସ୍ଥିତ ଟୋଗୋ ଦୂତାବାସର ଭାରପ୍ରାପ୍ତ ଅଧିକାରୀ ୟାଖା ଏଡେମ୍ ଆକପେମାଡୋ ଯୋଗ ଦେଇଥିଲେ। ଏହି ଛାୟା ଜାତିସଂଘର ବିଷୟବସ୍ତୁ ଥିଲା 'ଏନ୍‌ଗେଜ୍ ଟୁ ଏମ୍ପାୱାର'।



କିଟ୍ ଇଣ୍ଟରନ୍ୟାଶନାଲ ମଡେଲ ୟୁନାଇଟେଡ୍ ନେସନ୍ସର ଉଦ୍‌ଯାପନ ଅବସରରେ ଅତିଥିମାନେ।

ଏହା ଯୁବଗୋଷ୍ଠୀ ମଧ୍ୟରେ ସଶକ୍ତିକରଣ ଏବଂ ଅଭିବୃଦ୍ଧିକୁ ସୁଗମ କରିବା ସହ ଭବିଷ୍ୟତର ଏକ ସୁନ୍ଦର ବିଶ୍ୱ ଗଠନ ଦିଗରେ ସହାୟକ ହେବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, କିଟ୍ ଆନ୍ତର୍ଜାତିକ ଏମୟୁଏନ୍ ହେଉଛି ଏସିଆ ମହାଦେଶର ସବୁଠାରୁ ବଡ଼ ଛାୟା ଜାତିସଂଘ। ଛାୟା ଜାତିସଂଘ ମାଧ୍ୟମରେ ଛାତ୍ରଛାତ୍ରୀ ବିଶ୍ୱର ପ୍ରମୁଖ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଏହାର ସମାଧାନ ପାଇଁ ଆଲୋଚନା ଜରିଆରେ ପନ୍ଥା ନିର୍ଦ୍ଧାରଣ କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। କିଟ୍-ଏମୟୁଏନ୍‌ରେ ୩୨ଜଣ କାର୍ଯ୍ୟକାରିଣୀ ବୋର୍ଡ ସଦସ୍ୟ ଥିବାବେଳେ ଏଥିରେ ଇଣ୍ଡୋନେସିଆ ଏବଂ ବାଂଲାଦେଶର ଛାତ୍ର ପ୍ରତିନିଧି ରହିଥିଲେ। କିଟ୍ ଏମୟୁଏନ୍‌ର ମହାସଚିବ ସୀତେଶ ସିଂହ ଏହି ଛାୟା ଜାତିସଂଘର ଅଧ୍ୟକ୍ଷତା କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିଟ୍ ବିଶ୍ୱବିଦ୍ୟାଳୟ ଅନ୍ତର୍ଜାତୀୟ ସମ୍ପର୍କ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ, ଅତିରିକ୍ତ କୁଳସଚିବ ଡା. ଶ୍ୟାମ ସୁନ୍ଦର ବେହୁରା ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରିମ୍‌ସରେ ପୂଜ୍ୟପୂଜା ସମାରୋହ

**କଟକ,୮।୧୦ (କାର୍ତ୍ତିକ ସାହୁ)**

**୫ ଜଣଙ୍କୁ ମିଳିଲା 'ଧନେଶ୍ୱର ରଥ ସ୍ମୃତି ସମ୍ମାନ'**

ଧନେଶ୍ୱର ରଥ ଫାଉଣ୍ଡେଶନ୍ ପକ୍ଷରୁ କର୍ମଯୋଗୀ ଧନେଶ୍ୱର ରଥଙ୍କ ଊନବିଂଶତିତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ 'ପୂଜ୍ୟପୂଜା ସମାରୋହ' ଟାଙ୍ଗୀସ୍ଥିତ ଡ୍ରିମ୍ସ ଶିକ୍ଷାନୁଷ୍ଠାନର ଇନ୍ଦ୍ରଧନୁ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ଧନେଶ୍ୱର ରଥ ଫାଉଣ୍ଡେଶନ୍‌ର ଅଧ୍ୟକ୍ଷ ଇଂ. ଲଳିତ ମୋହନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ବିଶ୍ୱାତ୍ମା ଚେତନା ପରିଷଦର ଅଧ୍ୟକ୍ଷ ସ୍ୱାମୀ ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀ ଯୋଗଦେଇଥିଲେ। ଏହି ଅବସରରେ ବିଚ୍ଛୁରିତ କୁଳପତି ପ୍ରଫେସର ଡ. ଅମିୟ କୁମାର ରଥ, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡ. ବିଜୟାନନ୍ଦ ସିଂହ, ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀ ଗୁରୁ ଅଖିଳ କୁମାର ଲେଙ୍କା, ସାମାଜିକ କର୍ମୀ କବିତା ମହାପାତ୍ର ଓ ଆନ୍ତର୍ଜାତିକ ଖାଡ଼ିସେନ୍ସ କ୍ରୀଡ଼ାବିତ୍ ଅନୀଲ କୁମାର ଗୋଛିକାରଙ୍କୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ସ୍ମରଣିକା 'ଅମୃତ ଅନୁଭବ' ଉନ୍ମୋଚିତ ହୋଇଥିଲା। ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ କଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ପ୍ରଫେସର ଡା. ବିରଞ୍ଚି ନାରାୟଣ ଦାଶ, ପ୍ରଫେସର ସୁଶାନ୍ତ କୁମାର ଦାସ, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରମୁଖ ଉପସ୍ଥିତ ଥିଲେ। ଫାଉଣ୍ଡେଶନ୍‌ର ଆବାହକ ନିରାକାର ସାହୁ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ୍ ମହାପାତ୍ର ଧନ୍ୟବାଦ ଦେଇଥିଲେ।


ଟାଙ୍ଗୀସ୍ଥିତ ଡ୍ରିମ୍ସ ଶିକ୍ଷାନୁଷ୍ଠାନରେ ଆୟୋଜିତ ପୂଜ୍ୟପୂଜା ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

# ଜାତୀୟ ସାଂସ୍କୃତିକ ସାହିତ୍ୟ, କଳା ଉତ୍ସବରେ ଓଡ଼ିଆ ଛାତ୍ରୀଛାତ୍ରଙ୍କ ସଫଳତା



**ଭୁବନେଶ୍ୱର, ୮।୧୦(ଅସମାପିକା ସାହୁ)**

ଉତ୍ତରାଖଣ୍ଡସ୍ଥିତ ଡେରାଡୁନଠାରେ ଆୟୋଜିତ ଚତୁର୍ଥ ଜାତୀୟ ସାଂସ୍କୃତିକ ସାହିତ୍ୟ ଓ କଳା ଉତ୍ସବରେ ଓଡ଼ିଆ ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିବା ସହ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଗତ ୩ରୁ ଆରମ୍ଭ ହୋଇ ୬ତାରିଖ ଯାଏ ଚାଲିଥିବା ଏହି ଉତ୍ସବରେ ଦେଶର ୨୨ଟି ରାଜ୍ୟରୁ ୨ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏଥିରେ ଓଡ଼ିଶାରୁ ଏକଲବ୍ୟ ବିଦ୍ୟାଳୟର ୫୬ଜଣ ଛାତ୍ରୀଛାତ୍ର ପ୍ରାୟ ୩୧ଟି ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ୨୧ଜଣ କୃତିତ୍ୱ ଅର୍ଜନ କରିଛନ୍ତି। ରବିବାର ଓଡ଼ିଶା ମଡେଲ ଆଦିବାସୀ ଶିକ୍ଷା ସମାଜ କାର୍ଯ୍ୟାଳୟ ପରିସରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର କମିଶନର ରୁପା ରୋଶନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଧିକରୁ ଅଧିକ ପ୍ରତିଯୋଗିତାରେ ଭାଗ ନେବା ପାଇଁ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ। ବିଭାଗୀୟ ନିର୍ଦ୍ଦେଶକ ତଥା ଓଡ଼ିଶା ମଡେଲ ଆଦିବାସୀ ଶିକ୍ଷା ସମାଜ ସଚିବ ଇନ୍ଦ୍ରମଣି ତ୍ରିପାଠୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅତିରିକ୍ତ ଶାସନ ସଚିବ ନାରାୟଣ ଧଳ, ପ୍ରଣତି ପାତ୍ର ତଥା ଓଡ଼ିଶା ମଡେଲ ଆଦିବାସୀ ଶିକ୍ଷା ସମାଜର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

# ଉତ୍ତରପୁରୁଷ ପକ୍ଷରୁ ସମ୍ମାନିତ ହେବେ ୩ ବ୍ୟକ୍ତିତ୍ୱ

**ଭୁବନେଶ୍ୱର,୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ):** ନାଟ୍ୟସଂସ୍ଥା ଉତ୍ତରପୁରୁଷର ବାର୍ଷିକ ସାଧାରଣ ପରିଷଦ ବୈଠକ ରବିବାର ଉତ୍କଳ କରାଟେ ସ୍କୁଲ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ପ୍ରସନ୍ନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଦେବଦତ୍ତ ପତି, କୋଷାଧ୍ୟକ୍ଷ ଡ. ଚକ୍ରଧର ପାତ୍ର, ବରିଷ୍ଠ ସଭ୍ୟ ରାହସ ବିହାରୀ ବେହେରା ଓ ପ୍ରତିଷ୍ଠାତା ସଭ୍ୟ ହରି ପ୍ରସାଦ ପଟ୍ଟନାୟକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଭ୍ୟ ଯୋଗ ଦେଇଥିଲେ। ଆଗାମୀ ନାଟକ ପରିକ୍ରମା ୨୦୨୪ ଅବସରରେ ନାଟକ କ୍ଷେତ୍ରରେ ୩ଜଣଙ୍କୁ ଉତ୍ତରପୁରୁଷ ସମ୍ମାନ, ଅସୀମ ବସୁ ସମ୍ମାନ ଓ ଗୌରୀଶ୍ୟାମ ମହାପାତ୍ର ସମ୍ମାନ ପ୍ରଦାନ କରାଯିବ। ଏଥିସହ ନାଟକ କ୍ଷେତ୍ରରେ କାମ କରୁଥିବା ବରିଷ୍ଠ ତଥା ଯୁବ ପ୍ରତିଭାଙ୍କୁ ସମ୍ମାନିତ କରାଯିବ।

# ବିଜେଡିର ଜନ ସମ୍ପର୍କ ପଦଯାତ୍ରା


ପୁରୁଣା ଭୁବନେଶ୍ୱରରେ ଜନସମ୍ପର୍କ ପଦଯାତ୍ରାରେ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

**ପୁରୁଣା ଭୁବନେଶ୍ୱର,୮।୧୦(ସୁବାସ ଚନ୍ଦ୍ର ପ୍ରଧାନ):** ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ. ୫୪ ପୁରୁଣା ଭୁବନେଶ୍ୱର ଗୋସାଗରେଶ୍ୱର ଛକଠାରୁ ରବିବାର ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ବଡ଼ଦାଣ୍ଡସାହି, ବଢେଇବାଙ୍କ, ଜମେଶ୍ୱର ପାଟଣା, ହରଚଣ୍ଡିସାହି, ଡାକବଙ୍ଗଳା ଛକଠାରେ ପହଞ୍ଚିଥିଲା। ଏଥିରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ମେୟର ସୁଲୋଚନା ଦାସ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ମଙ୍ଗଳକାରୀ ଯୋଜନା ସମ୍ପର୍କରେ କହିଥିଲେ। ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେଶନର ଉପାଧ୍ୟକ୍ଷ ଡ.ସନ୍ତୋଷ ବେଜ, ସ୍ଥାନୀୟ କର୍ପୋରେଟର ଶିବ ପ୍ରସାଦ ବେହେରା, କର୍ପୋରେଟର ବିରଞ୍ଚି ନାରାୟଣ ମହାସୂପକାର, ମହାମାୟା ସ୍ୱାଇଁ, ଚନ୍ଦ୍ର ଶେଖର ମଲ୍ଲିଆ, ଶିବ ନାରାୟଣ ରାୟ, ଅଜିତ୍ ବେହେରା, ଛବି ଦାସ, ଦୀପକ ମିଶ୍ର, ବିଧାୟକଙ୍କ ପ୍ରତିନିଧି ଦାଶରଥି ଗରାବଡୁ, ଅଞ୍ଚଳ ବଟୁ, ବିଜୁ ଯୁବ ଜନତା ଦଳ ଭୁବନେଶ୍ୱର ସଭାପତି ସମରେଶ ବେଉରା, ଏକାମ୍ର ଛାତ୍ର ସଭାପତି ଶିବପ୍ରସାଦ ମହାପାତ୍ର, ଯୁବ ସଭାପତି ରାଜେଶ ପାତ୍ର, ନଳିନୀକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ରୋଟାରି ଗାଲାକ୍ସି ପକ୍ଷରୁ ଚାରାରୋପଣ

**ଭୁବନେଶ୍ୱର, ୮।୧୦ (ବନ୍ଦନା ସେଠୀ):** ଭୁବନେଶ୍ୱର ରୋଟାରି ଗାଲାକ୍ସି ପକ୍ଷରୁ ଚନ୍ଦ୍ରଶେଖରପୁର ରେଲ୍ ବିହାର ଅଞ୍ଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୫୦ଟି ଔଷଧୀୟ ଓ ଫଳଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ଲବର ସଚିବ ବସନ୍ତ କୁମାର ତ୍ରିପାଠୀ ପରିଚାଳନା କରିଥିଲେ। ରୋଟାରିଆନ୍(ପିପି) ଇଂ. ମହେଶ କୁମାର ବେହେରା, ସାମାଜିକ କର୍ମୀ ରୋଟାରିଆନ ଚିନ୍ମୟ କୁମାର ଦାଶ, ରୋଟାରିଆନ ଲକ୍ଷ୍ମୀକାନ୍ତ ମଙ୍ଗରାଜ, ରୋଟାରିଆନ ଅରୁଣ କୁମାର ଜେନା, ଦେବସ୍ମିତା ସାହୁ, ରୋଟାରିଆନ ରାମ ରାଓ, ରୋଟାରିଆନ ଡ. କୁମୁଦ ଚନ୍ଦ୍ର ଗୋଉଡ, କ୍ଲବ ସଭାପତି ଅକ୍ଷୟ କୁମାର ମହାନ୍ତି, ପିପି ରୋଟାରିଆନ ଅଭୟ କୁମାର ମହାନ୍ତି ଅଂଶଗ୍ରହଣ କରିଥିଲେ। ପରେ ଔଷଧୀୟ ଉଦ୍ଭିଦ ବ୍ୟବହାର ଉପରେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ପ୍ରାୟ ୩୦ଜଣ ଉଦ୍ଭିଦ ପ୍ରେମୀ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।




# 'ରନ୍ଦେଭୁ -ଏ ଡେଟ୍ ୱିଥ୍ ମାଇଁ ହାର୍ଟ' ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର,୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ):** ଇଂ. ଶିବାନୀ ନନ୍ଦଙ୍କ ଇଂରାଜୀ ପୁସ୍ତକ 'ରନ୍ଦେଭୁ-ଏ ଡେଟ୍ ୱିଥ୍ ମାଇଁ ହାର୍ଟ' ଶନିବାର ସତ୍ୟନଗରସ୍ଥିତ ଏକ କନଭେନ୍‌ସନ୍ ହଲ୍‌ଠାରେ ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ତଥା ବିଶିଷ୍ଟ ଅଭିନେତା ପ୍ରଶାନ୍ତ ନନ୍ଦ ଯୋଗଦେଇ ଆଶୀର୍ବାଦ ସ୍ୱରୂପ ଲେଖିକା ନନ୍ଦଙ୍କୁ ତାଙ୍କର ପ୍ରଥମ ପୁସ୍ତକ ପାଇଁ ଅଭିନନ୍ଦନ ଦେବା ସହ ତାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଜୟ ଓଡ଼ିଶାର ପ୍ରତିଷ୍ଠାତା ରୁଦ୍ର ସାମନ୍ତରାୟ ଓ ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ ମହାପାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ପୁସ୍ତକଟିକୁ ଲେଖିକା ନନ୍ଦ ତାଙ୍କ ମା' ସ୍ନିଗ୍ଧା ନନ୍ଦଙ୍କ ନିକଟରେ ଉତ୍ସର୍ଗ କରିଥିଲେ। ପୁସ୍ତକ ବିକ୍ରୟ ଦ୍ୱାରା ଯେଉଁ ଅର୍ଥ ମିଳିବ ତାହା ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ପରିଚାଳିତ ଅନ୍ୱେଷଣ ଓଡ଼ିଶା ନାମକ ଅଣ ସରକାରୀ ସଂଗଠନକୁ ପ୍ରଦାନ କରାଯିବ। ଏହାକୁ ସମାଜର ଅତୁଳନୀୟ କାର୍ଯ୍ୟରେ ବିନିଯୋଗ କରାଯିବ ବୋଲି ଲେଖିକା ନନ୍ଦ ପ୍ରକାଶ କରିଥିଲେ।




# ପ୍ରଦର୍ଶିତ ହେଲା ୧୦ ଡିଜାଇନର୍‌ଙ୍କ ଆକର୍ଷଣୀୟ ପୋଷାକ

## ରନ୍‌ୱେ ୱିକ୍

**ଭୁବନେଶ୍ୱର,୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**



ଫ୍ୟାଶନ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ଭୁବନେଶ୍ୱର ରନ୍‌ୱେ ୱିକ୍‌ର ନବମ ସଂସ୍କରଣ ରବିବାର ଅନୁଷ୍ଠିତ ହୋଇଯାଇଛି। ମ୍ୟାନେଜମେଣ୍ଟ ନିର୍ଦ୍ଦେଶକ ଜନ୍ ଅଜୟଙ୍କ ନିର୍ଦ୍ଦେଶନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ଶ୍ରମିକ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଆଇ.ଏନ୍.ଡବ୍ଲ୍ୟୁ.ଇ.ସି.ର ଜାତୀୟ ଅଧ୍ୟକ୍ଷା ସୁକିର୍ତ୍ତୀ ପଟ୍ଟନାୟକ, ନବୀନ ଖଣ୍ଡୋଇ, ସୋମା ମହାନ୍ତି ଯୋଗଦେଇଥିଲେ। ଶୋ'ର ମୁଖ୍ୟ ଆକର୍ଷଣ ଥିଲେ ଫେମିନା ମିସ୍ ଇଣ୍ଡିଆ ୨୦୨୨ର ଦ୍ୱିତୀୟ ରନର୍ସ ଅପ୍ ସିନାତା ଚୌହାନ୍, ଫେମିନା ମିସ୍ ଇଣ୍ଡିଆ ୨୦୨୩ର ଫାଷ୍ଟ ରନର୍ସଅପ୍ ଶ୍ରେୟା ପୁଞ୍ଜା ଏବଂ ଓଲିଉଡ୍ ଅଭିନେତ୍ରୀ ଶିବାନୀ ସଙ୍ଗୀତା। ଶୋ'ରେ ୧୦ଜଣ ପ୍ରସିଦ୍ଧ ଡିଜାଇନର ନିଜର ଡିଜାଇନ୍ ପ୍ରଦର୍ଶନ କରିଥିଲେ। ତାନିଆ ରାୟଙ୍କ ଡିଜାଇନ 'ଲେଭେଲ୍ ତାନିଆ' ନବେ ଦର୍ଶକର ଫ୍ୟାଶନ୍ ଉପରେ ଆଧାରିତ ଥିଲା। ଡିଜାଇନ୍ ଡାପରଡ୍ରେଲିର ଡିଜାଇନର୍ ଦେବାଙ୍ଗିନି ବେହେରାଙ୍କ ଦ୍ୱାରା ପ୍ରଦର୍ଶିତ ଡିଜାଇନ୍‌ରେ ଏଲିଜାବେଥ୍‌ଙ୍କ ସମୟର କାଳ୍ପନିକ ଡିଜାଇନ୍ ପ୍ରଦର୍ଶନ କରାଯାଇଥିଲା। ସରିନାଙ୍କ ଦ୍ୱାରା ପ୍ରସ୍ତୁତ ଦୁଆସ କ୍ରିଏଶନ ପକ୍ଷରୁ ଗାଉନ୍ କଲେକ୍ସନ ଅନ୍ୟତମ ଆକର୍ଷଣ ଥିଲା। ସୋନାଲୀ ଡୋସନ୍‌ଙ୍କ ମାଲିକାନାରେ ଥିବା ଏ.ଜେ. ଫେସନ୍ ପୋଷାକରେ ପ୍ରେମ କାହାଣୀକୁ ଏକ ସିକ୍ୱେନ୍ସରେ ପ୍ରଦର୍ଶିତ କରାଯାଇଥିଲା । ଅସରଫ୍ ଅହମ୍ମଦ୍ ଡିଜାଇନ୍‌ର ନିର୍ଦ୍ଦେଶକ ଅସରଫ୍ ଅହମ୍ମଦ୍‌ଙ୍କ ଦ୍ୱାରା ପ୍ରସ୍ତୁତ ଗାଉନ୍‌ର ଚମତ୍କାର ସଂଗ୍ରହ ଦର୍ଶକଙ୍କୁ ବିମୋହିତ କରିଥିଲା । ଆର୍ଥ ହୁଇଜ୍ ଡିଜାଇନ ଦ୍ୱାରା ପ୍ରସ୍ତୁତ ମାୟା ଡିଜାଇନରେ ଓଡ଼ିଶାର ଆଦିବାସୀ ହସ୍ତତନ୍ତ ଭଣ୍ଡାର, ଡଙ୍ଗରିଆ ସାଲ୍, କୋଟପାଡ଼ କଟନ ଓ ସାନ୍ତାଳୀ ପରିପାଟି ବ୍ୟବହାର କରାଯାଇଥିଲା। ଲେବେଲ ରୁତୁପର୍ଣ୍ଣାଙ୍କ ଡିଜାଇନ ଲେବେଲ ରୁତୁପର୍ଣ୍ଣୋରେ ଜଙ୍ଗଲର ରହସ୍ୟମୟ ଗଭୀରତାର ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଡିଜାଇନର ସାଇକତ କୁମାରଙ୍କ ପ୍ରଦର୍ଶିତ ଡ଼ିଜାଇନ୍ ସାଇକତ ସନିରେ ଉଭୟ ମହିଳା ପୁରୁଷଙ୍କ ବରଯାତ୍ରୀ ପୋଷାକ ଓ ଆସେସୋରିଜର ସଂଗ୍ରହ ଦେଖିବାକୁ ମିଳିଥିଲା। ଅରବିନ୍ଦ ଅମ୍ପୁଲାଙ୍କ ପ୍ରଦର୍ଶିତ ଡିଜାଇନ ଅରବିନ୍ଦ ଅମ୍ପୁଲା କଚରରେ ଫ୍ଲୋରାଲ ଡିଜାଇନ ସହ ପୁଷ୍ପଗୁଚ୍ଛର ସୂକ୍ଷ୍ମ ଆକର୍ଷଣ ପାରାଡାଇଜ୍ ଥିମ୍ ରହିଥିଲା। ଏଲ୍.ସି.ଜେ. କଲେକ୍ସନ୍‌ଙ୍କ ଫେସନେବୁଲ୍ ଜୁଏଲାରି ମଡ୍ରେଲଙ୍କ ସୁନ୍ଦରତାକୁ ଅଧିକ ଆକର୍ଷଣୀୟ କରିଥିଲା।

# ଜନ ଆୟୋଗର ମଧ୍ୟବର୍ତ୍ତିକାଳୀନ ରିପୋର୍ଟ ପ୍ରକାଶ

**ଭୁବନେଶ୍ୱର,୮।୧୦(ଅନୁରାଧା ମହାରଣା)**

## ଢିଙ୍କିଆ ଚାରିଦେଶ ଅଞ୍ଚଳରେ ଶିଳ୍ପ ପାଇଁ ଜମି ଅଧିକାର ପ୍ରସଙ୍ଗ



ଜନ ଆୟୋଗର ମଧ୍ୟବର୍ତ୍ତିକାଳୀନ ରିପୋର୍ଟ ପ୍ରକାଶ ଅବସରରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ମଦନ ଭୀମରାଓ ଲୋକୁର୍ ଓ ଅନ୍ୟମାନେ।

ଜଗତ୍‌ସିଂହପୁର ଜିଲାର ଢିଙ୍କିଆ ଚାରିଦେଶ ଅଞ୍ଚଳରେ ଶିଳ୍ପ ପାଇଁ ବଳପୂର୍ବକ ଜମି ଅଧିଗ୍ରହଣ ଏବଂ ପୋଲିସର ଦମନଲୀଳାକୁ ନେଇ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ମଦନ ଭୀମରାଓ ଲୋକୁର୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଜନ ଆୟୋଗ ପକ୍ଷରୁ ଶନିବାର ଲୋହିଆ ଏକାଡେମୀରେ ଜନଶୁଣାଣି କରାଯାଇଯାଇଥିଲା। ପ୍ରକଳ୍ପ ପ୍ରଭାବିତଙ୍କ ଦ୍ୱାରା ଦାଖଲ ହୋଇଥିବା ବିଭିନ୍ନ ଦସ୍ତାବିଜକୁ ବିଶ୍ଳେଷଣ କରାଯାଇ ରବିବାର ଜନ ଆୟୋଗର ମଧ୍ୟବର୍ତ୍ତିକାଳୀନ ରିପୋର୍ଟ ପ୍ରକାଶ କରାଯାଇଛି। ଜନ ଆୟୋଗର ସଦସ୍ୟମାନେ ଏହି ରିପୋର୍ଟରେ କହିଛନ୍ତି ଯେ, ଜୁନ୍ ୨୦୦୫ରେ ଓଡ଼ିଶା ସରକାର ଦକ୍ଷିଣ କୋରିଆର ବହୁରାଷ୍ଟ୍ରୀୟ କମ୍ପାନୀ ପୋସ୍କୋକୁ ଏକ ଚୁକ୍ତିଭିତ୍ତିକ ଇସ୍ପାତ ଉଦ୍ୟୋଗରେ ପ୍ରାୟ ୧୨ ବିଲିୟନ ଆମେରିକୀୟ ଡଲାର ବିନିଯୋଗ କରିବାକୁ ଏକ ଚୁକ୍ତିନାମା କରିଥିଲେ। ଜନସାଧାରଣଙ୍କ ଚାପ ଓ ଅନ୍ୟାନ୍ୟ କାରଣରୁ ପୋସ୍କୋ ମାର୍ଚ୍ଚ ୨୦୧୭ରେ ଏହି ପ୍ରକଳ୍ପରୁ ଓହରି ଯାଇଥିଲା। ପୋସ୍କୋ ଛାଡିବା ପରେ ଜୁନ୍ ୨୦୧୭ରେ ଓଡିଶା ସରକାର ଏହି ଜମିକୁ ଜିନ୍ଦଲ ଷ୍ଟିଲ ୱାର୍କ୍ସ ବା ଜିନ୍ଦଲ ଉତ୍କଳ ଷ୍ଟିଲ ଲିମିଟେଡକୁ ହସ୍ତାନ୍ତର କରିଥିଲେ। ଜିନ୍ଦଲ ଉତ୍କଳ ଷ୍ଟିଲ ଲିମିଟେଡ୍ ବାର୍ଷିକ ୧୩.୨ ନିୟୁତ ଟନ୍ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ନିର୍ମାଣ କରିବାକୁ ଯୋଜନା କରିଛି। ଏହା ୯୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଏକ କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ ଏବଂ ୧୦ ନିୟୁତ ଟନ୍‌ର ଏକ ସିମେଣ୍ଟ ଗ୍ରାଇଣ୍ଡିଂ ଓ ମିଶ୍ରଣ ୟୁନିଟ୍ ମଧ୍ୟ ଗଠନ କରିବ। ଏହି ପ୍ରକଳ୍ପ ପାଇଁ ୧୨୬୦ ହେକ୍ଟର ଜମିର ଆବଶ୍ୟକତା ରହିଛି। ଏଥିରୁ ୧୩୬.୪୭ ହେକ୍ଟର ଅଣ ଜଙ୍ଗଲ ଜମି ହୋଇଥିବାବେଳେ ୧୦୬୯.୫୩ ହେକ୍ଟର ଜଙ୍ଗଲ ଜମି ରହିଛି। ଫଳରେ ଢିଙ୍କିଆ ପଞ୍ଚାୟତର ବାସିନ୍ଦାଙ୍କ ଜୀବିକା ଓ ପରିବେଶ ଉପରେ ନକାରାତ୍ମକ ପ୍ରଭାବ ରହିଥିବା ୧୦୦ରୁ ଅଧିକ ପ୍ରଭାବିତ ବ୍ୟକ୍ତି ଦର୍ଶାଇଛନ୍ତି। ସେମାନଙ୍କ ସମସ୍ୟା ଶୁଣିବା ପାଇଁ ବର୍ତ୍ତମାନର ଏହି ଜନ ଆୟୋଗ ଗଠନ କରାଯାଇଛି। ପୋଲିସ୍‌ର ଦମନଲୀଳା ତଥା ଆପରାଧିକ ମାମଲା, ଜଙ୍ଗଲ ଅଧିକାର, ଜୀବିକା, ପରିବେଶ, ସାମାଜିକ ବିକାଶ ପ୍ରସଙ୍ଗ, ପୁନଃ ଥଇଥାନ ଓ ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ ସଂକ୍ରାନ୍ତରେ ଆୟୋଗ ବୁଝିବା ସହ ବିଚାର କରିବାକୁ ଚେଷ୍ଟା କରିଥିବା ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ବିଜେବି ହାଇସ୍କୁଲର ୧୨୫ତମ ଜୟନ୍ତୀ ଉତ୍ସବ ପ୍ରସ୍ତୁତି

ଖୋର୍ଦ୍ଧା,୮।୧୦ (ପ୍ରଭାତ ପାଣିଗ୍ରାହୀ)

ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ଉଚ୍ଚ ବିଦ୍ୟାଳୟ ୧୨୫ତମ ଜୟନ୍ତୀ ଉତ୍ସବ ପାଳନ କରିବ। ଏ ନେଇ ବିଦ୍ୟାଳୟର ହେରିଟେଜ ହଲରେ ଆଲୁମନି ଆସୋସିଏଶନ୍‌ର ମାସିକ ପ୍ରସ୍ତୁତି ବୈଠକ ମୁଖ୍ୟ ଉପଦେଷ୍ଟା ଡ. ରାଜକିଶୋର ପରମଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ୍ ମୁଖ୍ୟ ସଂଯୋଜକ ପୂର୍ବତନ ଆରକ୍ଷୀ ଅଧୀକ୍ଷକ ଦେବପ୍ରସାଦ ମଜୁମଦାର ପୂର୍ବ ବୈଠକର ଆଭିମୁଖ୍ୟ ପ୍ରଦାନ କରିଥିଲେ। ବିଭିନ୍ନ କମିଟି ବିବରଣୀ ପାଠ କରିଥିଲେ। ସ୍ମାରକୀ ପ୍ରକାଶନ ବିଷୟରେ କମିଟି ସଂଯୋଜକ ପ୍ରାଧ୍ୟାପକ ଗୋପାଳ ଦାସ କହିଲେ ଯେ, ରବିବାର ସୁଦ୍ଧା ମାତ୍ର ୬୪ଟି ଆଲେଖ୍ୟ ଆସିଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଲେଖା ସଂଗ୍ରହ କରାଯିବ। ପୁରାତନ ଛାତ୍ର ସନ୍ତୋଷ ମହାନ୍ତି ବିଦ୍ୟାଳୟର ଐତିହ୍ୟକୁ ନେଇ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତି କରିଛନ୍ତି। ରାଷ୍ଟ୍ରପତିଙ୍କ ଓଡ଼ିଶା ଆଗମନ କାର୍ଯ୍ୟକ୍ରମକୁ ଦେଖି ପୂର୍ତ୍ତି ଉତ୍ସବ ଡିସେମ୍ବର ମାସର ପ୍ରଥମ ସପ୍ତାହରେ ମହାସମାରୋହରେ ପାଳନ କରାଯିବା ପାଇଁ ସର୍ବସମ୍ମତି କ୍ରମେ ସ୍ଥିର ହୋଇଛି। ବୈଠକରେ ସନ୍ତୋଷ କର, ଉମେଶ ଚନ୍ଦ୍ର ଖଟେଇ, ଲକ୍ଷ୍ମୀଧର ସାମନ୍ତରାୟ, ଜଗଦୀଶ ପ୍ରସାଦ ପଟ୍ଟନାୟକ, ପ୍ରହ୍ଲାଦ ପ୍ରଧାନ, ପୂର୍ବତନ ବିଡିଓ ଜଳଧର ସାହୁ, ଶିକ୍ଷାବିତ ବୈକୁଣ୍ଠ ନାଥ ରାଜଗୁରୁ, ଡ. ରାଜ କିଶୋର ପରମଗୁରୁ, ପୂର୍ବତନ ପ୍ରଧାନ ଶିକ୍ଷକ ଜବାହାରଲାଲ ସୁବୁଦ୍ଧି, ଅଧ୍ୟାପକ ଆଭାସ କୁମାର ବରାଳ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ଇଂ. ନବରଞ୍ଜନ ନାଏକ, ପ୍ରାକ୍ତନ ଅଧ୍ୟକ୍ଷ ନରସିଂହ ପ୍ରସାଦ ପଟ୍ଟନାୟକ, ରବି ଶତପଥୀ, ଦିଲୀପ କୁମାର ପଟ୍ଟନାୟକ, ସତ୍ୟବ୍ରତ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସହକାରୀ ଶିକ୍ଷକ ନବ କିଶୋର ମିଶ୍ର ଧନ୍ୟବାଦ ଦେଇଥିଲେ।

### ଦାଦା ବଟି ମାଗି ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୮।୧୦ (ସୂର୍ଯ୍ୟକାନ୍ତ ବେହେରା)

ନିଶା ସେବନ ପାଇଁ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ଥିବା ଠେଲା ଦୋକାନୀମାନଙ୍କୁ ଡରାଇ ଧମକାଇ ଦାଦାବଟି ମାଗିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲିପାଟଣା ଥାନା ଅଞ୍ଚଳର ସନ୍ତୋଷ ସେଠୀ। ସନ୍ତୋଷ ପୂର୍ବରୁ ଖାରବେଳନଗର ଓ ବାଲିପାଟଣା ଥାନାରେ ଥିବା ୮ଟି ଆପରାଧିକ ମାମଲାରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ। ଅଭିଯୁକ୍ତ ଅଭ୍ୟାସଗତ ଭାବରେ ଅପରାଧରେ ସମ୍ପୃକ୍ତ ରହୁଥିବାରୁ ତାଙ୍କ ବିରୋଧରେ ସିଆରପିସି-୧୧୦ ଧାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ପଦକ୍ଷେପ ନିଆଯିବ ବୋଲି ପୋଲିସ କହିଛି। ଅଭିଯୁକ୍ତ ସନ୍ତୋଷ ଜଣେ ବିରିୟାନୀ ଦୋକାନୀଙ୍କୁ ଟଙ୍କା ମାଗିଥିଲେ। ମାତ୍ର ନ ପାଇବାରୁ ସେ ଉକ୍ତ ଦୋକାନୀଙ୍କୁ ତଳେ ପକାଇ ନିସ୍ତୁକ ମାଡ଼ ମାରିଥିଲେ। ଏନେଇ ଦୋକାନୀ ଜଣକ ଥାନାରେ ଅଭିଯୋଗ କରିଥିଲେ।

### ରୁମ୍‌ମେଟ୍‌ର ଜିନିଷ ଚୋରି କରି ଯୁବକ ଗିରଫ

ଭୁବନେଶ୍ୱର,୮।୧୦ (ସୂର୍ଯ୍ୟକାନ୍ତ ବେହେରା)

ଭଡାରେ ଗୋଟିଏ ରୁମ୍‌ରେ ରହୁଥିଲେ, ଖାଉଥିଲେ। ମଜାମସ୍ତି ବି କରୁଥିଲେ। ପରେ ରୁମମେଟ୍ ସହିତ ବିଶ୍ୱାସଘାତକ କରି ଜିନିଷ ଚୋରି କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗଞ୍ଜାମର ଅମିର ପାଢୀ (୩୬)। ତାଙ୍କଠାରୁ ଗୋଟିଏ ବାଇକ ଓ ଗୋଟିଏ ମୋବାଇଲ ଜବତ ହୋଇଛି। ସୂଚନାନୁସାରେ, ଅଭିଯୋଗକାରୀ ଫିରୋଜ ଅହମ୍ମଦ ଓ ଅଭିଯୁକ୍ତ ଅମିର କୋଳଥିଆରେ ଏକତ୍ର ଭଡାରେ ରହୁଥିଲେ। ଗତ ୩ ତାରିଖରେ ଫିରୋଜ ଶୋଇଥିବାବେଳେ ଅଭିଯୁକ୍ତ ତାଙ୍କ ମୋବାଇଲ ଫୋନ, ହେଲମେଟ ଓ ମୋଟରସାଇକେଲ ଚାବି ଚୋରି କରିବା ପରେ ବାହାରେ ଥିବା ତାଙ୍କର ମୋଟରସାଇକେଲକୁ ଧରି ପଳାଇଥିଲେ। ଏନେଇ ଫିରୋଜ ଥାନାରେ ଅଭିଯୋଗ କରିଥିଲେ।

# ‘ଠିକା ବ୍ୟବସ୍ଥା ଉଠାଇ ସ୍ଥାୟୀ ନିଯୁକ୍ତି ଦିଆଯାଉ’

## ମେଡିକାଲ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ରାଜ୍ୟସ୍ତରୀୟ ସମାବେଶ

ପୁରୀ, ୮।୧୦( ଅଜିତ ମହାନ୍ତି)



ମେଡିକାଲ ଆଉଟସୋର୍ସିଂ କର୍ମଚାରୀଙ୍କ ରାଜ୍ୟସ୍ତରୀୟ ସମାବେଶରେ ଉପସ୍ଥିତ କର୍ମକର୍ତ୍ତାମାନେ।

ମେଡିକାଲ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ରାଜ୍ୟସ୍ତରୀୟ କନ୍‌ଭେନ୍‌ସନ୍ ରବିବାର ସ୍ଥାନୀୟ ବଳଗଣ୍ଡିସ୍ଥିତ ଜାନକୀ ରେସିଡେନ୍ସି ହଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାରା ରାଜ୍ୟରୁ ଶତାଧିକ ମେଡିକାଲ ଠିକା ଆଉଟ ସୋର୍ସିଂ କର୍ମଚାରୀ ଯୋଗଦେଇଥିଲେ। କନ୍‌ଭେନ୍‌ସନ୍‌କୁ ଉପଦେଷ୍ଟା ଶରତ କୁମାର ରାୟଗୁରୁ ଉଦ୍‌ଘାଟନ କରି କହିଲେ ଯେ, ସ୍ୱାସ୍ଥ୍ୟସେବାରେ ୨୦୧୩ରେ କେନ୍ଦ୍ର ସରକାର ଜିଡିପିର ୨.୫% ଖର୍ଚ୍ଚ କରୁଥିବାବେଳେ ଏବେ ତାକୁ ବର୍ତ୍ତମାନର ସରକାର ୨.୧%କୁ ଖସାଇ ଆଣିଛନ୍ତି। ତଦନୁରୂପେ ଓଡ଼ିଶା ସରକାର ମେଡିକାଲଗୁଡ଼ିକରେ ଖାଲିପଡ଼ିଥିବା ପଦବୀ ପୂରଣ ନ କରି ଆଉଟ୍ ସୋର୍ସିଂ ଠିକା ଭାବେ କର୍ମଚାରୀଙ୍କୁ ନିୟୋଜିତ କରି ଶୋଷଣ କରିଚାଲିଛନ୍ତି। ସମ୍ପ୍ରତି ମହରଗ ଯୁଗରେ କମ୍ ଦରମାରେ କିପରି କର୍ମଚାରୀମାନେ ବଞ୍ଚିବେ। ସରକାର ବାହାଦୁରୀ ମାରି ବାସ୍ତବରେ ତାହା ନୁହେଁ, ଏବେ ବି ରାଜ୍ୟରେ ମେଡିକାଲରେ ଅସ୍ଥାୟୀ ଆଉଟ ସୋର୍ସିଂ କର୍ମଚାରୀ ଯୋଗୁ ସ୍ୱାସ୍ଥ୍ୟସେବା ଦିଆଯାଉଛି। ସମାନ କାମକୁ ସମାନ ମଜୁରି ଭଳି ସୁପ୍ରିମକୋର୍ଟଙ୍କ ଆଦେଶକୁ ଅବମାନନା କରୁଛନ୍ତି। କର୍ମଚାରୀଙ୍କୁ ଇପିଏଫ୍, ଇଏସ୍‌ଆଇ ଏଜେନ୍ସି ପ୍ରଦାନ କରୁନାହିଁ। ବୈଠକରେ ଠିକା ବ୍ୟବସ୍ଥାକୁ ଉଠାଇ ସ୍ଥାୟୀ ନିଯୁକ୍ତି ଦାବି କରିଛି ସଂଘ। ସମସ୍ୟା କହିଥିଲେ। କାର୍ଯ୍ୟକ୍ରମରେ ଉପଦେଷ୍ଟା ଭାବେ ଆଇନଜୀବୀ ଶରତ କୁମାର ରାୟଗୁରୁ, ଆବାହକ ଭାବେ ପ୍ରତାପ ପ୍ରଧାନ, ଗୁରୁପ୍ରସାଦ ଶତପଥୀ, ପ୍ରତାପ ନାଥ, ଏନ୍. ନିରଞ୍ଜନ ଦାସ, ପି.ଉମେଶ ରାଓ, ସୁଦାମ ମେହେର, ସମୀର ନାୟକ, ହିମାଂଶୁ ପଟ୍ଟନାୟକ, ବିନାୟକ ପତି, ଅନିଲ ସୁବୁଦ୍ଧି, ତ୍ରିନାଥ ଭୋଇ, କିରଣ ନାୟକଙ୍କୁ ନେଇ ଏକ ଆବାହକ କମିଟି ଗଠିତ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି ସରକାର ପୂରଣ ନ କଲେ ଆସନ୍ତା ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ ହେବ। ସମ୍ପୃକ୍ତ ଜିଲାର ସମସ୍ୟା ନେଇ ଜିଲାପାଳ ଏବଂ ସିଡିଏମ୍‌ଓଙ୍କୁ ଦାବିପତ୍ର ଦିଆଯିବ ବୋଲି ବୈଠକରେ ପ୍ରସ୍ତାବ ପାରିତ ହୋଇଥିବା ନେଇ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଅଭିମନ୍ୟୁ ସାହୁ, ମିଥୁନ ଭୋଇ, ଦୀପକ ଗୋଛାୟତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୋଶାଳାଗୁଡ଼ିକୁ ସଶକ୍ତ କରିବାକୁ ଆହ୍ୱାନ

ଭୁବନେଶ୍ୱର, ୮।୧୦(ଅସମାପିକା ସାହୁ)

ରାଜ୍ୟସ୍ତରୀୟ ଗୋଶାଳା ଓ ଆନିମଲ ହେଲ୍ପଲାଇନ ସମ୍ପର୍କିତ ବୈଠକ ରବିବାର କୃଷି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଗୋଶାଳାଗୁଡ଼ିକୁ ଅଧିକ ସଶକ୍ତ କରିବା ଦିଗରେ ପ୍ରତ୍ୟେକ ସ୍ତରରେ ନିଷ୍ଠାପର ଉଦ୍ୟମର ଆବଶ୍ୟକତା ରହିଥିବା ପ୍ରକାଶ କରିଛନ୍ତି। ସେ କହିଛନ୍ତି ରାଜ୍ୟରେ ଏବେ ୮୦ଟି ପଞ୍ଜିକୃତ ଗୋଶାଳା ରହିଛି। ୨୦୨୨-୨୩ ବର୍ଷରେ ୫୨ଟି ପଞ୍ଜିକୃତ ଗୋଶାଳାକୁ ପ୍ରତି ବୟସ୍କ ଗୋରୁଙ୍କ ପାଇଁ ବାର୍ଷିକ ୧୬ ହଜାର ଟଙ୍କା ହିସାବରେ ୫ କୋଟି ଟଙ୍କା ବ୍ୟୟ କରାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ରାଶିକୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇ ଏ ବାବଦକୁ ୧୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଗୋଶାଳାଗୁଡ଼ିକ କୃଷି ଓ ଉଦ୍ୟାନ କୃଷି ବିଭାଗ ଦ୍ୱାରା ଆବଶ୍ୟକ ହେଉଥିବା ଜୈବିକ ଖତ ଓ ଜିଆ ଖତ ଉତ୍ପାଦନ କରି ଆର୍ଥିକ ଉପାର୍ଜନ କରିବାର ସୁଯୋଗ ରହିଛି ବୋଲି ମନ୍ତ୍ରୀ କହିଥିଲେ। ଏଥିପାଇଁ କୃଷି ବିଜ୍ଞାନ କେନ୍ଦ୍ର ବୈଷୟିକ ଜ୍ଞାନକୌଶଳ ଏବଂ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହାୟତା ଗ୍ରହଣ କରାଯାଇପାରେ ବୋଲି ସେ କହିଥିଲେ। ମନ୍ତ୍ରୀ କହିଛନ୍ତି, ବୁଲା ଓ ଅସହାୟ ପଶୁପକ୍ଷୀଙ୍କୁ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇଦେବା ପାଇଁ ରାଜ୍ୟବ୍ୟାପୀ ଆନିମଲ ହେଲପ୍‌ଲାଇନ୍ ପ୍ରତିଷ୍ଠା କରାଯାଇଛି। ଟୋଲ୍ ଫ୍ରି ନମ୍ବର ୧୯୬୨କୁ କଲ୍ କଲେ ପୀଡ଼ିତ ବୁଲା ଓ ଅସହାୟ ପଶୁପକ୍ଷୀଙ୍କୁ ଚିକିତ୍ସା ସୁବିଧା ମିଳିପାରୁଛି। ରାଜ୍ୟର ୧୧ଟି ସହରାଞ୍ଚଳରେ ଆନିମଲ ଆମ୍ବୁଲାନ୍ସ ଓ ଅନ୍ୟ ଅଞ୍ଚଳରେ ମୋବାଇଲ୍ ଭେଟେରିନାରୀ ୟୁନିଟ୍ ଏହି ସେବା ଯୋଗାଇ ଦେଉଛି। ବୈଠକରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଲେ ଯେ ଗୋଶାଳାଗୁଡ଼ିକର ଉନ୍ନତି ନିମନ୍ତେ ଅନ୍ୟ ବିଭାଗ ସହିତ ମିଳିମିଶି କାମ କରିବାକୁ ପଡ଼ିବ। ସ୍ଥାନୀୟ ପ୍ରାଣୀ ଚିକିତ୍ସକ ପ୍ରତି ମାସରେ ଥରେ ଗୋଶାଳା ପରିଦର୍ଶନରେ ଯିବେ ଏବଂ ଗୋଶାଳାଗୁଡ଼ିକରେ ଗାଈଗୋରୁଙ୍କ ଟୀକାକରଣ, ଡି-ୱର୍ମିଂ ଓ ଗୋ-ବନ୍ଧ୍ୟା ନିରାକରଣ କାର୍ଯ୍ୟକ୍ରମକୁ ପ୍ରାଥମିକତା ଭିତ୍ତିରେ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ସଚିବ କହିଥିଲେ। ବୈଠକରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ବୀରକିଶୋର ପରିଡ଼ା ଧନ୍ୟବାଦ ପ୍ରଦାନ କରିଥିଲେ। ବୈଠକରେ ରାଜ୍ୟର ବିଭିନ୍ନ ଗୋଶାଳା ପରିଚାଳନା ସହ ଜଡ଼ିତ ଶତାଧିକ ବ୍ୟକ୍ତିବିଶେଷ, ଆନିମଲ୍ ହେଲପ୍‌ଲାଇନ୍‌ର କର୍ମକର୍ତ୍ତା ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ଗବେଷଣା ବିଶ୍ୱବିଦ୍ୟାଳୟର ମୂଳପୁଞ୍ଜି


ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଜଣେ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୮।୧୦(ଅସମାପିକା ସାହୁ)

## ଓୟୁଟିଆର୍ ଦ୍ୱିତୀୟ ପ୍ରତିଷ୍ଠା ଦିବସ

ଓଡିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର୍)ର ଦ୍ୱିତୀୟ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଯୋଗଦେଇ ଗବେଷଣା ବିଶ୍ୱବିଦ୍ୟାଳୟର ମୂଳପୁଞ୍ଜି ବୋଲି ମତବ୍ୟକ୍ତ କରିଥିଲେ। ବିଭାଗର ପ୍ରମୁଖ ସଚିବ ଉଷା ପାଢୀ କହିଥିଲେ, ଛାତ୍ରୀଛାତ୍ର ଓ ଅଧ୍ୟାପକ ନିଜ ଶିକ୍ଷାନୁଷ୍ଠାନକୁ ଭଲ ପାଇବା ଦରକାର। ସମସ୍ତଙ୍କ ଉଦ୍ୟମରେ ଶିକ୍ଷାନୁଷ୍ଠାନର ବିକାଶ ହୋଇପାରିବ। ମୁଖ୍ୟ ବକ୍ତା ଭାବେ ଏନ୍‌ଆଇଟି ରାଉରକେଲାର ପୂର୍ବତନ ନିର୍ଦ୍ଦେଶକ ସୁନୀଲ ଷଡ଼ଙ୍ଗୀ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ଥିବା ପାର୍ଥକ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ଓୟୁଟିଆର୍ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଅଧ୍ୟକ୍ଷତା କରି ଶିକ୍ଷାନୁଷ୍ଠାନର ଦୁଇ ବର୍ଷର ସଫଳତା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟର ନୂଆ ୱେବ୍‌ସାଇଟ ଶୁଭାରମ୍ଭ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ଛାତ୍ରୀଛାତ୍ର, କୃତୀ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ରେଣୁ ପ୍ରଭା ନାୟକ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ପ୍ରଫେସର ପ୍ରଭାତ କୁମାର ପାଢୀ ଧନ୍ୟବାଦ ଦେଇଥିଲେ।

# ମହାପ୍ରସାଦ ନେଇ ଯିବାରେ ସମସ୍ୟା ଉପୁଜୁଥିବା ଅଭିଯୋଗ

ପୁରୀ, ୮।୧୦(ଅଜିତ୍ ମହାନ୍ତି)

ମହାପ୍ରସାଦ ନେଇ ଯିବା ଆସିବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରି ଶ୍ରୀଜଗନ୍ନାଥ ମନ୍ଦିର ମହାପ୍ରସାଦ ବାହକ ସଂଘ ପକ୍ଷରୁ ରବିବାର ସିଂହଦ୍ୱାର ଥାନାରେ ଅଭିଯୋଗ କରାଯାଇଛି। ସଂଘ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି ଯେ, ଶ୍ରୀମନ୍ଦିରରେ ପାଖାପାଖି ୩୦୦ ଜଣ ବୋଝିଆ ମହାପ୍ରସାଦ ବାହକ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ଉତ୍ତର ଦ୍ୱାର ନିକଟରେ ବେଆଇନ ଭାବେ ଟଙ୍କତୋରାଣି, ଶଙ୍ଖା, ସିନ୍ଦୁର ବ୍ୟବସାୟୀମାନେ ରାସ୍ତାରେ ବସି ବ୍ୟବସାୟ କରୁଛନ୍ତି। ଫଳରେ ଯିବା ଆସିବାରେ ସମସ୍ୟା ହେବା ସହ ଅନେକ ସମୟରେ ବୋଝିଆମାନେ ପଡି ଆହତ ହେଉଛନ୍ତି। ଏପରିକି ଭକ୍ତଙ୍କ ଯାତାୟତରେ ବାଧା ସୃଷ୍ଟି ହେଉଛି। ଫଳରେ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ସଂଘର ସଭାପତି ରୋହିତ ଦାସ, ସମ୍ପାଦକ ତ୍ରିନାଥ ଜେନା, ଚୈତନ୍ୟ ପଲାଇ, ମାଗୁଣି ବରାଳ ପ୍ରମୁଖ ଏହି ଅଭିଯୋଗ ପତ୍ର ପ୍ରଦାନ କରିଥିଲେ।

# ବିଜେଡିର ଜନ ସମ୍ପର୍କ ପଦଯାତ୍ରା


ଜନ ସମ୍ପର୍କ ପଦଯାତ୍ରାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ କର୍ମୀମାନେ।

ପୁରୁଣା ଭୁବନେଶ୍ୱର,୮।୧୦(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ. ୫୪ ପୁରୁଣା ଭୁବନେଶ୍ୱର ଗୋସାଗରେଶ୍ୱର ଛକଠାରୁ ରବିବାର ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ବଡ଼ଦାଣ୍ଡସାହି, ବଢେଇବାଙ୍କ, ଜମେଶ୍ୱର ପାଟଣା, ହରଚଣ୍ଡିସାହି, ଡାକବଙ୍ଗଳା ଛକଠାରେ ପହଞ୍ଚିଥିଲା। ଏଥିରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ମେୟର ସୁଲୋଚନା ଦାସ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ମଙ୍ଗଳକାରୀ ଯୋଜନାର ପଦଯାତ୍ରାରେ ସ୍ଲୋଗାନ ଦେବା ସହ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଅବହେଳାକୁ ଦଳର ବିଭିନ୍ନ ପଦାଧିକାରୀ ବକ୍ତବ୍ୟ ମାଧ୍ୟମରେ ପ୍ରତିବାଦ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେଶନର ଉପାଧ୍ୟକ୍ଷ ଡ.ସନ୍ତୋଷ ବେଜ, ସ୍ଥାନୀୟ କର୍ପୋରେଟର ଶିବ ପ୍ରସାଦ ବେହେରା, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ମହାମାୟା ସ୍ୱାଇଁ, ଚନ୍ଦ୍ର ଶେଖର ମଲ୍ଲିଆ, ଶିବ ନାରାୟଣ ରାୟ, ଅଜିତ୍ ବେହେରା, ଛବି ଦାସ, ଦୀପକ ମିଶ୍ର, ବିଧାୟକଙ୍କ ପ୍ରତିନିଧି ଦାଶରଥି ଗରାବଡୁ, ଅଞ୍ଚଳ ବଡୁ, ବିଜୁ ଯୁବ ଜନତା ଦଳ ଭୁବନେଶ୍ୱର ସଭାପତି ସମରେଶ ବେଉରା, ଏକାମ୍ର ଛାତ୍ର ସଭାପତି ଶିବପ୍ରସାଦ ମହାପାତ୍ର, ଯୁବ ସଭାପତି ରାଜେଶ ପାତ୍ର, ନଳିନୀକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ‘ରନ୍ଦେଭୁ -ଏ ଡେଟ୍ ୱିଥ୍ ମାଇଁ ହାର୍ଟ’ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଇଂ. ଶିବାନୀ ନନ୍ଦଙ୍କ ଇଂରାଜୀ ପୁସ୍ତକ ‘ରନ୍ଦେଭୁ-ଏ ଡେଟ୍ ୱିଥ୍ ମାଇଁ ହାର୍ଟ’ ଶନିବାର ସତ୍ୟନଗରସ୍ଥିତ ଏକ କନଭେନ୍‌ସନ୍ ହଲ୍‌ଠାରେ ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ତଥା ବିଶିଷ୍ଟ ଅଭିନେତା ପ୍ରଶାନ୍ତ ନନ୍ଦ ଯୋଗଦେଇ ଆଶୀର୍ବାଦ ସ୍ୱରୂପ ଲେଖିକା ନନ୍ଦଙ୍କୁ ତାଙ୍କର ପ୍ରଥମ ପୁସ୍ତକ ପାଇଁ ଅଭିନନ୍ଦନ ଦେବା ସହ ତାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଜୟ ଓଡିଶାର ପ୍ରତିଷ୍ଠାତା ରୁଦ୍ର ସାମନ୍ତରାୟ ଓ ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ ମହାପାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ପୁସ୍ତକଟିକୁ ଲେଖିକା ନନ୍ଦ ତାଙ୍କ ମା’ ସ୍ନିଗ୍ଧା ନନ୍ଦଙ୍କ ନିକଟରେ ଉତ୍ସର୍ଗ କରିଥିଲେ। ପୁସ୍ତକ ବିକ୍ରୟ ଦ୍ୱାରା ଯେଉଁ ଅର୍ଥ ମିଳିବ ତାହା ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ପରିଚାଳିତ ଅନ୍ୱେଷଣ ଓଡିଶା ନାମକ ଅଣ ସରକାରୀ ସଂଗଠନକୁ ପ୍ରଦାନ କରାଯିବ। ଏହାକୁ ସମାଜର ଅତୁଳନୀୟ କାର୍ଯ୍ୟରେ ବିନିଯୋଗ କରାଯିବ ବୋଲି ଲେଖିକା ନନ୍ଦ ପ୍ରକାଶ କରିଥିଲେ।



ପୁରୀ: ସଂସ୍କୃତି ଭବନ ପରିସରରେ ଆୟୋଜିତ ପ୍ରତିଭା ଉତ୍ସବ ମହକ ଓ ଉତ୍ସାହ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ କୃତୀ ପ୍ରତିଭାଧାରୀ।

# ଜିଲାସ୍ତରୀୟ ମହକ, ଉତ୍ସାହ କାର୍ଯ୍ୟକ୍ରମ

ପୁରୀ ୮।୧୦( ଅଜିତ୍ ମହାନ୍ତି)

ପ୍ରତ୍ୟେକ ଶିଶୁ ମଧ୍ୟରେ ପ୍ରତିଭା ରହିଛି।ତାହାର ଉପଯୁକ୍ତ ଉନ୍ମେଷ ଘଟିଲେ ସମାଜ, ରାଜ୍ୟ ଓ ଦେଶର ବିକାଶ ରେ ତାହା ସହାୟକ ହୋଇ ପାରିବ ବୋଲି କହିଛନ୍ତି ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ। ରବିବାର ସଂସ୍କୃତି ଭବନ ପରିସରରେ ପୁରୀ ଜିଲା ପ୍ରଶାସନ ଓ ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ଶିଶୁ ପ୍ରତିଭା ଉତ୍ସବ ମହକ ଓ ଉତ୍ସାହ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଅତିରିକ୍ତ ଜିଲାପାଳ ସାହୁ ପିଲାମାନଙ୍କ ଜ୍ଞାନ ଓ ବୁଦ୍ଧିମତାର ବିକାଶ ପାଇଁ ବିବିଧ ପ୍ରତିଯୋଗିତା ଜରୁରୀ।କିନ୍ତୁ ଜଣେ ସେଥିରେ ସଫଳ ନ ହେଲେ ମଧ୍ୟ ଅଂଶଗ୍ରହଣ କରି ଯେଉଁ ଅଭିଜ୍ଞତା ହାସଲ କରେ ତାହା ପରବର୍ତ୍ତୀ ସମୟ ପାଇଁ ତାକୁ ପ୍ରେରଣା ଦିଏ। ଜିଲା ପ୍ରଶାସନ ପିଲା ମାନଙ୍କୁ ସମସ୍ତ ସହଯୋଗ ଓ ସୁବିଧା ଦେଇ ଆସୁଛି। ଡେଲାଙ୍ଗର ଅନନ୍ୟା ପ୍ରଧାନ ଖୋ ଖୋ କ୍ରୀଡ଼ାବିତ ଜାତୀୟ ସ୍ତର ପାଇଁ ଚୟନ ହେବା ଅତ୍ୟନ୍ତ ଖୁସି ଓ ଗର୍ବର କଥା ବୋଲି କହିବା ସହ ସାହୁ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଗୋପବନ୍ଧୁ ଜୟନ୍ତୀ ଅବସରରେ ସୁଆଣ୍ଡୋ ସ୍ଥିତ ଗୋପବନ୍ଧୁ ସଂଗ୍ରାହାଳୟର ପରିଦର୍ଶନ ପାଇଁ ଦେୟ ମୁକ୍ତ ପ୍ରବେଶ ଘୋଷଣା କରାଯାଇଛି ବୋଲି ସେ ସୂଚନା ଦେବା ସହ ବିଭିନ୍ନ ଶିଶୁ ପରିଚର୍ଯ୍ୟାକାରୀ ଅନୁଷ୍ଠାନର ଅନ୍ତେବାସୀଙ୍କୁ ପରିଦର୍ଶନରେ ନେବା ପାଇଁ ପରାମର୍ଶ ଦେଇଥିଲେ। ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଜିତ ମହାପାତ୍ର କହିଥିଲେ, ଶିଶମାନେ ଆମ ଭବିଷ୍ୟତର ସମ୍ବଳ ଓ ସମ୍ଭାବନା। ସେମାନଙ୍କ ବିକାଶ ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ସଂଗ୍ରାମ କେଶରୀ ସାମଲ, ଶକ୍ତି ପଦ ମିଶ୍ର ଶିଶୁ ମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ପ୍ରତିଭାର ପରିପ୍ରକାଶ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

# ବାଲି ଚୋରା ଚାଲାଣ ପାଇଁ ନଦୀବନ୍ଧ ତାଡ଼ିଦେଲେ

## ବିପଦରେ ୪ ପଞ୍ଚାୟତବାସୀ

ପିପିଲି, ୮।୧୦ (ପ୍ରଭାତ କୁମାର ମହାପାତ୍ର)


ତଡା ଯାଇଥିବା ନଦୀବନ୍ଧ।

ପିପିଲିରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି। ବେଆଇନ ଭାବେ ଶହଶହ ଟ୍ରିପ୍ ବାଲି ହରିଲୁଟ୍ କରୁଥିବା ବେଳେ ବନ୍ଧ ପାର୍ଶ୍ୱରେ ପାହାଡ ଉଚ୍ଚର ବାଲି ଗଦା କରି ନଦୀବନ୍ଧକୁ ତାଡି ପକାଉଛନ୍ତି। ପିପିଲି ବ୍ଲକ ରୁପୁଦେଇପୁର ପଞ୍ଚାୟତ ଅଲାରପୁର ମା’ ଲକ୍ଷ୍ମୀପାଦୁକାଇ ମନ୍ଦିର ନିକଟ ଭାର୍ଗବୀ ନଦୀବନ୍ଧ ଏବେ ବିପର୍ଯ୍ୟସ୍ତ ଅବସ୍ଥାରେ। ଜଳସମ୍ପଦ ବିଭାଗ ଓ ବାଲି ମାଫିଆଙ୍କ ମଧୁଚନ୍ଦ୍ରିକା ଯୋଗୁଁ ପ୍ରାକୃତିକ ସମ୍ପଦ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି। ଭାର୍ଗବୀ ନଦୀ ବନ୍ଧ ମରାମତି ନିମନ୍ତେ ଜଳସମ୍ପଦ ବିଭାଗ କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଏବେ କିଛି ମାଫିଆଙ୍କ ନଜର ଉକ୍ତ ନଦୀବନ୍ଧ ଉପରେ ପଡ଼ିଛି। ଗତ କିଛିଦିନ ହେବ ଜନୈକ ବ୍ୟକ୍ତି ଅଲାରପୁର ମା’ଲକ୍ଷ୍ମୀପାଦୁକାଇ ମନ୍ଦିର ନିକଟ ଭାର୍ଗବୀ ନଦୀବନ୍ଧ ତାଡ଼ି ବାହାରକୁ ଚୋରା ବାଲି ଚାଲାଣ କରୁଥିବା ଅଭିଯୋଗ ହୋଇଛି। ନଦୀବନ୍ଧ ନଷ୍ଟ ହେବା କାରଣରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ନଦୀ ବନ୍ଧର ପ୍ରାୟ ୩ ଫୁଟ୍ ମାଟି ମାଫିଆମାନେ ତାଡ଼ି ନେଇଥିବା ଜଣାଯାଇଛି। ଯଦ୍ୱାରା ବନ୍ଧ ଦୁର୍ବଳ ହେବା ସହ ବନ୍ୟା ହେଲେ ବନ୍ଧ ଭାଙ୍ଗିବା ଆଶଙ୍କା ସୃଷ୍ଟି ହୋଇଛି। ଭାର୍ଗବୀ ନଦୀ ବନ୍ଧ ଭାଙ୍ଗିଲେ ପିପିଲି ବ୍ଲକର ୪ଟି ପଞ୍ଚାୟତ ସମେତ ସତ୍ୟବାଦୀ ବ୍ଲକର ଅନେକ ଅଞ୍ଚଳ ପ୍ରଭାବିତ ହେବାର ଭୟ ରହିଛି। ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି।

**ଗାଡ଼ି ଧକ୍କାରେ ଗଣମାଧ୍ୟମ ପ୍ରତିନିଧି ଆହତ**

ଚାରିଛକ,(ଶିଶିର ସ୍ୱାଇଁ)- ଅସ୍ତରଙ୍ଗରୁ ନିମାପଡ଼ା ରାସ୍ତାର ଆମ୍ବର ଛକଠାରେ ବାଇକ୍- ତାଲା ଅଟୋ ମଧ୍ୟରେ ଧକ୍କାରେ ଗଣମାଧ୍ୟମ ପ୍ରତିନିଧି ବସନ୍ତ ମଲ୍ଲ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଗୋପର ବସନ୍ତ ମଲ୍ଲ ବାଇକ୍ ଯୋଗେ ଯାଉଥିବାବେଳେ ତାଙ୍କୁ ଏକ ମାଲବାହୀ ଅଟୋ ଧକ୍କା ଦେଇଥିଲା। ତାଙ୍କୁ କିଛି ଲୋକ ଉଦ୍ଧାର କରି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ମହାପ୍ରସାଦ ନେଇ ଯିବାରେ ସମସ୍ୟା ଉପୁଜୁଥିବା ଅଭିଯୋଗ

ପୁରୀ, ୮।୧୦(ଅଜିତ୍ ମହାନ୍ତି): ମହାପ୍ରସାଦ ନେଇ ଯିବା ଆସିବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରି ଶ୍ରୀଜଗନ୍ନାଥ ମନ୍ଦିର ମହାପ୍ରସାଦ ବାହକ ସଂଘ ପକ୍ଷରୁ ରବିବାର ସିଂହଦ୍ୱାର ଥାନାରେ ଅଭିଯୋଗ କରାଯାଇଛି। ସଂଘ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି ଯେ, ଶ୍ରୀମନ୍ଦିରରେ ପାଖାପାଖି ୩୦୦ ଜଣ ବୋଝିଆ ମହାପ୍ରସାଦ ବାହକ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ଉତ୍ତର ଦ୍ୱାର ନିକଟରେ ବେଆଇନ ଭାବେ ଟଙ୍କତୋରାଣି, ଶଙ୍ଖା, ସିନ୍ଦୁର ବ୍ୟବସାୟୀମାନେ ରାସ୍ତାରେ ବସି ବ୍ୟବସାୟ କରୁଛନ୍ତି। ଫଳରେ ଯିବା ଆସିବାରେ ସମସ୍ୟା ହେବା ସହ ଅନେକ ସମୟରେ ବୋଝିଆମାନେ ପଡି ଆହତ ହେଉଛନ୍ତି। ଏପରିକି ଭକ୍ତଙ୍କ ଯାତାୟତରେ ବାଧା ସୃଷ୍ଟି ହେଉଛି। ଫଳରେ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ସଂଘର ସଭାପତି ରୋହିତ ଦାସ, ସମ୍ପାଦକ ତ୍ରିନାଥ ଜେନା, ଚୈତନ୍ୟ ପଲାଇ, ମାଗୁଣି ବରାଳ ପ୍ରମୁଖ ଏହି ଅଭିଯୋଗ ପତ୍ର ପ୍ରଦାନ କରିଥିଲେ।

### ଓରକଳରେ କଂଗ୍ରେସର ସାଂଗଠନିକ ବୈଠକ

ପିପିଲି, ୮।୧୦(ପ୍ରଭାତ କୁମାର ମହାପାତ୍ର): ପିପିଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓରକଳ ପଞ୍ଚାୟତରେ ବରିଷ୍ଠ କଂଗ୍ରେସ କର୍ମୀ ଭିକାରୀ ଚରଣ ବରାଳଙ୍କ ଅଧ୍ୟକ୍ଷତାରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଯୋଗଦେଇ ପଞ୍ଚାୟତରେ କଂଗ୍ରେସକୁ କ୍ରିୟାଶୀଳ କରିବା ପାଇଁ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନକୁ ଭିତ୍ତି କରି କଂଗ୍ରେସ କିପରି ତୃଣମୂଳସ୍ତରରେ ଘରେଘରେ ପହଞ୍ଚିପାରିବ ସେ ନେଇ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ବୈଠକରେ କାବୁଲି ପ୍ରଧାନ, ଯୋଗେନ୍ଦ୍ର ଭଞ୍ଜ, ସୁଶାନ୍ତ ସେଠୀ, ପ୍ରତାପ ସ୍ୱାଇଁ, ଅଜୟ ସ୍ୱାଇଁ, କବୀର ପ୍ରଧାନ, ସେକ୍ ମେହେବୁବ, ପ୍ରଶାନ୍ତ ଜେନା ଓ ସେକ୍ ସବୀର ପ୍ରମୁଖ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### 'ସାହିଭାଇ' ପକ୍ଷରୁ ସଂକଳ୍ପ ସପ୍ତାହ ପାଳିତ

ପୁରୀ, ୮।୧୦(ଅଜିତ୍ ମହାନ୍ତି): 'ସାହିଭାଇ' ସାମାଜିକ ଅନୁଷ୍ଠାନର ୧୧ତମ ପ୍ରତିଷ୍ଠା ଦିବସ ତଥା ଷଷ୍ଠ ବାର୍ଷିକ ଉତ୍ସବ କର୍ତ୍ତବ୍ୟ-୨୦୨୩ ଅବସରରେ ୨ରୁ ୯ତାରିଖ ପର୍ଯ୍ୟନ୍ତ ସଂକଳ୍ପ ସପ୍ତାହ ପାଳନ ହୋଇଛି। କାର୍ଯ୍ୟକ୍ରମର ୭ମ ଦିବସରେ ବେଲଦଳ ପଞ୍ଚାୟତ ଅଧୀନ ବାତ୍ୟା ଆଶ୍ରୟସ୍ଥଳରେ ବେଲଦଳ ଯୁବକ ସଂଘ ଓ ପୁରୀ ବ୍ଲଡ ବ୍ୟାଙ୍କ ସହଯୋଗରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରକୁ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବ୍ରଜବନ୍ଧୁ ମହାରଣା ଏବଂ ବେଲଦଳ ସରପଞ୍ଚ ବିପିନ ଦାସ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ୫୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିବାବେଳେ ୨୫ଜଣ ରକ୍ତଦାନ କରିଥିଲେ। ସେହିପରି ବିଭିନ୍ନ ସମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅକ୍ଟୋବର ୯ ତାରିଖ ଗୋପବନ୍ଧୁ ଜୟନ୍ତୀ ଅବସରରେ ବକୁଳବନ ବିଦ୍ୟାଳୟ ସତ୍ୟବାଦୀଠାରେ ଗୋପବନ୍ଧୁଙ୍କ ଚରଣ ପୂଜନ ସହ ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳନ କରାଯିବ ବୋଲି ସୂଚନା ଦିଆଯାଇଛି।

# 'ଠିକା ବ୍ୟବସ୍ଥା ଉଠାଇ ସ୍ଥାୟୀ ନିଯୁକ୍ତି ଦିଆଯାଉ'

**ମେଡିକାଲ ଆଉଟ ସୋର୍ସିଂ କର୍ମଚାରୀଙ୍କ ରାଜ୍ୟସ୍ତରୀୟ ବୈଠକ**

ପୁରୀ, ୮।୧୦( ଅଜିତ ମହାନ୍ତି): ମେଡିକାଲ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ରାଜ୍ୟସ୍ତରୀୟ କନ୍‌ଭେନ୍‌ସନ୍ ରବିବାର ସ୍ଥାନୀୟ ବଳଗଣ୍ଡିସ୍ଥିତ ଜାନକୀ ରେସିଡେନ୍ସି ହଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାରା ରାଜ୍ୟରୁ ଶତାଧିକ ମେଡିକାଲ ଠିକା ଆଉଟ ସୋର୍ସିଂ କର୍ମଚାରୀ ଯୋଗଦେଇଥିଲେ। କନ୍‌ଭେନ୍‌ସନ୍‌କୁ ଉପଦେଷ୍ଟା ଶରତ କୁମାର ରାୟଗୁରୁ ଉଦ୍‌ଘାଟନ କରି କହିଲେ ଯେ, ସ୍ୱାସ୍ଥ୍ୟସେବାରେ ୨୦୧୩ରେ କେନ୍ଦ୍ର ସରକାର ଜିଡିପିର ୨.୫% ଖର୍ଚ୍ଚ କରୁଥିବାବେଳେ ଏବେ ତାକୁ ବର୍ତ୍ତମାନର ସରକାର ୨.୧%କୁ ଖସାଇ ଆଣିଛନ୍ତି। ତଦନୁରୂପେ ଓଡ଼ିଶା ସରକାର ମେଡିକାଲଗୁଡ଼ିକରେ ଖାଲିପଡ଼ିଥିବା ପଦବୀ ପୂରଣ ନ କରି ଆଉଟ୍ ସୋର୍ସିଂ ଠିକା ଭାବେ କର୍ମଚାରୀଙ୍କୁ ନିୟୋଜିତ କରି ଶୋଷଣ କରିଚାଲିଛନ୍ତି। ସମ୍ପ୍ରତି ମହରଗ ଯୁଗରେ କମ୍ ଦରମାରେ କିପରି କର୍ମଚାରୀମାନେ ବଞ୍ଚିବେ। ସରକାର ବାହାଦୁରୀ ମାରି ଆଉଟ ସୋର୍ସିଂ ଓ ଠିକା ଭଳି ଘୃଣ୍ୟ ପ୍ରଥା ଉଠିଗଲା ବୋଲି ଘୋଷଣା କଲେ। ବାସ୍ତବରେ ତାହା ନୁହେଁ, ଏବେ ବି ରାଜ୍ୟରେ ମେଡିକାଲରେ ଅସ୍ଥାୟୀ ଆଉଟ ସୋର୍ସିଂ କର୍ମଚାରୀ ଯୋଗୁ ସ୍ୱାସ୍ଥ୍ୟସେବା ଦିଆଯାଉଛି। ସମାନ କାମକୁ ସମାନ ମଜୁରି ଭଳି ସୁପ୍ରିମକୋର୍ଟଙ୍କ ଆଦେଶକୁ ଅବମାନନା କରୁଛନ୍ତି। କର୍ମଚାରୀଙ୍କୁ ଇପିଏଫ୍, ଇଏସ୍‌ଆଇ ଏଜେନ୍ସି ପ୍ରଦାନ କରୁନାହିଁ। ବୈଠକରେ ଠିକା ବ୍ୟବସ୍ଥାକୁ ଉଠାଇ ସ୍ଥାୟୀ ନିଯୁକ୍ତି ଦାବି କରିଛି ସଂଘ। ସେହିଭଳି ବିଭିନ୍ନ ଜିଲାରୁ ଆସିଥିବା ପ୍ରତିନିଧିମାନେ ନିଜ ନିଜ ଜିଲାରେ ଥିବା ସମସ୍ୟା କହିଥିଲେ। କାର୍ଯ୍ୟକ୍ରମରେ ଉପଦେଷ୍ଟା ଭାବେ ଆଇନଜୀବୀ ଶରତ କୁମାର ରାୟଗୁରୁ, ଆବାହକ ଭାବେ ପ୍ରତାପ ପ୍ରଧାନ, ଗୁରୁପ୍ରସାଦ ଶତପଥୀ, ପ୍ରତାପ ନାଥ, ଏନ୍. ନିରଞ୍ଜନ ଦାସ, ପି.ଉମେଶ ରାଓ, ସୁଦାମ ମେହେର, ସମୀର ନାୟକ, ହିମାଂଶୁ ପଟ୍ଟନାୟକ, ବିନାୟକ ପତି, ଅନିଲ ସୁବୁଦ୍ଧି, ତ୍ରିନାଥ ଭୋଇ, କିରଣ ନାୟକଙ୍କୁ ନେଇ ଏକ ଆବାହକ କମିଟି ଗଠିତ ହୋଇଥିଲା। ଠିକା ଆଉଟ ସୋର୍ସିଂଙ୍ଗ ଉଚ୍ଛେଦ ଓ ମେଡିକାଲରେ ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି ସରକାର ପୂରଣ ନ କଲେ ଆସନ୍ତା ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ ହେବ। ସମ୍ପୃକ୍ତ ଜିଲାର ସମସ୍ୟା ନେଇ ଜିଲାପାଳ ଏବଂ ସିଡିଏମ୍‌ଓଙ୍କୁ ଦାବିପତ୍ର ଦିଆଯିବ ବୋଲି ବୈଠକରେ ପ୍ରସ୍ତାବ ପାରିତ ହୋଇଥିବା ନେଇ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଅଭିମନ୍ୟୁ ସାହୁ, ମିଥୁନ ଭୋଇ, ଦୀପକ ଗୋଛାୟତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରାଜ୍ୟସ୍ତରୀୟ ବୈଠକରେ ମେଡିକାଲ ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘର କର୍ମକର୍ତ୍ତା ଏବଂ ଅତିଥି ।

# କୁମାର ଉତ୍ସବ ସମିତିର ଜିଲାସ୍ତରୀୟ ପ୍ରତିଯୋଗିତା

ପୁରୀ, ୮।୧୦( ଅଜିତ ମହାନ୍ତି): କୁମାର ଉତ୍ସବ ସମିତିର ୫୬ତମ କୁମାର ଉତ୍ସବ ପାଳନ ଉପଲକ୍ଷେ ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗୀମାନଙ୍କ ମଧ୍ୟରେ ବେଦ ପାଠ, ଗୀତ ପାଠ, ଏକକ ଅଭିନୟ, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ଝୋଟି ସହ ଶ୍ରୀକ୍ଷେତ୍ର କୁମାର/କୁମାରୀ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଦ୍ୟୁଲତା ଆଚାର୍ଯ୍ୟ, ଚକ୍ରଧର ମହାପାତ୍ର, ମନୋଜ ରଥ, ରାଜେଶ ମିଶ୍ର, ଅମରେନ୍ଦ୍ର ପାଇକରାୟ, ସୁକାନ୍ତ ପଣ୍ଡା, ଭରତ ନାୟକ, ଶ୍ରୀକାନ୍ତ ମହାନ୍ତି, ଡ. ପ୍ରଦୀପ ଆଚାର୍ଯ୍ୟ, ଡ. ନନ୍ଦିଘୋଷ ମହାପାତ୍ର, ଡ. ଚନ୍ଦନ ମିଶ୍ର ଯୋଗଦେଇ କୁମାର ଉତ୍ସବ ସମିତିର ସେବା କାର୍ଯ୍ୟକ୍ରମ ସହ ସଂସ୍କୃତ ଓ ପରମ୍ପରାର ସୁରକ୍ଷା ପାଇଁ ଯେଉଁ ଉଦ୍ୟମ ଜାରିରହିଛି ତାହାର ଭୂୟସୀ ପ୍ରଶଂସା କରିଥିଲେ। ସମସ୍ତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଆସନ୍ତା ଅକ୍ଟୋବର ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ୫୬ତମ କୁମାର ଉତ୍ସବରେ ପୁରସ୍କୃତ କରାଯିବା ସହ ଦୁଇ କୁନି ଶିଶୁ ପ୍ରତିଭାଙ୍କୁ ସାମଗ୍ରିକ କୃତି ନିମନ୍ତେ ଶ୍ରୀକ୍ଷେତ୍ର କୁମାର ଓ କୁମାରୀ ଉପାଧି ପ୍ରଦାନ କରାଯିବ। ସନ୍ଧ୍ୟାରେ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାକୁ ଗୋପବନ୍ଧୁ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଅନ୍ତେବାସୀମାନେ ଉପଭୋଗ କରିଥିଲେ। ଏହି ପ୍ରତିଯୋଗିତାକୁ ସାଧନା ମହାନ୍ତି, ମନସ୍ମିତା ସାହୁ, ବିରଞ୍ଚି ଷଡଙ୍ଗୀ, ମୃଣାଳିନୀ ଦାସ, ମଳୟ ଗଜେନ୍ଦ୍ର, ବିଶ୍ୱଜିତ୍ ରାଜ, ବିକାଶ ଦତ୍ତ, ପ୍ରମୋଦ ପଟ୍ଟନାୟକ, ପ୍ରଶାନ୍ତ ପ୍ରଧାନ, ଚନ୍ଦନ ସାହୁ, ନିଗମ ପାତ୍ର, କ୍ଷୀରୋଦ ଦାସ, ସନ୍ଧ୍ୟାରାଣୀ ସାହୁ, ରାକେଶ ସାହୁ, ଅସୀମା ରାହୁଲ, ସନ୍ତୋସିନି ନାୟକ, ସୌମ୍ୟ ରଞ୍ଜନ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ଦେବୀ ପ୍ରସାଦ ମିଶ୍ର, ବନିତା ଦୀକ୍ଷିତ, ଶ୍ୟାମପ୍ରକାଶ ସେନାପତି, ଶିବାନୀ ଦାସ,ଅଭ୍ୟୁଦୟ ଦାସ, ଦେବରାଜ ଦାସ, ନିରୋଜ ମହାନ୍ତି, ବିଶ୍ୱନାଥ ଦାସ ଓ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।


କୁମାର ଉତ୍ସବ ସମିତି ପକ୍ଷରୁ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାମାନେ ।

# ଭାଜପାରେ ମିଶିଲେ ୧୫୦ ବିଜେଡି କର୍ମୀ

ନିମାପଡ଼ା,୮।୧୦(ବିଚିତ୍ରାନନ୍ଦ ସାହୁ) ନିମାପଡ଼ା ଭାଜପା ପକ୍ଷରୁ ରବିବାର ସ୍ଥାନୀୟ କଲ୍ୟାଣମଣ୍ଡପଠାରେ ଏକ ମିଶ୍ରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ବରିଷ୍ଠ ନେତା ଦିଲୀପ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିମାପଡ଼ାରେ ଖୁବ୍‌ଶୀଘ୍ର ପଦ୍ମ ଫୁଟିବ, ଆଗାମୀ ନିର୍ବାଚନରେ ଭାଜପାର ବିଜୟ ଧ୍ୱଜା ଉଡିବ ବୋଲି ନାୟକ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ନିର୍ବାଚନମଣ୍ଡଳୀର ସଂଯୋଜକ ପ୍ରଦୀପ ନାୟକ, ମଣ୍ଡଳ ସଭାପତି ମାନସ ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ବରିଷ୍ଠ ନେତା ଗଙ୍ଗାଧର ଜେନା, ବାଦଲ ବେହେରା, ପଞ୍ଚାୟତ ସଭାପତି ଜୟକୃଷ୍ଣ ମହାପାତ୍ର, ବିକାଶ ପ୍ରଧାନ, ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷ ଅଜୟ ଭୋଇ ପ୍ରମୁଖ ଯୋଗଦେଇଥିଲେ। ମିଶ୍ରଣ ପର୍ବରେ ନିମାପଡ଼ା ବ୍ଲକ ଅଧୀନ ଉଚ୍ଛୁପୁର ଗ୍ରାମପଞ୍ଚାୟତର ଦେଢ଼ଶହରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଦଳ ଛାଡ଼ି ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ନୂତନ ଭାବେ ଦଳରେ ସାମିଲ ହୋଇଥିବା କର୍ମୀଙ୍କୁ ଦଳର ନେତୃବୃନ୍ଦମାନେ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ନିରଞ୍ଜନ ମଙ୍ଗରାଜ, ସୁରେନ୍ଦ୍ର ବେହେରା, ସୁରେନ୍ଦ୍ର ବରାଳ, ବ୍ରଜବନ୍ଧୁ ସ୍ୱାଇଁ, ଇନ୍ଦ୍ରମଣି ପ୍ରଧାନ, ନୃସିଂହ ବିଶ୍ୱାଳ ପ୍ରମୁଖଙ୍କ ନେତୃତ୍ୱରେ ନୂତନ କର୍ମୀମାନେ ଭାଜପାରେ ସାମିଲ ହୋଇଥିଲେ। ଏହି ଅବସରରେ ଏକ ବାଇକ୍ ଶୋଭାଯାତ୍ରା ଆୟୋଜିତ ହୋଇଥିଲା।


ଅତିଥିଙ୍କ ଗହଣରେ ଭାଜପାରେ ଯୋଗଦେଇଥିବା ନୂତନ କର୍ମୀ।

# କ୍ରୀଡ଼ା, ମନୋରଞ୍ଜନରେ ଭାଗ ନେଲେ ମାନସିକ ରୋଗୀ

କଣାସ,୮।୧୦(ବିଭୂତି ଭୂଷଣ ତ୍ରିପାଠୀ) କଣାସ ବ୍ଲକ ଅଧୀନ ଦୟାବିହାରଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ମାନସିକ ୟୁନିଟ୍‌ର ବ୍ୟକ୍ତିମାନଙ୍କ ଦ୍ୱାରା ରବିବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସପ୍ତାହର ଦ୍ୱିତୀୟ ଦିବସରେ କ୍ରୀଡ଼ା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ୪୬୦ରୁ ଊର୍ଦ୍ଧ୍ୱ ମାନସିକ ଅନଗ୍ରସର ଶ୍ରେଣୀର ପୁରୁଷ ଓ ମହିଳା ଅନ୍ତେବାସୀ ଏହି କ୍ରୀଡ଼ା ଓ ମନୋରଞ୍ଜନରେ ଭାଗ ନେଇଥିଲେ। ମାନସିକ ଅସୁସ୍ଥ ପ୍ରକଳ୍ପର ତତ୍ତ୍ୱାବଧାରିକା ଜୟଶ୍ରୀ ସରାଫଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମାନସିକ ଅସୁସ୍ଥ ବ୍ୟକ୍ତିମାନେ କେଉଁଭଳି ଭାବରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ସେନେଇ ସୁବୁଦ୍ଧି ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିକାଶଚନ୍ଦ୍ର ବଡ଼ସିଂ, ମାନସିକ ଅନଗ୍ରସର ବିଭାଗର ପ୍ରକଳ୍ପ ସଂଯୋଜକ କୃଷ୍ଣଚନ୍ଦ୍ର ନିଶଙ୍କ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ ସପ୍ତାହର ମହତ୍ତ୍ୱ ଓ ସଚେତନ ହେବାକୁ କହିଥିଲେ। କାର୍ଯ୍ୟକ୍ରମକୁ ନିଗମାନନ୍ଦ ବାରିକ, ତପନ ଦାସଙ୍କ ସହ କ୍ଲିନିକାଲ୍ ମନୋବିଜ୍ଞାନ, କାଉନସେଲ୍‌ର ଟି.ସି.ଜି, କେୟାରଟେକରଙ୍କ ସମେତ ମେଡିକାଲ କର୍ମଚାରୀ ସମୂହ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ତେବାସୀମାନେ ।

## ଜନ ସମ୍ପର୍କ ପଦଯାତ୍ରା

ପିପିଲି, ୮।୧୦ (ପ୍ରଭାତ କୁମାର ମହାପାତ୍ର): ବିଜେଡିର ଜନସମ୍ପର୍କ ପଦଯାତ୍ରା ପିପିଲି ଦାଣ୍ଡମୁକୁନ୍ଦପୁରରେ ଷଷ୍ଠ ପର୍ଯ୍ୟାୟରେ ପହଞ୍ଚିଛି। ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀଙ୍କ ନେତୃତ୍ୱରେ ଦାଣ୍ଡମୁକୁନ୍ଦପୁର ଗୋପାଳଜୀଉ ମନ୍ଦିରଠାରୁ ବାହାରିଥିବା ଏହି ପଦଯାତ୍ରା ପଞ୍ଚାୟତର ସମସ୍ତ ୱାର୍ଡ ପରିକ୍ରମା କରି ଦଳର ସୁଶାସନର ବାର୍ତ୍ତା ବାଣ୍ଟିଥିଲା। ଏହି ପଦଯାତ୍ରାରେ ବିଧାୟକ ରୁଦ୍ର ପ୍ରତାପଙ୍କ ଧର୍ମପତ୍ନୀ ଜାଗୃତି ପଣ୍ଡା ମହାରଥୀ ମଧ୍ୟ ସାମିଲ ହୋଇ ବିଜେଡିର ଗୁଣଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ପୁରୀ ଜିଲା ସମ୍ପାଦକ ଦେବାଶିଷ ନନ୍ଦ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ବ୍ଲକ ଅଧ୍ୟକ୍ଷ ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ପିପିଲି ଏନଏସି ଚେୟାରମ୍ୟାନ ସେକ୍ ବାବୁ, ଦାଣ୍ଡମୁକୁନ୍ଦପୁରର ପୂର୍ବତନ ସରପଞ୍ଚ ସୁକାନ୍ତ କୁମାର ପଣ୍ଡା ପ୍ରମୁଖ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

# କଂଗ୍ରେସର ଘରକୁ ଘର ପଦଯାତ୍ରା

ଚାରିଛକ,୮।୧୦(ଶିଶିର ସ୍ୱାଇଁ) ନିମାପଡ଼ା ନିର୍ବାଚନମଣ୍ଡଳୀରେ କଂଗ୍ରେସର ପଦଯାତ୍ରା ରବିବାର ଆରମ୍ଭ ହୋଇଛି। ନିମାପଡ଼ା ବ୍ଲକ କଂଗ୍ରେସ ସଭାପତି ବିଜୟ ପ୍ରଧାନଙ୍କ ନେତୃତ୍ୱରେ ଭୋଦର ପଞ୍ଚାୟତରେ ଘର ଘର ଚାଲ ହାତକୁ ହାତ ଯୋଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟକାରିଣୀ ସଭ୍ୟ ରାମଚନ୍ଦ୍ର ଜେନା, ଭୋଦର ପଞ୍ଚାୟତ କଂଗ୍ରେସ ସଭାପତି ଦୁଃଶାସନ ସେଠୀ, ବ୍ଲକ ଉପସଭାପତି ବିଜୟ ମଲ୍ଲିକ, ଚଅଁରପଦା ପଞ୍ଚାୟତ ସଭାପତି ସନ୍ତୋଷ ବେହେରା, ଅନ୍ତୁଆର ପଞ୍ଚାୟତ ଉପସଭାପତି ରଶ୍ମିରଞ୍ଜନ ସ୍ୱାଇଁ, ଭରତ ବାରିକ, ବାବାଜୀ ଭୋଇ, ଜଳନ୍ଧର ସେଠୀ, ଅଜୟ ବାରିକଙ୍କ ସମେତ ଦଳୀୟ କର୍ମୀ ପଞ୍ଚାୟତରେ ପ୍ରତି ଗ୍ରାମକୁ ଯାଇ ଘରକୁ ଘର ବୁଲି ଲୋକଙ୍କ ସମସ୍ୟା ବୁଝିବା ସହିତ ଆଗାମୀ ଦିନରେ ଦଳ କିଭଳି ଭାବେ ପଞ୍ଚାୟତରେ ଭଲ କାମ କରିବ ଲୋକଙ୍କୁ ବୁଝାଇଥିଲେ।


କଂଗ୍ରେସ କର୍ମୀମାନେ ପଦଯାତ୍ରାରେ ବାହାରିଛନ୍ତି ।

# ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀ, ପିଲାଙ୍କୁ ଆକ୍ରମଣ

ନିମାପଡ଼ା,୮।୧୦(ବିଚିତ୍ରାନନ୍ଦ ସାହୁ) ନିମାପଡ଼ା ଥାନା ଅଧୀନ ଗୁଣ୍ଡିଚାବାଡ଼ି ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ନିର୍ଯାତନା ଦେଉଛନ୍ତି। ଏପରିକି ସ୍ତ୍ରୀଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଉଛନ୍ତି। ପରକୀୟା ପ୍ରୀତିରୁ ସ୍ୱାମୀ ଏଭଳି ନିର୍ଯାତନା ଦେଉଥିବା ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ୪ ଆକ୍ରମଣକାରୀଙ୍କ ବିରୋଧରେ ୩୬୧/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଆକ୍ରମଣକାରୀଙ୍କ ମାଡ଼ରେ ମହିଳା ଜଣକ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ସୂଚନା ମୁତାବକ, ସରୋଜ ଜେନା ଓ କବିତା ଜେନାଙ୍କ ବିବାହ ଆଜକୁ ୨୫ ବର୍ଷ ହେଲାଣି। ସରୋଜ ୪ ବର୍ଷ ହେଲା ଘରେ ନ ରହି ତାଙ୍କ ମା'ଙ୍କୁ ନେଇ କୋଣାର୍କ ଅଞ୍ଚଳରେ ରହୁଛନ୍ତି। କବିତା ତାଙ୍କର ୨ଟି ଝିଅ ଓ ଗୋଟିଏ ପୁଅକୁ ନେଇ କଷ୍ଟରେ ରହୁଥିବାବେଳେ ସରୋଜ ସେମାନଙ୍କୁ ପଚାରୁ ନ ଥିବା ମହିଳା କହିଛନ୍ତି। ଗତ ୪ ତାରିଖରେ ସରୋଜଙ୍କ ସମ୍ପର୍କୀୟ ବ୍ୟକ୍ତି କଟକ ଜିଲା ଅଡଶପୁର ଗ୍ରାମର ତ୍ରିଲୋଚନ ସ୍ୱାଇଁ, ନିଆଳି ଥାନା ଅଧୀନ ଜୁଆଙ୍ଗ ଗ୍ରାମର ନର୍ମଦା ଲେଙ୍କା, ରଶ୍ମି ରଞ୍ଜନ ସ୍ୱାଇଁ ପ୍ରମୁଖ ଏକ କାର୍‌ରେ ଆସିଥିଲେ। ସରୋଜ ତାଙ୍କ ସମ୍ପର୍କୀୟଙ୍କ ସହ ଘରେ ଜୋରଜବରଦସ୍ତ ପଶି କବିତାଙ୍କୁ ଦୁର୍ବ୍ୟବହାର ଦେଖାଇବା ସହ ମାଡ଼ ମାରି ଘରର ଆସବାବପତ୍ର ଫିଙ୍ଗାଫୋପଡା କରି ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। କବିତାଙ୍କ ପାଟି ଶୁଣି ଝିଅ ଆସି ଏଥିରେ ବାଧା ଦେବାରୁ ତାଙ୍କୁ ଗାଳିଗୁଲଜ କରି ବିଭିନ୍ନ ଧମକ ଦେଇଥିଲେ। ସରୋଜ ଜଣେ ମହିଳାଙ୍କୁ ତାଙ୍କ ପାଖରେ ରଖି କବିତା ଓ ପିଲାଙ୍କୁ ଅକଥନୀୟ ନିର୍ଯାତନା ଦେଉଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

# ପ୍ରତି ଘରେ ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତା ପହଞ୍ଚାଉଛି ବିଜେଡି

ଅସ୍ତରଙ୍ଗ, ୮।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ): ଗାନ୍ଧୀ ଜୟନ୍ତୀ ଠାରୁ ଆରମ୍ଭ ହୋଇଥିବା ବିଜେଡିର ଜନସମ୍ପର୍କ ପଦଯାତ୍ରା ପୁରୀ ଜିଲା କାକଟପୁର ନିର୍ବାଚନମଣ୍ଡଳୀ ଅସ୍ତରଙ୍ଗ ବ୍ଲକରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅସ୍ତରଙ୍ଗ ବିଜୁ ଜନତା ଦଳ କାର୍ଯ୍ୟାଳୟରୁ ଏହି ଜନସମ୍ପର୍କ ପଦଯାତ୍ରା ବାହାରି ୧ ନମ୍ବର ଜୋନ୍‌ର ବିଭିନ୍ନ ଗ୍ରାମ ପରିକ୍ରମା ସହ ପୀରଜାହାନିଆ ନିକଟରେ ପହଞ୍ଚିବା ପରେ ସେଠାରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ କାକଟପୁର ନିର୍ବାଚନ ମଣ୍ଡଳୀ ବିଧାୟକ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ ଇଂ. ତୁଷାରକାନ୍ତି ବେହେରା ଯୋଗ ଦେଇ କହିଥିଲେ ଯେ ବିଜେଡି ସବୁବେଳେ ମହିଳା, ଯୁବବର୍ଗ, ସାଧାରଣ ଲୋକ ତଥା ସବୁବର୍ଗର କଲ୍ୟାଣ ପାଇଁ କାମ କରୁଛି। ଜନସମ୍ପର୍କ ପଦଯାତ୍ରାରେ ବିଜେଡି ଘରେ ଘରେ ବିକାଶର ବାର୍ତ୍ତା ପହଞ୍ଚାଇବା ସହ ତୃଣମୂଳସ୍ତରରେ ଲୋକଙ୍କ ସମସ୍ୟା ଦୂର କରିବା ଉପରେ ଫୋକସ କରିଛି। ଏହି ଜନସମ୍ପର୍କ ପଦଯାତ୍ରା ଓ ସାଙ୍ଗଠନିକ ବୈଠକରେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ପଞ୍ଚାନନ ସ୍ୱାଇଁ, ଯୁବନେତା ରତ୍ନରାଜ ରାଉତ, ସରପଞ୍ଚ କ୍ଷୀରୋଦ କାଣ୍ଡି, ସଭ୍ୟ ବିମ୍ବାଧର ବିଶ୍ୱାଳ, ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବନିତା ବେହେରା, ଯୁବ ଜନତା ଦଳ ସଭାପତି ପ୍ରଶାନ୍ତ ନାୟକ, ସାଂସଦଙ୍କ ପ୍ରତିନିଧି ଚମ୍ପକ ବାରିକ, ମନ୍ତ୍ରୀଙ୍କ ପ୍ରତିନିଧି ଭୀମସେନ ସ୍ୱାଇଁ, ସମିତି ସଭ୍ୟ ରାମଚନ୍ଦ୍ର ନାୟକ, ସମବାୟ ବ୍ୟାଙ୍କ ସଭ୍ୟ କୁଞ୍ଜ ବିହାରୀ ପ୍ରଧାନ, ସମିତି ସଭ୍ୟା ମନ୍ଦାକିନୀ ଛାଟୋଇ, ଆରତୀ କାଣ୍ଡି, ପ୍ରଫୁଲ୍ଲ ବେହେରା, ରୁଦ୍ର ପ୍ରସାଦ ଲେଙ୍କାଙ୍କ ସମେତ ବିଜୁ ଛାତ୍ର ଜନତା, ବିଜୁ ଯୁବ ଜନତା ତଥା ୨ ହଜାରରୁ ଅଧିକ କର୍ମୀ ପଦଯାତ୍ରାରେ ସାମିଲ ଥିଲେ।


ଜନସମ୍ପର୍କ ପଦଯାତ୍ରାରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଦଳୀୟ କର୍ମୀମାନେ ।

# ସାମ୍ବାଦିକ ଏକାଦଶକୁ ହରାଇ ପୋଲିସ ଏକାଦଶ ବିଜୟୀ

**ଅତିରିକ୍ତ ଏସ୍‌ପି ସୁଶିଲ ମିଶ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍**

ପୁରୀ, ୮।୧୦(ଅଜିତ ମହାନ୍ତି): ପୁରୀ ପୋଲିସ ରିଜର୍ଭ ପଡ଼ିଆରେ ରବିବାର ପୋଲିସ ଏକାଦଶ ଏବଂ ଖବରଦାତା ଏକାଦଶ ମଧ୍ୟରେ ଏକ ବନ୍ଧୁତାପୂର୍ଣ୍ଣ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏସ୍‌ପି କନୱର ବିଶାଲ ସିଂ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଟସ୍ ଜିତି ମିଡିଆ ଏକାଦଶ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ମିଡିଆ ଏକାଦଶ ଅଧିନାୟକ ଅକ୍ଷୟ ମିଶ୍ରଙ୍କ ନେତୃତ୍ୱରେ ପଡ଼ିଆକୁ ଓହ୍ଲାଇଥିଲା। ନିର୍ଦ୍ଧାରିତ ୧୦ ଓଭରରେ ମିଡିଆ ଏକାଦଶ ୯ ଉଇକେଟ ହରାଇ ୭୨ ରନ କରିଥିଲା। ପୋଲିସ ଏକାଦଶ ୧୩ଟି ବଲ ବାକି ଥାଇ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ମିଡିଆ ଏକାଦଶ ପକ୍ଷରୁ ଉତ୍ତମ ବ୍ୟାଟିଂ ପାଇଁ ଖବରଦାତା ସୁମନ୍ତ ପରିଡ଼ାଙ୍କୁ ଶ୍ରେଷ୍ଠ ଖେଳାଳି ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ପୋଲିସ ଏକାଦଶ ପକ୍ଷରୁ ୩ଟି ଉଇକେଟ୍ ନେଇଥିବା ଅଧିନାୟକ ଅତିରିକ୍ତ ଏସ୍‌ପି ସୁଶିଲ ମିଶ୍ରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଇଥିଲା। ପୋଲିସ ଟିମ୍‌ର ଦିଲୀପ କୁମାର ଛାଟୋଇ ସର୍ବାଧିକ ରନ୍ କରିଥିଲେ। ଏସ୍‌ପି ସିଂ ପୋଲିସ ଟିମ୍‌କୁ ବିଜୟୀ ଟ୍ରଫି ଏବଂ ମିଡିଆ ଟିମ୍‌କୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ମିଡିଆ ଏକାଦଶ ପକ୍ଷରୁ ସୁମନ୍ତ ପରିଡ଼ା, ପ୍ରିୟଦର୍ଶନ ମହାନ୍ତି, ଶିବ ପ୍ରସାଦ ଦାଶ, ଅକ୍ଷୟ କୁମାର ମିଶ୍ର, ପବିତ୍ର କୁମାର ପୃଷ୍ଟି, ସାଗର ମଲ୍ଲିକ, ସରୋଜ କୁମାର ମଲ୍ଲିକ, ସୁକାନ୍ତ ସ୍ୱାଇଁ, ଧିରେନ କୁମାର ପାଢ଼ୀ, ଅଜିତ୍ ମହାନ୍ତି, ବିଶାଲ ମହାନ୍ତି, ବିକ୍ରମ ଆଚାର୍ଯ୍ୟ, ବିକ୍ରମ ପରିଡ଼ା ପ୍ରମୁଖ ଖେଳିଥିବା ବେଳେ ମଧୁସୂଦନ ମିଶ୍ର, ସଞ୍ଜୟ କୁମାର ମହାପାତ୍ର, ରଞ୍ଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୋଲିସ ଏକାଦଶ ପକ୍ଷରୁ ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ସୁଶିଲ ମିଶ୍ର ଓ ବିଷ୍ଣୁପ୍ରସାଦ ପତି, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ (ହୋମଗାର୍ଡ) ଜିତେନ୍ଦ୍ର ଦେହୁରୀ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ରିଜର୍ଭ ଇନ୍ସପେକ୍ଟର ଚିରଞ୍ଜନ ମହାନ୍ତି, ସାଇବର ଥାନା ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ, ଟାଉନଥାନା ଆଇଆଇସି ସୁନୀଲ କୁମାର ପ୍ରଧାନ ମ୍ୟାଚ ଖେଳିଥିଲେ। ଦୁଷ୍ମନ୍ତ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ।


ମ୍ୟାଚରେ ଅଂଶଗ୍ରହଣ କରିଥିବା ଉଭୟ ଦଳର ଖେଳାଳିଙ୍କ ସହ ଅତିଥି ।

## ନୂତନ ରାସ୍ତା ଉଦ୍‌ଘାଟିତ

କଟକ,(ସୁପ୍ରିୟା ପ୍ରିୟଦର୍ଶିନୀ): କଟକ ମିଶନରୋଡ଼ସ୍ଥିତ ୟୁନାଇଟେଡ ଥିଓଲଜିକାଲ ସ୍କୁଲ ପରିସରରେ ନୂତନ ରାସ୍ତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ଇଂ. ମହମ୍ମଦ ମୋକିମ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍କୁଲ ପଡିଆରେ ପ୍ରିନ୍ସିପାଲ ରେଭ ଡ. ପ୍ରଦୀପ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍କୁଲ ପକ୍ଷରୁ ବିଧାୟକ ମୋକିମଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଏହି ଜନହିତକର କାର୍ଯ୍ୟ ପାଇଁ ଧନ୍ୟବାଦ ଦିଆଯାଇଥିଲା। ସ୍କୁଲ ପରିସରରେ ନୂତନ ଲାଇଟ୍ ସବୁ ଲଗାଯାଇଥିବାରୁ କର୍ପୋରେଟର ଲିଜା ରାଉତଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲ ଉପ ସଭାପତି ରେଭ ସୌଭାଗ୍ୟ ନାୟକ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଘାଣ୍ଟ ଗଣେଶ ଭସାଣି: ୪୩ ମେଢ଼ ବିସର୍ଜିତ

ଚୌଦ୍ୱାର,୮।୧୦(ଆଶୁତୋଷ ଦାସ)

ଚୌଦ୍ୱାର ଅଞ୍ଚଳରେ ଗଣେଶ ଭସାଣି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୩ଟି ଘାଣ୍ଟ ଗଣେଶ ମେଢ ସାମିଲ ହୋଇଥିଲା। ମେଢଗୁଡ଼ିକୁ ଶୋଭାଯାତ୍ରାରେ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରାଯାଇ ବିରୂପା ନଦୀ ସମେତ ଅସ୍ଥାୟୀ ଜଳାଶୟରେ ବିସର୍ଜନ କରାଯାଇଥିଲା। ଶୋଭାଯାତ୍ରାରେ ପାରମ୍ପରିକ ନୃତ୍ୟରେ ତାଳେ ତାଳେ ଯୁବକମାନେ ନୃତ୍ୟ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

### ବରିଷ୍ଠ ନାଗରିକ ଶ୍ରୀଧର ଲେଙ୍କାଙ୍କ ଶ୍ରାଦ୍ଧୋତ୍ସବ

କଟକ,୮।୧୦ (କାର୍ତ୍ତିକ ସାହୁ)

ଅନ୍ଦରପୁର ଦୁଲ୍ଲାଦେଇ ରୋଡ ଅଞ୍ଚଳର ବରିଷ୍ଠ ନାଗରିକ ଶ୍ରୀଧର ଲେଙ୍କାଙ୍କ ଦ୍ୱିତୀୟ



ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନ୍ଦରପୁରସ୍ଥିତ ତାଙ୍କ ବାସଭବନରେ ଆୟୋଜିତ ସ୍ମୃତିସଭାରେ ଦୁଲ୍ଲାଦେଇ ରୋଡ୍ ଅଞ୍ଚଳର ବରିଷ୍ଠ ନାଗରିକ ଉତ୍ତମ ଦାସ, ରଜନୀକାନ୍ତ ପରିଜା, ଆଦିକନ୍ଦ ନାୟକ, ପ୍ରଫୁଲ୍ଲ ପଣ୍ଡା ଓ ବସନ୍ତ ଦେହୁରୀ ପ୍ରମୁଖ ଯୋଗଦେଇ ଲେଙ୍କାଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କର ତିନିପୁତ୍ର ସନାତନ ଅଭିରାମ, ରବି ନାରାୟଣ, ପୁତ୍ରବଧୂ,ନାତୁଣୀ, ନାତି ଉପସ୍ଥିତ ଥିଲେ।

### ଅମୂଲ୍ୟ ଜୀବନ ଫାଉଣ୍ଡେଶନର ବାର୍ଷିକ ଉତ୍ସବ

କଟକ,୮।୧୦ (କାର୍ତ୍ତିକ ସାହୁ)

ଅମୂଲ୍ୟ ଜୀବନ ଫାଉଣ୍ଡେଶନର ବାର୍ଷିକ ଉତ୍ସବ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିଜଡମ୍ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କମଲଜିତ୍ ସିଂହ, ସମ୍ମାନିତ ଅତିଥି ଭାବେ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ ଓ ପୂର୍ବତନ ଆଡ୍‌ଭୋକେଟ ଜେନେରାଲ ସୂର୍ଯ୍ୟପ୍ରସାଦ ମିଶ୍ର ଯୋଗଦେଇ ଅମୂଲ୍ୟ ଜୀବନ ସଂଗଠନର ସେବା କାର୍ଯ୍ୟର ପ୍ରଶଂସା କରିଥିଲେ। ଏହି ଅବସରରେ ଶତାଧିକ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ କରାଯାଇଥିଲା। ଫାଉଣ୍ଡେଶନର ପ୍ରତିଷ୍ଠାତା ଅବିନାଶ ଖେମକା ସ୍ୱାଗତ ଭାଷଣ ଦେଇ ଫାଉଣ୍ଡେଶନର ବିଭିନ୍ନ ସେବା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ଅମୂଲ୍ୟ ଜୀବନର ବିଭିନ୍ନ କାର୍ଯ୍ୟକ୍ରମକୁ ବୃତ୍ତଚିତ୍ର ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଅବସରପ୍ରାପ୍ତ ଆଇଏଏସ୍ ଡ. ସତ୍ୟଜିତ୍ ମହାନ୍ତି, ଶିଳ୍ପୋଦ୍ୟୋଗୀ ଗଣେଶ ପ୍ରସାଦ କାନ୍ଦୋଇ, ଅରୁଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଆର.ଜେ. କୋମଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଫାଉଣ୍ଡେଶନର କାର୍ଯ୍ୟକ୍ରମ ମୁଖ୍ୟ ଶ୍ୱେତା କାନୁନ୍‌ଗୋ ସହଯୋଗ କରିଥିଲେ।

# କଟକରେ ହେବ ଓଡ଼ିଆ ଅସ୍ମିତା ସମ୍ମିଳନୀ

କଟକ,୮।୧୦(କାର୍ତ୍ତିକ ସାହୁ)



ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ବ୍ୟକ୍ତିମାନେ।

**ଡିସେମ୍ବର ୩୦ରେ ଉତ୍କଳ ସମ୍ମିଳନୀର ୧୨୦ତମ ବର୍ଷ ପୂର୍ତ୍ତି ସମାରୋହ**

ଉତ୍କଳ ସମ୍ମିଳନୀର ୧୨୦ ବର୍ଷ ପୂର୍ତ୍ତି ସମାରୋହ ଡିସେମ୍ବର ୩୦ ଓ ୩୧ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ବିଶ୍ୱର ପ୍ରତ୍ୟେକ କୋଣଅନୁକୋଣରୁ ଓଡ଼ିଆ ଭଉଣୀଭାଇମାନେ ଏହି ସମାରୋହରେ ଏକାଠି ହେବେ। ସେମାନେ ଐତିହାସିକ କଟକ ସହରରେ ଏକତ୍ର ହୋଇ ପାଳନ କରିବେ ମହାମିଳନ ପର୍ବ ଓଡ଼ିଆ ଅସ୍ମିତା ସମ୍ମିଳନୀ। ଓଡ଼ିଶାର ୩୦ ଜିଲା ସମେତ ଦେଶବିଦେଶରୁ ଓଡ଼ିଆ ପ୍ରତିନିଧିମାନେ ଯୋଗଦେଇ ଓଡ଼ିଆ ଅସ୍ମିତାର ଗୌରବଦୀପ୍ତ ଅଧ୍ୟାୟକୁ ଅବଗାହନ କରିବେ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନ ଦର୍ଶନ ଓ ଦୂରଦୃଷ୍ଟି ବିଷୟରେ ଯୁବପିଢିଙ୍କୁ ଅବଗତ କରାଇବା ପାଇଁ ବିଶେଷ କାର୍ଯ୍ୟକ୍ରମ କରାଯିବ। ମଧୁବାବୁଙ୍କ କର୍ମଭୂମି ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଏନେଇ ଆଲୋଚନା କରାଯାଇ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

୨୦୩୬ ମସିହାରେ ଓଡ଼ିଶା ୧୦୦ ବର୍ଷରେ ପଦାର୍ପଣ କରୁଛି। ଏହି ଗୌରବମୟ ଇତିହାସ ବହନ କରୁଥିବା ଓଡ଼ିଶାର ସାମଗ୍ରିକ ବିକାଶରେ ଯୁବସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଯୁବ ଓଡ଼ିଆଙ୍କୁ ନେଇ ବିଶେଷ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରାଯିବ। ମଧୁବାବୁଙ୍କ ଅନ୍ତୁଡିଶାଳ ସତ୍ୟଭାମାପୁରରେ ଆଶୀର୍ବାଦ ଗ୍ରହଣ ପର୍ବରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇସାରିଛି। ଦିଲ୍ଲୀ ଓଡ଼ିଆ ବୁଦ୍ଧିଜୀବୀ ଫୋରମର ଅଧ୍ୟକ୍ଷ ତଥା ଶିକ୍ଷାବିତ୍ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱ ଓ ଡ. ଭଗବାନ ପ୍ରକାଶଙ୍କ ଅଧକ୍ଷତାରେ ସମଗ୍ର ବିଶ୍ୱରେ ବାସ କରୁଥିବା ବିଶିଷ୍ଟ ଓଡ଼ିଆ ବ୍ୟକ୍ତିଙ୍କୁ ନେଇ ଏକ ଆୟୋଜନ କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ସାହିତ୍ୟିକ ଦାଶ ବେନହୁର, ପୂର୍ବତନ ମହିଳା ଆୟୋଗର ଅଧକ୍ଷା ଲୋପାମୁଦ୍ରା ମହାନ୍ତି, ବିଶିଷ୍ଟ ଗାନ୍ଧୀ ଅନୁଗାମୀ ପ୍ରହ୍ଲାଦ ସିଂ, ଶିକ୍ଷାବିତ୍ ଡ. ଅରୁନ୍ଧତୀ ଦେବୀ, ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁଙ୍କ ସମେତ ଯୁକ୍ତରାଷ୍ଟ୍ର, ଲଣ୍ଡନ, କାନାଡ଼ା, ଟରୋଣ୍ଟୋ, ମାଲେସିଆ, ଛତିଶଗଡ଼, ଝାଡ଼ଖଣ୍ଡ, ଗୁଜରାଟ, ବେଙ୍ଗାଲୁରୁ, ନୂଆଦିଲ୍ଲୀ, ମୁମ୍ବାଇ, ଆଜମେରରୁ ବିଶିଷ୍ଟ ବ୍ୟକ୍ତିମାନେ ସାମିଲ ହୋଇଛନ୍ତି।

ଓଡ଼ିଆ ଅସ୍ମିତା ସମ୍ମିଳନୀର ଆଶୀର୍ବାଦ ପର୍ବ ମଧୁବାବୁଙ୍କ ଜନ୍ମଭୂମି ସତ୍ୟଭାମାପୁରରୁ ଆରମ୍ଭ ହୋଇ କର୍ମଭୂମି ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶେଷ ହୋଇଛି। ସେଠାରେ ଡ. ଭଗବାନ ପ୍ରକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଆୟୋଜକ କମିଟି ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ଅଧକ୍ଷା ଡ. ଗାୟତ୍ରୀ ବିଶ୍ୱାଳଙ୍କ ସହିତ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ଏହି ଜାତୀୟ କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ସାମିଲ ହେବ। ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ସେଗୁଡ଼ିକ ମଧ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଅଧକ୍ଷା ଡ. ବିଶ୍ୱାଳ ଓ ଆବାହକ ରାଉତ ସୂଚନା ଦେଇଛନ୍ତି।

# ଆଠଗଡ଼କୁ ଜିଲା ଘୋଷଣା କରାଯାଉ

ଖୁଣ୍ଟୁଣୀ, ୮।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼କୁ ଜିଲା ଘୋଷଣା ପାଇଁ ଦାବି ଜୋର୍ ଧରିଛି। ଏ ନେଇ ରବିବାର ଅପରାହ୍ନରେ ସ୍ଥାନୀୟ ଉତ୍ତରାଚଣ୍ଡୀଙ୍କ ପୀଠରେ ସ୍ୱେଚ୍ଛାସେବୀ ସଙ୍ଗଠନ ଗଡଜାତ ପରିକ୍ରମାର ଉପସଭାପତି ସୁରେଶ ଚନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଠଗଡ଼ର ବହୁ ବୁଦ୍ଧିଜୀବୀ, ନାଗରିକ ଯୋଗଦେଇ ଆଲୋଚନା କରିଥିଲେ। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆସନ୍ତା ୧୬ ତାରିଖଠାରୁ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ମଧୁବାବୁଙ୍କ ପ୍ରତିମୂର୍ତ୍ତି ଆଗରେ ପ୍ରତୀକାତ୍ମକ ଧାରଣା ଦେବାକୁ ନିଷ୍ପତ୍ତି ହୋଇଛି। ଆଠଗଡକୁ ଜିଲା ଘୋଷଣା ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ଗଡଜାତ ପରିକ୍ରମାର ସମ୍ପାଦକ ତଥା କ୍ରିୟାନୁଷ୍ଠାନ କମିଟି ଆବାହକ ଲଲାଟେନ୍ଦୁ ସେନାପତି କହିଛନ୍ତି। ଏହି ବୈଠକରେ ଇଂ. ପ୍ରିୟବ୍ରତ ଦାସ, କଂଗ୍ରେସ ନେତା ସୁଦର୍ଶନ ସାହୁ, ଖବରଦାତା ସନ୍ତୋଷ ବାରିକ, ଅଶୋକ ଦାସ, ଆଇନଜୀବୀ ଜୟନ୍ତ କୁମାର ପଣ୍ଡା, ପ୍ରତିମା ପଣ୍ଡା, ଇଂ. ମହେଶ ପ୍ରସାଦ ଦାଶ, ଶୈଳେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ପୁରୁଣା ବସ୍‌ଷ୍ଟାଣ୍ଡରେ ଆଦର୍ଶ ଥାନା ପ୍ରତିଷ୍ଠା ଦାବି

କଟକ,୮।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ବାଦାମବାଡ଼ିରେ ଥିବା ପୁରୁଣା ଥାନାକୁ ସ୍ଥାନାନ୍ତର କରି ଏକ ନୂତନ ଆଦର୍ଶ ଥାନା ପୁରୁଣା ବସ୍‌ଷ୍ଟାଣ୍ଡ ପରିସରରେ ପ୍ରତିଷ୍ଠା କରିବାକୁ ରୌପ୍ୟନଗରୀ ନାଗରିକ କଲ୍ୟାଣ ମଞ୍ଚ ପକ୍ଷରୁ ଗୃହସଚିବଙ୍କ ନିକଟକୁ ପତ୍ର ଲେଖାଯାଇଛି। ଅନୁଷ୍ଠାନର ସଭାପତି ଅମ୍ଳାନ ବଦନ ପଟ୍ଟନାୟକ, ଖବରଦାତା ଆଲୋକ ନାୟକ, ଶିରିଶ କୁମାର ମହାପାତ୍ର, ଅଶୋକ କାନୁନ୍‌ଗୋ, ବିକ୍ରମ କେଶରୀ ସ୍ୱାଇଁ, ଜଗତଜ୍ୟୋତି ପଟ୍ଟନାୟକ ଓ ସୁବାସ ମହାପାତ୍ରଙ୍କ ପକ୍ଷରୁ ଏହି ପତ୍ର ଲେଖାଯାଇ ତୁରନ୍ତ ପଦକ୍ଷେପ ନେବା ପାଇଁ ନିବେଦନ କରାଯାଇଛି। ବିଶେଷକରି ଏହି କାର୍ଯ୍ୟ ଅଧିକ ତ୍ୱରାନ୍ୱିତ କରିବାରେ ସହଯୋଗ କରିଥିବା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓ ନିରାମୟ ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି) ପ୍ରତିଷ୍ଠା ପରେ ବାହାରୁ ବହୁସଂଖ୍ୟକ ଯାତ୍ରୀ ସେଠାରୁ ଯାତାୟତ କରୁଛନ୍ତି। ତେଣୁ ତୁରନ୍ତ ଏକ ଆଦର୍ଶ ଥାନା ପ୍ରତିଷ୍ଠାର ହେବାର ଆବଶ୍ୟକତା ରହିଛି ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି। ଏହାର ନକଲ ପ୍ରେରଣ କରାଯାଇ ୫-ଟି ସଚିବ, ଓଏସ୍‌ଆର୍‌ଟିସି ସିଏମ୍‌ଡି, ଜିଲାପାଳ ଓ ଡିସିପିଙ୍କୁ ଅବଗତ ନିମନ୍ତେ ଜଣାଇ ଦିଆଯାଇଛି।

# 'ସମାଜ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତୁ ବିଦ୍ୟାର୍ଥୀ'




ପୂଜ୍ୟପୂଜା ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୮।୧୦ (କାର୍ତ୍ତିକ ସାହୁ)

**ଡ୍ରିମ୍‌ସରେ ପୂଜ୍ୟପୂଜା ସମାରୋହ**

**■ ୫ ପ୍ରତିଭାଧାରୀ ପାଇଲେ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ'**

ଧନେଶ୍ୱର ରଥ ଫାଉଣ୍ଡେଶନ୍ ପକ୍ଷରୁ କର୍ମଯୋଗୀ ଧନେଶ୍ୱର ରଥଙ୍କ ଊନବିଂଶତିତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ 'ପୂଜ୍ୟପୂଜ୍ୟ ସମାରୋହ-୨୦୨୩' ଟାଙ୍ଗୀସ୍ଥିତ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନର ଜୟଶ୍ରୀ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିପିୟୁଟିର କୁଳପତି ପ୍ରଫେସର ଡ. ଅମିୟ କୁମାର ରଥ, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡ. ବିଜୟାନନ୍ଦ ସିଂହ, ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀ ଗୁରୁ ଅଖିଳ କୁମାର ଲେଙ୍କା, ସାମାଜିକ କର୍ମୀ କବିତା ମହାପାତ୍ର ଓ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କ୍ରୀଡ଼ାବିତ୍ ଅନିଲ କୁମାର ଗୋଚ୍ଛିକାରଙ୍କୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ବିଶ୍ୱାତ୍ମା ଚେତନା ପରିଷଦର ଅଧ୍ୟକ୍ଷ ସ୍ୱାମୀ ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀ ଯୋଗଦେଇ କହିଥିଲେ, ଭାରତୀୟ ପରମ୍ପରାରେ ବସୁଧୈବ କୁଟୁମ୍ବକମ୍‌ର ଭାବନା ପ୍ରତିଫଳିତ। ସମସ୍ତଙ୍କୁ ନିଜର ମନେକରିବା, ପରୋପକାରକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବା ଓ ଭଗବତ୍ ଚିନ୍ତନ ସହ ଭଲ ମଣିଷ ହୋଇ ବିକଶିତ ସମାଜ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବାକୁ ବିଦ୍ୟାର୍ଥୀମାନେ ଆଗେଇ ଆସନ୍ତୁ। ସମ୍ବର୍ଦ୍ଧିତ ପ୍ରତିଭାମାନେ କହିଥିଲେ, ମାତାପିତାଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ସନ୍ତାନକୁ ଯଶସ୍ୱୀ କରିଥାଏ। ଧନେଶ୍ୱର ରଥ ଫାଉଣ୍ଡେଶନ୍‌ର ଅଧକ୍ଷ ଇଂ. ଲଳିତ ମୋହନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥି ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦଜୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ସ୍ମରଣିକା 'ଅମୃତ ଅନୁଭବ' ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ସହ କର୍ମଯୋଗୀ ଧନେଶ୍ୱର ରଥଙ୍କ ପ୍ରତିକୃତି ନିକଟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବାବାଜୀ ବିଶ୍ୱନାଥ ଦାସ, ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ, ସିଦ୍ଧେଶ୍ୱର ଚୈତନ୍ୟ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଅଖିଳ ମହାପାତ୍ର, ସହ ଅଧକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ସୁଶାନ୍ତ କୁମାର ଦାସ, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡ. ନୟନ ରଞ୍ଜନ ସାମଲ, ଡ. କଲ୍ୟାଣ କୁମାର ସାହୁ, ଡ. ଆଶୁତୋଷ ଦେବତା, ଆଶୁତୋଷ ଦ୍ୱିବେଦୀ, କବି ବିଶ୍ୱେଶ୍ୱର ମହାନ୍ତି, ନାରାୟଣ ମୁଦୁଲି, ଶିକ୍ଷାବିତ୍ ଉତ୍କଳ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଫାଉଣ୍ଡେଶନ୍‌ର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଗ୍ରାମାଞ୍ଚଳରେ ରାତ୍ରିକାଳୀନ ସଙ୍ଗୀତ ଆସର ସମୟ ବୃଦ୍ଧି କରାଯାଉ

କଟକ ସଦର,୮।୧୦ (ସୁଶାନ୍ତ କୁମାର ଜେନା)

ଶାରଦୀୟ ପୂଜା ଅବସରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ରାତ୍ରିକାଳୀନ ସଙ୍ଗୀତ ଆସର (ମେଲୋଡି) ଆୟୋଜନ କରାଯାଇଥାଏ। କମିଶନରେଟ୍ ପୋଲିସ ବ୍ୟବସ୍ଥାରେ ଥିବା କଟକ ଓ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ସଙ୍ଗୀତ ଆସର ପାଇଁ ରାତି ୧୨ଟା ପର୍ଯ୍ୟନ୍ତ ସମୟ ସୀମା ଧାର୍ଯ୍ୟ କରାଯାଇଛି। ଅଥଚ କମିଶନରେଟ ପୋଲିସ ବ୍ୟବସ୍ଥା ମଧ୍ୟରେ ଥିବା ଗ୍ରାମାଞ୍ଚଳ ପାଇଁ ରାତି ୧୦ଟା ସମୟ ସୀମା ରହିଛି। ୨ ପ୍ରକାରର ନିୟମ ଉଠାଇ ଦେଇ ଏକ ପ୍ରକାରର କରିବା ପାଇଁ କଟକ ସଦର ବ୍ଲକ ଗ୍ରାମାଞ୍ଚଳର ବିଭିନ୍ନ ପୂଜା କମିଟି ପକ୍ଷରୁ ଶନିବାର ଡିଜିପି ଏବଂ ପୋଲିସ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ପୂଜା ସମୟରେ ସହର ଓ ଗ୍ରାମାଞ୍ଚଳ ଭେଦଭାବ ନ ରଖି ସମସ୍ତଙ୍କୁ ମଧ୍ୟରାତ୍ରୀରେ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଅନୁମତି ଦେବାକୁ ଅନୁରୋଧ କରାଯାଇଛି। ସହର ଅପେକ୍ଷା ଗ୍ରାମାଞ୍ଚଳର ଲୋକମାନେ ଦୁର୍ଗା, ଗଜଲକ୍ଷ୍ମୀ, କାଳୀ, କାର୍ତ୍ତିକେଶ୍ୱର ପୂଜାରେ ଆୟୋଜିତ ସଙ୍ଗୀତ ଆସରରେ ଭରପୂର ଆନନ୍ଦ ଉଠାଉଥାନ୍ତି। ସେହିପରି କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ ଅଧୀନ ବିଭିନ୍ନ ଥାନା ଅଞ୍ଚଳରେ ମଧ ନୂଆ ସମୟ ସୀମା ଲାଗୁ ପାଇଁ ଅନୁରୋଧ କରାଯାଇଛି।

# ଯୋଗ, ନେଚରୋପାଥି ଏକାଡେମୀର ବାର୍ଷିକ ଉତ୍ସବ

ଚୌଦ୍ୱାର,୮।୧୦(ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ଜୀବନଦାୟିନୀ ଯୋଗ ଓ ନେଚରୋପାଥି ଏକାଡେମୀର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କପାଳେଶ୍ୱରସ୍ଥିତ ଦିବ୍ୟ ଜୀବନ ସଂଘ ଶାଖା କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. ନାରାୟଣ ପ୍ରସାଦ ଆଚାର୍ଯ୍ୟ, ଆୟୁଷ ଡା. ରାଧାକାନ୍ତ ସାହୁ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ଦାସ, ଲକ୍ଷ୍ମୀଧର ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇ କହିଥିଲେ, ଯୋଗକଲେ ଶରୀର ସୁସ୍ଥ ରହେ। ଯୋଗଗୁରୁ ଛତ୍ରଧାରୀ ନାୟକ ଯୋଗାସନ କରିଥିଲେ। ଏକାଡେମୀର ନିର୍ଦ୍ଦେଶକ ଭୋଳାନାଥ ନାୟକ କାର୍ଯ୍ୟକ୍ରମ ପରିଚାଳନା ଓ ଯୋଗଗୁରୁ ଜୟକୃଷ୍ଣ ପରିଡ଼ା ଧନ୍ୟବାଦ ଦେଇଥିଲେ।

# କଂଗ୍ରେସ ସରକାର ଆସିଲେ ବେକାର ଯୁବତୀଯୁବକଙ୍କୁ ଥଇଥାନ କରାଯିବ




ପଦଯାତ୍ରାରେ ସାମିଲ ହୋଇଥିବା କଂଗ୍ରେସ କର୍ମୀ ଓ ଅନ୍ୟମାନେ।

ମଙ୍ଗୁଳି-ଜଗତପୁର,୮।୧୦(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଘରେ ଘରେ କଂଗ୍ରେସ ଘରେ ଘରେ ହାତ ପଦଯାତ୍ରା ମଙ୍ଗରାଜପୁର ପଞ୍ଚାୟତ ଅଧୀନ କୋଚିଲା ନୂଆଗାଁ ଗ୍ରାମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଆଶୁତୋଷ ବରାଳଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରାରେ ପ୍ରଦେଶ କଂଗ୍ରେସ କମିଟି ଉପ ସଭାପତି ବିଭୂତି ମିଶ୍ର, ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, କଟକ ବାର୍ ଆସୋସିଏଶନର ପୂର୍ବତନ ସମ୍ପାଦକ ଆଲୋକ ନନ୍ଦ, ଆଠଗଡ଼ ନଗର କଂଗ୍ରେସ ସଭାପତି ମାନସ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କଂଗ୍ରେସ ସରକାର ଆସିଲେ ବେକାର ଯୁବତୀଯୁବକଙ୍କ ପାଇଁ ଥାଇଥାନ ବ୍ୟବସ୍ଥା କରାଯିବ। ଯେଉଁମାନଙ୍କୁ ଥଇଥାନ ନ କରିହେବ କର୍ନାଟକ ରାଜ୍ୟ ପରି ଷ୍ଟାଇପେଣ୍ଡ ଦିଆଯିବ, ସାଧାରଣବର୍ଗର ଲୋକଙ୍କ ପାଇଁ ୨୦୦ ୟୁନିଟ୍ ବିଦ୍ୟୁତ୍ ବିଲ୍ ଛାଡ଼, ଦରଦାମ ବୃଦ୍ଧି ନିୟନ୍ତ୍ରଣ ଭଳି ୧୦ଦଫା ପ୍ରସଙ୍ଗକୁ ନେଇ ପ୍ରସ୍ତୁତ ଲିଫ୍‌ଲେଟ୍ ଘରେ ଘରେ ବଣ୍ଟାଥିବା ନନ୍ଦ କହିଥିଲେ। ଏହି ପଦଯାତ୍ରାରେ ଚୌଦାର ନଗର କଂଗ୍ରେସ ସଦସ୍ୟ ସୁବାସ ସୁବୁଦ୍ଧିରାୟ, ମନୋଜ ଖିଲାର, ଯୁଧିଷ୍ଠିର ବେହେରା, ଗଣେଶ୍ୱର ନାୟକ, ସୁନାକର ରାଉତ, ରୁଦ୍ର ପ୍ରସାଦ ରାଉତ, ବୁଲୁ ବେହେରାଙ୍କ ସମେତ ଶତାଧିକ କର୍ମୀ ସାମିଲ ଥିଲେ।




ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିଜଡମ୍ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ଅମୂଲ୍ୟ ଜୀବନ ଫାଉଣ୍ଡେଶନର ବାର୍ଷିକ ଉତ୍ସବରେ ଛାତ୍ରୀମାନେ ଶପଥ ଗ୍ରହଣ କରୁଛନ୍ତି।

# ୫୬.୪୯ ଲକ୍ଷ ଠକେଇ, ଯୁବକ ଗିରଫ

କଟକ,୮।୧୦ (କାର୍ତ୍ତିକ ସାହୁ)

**ଠକେଇ ଅର୍ଥରେ ଅୟସ କରୁଥିଲେ**

**କାର, ସୁନା ଅଳଙ୍କାର, କାଗଜପତ୍ର ଜବତ**

ଡୁପ୍ଲେକ୍ସ ଘର ବିକ୍ରି ପାଇଁ ୫୬ ଲକ୍ଷ ୪୯ ହଜାର ଟଙ୍କା ଠକି ନେବା ଅଭିଯୋଗରେ ମଧୁପାଟଣା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଲିଙ୍କୁନ ଓରଫ ରୁଦ୍ରପ୍ରତାପ ମହାନ୍ତି। ତାଙ୍କଠାରୁ ଏକ କାର, ୨ଟି ସୁନାଚେନ୍, ଗୋଟିଏ ହାର, ବୃଦ୍ଧାଶ୍ରମର ପଞ୍ଜୀକରଣ ପ୍ରମାଣପତ୍ର ସମେତ ବହୁତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ଅଭିଯୁକ୍ତ ଜଣଙ୍କ ଠକେଇ ଅର୍ଥରେ ନିଜର ବ୍ୟବସାୟ ବଢ଼ାଇବା, ବୃଦ୍ଧାଶ୍ରମ ଚଳାଇବା ଓ ସୁନାଅଳଙ୍କାର କିଣି ଅୟସ କରୁଥିଲେ। ସ୍ଥାନୀୟ ଗୋଶାଳା ରୋଡ଼୍‌ରେ ରହୁଥିବା ଜଗତ୍‌ସିଂହପୁର ଜିଲା ବାଗାଡିଆ ଅଞ୍ଚଳର ରାହୁଲ ମହାରଣା ଠକେଇ ଶିକାର ହୋଇଛନ୍ତି।

ପୋଲିସ ସୂଚନା ଅନୁସାରେ, ରୁଦ୍ର ଜଣେ ଠକ। ଯିଏକି ନିଜକୁ ରୁଦ୍ର ବିଲ୍ଡର କମ୍ପାନୀର ମାଲିକ ଭାବରେ ସମସ୍ତଙ୍କ ନିକଟରେ ଉପସ୍ଥାପିତ କରିଆସିଛନ୍ତି। ସେ ପାହାଲ ଥାନା ଅନ୍ତର୍ଗତ ଜଗନ୍ନାଥପୁରସ୍ଥିତ ସ୍ୱସ୍ତି ଗାର୍ଡେନରେ ରହୁଛନ୍ତି। ସେ ସରଳ ଲୋକଙ୍କୁ ଫସାଇ ଠକିବା ଉଦ୍ଦେଶ୍ୟରେ ଡୁପ୍ଲେକ୍ସ ଅନ୍ ସେଲ୍ ଲେଖା ସହ ନିଜ ମୋବାଇଲ ନମ୍ବର ଲେଖି ବିଭିନ୍ନ ଅଞ୍ଚଳରେ ପାମ୍ଫ୍ଲେଟ ଲଗାଇଥାନ୍ତି। ଏଭଳି ଏକ ଲେଖା ପଢ଼ି ରାହୁଲ ତାଙ୍କ ସହ ଯୋଗାଯୋଗ କରିଥିଲେ। ନନ୍ଦନକାନନ ପାର୍ଶ୍ୱବର୍ତ୍ତୀ ରଘୁନାଥପୁରଠାରେ ଏକ ବଡ଼ ଜମିକୁ ଦେଖାଇ ସେଠାରେ ହାଉସିଂ ପ୍ରୋଜେକ୍ଟ ନିର୍ମାଣ ହେବ ବୋଲି ରୁଦ୍ର କହିଥିଲେ। ସେଠାରେ ଏକ ଡୁପ୍ଲେକ୍ସ ଘର କ୍ରୟ ପାଇଁ ୭୫ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ୨୦୨୧ ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ତିନୋଟି କିସ୍ତିରେ ରାହୁଲ ତାଙ୍କୁ ୧୨,୫୦,୦୦୦ ଟଙ୍କା ପ୍ରଦାନ କରିଥିଲେ। ଏହାପରେ ରୁଦ୍ର ବିଭିନ୍ନ କାରଣ ଦର୍ଶାଇ ରାହୁଲଙ୍କୁ ପୁଣି ଟଙ୍କା ମାଗିଥିଲେ। ମୋଟ ୫୬,୪୯,୦୦୦ ଟଙ୍କା ସେ ତାଙ୍କଠାରୁ ନେଇ ୨୦୨୨ ଅଗଷ୍ଟ ଶେଷ ସୁଦ୍ଧା ଫ୍ଲାଟ୍ ହସ୍ତାନ୍ତର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହି ଅଗଷ୍ଟରେ ରାହୁଲ ଡୁପ୍ଲେକ୍ସ ଘରର ନିର୍ମାଣ କାର୍ଯ୍ୟ ଦେଖିବା ପାଇଁ ଯାଇଥିଲେ। ହେଲେ ସେଠାରେ କୌଣସି ନିର୍ମାଣ କାର୍ଯ୍ୟ ଦେଖିବାକୁ ପାଇ ନ ଥିଲେ। ଫଳରେ ସେ ଠକାମୀର ଶିକାର ହୋଇଛନ୍ତି ଜାଣି ଅଭିଯୁକ୍ତଙ୍କୁ ଟଙ୍କା ଫେରାଇବା ପାଇଁ କହିଥିଲେ। ଅଭିଯୁକ୍ତ ଏଥିପାଇଁ ସମୟ ନେଇଥିଲେ। ୨୦୨୩ ମେ' ୨ରେ ପୁନର୍ବାର ରାହୁଲ ତାଙ୍କୁ ଟଙ୍କା ମାଗିବାରୁ ସେ ଦେବାକୁ ମନା କରିବା ସହ ହତ୍ୟା ଧମକ ଦେଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୫୯/୨୩) ରୁଜୁ କରିଥିଲା।

## ସଂକ୍ଷେପରେ

### ନନ୍ଦନକାନନରେ ବଜ୍ରକାପ୍ତା ମୃତ

ବାରଙ୍ଗ,୮।୧୦(ଲିଙ୍ଗରାଜ ରାଉତ)- ପ୍ରାଣୀଉଦ୍ୟାନ ନନ୍ଦନକାନନରେ ରବିବାର ଏକ ଅଣ୍ଡିରା ବଜ୍ରକାପ୍ତାର ମୃତ୍ୟୁ ଘଟିଛି। ଏହି ବଜ୍ରକାପ୍ତାଟି ଶନିବାର ଅସୁସ୍ଥ ହୋଇପଡିଥିଲା। ଡାକ୍ତରଖାନା ପରିସରରେ ଥିବା ପ୍ରଜନନ କେନ୍ଦ୍ରରେ ବଜ୍ରକାପ୍ତାଟି ରହିଥିବାବେଳେ ଠିକ୍‌ଭାବେ ଖିଆପିଆ କରୁ ନ ଥିଲା। ଫଳରେ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଥିଲା। କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ବଜ୍ରକାପ୍ତା ପ୍ରଜନନ କେନ୍ଦ୍ରରେ ବନ୍ୟପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା ଆରମ୍ଭ କରାଯାଇଥିଲେ ମଧ୍ୟ ରବିବାର ରାତିରେ ତାର ମୃତ୍ୟୁ ଘଟିଛି। ପ୍ରଜନନ କେନ୍ଦ୍ରରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୨୫ରେ ପହଞ୍ଚିଛି।

### ବାଙ୍କୀ ମହୋତ୍ସବ-୨୦୨୩ ପାଇଁ ପ୍ରସ୍ତୁତି ବୈଠକ

ବାରଙ୍ଗ,୮।୧୦(ଲିଙ୍ଗରାଜ ରାଉତ)- ବାରଙ୍ଗ ଭୂଖଣ୍ଡର କଳା ସାହିତ୍ୟ ସଂସ୍କୃତିର ଉତ୍କର୍ଷ ପ୍ରତିପାଦନ ନିମନ୍ତେ ବାରଙ୍ଗ ଶାନ୍ତି କମିଟି ସହଯୋଗରେ ବାଙ୍କୀ ମହୋତ୍ସବ-୨୦୨୩ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ରବିବାର ବାରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଙ୍କୀ ମହୋତ୍ସବର କାର୍ଯ୍ୟକାରୀ ସଭାପତି ତଥା ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଙ୍କ ମଧ୍ୟରେ ବାଙ୍କୀ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ବାଙ୍କୀ ମହୋତ୍ସବର ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ, ବାରଙ୍ଗ ଶାନ୍ତି କମିଟି ସଭାପତି ପ୍ରତାପ ପାଣି, ସାଧାରଣ ସମ୍ପାଦକ ସୁରେଶ ମହାନ୍ତିଙ୍କ ସମେତ ଅଞ୍ଚଳର ବହୁ ମୁରବି ଓ ଲୋକପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ସଙ୍କୀର୍ତ୍ତନମଣ୍ଡଳୀଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ବାରଙ୍ଗ,୮।୧୦(ଲିଙ୍ଗରାଜ ରାଉତ) ବାରଙ୍ଗ ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ଗ୍ରାମ ସାମଲ ସାହିର ଏକ ମନ୍ଦିର ବେଢାରେ ଶୋଇଥିବା ଜଣେ ଯୁବକଙ୍କୁ ଶନିବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ହେଲେ ଟୁଲୁ ସାମଲ(୩୦)। ଶନିବାର ରାତି ୧୧ଟାରେ କୁଆଖାଇ ନଦୀବନ୍ଧ ନିକଟ ଶିବ ମନ୍ଦିର ବେଢାରେ ଟୁଲୁ ଶୋଇଥିଲେ। ଏହି ସମୟରେ କେତେଜଣ ଅଚିହ୍ନା ବ୍ୟକ୍ତି ଟୁଲୁଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିବା ସହିତ ଡାହାଣ ହାତଟି ଭାଙ୍ଗିଯାଇଥିଲା। ଚିତ୍କାର ଶୁଣି ପାଖରେ ଶୋଇଥିବା କିଛି ଲୋକ ଟୁଲୁଙ୍କୁ ଉଦ୍ଧାର କରି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗୁରୁତର ଟୁଲୁଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲା।

# ଗବେଷଣା ବିଶ୍ୱବିଦ୍ୟାଳୟର ମୂଳପୁଞ୍ଜି

## ଓୟୁଟିଆର୍ ଦ୍ୱିତୀୟ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୮।୧୦(ଅସମାପିକା ସାହୁ)


ପ୍ରତିଷ୍ଠା ଉତ୍ସବରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଓଡିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର୍)ର ଦ୍ୱିତୀୟ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଯୋଗଦେଇ ଗବେଷଣା ବିଶ୍ୱବିଦ୍ୟାଳୟର ମୂଳପୁଞ୍ଜି ବୋଲି ମତବ୍ୟକ୍ତ କରିଥିଲେ। ବିଭାଗର ପ୍ରମୁଖ ସଚିବ ଉଷା ପାଢୀ କହିଥିଲେ, ଛାତ୍ରୀଛାତ୍ର ଓ ଅଧ୍ୟାପକ ନିଜ ଶିକ୍ଷାନୁଷ୍ଠାନକୁ ଭଲ ପାଇବା ଦରକାର। ସମସ୍ତଙ୍କ ଉଦ୍ୟମରେ ଶିକ୍ଷାନୁଷ୍ଠାନର ବିକାଶ ହୋଇପାରିବ। ମୁଖ୍ୟ ବକ୍ତା ଭାବେ ଏନ୍‌ଆଇଟି ରାଉରକେଲାର ପୂର୍ବତନ ନିର୍ଦ୍ଦେଶକ ସୁନୀଲ ଷଡ଼ଙ୍ଗୀ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ଥିବା ପାର୍ଥକ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ଓୟୁଟିଆର୍ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଅଧ୍ୟକ୍ଷତା କରି ଶିକ୍ଷାନୁଷ୍ଠାନର ଦୁଇ ବର୍ଷର ସଫଳତା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟର ନୂଆ ୱେବ୍‌ସାଇଟ ଶୁଭାରମ୍ଭ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ଛାତ୍ରୀଛାତ୍ର, କୃତୀ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ରେଣୁ ପ୍ରଭା ନାୟକ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ପ୍ରଫେସର ପ୍ରଭାତ କୁମାର ପାଢୀ ଧନ୍ୟବାଦ ଦେଇଥିଲେ।

# ବିକାଶ ଚନ୍ଦ୍ର ପ୍ରଧାନ ଓଇଏସ୍ ସଂଘ ସଭାପତି

ଭୁବନେଶ୍ୱର, ୮।୧୦(ଅସମାପିକା ସାହୁ)

ଓଡ଼ିଶା ଶିକ୍ଷା ସେବା(ଓଇଏସ୍) ସଙ୍ଘର ଏକ ସାଧାରଣ ପରିଷଦ ବୈଠକ ରବିବାର କ୍ୟାପିଟାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଶିକ୍ଷା ବିଭାଗର ବିଭିନ୍ନ ପଦବୀରେ କାର୍ଯ୍ୟ କରୁଥିବା ୨୨୦ ଜଣ ଓଇଏସ୍ ଅଧିକାରୀ ବୈଠକରେ ଯୋଗଦେଇଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ବିଶ୍ୱଜିତ୍ ଘୋଷ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ତଥା ସଙ୍ଘର ନିର୍ବାଚନ ଅଧିକାରୀ ସଂଗ୍ରାମ କେଶରୀ ସାହୁ ନିୟମାନୁସାରେ ସଙ୍ଘର ନିର୍ବାଚନ ପ୍ରକ୍ରିୟା ପରିଚାଳନା କରିଥିଲେ। ଉପସ୍ଥିତ ସମସ୍ତ ଅଧିକାରୀଙ୍କ ସମ୍ମତିକ୍ରମେ ବିକାଶ ଚନ୍ଦ୍ର ପ୍ରଧାନ ସଙ୍ଘର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ବିଶ୍ୱଜିତ୍ ଘୋଷ ଉପସଭାପତି, ଚିତ୍ତରଞ୍ଜନ ପାଣିଗ୍ରାହୀ ସାଧାରଣ ସମ୍ପାଦକ, ହିମାଂଶୁ ଭୂଷଣ ଓଝା ସଙ୍ଗଠନ ସମ୍ପାଦକ, ଚନ୍ଦନ ରଥ ଯୁଗ୍ମ ସମ୍ପାଦକ(ସାଧାରଣ), ସୁଧାଂଶୁ ଶେଖର ପାତ୍ର ଯୁଗ୍ମ ସମ୍ପାଦକ(ଅର୍ଥ), ମହେଶ୍ୱର ସାହୁ ଯୁଗ୍ମ ସମ୍ପାଦକ(ସଂଯୋଜନା), ଆକାଂକ୍ଷିକା ପ୍ରିୟଦର୍ଶିନୀ ପ୍ରଧାନ ଯୁଗ୍ମ ସମ୍ପାଦକ(ବିକାଶ ), ସସ୍ମିତା ସାହୁ ଯୁଗ୍ମ ସମ୍ପାଦକ(ଉତ୍ତର କ୍ଷେତ୍ର), ସଙ୍ଗୀତା ପଣ୍ଡା ଯୁଗ୍ମ ସମ୍ପାଦକ(ମଧ୍ୟ କ୍ଷେତ୍ର), ଡ. ପ୍ରଭାତୀ କୁମାରୀ ମହାପାତ୍ର ଯୁଗ୍ମ ସମ୍ପାଦକ(ଦକ୍ଷିଣ କ୍ଷେତ୍ର) ଭାବେ ନିର୍ବାଚିତ ହୋଇଥିଲେ। ଅବସରପ୍ରାପ୍ତ ସଦସ୍ୟ କେଦାରନାଥ ଆଚାର୍ଯ୍ୟ ଉପସ୍ଥିତ ରହି ସଂଘର ଉତ୍ପତ୍ତି, ଇତିହାସ ଓ ସଫଳତା ବିଷୟରେ ଅବତାରଣା କରିଥିଲେ। ସଙ୍ଘର ବରିଷ୍ଠ ସଦସ୍ୟ ମର୍କତ କେଶରୀ ରାୟ ଅଫିସଙ୍କୁ କର୍ମକୁଶଳତା ଓ ସ୍ୱଚ୍ଛତା ସହ କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ନୂତନ ଭାବରେ ନିର୍ବାଚିତ ହୋଇଥିବା କର୍ମକର୍ତ୍ତାମାନେ ସାମୂହିକ ସ୍ୱାର୍ଥ ତଥା ସଙ୍ଘର ସଫଳତା ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବେ ବୋଲି ଶପଥ ପାଠ କରିଥିଲେ। ବୈଠକରେ ଅବସରପ୍ରାପ୍ତ ଅଧିକାରୀ ବୃନ୍ଦାବନ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗୋଶାଳାଗୁଡ଼ିକୁ ସଶକ୍ତ କରିବାକୁ ଆହ୍ୱାନ


ବୈଠକରେ ଅନ୍ୟମାନଙ୍କ ସହ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ।

ଭୁବନେଶ୍ୱର, ୮।୧୦(ଅସମାପିକା ସାହୁ)

ରାଜ୍ୟସ୍ତରୀୟ ଗୋଶାଳା ଓ ଆନିମଲ ହେଲ୍ପଲାଇନ ସମ୍ପର୍କିତ ବୈଠକ ରବିବାର କୃଷି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଗୋଶାଳାଗୁଡ଼ିକୁ ଅଧିକ ସଶକ୍ତ କରିବା ଦିଗରେ ପ୍ରତ୍ୟେକ ସ୍ତରରେ ନିଷ୍ଠାପର ଉଦ୍ୟମର ଆବଶ୍ୟକତା ରହିଥିବା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଏବେ ୮୦ଟି ପଞ୍ଜିକୃତ ଗୋଶାଳା ରହିଛି। ୨୦୨୨-୨୩ ବର୍ଷରେ ୫୨ଟି ପଞ୍ଜିକୃତ ଗୋଶାଳାକୁ ପ୍ରତି ବୟସ୍କ ଗୋରୁଙ୍କ ପାଇଁ ବାର୍ଷିକ ୧୬ ହଜାର ହିସାବରେ ୫ କୋଟି ଟଙ୍କା ବ୍ୟୟ କରାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ରାଶି ୨୦ ହଜାରକୁ ବୃଦ୍ଧି କରାଯାଇ ଏ ବାବଦକୁ ୧୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଗୋଶାଳାଗୁଡ଼ିକ କୃଷି ଓ ଉଦ୍ୟାନ କୃଷି ବିଭାଗ ଦ୍ୱାରା ଆବଶ୍ୟକ ହେଉଥିବା ଜୈବିକ ଖତ ଓ ଜିଆ ଖତ ଉତ୍ପାଦନ କରି ଆର୍ଥିକ ଉପାର୍ଜନ କରିବାର ସୁଯୋଗ ରହିଛି ବୋଲି ମନ୍ତ୍ରୀ କହିଥିଲେ। ଏଥିପାଇଁ କୃଷି ବିଜ୍ଞାନ କେନ୍ଦ୍ର ବୈଷୟିକ ଜ୍ଞାନକୌଶଳ ଏବଂ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହାୟତା ଗ୍ରହଣ କରାଯାଇପାରେ ବୋଲି ସେ କହିଥିଲେ। ମନ୍ତ୍ରୀ କହିଛନ୍ତି, ବୁଲା ଓ ଅସହାୟ ପଶୁପକ୍ଷୀଙ୍କୁ ଜରୁରିକାଳୀନ ଚିକିତ୍ସା ସେବା ଯୋଗାଇଦେବା ପାଇଁ ରାଜ୍ୟବ୍ୟାପୀ ଆନିମଲ ହେଲ୍‌ପଲାଇନ୍ ପ୍ରତିଷ୍ଠା କରାଯାଇଛି। ଟୋଲ୍ ଫ୍ରି ନମ୍ବର ୧୯୬୨କୁ କଲ୍ କଲେ ପୀଡ଼ିତ ବୁଲା ଓ ଅସହାୟ ପଶୁପକ୍ଷୀଙ୍କୁ ଚିକିତ୍ସା ସୁବିଧା ମିଳିପାରୁଛି। ରାଜ୍ୟର ୧୧ଟି ସହରାଞ୍ଚଳରେ ଆନିମଲ ଆମ୍ବୁଲାନ୍ସ ଓ ଅନ୍ୟ ଅଞ୍ଚଳରେ ମୋବାଇଲ୍ ଭେଟେରିନାରି ୟୁନିଟ୍ ଏହି ସେବା ଯୋଗାଇ ଦେଉଛି। ବୈଠକରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଲେ ଯେ ଗୋଶାଳାଗୁଡ଼ିକର ଉନ୍ନତି ନିମନ୍ତେ ଅନ୍ୟ ବିଭାଗ ସହିତ ମିଳିମିଶି କାମ କରିବାକୁ ପଡ଼ିବ। ସ୍ଥାନୀୟ ପ୍ରାଣୀ ଚିକିତ୍ସକ ପ୍ରତି ମାସରେ ଥରେ ଗୋଶାଳା ପରିଦର୍ଶନରେ ଯିବେ ଏବଂ ଗୋଶାଳାଗୁଡ଼ିକରେ ଗାଈଗୋରୁଙ୍କ ଟିକାକରଣ, ଡି-ୱର୍ମିଂ ଓ ଗୋ-ବନ୍ଧ୍ୟା ନିରାକରଣ କାର୍ଯ୍ୟକ୍ରମକୁ ପ୍ରାଥମିକତା ଭିତ୍ତିରେ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ସଚିବ କହିଥିଲେ। ବୈଠକରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ବୀରକିଶୋର ପରିଡ଼ା ଧନ୍ୟବାଦ ପ୍ରଦାନ କରିଥିଲେ। ବୈଠକରେ ରାଜ୍ୟର ବିଭିନ୍ନ ଗୋଶାଳା ପରିଚାଳନା ସହ ଜଡ଼ିତ ଶତାଧିକ ବ୍ୟକ୍ତିବିଶେଷ, ଆନିମଲ୍ ହେଲ୍‌ପଲାଇନ୍‌ର କର୍ମକର୍ତ୍ତା ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ୫୬.୪୯ ଲକ୍ଷ ଠକେଇ, ଯୁବକ ଗିରଫ

କଟକ,୮।୧୦ (କାର୍ତ୍ତିକ ସାହୁ)

ଡୁପ୍ଲେକ୍ସ ଘର ବିକ୍ରି ପାଇଁ ୫୬ ଲକ୍ଷ ୪୯ ହଜାର ଟଙ୍କା ଠକି ନେବା ଅଭିଯୋଗରେ ମଧୁପାଟଣା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଲିଙ୍କୁନ ଓରଫ ରୁଦ୍ରପ୍ରତାପ ମହାନ୍ତି। ତାଙ୍କଠାରୁ ଏକ କାର, ୨ଟି ସୁନାଚେନ୍, ଗୋଟିଏ ହାର, ବୃଦ୍ଧାଶ୍ରମର ପଞ୍ଜୀକରଣ ପ୍ରମାଣପତ୍ର ସମେତ ବହୁତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ଅଭିଯୁକ୍ତ ଜଣକ ଠକେଇ ଅର୍ଥରେ ନିଜର ବ୍ୟବସାୟ ବଢ଼ାଇବା, ବୃଦ୍ଧାଶ୍ରମ ଚଳାଇବା ଓ ସୁନାଅଳଙ୍କାର କିଣି ଅୟସ କରୁଥିଲେ। ଠକେଇର ଶିକାର ବ୍ୟକ୍ତିଜଣକ ହେଲେ, ସ୍ଥାନୀୟ ଗୋଶାଳା ରୋଡ୍‌ରେ ରହୁଥିବା ଜଗତ୍‌ସିଂହପୁର ଜିଲା ବାଗାଡିଆ ଅଞ୍ଚଳର ରାହୁଲ ମହାରଣା। ରୁଦ୍ର ବିଲ୍ଡର କମ୍ପାନୀର ମାଲିକ ଭାବେ ପରିଚୟ ଦେଇ ରାହୁଲଙ୍କୁ ନନ୍ଦନକାନନ ପାର୍ଶ୍ୱବର୍ତ୍ତୀ ରଘୁନାଥପୁରରେ ଏକ ବଡ଼ ଜମିକୁ ଦେଖାଇ ସେଠାରେ ହାଉସିଂ ପ୍ରୋଜେକ୍ଟ ନିର୍ମାଣ ହେବ ବୋଲି କହିଥିଲେ। ଉକ୍ତ ପ୍ରୋଜେକ୍ଟରେ ଏକ ଡୁପ୍ଲେକ୍ସ ଘର କ୍ରୟ ପାଇଁ ରାହୁଲ ୨୦୨୧ ଜାନୁୟାରୀରୁ ବିଭିନ୍ନ କିସ୍ତିରେ ମୋଟ ୫୬,୪୯,୦୦୦ ଟଙ୍କା ଦେଇଥିଲେ। ୨୦୨୨ ଅଗଷ୍ଟ ଶେଷ ସୁଦ୍ଧା ଫ୍ଲାଟ୍ ହସ୍ତାନ୍ତର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାହୁଲ ଡୁପ୍ଲେକ୍ସ ଘରର ନିର୍ମାଣ କାର୍ଯ୍ୟ ଦେଖିବା ପାଇଁ ଯାଇଥିଲେ ମଧ୍ୟ ସେଠାରେ କୌଣସି ନିର୍ମାଣ କାର୍ଯ୍ୟ ଦେଖିବାକୁ ପାଇ ନ ଥିଲେ। ଫଳରେ ସେ ଠକାମୀର ଶିକାର ହୋଇଛନ୍ତି ଜାଣି ଅଭିଯୁକ୍ତଙ୍କୁ ଟଙ୍କା ଫେରାଇବା ପାଇଁ କହିଥିଲେ। ହେଲେ ସେ ଦେବାକୁ ମନା କରିବା ସହ ହତ୍ୟା ଧମକ ଦେଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ।

# ନାଟକ 'ବିଡ଼ମ୍ବନା' ମଞ୍ଚସ୍ଥ

ଭୁବନେଶ୍ୱର,୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଭକ୍ତର ସମ୍ମାନରକ୍ଷା ପାଇଁ ଭଗବାନ ସବୁବେଳେ ସଚେତନ। ଭକ୍ତ ରଘୁନାଥ ଜଣେ ଏକନିଷ୍ଠ ଜଗନ୍ନାଥ ଭକ୍ତ। ପିତା ଜମିଦାର କୃଷ୍ଣ ମହାପାତ୍ରଙ୍କର ଅକାଳ ବିୟୋଗ ପରେ ଜମିଦାରି ନିଲାମ ହୋଇଯାଏ। ରଘୁନାଥ ଚାଲିଯାଆନ୍ତି ଶ୍ରୀକ୍ଷେତ୍ର। ସେଠାରେ ଠାକୁରଙ୍କୁ ଡାକି ଦିନ କାଟିଦିଅନ୍ତି। ତାଙ୍କ ଶ୍ୱଶୁର ମହାଜନ ଗଙ୍ଗାଧର ସ୍ୱାଇଁଙ୍କ ଏ ଅବସ୍ଥା ଦେଖି ଝିଅର ଅନ୍ୟତ୍ର ବିବାହ ବ୍ୟବସ୍ଥା କରନ୍ତି। କିନ୍ତୁ ଜଗନ୍ନାଥଙ୍କ ଲୀଳା ଦ୍ୱାରା ବେତାଳ ରଘୁନାଥଙ୍କୁ ତାଙ୍କ ଶ୍ୱଶୁର ଘରେ ଛାଡ଼ିଦିଏ। ସ୍ୱାମୀ-ସ୍ତ୍ରୀ ଦୁହେଁ ମିଶି ଶ୍ରୀକ୍ଷେତ୍ରକୁ ବାହାରନ୍ତି। ଶ୍ରୀକ୍ଷେତ୍ରରେ ଦୁଃଖକଷ୍ଟରେ ଜୀବନ କାଟନ୍ତି। ମାତ୍ର ପ୍ରଭୁ ଜଗନ୍ନାଥ ଭକ୍ତଙ୍କର ଏ ଅବସ୍ଥା ଦେଖି ଗଜପତିଙ୍କୁ ସ୍ୱପ୍ନାଦେଶ ଦିଅନ୍ତି ଯେ ମୋ ଭକ୍ତ ରଘୁନାଥର ରହିବା ଖାଇବା ବ୍ୟବସ୍ଥା କର। ଗଜପତି ରଘୁନାଥଙ୍କୁ ନେଇ ମଠରେ ରଖି ତାଙ୍କର ଖାଇବା ପିଇବା ବନ୍ଦୋବସ୍ତ କରନ୍ତି। ଏହିଭଳି ବିଭିନ୍ନ ଦ୍ୱନ୍ଦ୍ୱ ମଧ୍ୟରେ ନାଟକ 'ବିଡ଼ମ୍ବନା' ରବିବାର ବିଜୁ ନାଟ୍ୟ କେନ୍ଦ୍ରଠାରେ ମଞ୍ଚସ୍ଥ ହୋଇଯାଇଛି। ନାଟକରେ ବିଭୂତି, ଚନ୍ଦ୍ର, ରାଜେନ୍ଦ୍ର, କାଳୀପ୍ରସନ୍ନ, ଜିତେନ୍ଦ୍ର, ଅନିଲ, ଅଶୋକ, ଦେବାଶିଷ, ମଳୟ, ରାଜ, ସାନୁ, ବିଧାଂଶୁ, ତୋଫାନ, ମମତା, କଳ୍ପନା, ମୋନିଦୀପା ପ୍ରମୁଖ ଅଭିନୟ କରିଛନ୍ତି। ଶତାବ୍ଦୀର କଳାକାର ପକ୍ଷରୁ ନାଟକଟି ପ୍ରଯୋଜିତ ହୋଇଥିବା ବେଳେ ଏହାର ନିର୍ଦ୍ଦେଶନା ନାଟ୍ୟକାର ଧୀରେନ୍ଦ୍ର ମଲ୍ଲିକ ଦେଇଛନ୍ତି। କଥାକାର ଡ. ଗୌରହରି ଦାସଙ୍କ ସଭାପତିତ୍ୱରେ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି, ପ୍ରଯୋଜକ ଓ ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ପଣ୍ଡା, ନାଟ୍ୟକାର ବିଜୟ କୁମାର ଦାସ ଉପସ୍ଥିତ ଥିଲେ। ଧୀର ମଲ୍ଲିକ ସଭା ପରିଚାଳନା କରିଥିଲେ।


ଶତାବ୍ଦୀର କଳାକାର ପକ୍ଷରୁ ଭୁବନେଶ୍ୱରସ୍ଥିତ ବିଜୁ ନାଟ୍ୟକେନ୍ଦ୍ରରେ ରବିବାର ପରିବେଷିତ ନାଟକ 'ବିଡ଼ମ୍ବନା'ର ଏକ ଦୃଶ୍ୟ।

# ଆତ୍ମଜୀବନୀ ଏକ ଉପନ୍ୟାସ ପରି

ଭୁବନେଶ୍ୱର,୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

## 'ସଂଘର୍ଷର ଅନ୍ୟନାମ' ଉନ୍ମୋଚିତ

ଲେଖିକା ତଥା ଦିଲ୍ଲୀ-ଉତ୍କଳ ଅସ୍ମିତାର ସଭାନେତ୍ରୀ ଡ. ଅନିତା ପଣ୍ଡାଙ୍କ ଆତ୍ମଜୀବନୀ ପୁସ୍ତକ 'ସଂଘର୍ଷର ଅନ୍ୟନାମ' ରବିବାର ଜାତୀୟ ଅଭିଲେଖାଗାରଠାରେ ଉନ୍ମୋଚିତ ହୋଇଯାଇଛି। ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟ ପୁସ୍ତକକୁ ଉନ୍ମୋଚନ କରି କହିଛନ୍ତି, ଆତ୍ମଜୀବନୀ ଏକ ଉପନ୍ୟାସ ପରି। ମୁଖ୍ୟ ଅତିଥି ବିଶିଷ୍ଟ କବି ଡ. ରବିନାରାୟଣ ସେନାପତି କହିଛନ୍ତି, ଜୀବନର ପ୍ରତିଟି ପଦକ୍ଷେପରେ ସଂଘର୍ଷ ରହିଛି। ବିଶିଷ୍ଟ ଅତିଥି ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ କହିଲେ ଯେ, ଆତ୍ମପ୍ରଚାର ଓ ପରନିନ୍ଦା ରହିବାରୁ କେତେକ ଆତ୍ମଜୀବନୀ ମର୍ଯ୍ୟାଦା ହରାଉଛି। ଡ. ଅନିତା ପଣ୍ଡା ତାଙ୍କ ଲିଖିତ ସଂଘର୍ଷମୟ ଜୀବନ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଦିଲ୍ଲୀ - ଉତ୍କଳ ଅସ୍ମିତାର ଉପ ସଭାପତି ଗୁରୁକଲ୍ୟାଣ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରଫେସର ବସନ୍ତକୁମାର ପଣ୍ଡା, ବିଶିଷ୍ଟ ଲେଖିକା ଜୟନ୍ତୀ ରଥ, ଅଧ୍ୟାପକ ଦେବାଶିଷ ମହାପାତ୍ର ପ୍ରମୁଖ ପୁସ୍ତକ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦିକା କମଳ କୁମାରୀ ଦାଶ ସଭା ପରିଚାଳନା କରିଥିବାବେଳେ ଯୁଗ୍ମ ସମ୍ପାଦିକା ଗୀତାଞ୍ଜଳି ପାଣି ଧନ୍ୟବାଦ ଦେଇଥିଲେ।


ଆତ୍ମଜୀବନୀ ପୁସ୍ତକ 'ସଂଘର୍ଷର ଅନ୍ୟନାମ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।




# ହସ୍ତିନାପୁର ତୋରଣରେ ଶୋଭା ପାଇବେ ମା'

ଭୁବନେଶ୍ୱର,୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)



୬୦ ବର୍ଷରେ ବମିଖାଲ ଦୁର୍ଗାପୂଜା

୬୦ବର୍ଷରେ ପହଞ୍ଚିଛି ବମିଖାଲ ଦୁର୍ଗାପୂଜା। ପ୍ରତିବର୍ଷ ଭଳି ଏଥର ମଧ୍ୟ ମା' ଦୁର୍ଗତିନାଶିନୀଙ୍କ ଆଗମନ ପାଇଁ ବମିଖାଲ ଦୁର୍ଗା ପୂଜା ସମିତି ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ଚଳିତବର୍ଷ ହସ୍ତିନାପୁର ତୋରଣରେ ପୂଜା ପାଇବେ ମା'। ୨ ମାସ ହେବ କାରିଗରମାନେ କାମରେ ଲାଗି ପଡ଼ିଛନ୍ତି। ଓଡ଼ିଶା ଓ କୋଲକାତାର ପ୍ରାୟ ୪୦ରୁ ଅଧିକ କାରିଗର ତୋରଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସେହିପରି କଟକର କାରିଗରମାନେ ମା'ଙ୍କ ମୂର୍ତ୍ତି ତିଆରି କରୁଛନ୍ତି। ମୂର୍ତ୍ତିର ଉଚ୍ଚତା ୧୨ ଫୁଟ ଓ ମେଢର ଉଚ୍ଚତା ପ୍ରାୟ ୨୫ ରୁ ୩୦ ଫୁଟ ରହିବ। ଏଥର ବଜେଟ ପ୍ରାୟ ୫୦ ଲକ୍ଷରୁ ଅଧିକ ରହିଛି। ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ମେଲୋଡ଼ି ସହ ଭଜନ ସମାରୋହ ଅନୁଷ୍ଠିତ ହେବ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଦଶମୀରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅଷ୍ଟମୀ ଦିନ ମହାପ୍ରସାଦ କରାଯିବ। ପ୍ରତିଦିନ ଖେଚୁଡ଼ି ଭୋଗ ଓ ନବମୀରେ ମା'ଙ୍କ ପାଖେ ଦହି ପଖାଳ ଭୋଗ ଲାଗିହେବ। ଭିଡ଼କୁ ଲକ୍ଷ୍ୟରେ ରଖି ସମିତି ପକ୍ଷରୁ ୩୦ଜଣ ସ୍ୱେଚ୍ଛାସେବୀ ଓ ୧୦ଜଣ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯିବ। ପ୍ରଶାସନ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବ। ସେହିପରି ପାରମ୍ପରିକ ବାଦ୍ୟଯନ୍ତ୍ର, ଘୋଡ଼ା ନାଚ, ବୁଢ଼ୀ ନାଚ, ଡିଜେ ସହ ଭସାଣି ଶୋଭାଯାତ୍ରା ବମିଖାଲରୁ ବାହାରି ରସୁଲଗଡ଼ ଦୁର୍ଗାମଣ୍ଡପ ପର୍ଯ୍ୟନ୍ତ ଯିବ। ସେଠାରୁ ରାଜମହଲ ପର୍ଯ୍ୟନ୍ତ ଭସାଣି କାର୍ଯ୍ୟକ୍ରମ ଚାଲିବ। ଏହାପରେ କୁଆଖାଇ ନଦୀରେ ମା'ଙ୍କ ବିସର୍ଜନ କରାଯିବ। ରବିବାର ସମିତି ପକ୍ଷରୁ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇ ସୂଚନା ଦିଆଯାଇଛି।

### ସମସ୍ତଙ୍କ ସହଯୋଗରେ ଶୃଙ୍ଖଳିତ ପୂଜା ହେବ



ପୂଜା ସମସ୍ତଙ୍କର। ସମସ୍ତଙ୍କ ସହଯୋଗରେ ପ୍ରତିବର୍ଷ ମା'ଙ୍କ ପୂଜା ହେଉଛି। ନିଜ ଇଚ୍ଛାରେ କିଏ ମୂର୍ତ୍ତି ଦାୟିତ୍ୱ ତ କିଏ ମେଢ଼ ଦାୟିତ୍ୱ, ଆଉ କିଏ ଭସାଣି ଦାୟିତ୍ୱ ନେଇଛନ୍ତି। କାହାକୁ ବାଧ କରାଯାଇ କିଛି ମଗାଯାଇ ନାହିଁ। ଭିଡ଼ ନିୟନ୍ତ୍ରଣ, ସୁରକ୍ଷା ଓ ପାର୍କିଂ ବ୍ୟବସ୍ଥା କରାଯିବ। ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁମାନେ କିପରି ସୁରୁଖୁରୁରେ ଆସି ଭଲରେ ମା'ଙ୍କ ଦର୍ଶନ କରିବେ ସେ ଦିଗରେ ଧ୍ୟାନ ଦେବୁ।

-ପ୍ରକାଶ ଚନ୍ଦ୍ର ଜେନା, ସଭାପତି








ଷୋଳପୂଜାର ତୃତୀୟ ଦିନ: ମା'କଟକ ଚଣ୍ଡୀଙ୍କ ଭୁବନେଶ୍ୱରୀ ବେଶ । ମା' ଗଡ଼ଚଣ୍ଡୀଙ୍କ କମଳା ବେଶ । ମା' ଝାଞ୍ଜିରୀ ମଙ୍ଗଳାଙ୍କ ଷୋଡ଼ଶୀ ବେଶ । ପୀଠାପୁରସ୍ଥିତ ମା' ଧାକୁଲେଇଙ୍କ ଭୁବନେଶ୍ୱରୀ ବେଶ । ବାଙ୍କୀର ମା' ଚର୍ଚ୍ଚିକାଙ୍କ ସ୍ୱତନ୍ତ୍ର ବେଶ । ନୂଆପାଟଣାସ୍ଥିତ ମା'କଳାପାଟ ଠାକୁରାଣୀଙ୍କ କମଳା ବେଶ ।

## ସଂକ୍ଷେପରେ

### ଆଠଗଡ଼ରେ ପହଞ୍ଚିଲା ସାଇବର ସଚେତନତା ରଥ

ଆଠଗଡ, ୮।୧୦( ସତ୍ୟ ପ୍ରସାଦ ରଥ)

ଜନସାଧାରଣଙ୍କୁ ସାଇବର କ୍ରାଇମ ଉପରେ ସଚେତନ କରିବାକୁ ଓଡ଼ିଶା ସରକାରଙ୍କ ପୋଲିସ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ସାଇବର ସଚେତନତା ରଥ ରବିବାର ଆଠଗଡ ଥାନା ଅଞ୍ଚଳରେ ପହଞ୍ଚିଛି । ଏହି ଉପଲକ୍ଷେ କଟକ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଏକ ମିନି ମାରାଥନ ରେସ ଆୟୋଜନ କରାଯାଇଥିଲା । ଏଥିରେ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ । ଏହି ରେସ୍ ଆଠଗଡ଼ ରଥଗଡା ଛକଠାରୁ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ପର୍ଯ୍ୟନ୍ତ କରାଯାଇଥିଲା । କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହାକୁ ଶୁଭାରମ୍ଭ କରିଥିଲେ । ପରେ ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ମନ୍ତ୍ରୀ ସ୍ୱାଇଁଙ୍କ ସମେତ ଆଠଗଡ ଏନ୍ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଆଠଗଡ ଉପ-ଜିଲାପାଳ ପ୍ରଶାନ୍ତ କୁମାର ତରେଇ, କଟକ ଜିଲା ଗ୍ରାମାଞ୍ଚଳ ଏସ୍ପି ମିହିର କୁମାର ପଣ୍ଡା, ଅତିରିକ୍ତ ଗ୍ରାମାଞ୍ଚଳ ଏସ୍ପି ଦେବଦତ୍ତ ବରାଳ, କୃଷ୍ଣ ପ୍ରସାଦ ପଟ୍ଟନାୟକ, ଆଠଗଡ଼ ଆରକ୍ଷୀ ଉପାଧକ୍ଷ ରବୀନ୍ଦ୍ର କୁମାର ମଲ୍ଲିକ, ଆଠଗଡ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବ୍ୟାଙ୍କ ଓଟିପି ଶେୟାର ନ କରିବା, ଲଟେରି ମାଧ୍ୟମରେ ମିଥ୍ୟା ପ୍ରଲୋଭନ ଦେଖାଉଥିବା ପ୍ରସଙ୍ଗକୁ ସାମାଜିକ ଗଣମାଧ୍ୟମରେ ଶେୟାର ନ କରିବା, ଅଜଣା ନମ୍ବରରୁ ଆସୁଥିବା ଆକର୍ଷଣୀୟ ଉପହାର ଯୋଜନାକୁ ପ୍ରତ୍ୟାଖ୍ୟାନ କରିବାକୁ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା । ସନ୍ଧ୍ୟାରେ ଆଠଗଡ ପୁରୁଣା ବସଷ୍ଟାଣ୍ଡରେ ଏ ସମ୍ବନ୍ଧରେ ଏକ ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା ।

### ମୋ' ମାଟି, ମୋ ' ଦେଶ କାର୍ଯ୍ୟକ୍ରମ

କଟକ ସଦର,୮।୧୦(ସୁଶାନ୍ତ ଜେନା)

କଟକ ସଦର ବ୍ଲକ ପରମହଂସଠାରେ ଭାଜପା ପକ୍ଷରୁ ଶନିବାର ମୋ' ମାଟି, ମୋ' ଦେଶ କାର୍ଯ୍ୟକ୍ରମ ଇଂ. ପ୍ରକାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଲୋକନାଥ ନାୟକଙ୍କ ପୁତ୍ର ପଣ୍ଡିତ ପ୍ରହ୍ଲାଦ ନାୟକଙ୍କ ଚଉରାରୁ ମାଟି ସଂଗ୍ରହ କରାଯାଇଥିଲା । ପରେ ଉକ୍ତ ଗ୍ରାମର ଉପର ଓ ତଳସାହିରେ ଶୋଭାଯାତ୍ରା ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ସୁରେଶ ଜେନା, ନିରଞ୍ଜନ ରାଉଳ, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ରାଉଳ, ସନାତନ ବେହେରା, ସରୋଜକାନ୍ତ ଦାଶ, ଅଭିନେତା ରଣା ପ୍ରତାପ ବୋଷ, ପ୍ରଭାକର ବେହେରା, ପ୍ରତିଭା ଶତପଥୀ, ଗୋକୁଳ ପ୍ରଧାନ ଓ ଧନେଶ୍ୱର ରାଉଳ ପ୍ରମୁଖ ଯୋଗଦେଇଥିଲେ ।

### ଗୋପାଳ ଜୀଉ ମନ୍ଦିରରେ ସ୍ମୃତିସଭା

କଟକ,୮।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ଖାନ୍ନଗରସ୍ଥିତ ଗୋପାଳ ଜୀଉ ଓ ଜଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ମନ୍ଦିର ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମନ୍ଦିରର ପୂର୍ବତନ କଟୁଆଳ ରାମଚନ୍ଦ୍ର ସାହୁଙ୍କ ଆତ୍ମାର ସଦ୍‌ଗତି କାମନା ପାଇଁ ପ୍ରାର୍ଥନା କରାଯାଇଥିଲା । ଏଥିରେ ମହନ୍ତ ବୈଦ୍ୟନାଥ ସାହୁ, କଟୁଆଳ ଧୀରେନ୍ଦ୍ର ସାହୁ, ମନ୍ଦିର ବୟୋଜ୍ୟେଷ୍ଠ କର୍ମକର୍ତ୍ତା ସର୍ବେଶ୍ୱର ସାହୁ, କୀର୍ତ୍ତନ ମଣ୍ଡଳୀ କର୍ମକର୍ତ୍ତା ଦ୍ୱୈତାରୀ ସାହୁ, ସୁବାସ ଚନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ଭବରଞ୍ଜନ ସାହୁ, ଶରତ ଚନ୍ଦ୍ର ସାହୁ, ଦୀପକ କୁମାର ସାହୁ ପ୍ରମୁଖ ଉପସ୍ଥିତଥିଲେ ।

# ସରାକୋର ଗ୍ରାମରେ ଗୋଷ୍ଠୀ ସଂଘର୍ଷ

## ୨ ଗୁରୁତର, ୩ ଆହତ

ନିଆଳି,୮।୧୦(ସୁକାନ୍ତ କୁମାର ସିଂ)

ନିଆଳି ଥାନା ଅନ୍ତର୍ଗତ ଷଡାଂଶ ପଞ୍ଚାୟତର ସରାକୋର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ସଂଘର୍ଷ ଘଟିଛି । ଏଥିରେ ୨ ଗୁରୁତର ଓ ୩ ଜଣ ଆହତ ହୋଇଛନ୍ତି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ୮ ଜଣଙ୍କୁ ଅଟକ ରଖିଛି । ମିଳିଥିବା ସୂଚନା ଅନୁଯାୟୀ, ସରାକୋର ଗ୍ରାମରେ ଅଧିକାଂଶ ସମୟ ଗୋଷ୍ଠୀ ସଂଘର୍ଷ ଘଟିବା ସହ ବୋମାମାଡ଼ ହୋଇଥାଏ । କିଛିଦିନ ହେଲା ଏଠାରେ ପରିବେଶ ଶାନ୍ତ ରହିଥିଲା । ଶନିବାର ଉକ୍ତ ଗ୍ରାମର ଅସବର୍ଣ୍ଣ ଲୋକମାନେ ବିଲକୁ ଘାସ କାଟିବାକୁ ଯାଇଥିଲେ । ଏହି ସମୟରେ ସବର୍ଣ୍ଣ ଲୋକେ ସେମାନଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିବା ଅସବର୍ଣ୍ଣ ଜାତିର ତିଳୋତ୍ତମା କାଣ୍ଡି ନିଆଳି ଥାନାରେ ଅଭିଯୋଗ କରିଥିଲେ । ରବିବାର ଅପରାହ୍ନରେ ୭/୮ଜଣ ଅସବର୍ଣ୍ଣ ଲୋକ ନିଜ ବିଲକୁ ବିରି ବୁଣିବା ପାଇଁ ଯାଇଥିଲେ । ଏହି ସମୟରେ ୫୦ରୁ ଊର୍ଦ୍ଧ୍ୱ ସବର୍ଣ୍ଣ ଲୋକ ସେଠାରେ ପହଞ୍ଚି କାହିଁକି ଆମ ନାଁରେ ଥାନାରେ ଅଭିଯୋଗ କରିଛ ବୋଲି କହି ସାଙ୍ଗରେ ନେଇଥିବା ଠେଙ୍ଗା, କୁନ୍ତ, କୋଦାଳ ଆଦି ମାରଣାସ୍ତ୍ରରେ ଅସବର୍ଣ୍ଣ ଲୋକଙ୍କୁ ଆକ୍ରମଣ କରିଥିଲେ । ପରେ ଉଭୟ ପକ୍ଷ ମଧ୍ୟରେ ମାରପିଟ୍ ହୋଇଥିଲା । ଏଥିରେ ବଟ କାଣ୍ଡି, ପ୍ରକାଶ କାଣ୍ଡି, ଗୁଡ କାଣ୍ଡି, କାହ୍ନୁ କାଣ୍ଡି ଓ ସତ୍ୟବାଦୀ କାଣ୍ଡି ଆହତ ହୋଇଥିଲେ । ଚିକିତ୍ସାଲାଗି ସେମାନଙ୍କୁ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ସେମାନଙ୍କ ମଧ୍ୟରୁ ବଟ ଓ ପ୍ରକାଶଙ୍କ ଅବସ୍ଥା ଗୁରୁତର ରହିଛି ।




ଗୋଷ୍ଠୀ ସଂଘର୍ଷରେ ଆହତ ଓ ଗୁରୁତରମାନେ ।

# ୧୭ରେ ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ କଂଗ୍ରେସର ଗଣଧାରଣା

## ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଅବ୍ୟବସ୍ଥା

ବାଙ୍କୀ,୮।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ବିଭିନ୍ନ ଅବ୍ୟବସ୍ଥା ହୋଇଥିବା ଅଭିଯୋଗ କରି ଅକ୍ଟୋବର ୧୭ରେ କଂଗ୍ରେସ ପକ୍ଷରୁ ଚିକିତ୍ସାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି । ରବିବାର ଏନେଇ ଦଳୀୟ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଙ୍କୀ ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ବୈଠକ ଆୟୋଜନ କରାଯାଇଥିଲା । ଏହି ଅବସରରେ ଦଳୀୟ କର୍ମମାନେ କହିଥିଲେ, ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ସ୍ଥାୟୀ ଉପଖଣ୍ଡ ଚିକିତ୍ସା ଅଧିକାରୀନାହାନ୍ତି । ଉପଖଣ୍ଡ ଚିକିତ୍ସା ଅଧିକାରୀ ମୃତ୍ୟୁଞ୍ଜୟ ମହାପାତ୍ର କେନ୍ଦୁଝର ଜିଲାରେ କାର୍ଯ୍ୟ କରୁଥିବା ବେଳେ ଏଠାକୁ ଡେପୁଟେଶନ୍‌ରେ ଆସିଛନ୍ତି । ତେଣୁ ଏଠାରେ ପ୍ରଶାସନିକ ଅବ୍ୟବସ୍ଥା ଦେଖାଦେଇଛି । ଅପରପକ୍ଷେ ସାମାନ୍ୟ ଅସୁସ୍ଥ ରୋଗୀମାନଙ୍କୁ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାକୁ ଚିକିତ୍ସା ନିମନ୍ତେ ପଠାଇ ଦିଆଯାଉଛି । ଦୀର୍ଘ ଦିନ ହେଲା ରକ୍ତ ଭଣ୍ଡାର ଉଦ୍‌ଘାଟିତ ହୋଇଥିଲେ ମଧ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ । ଏହା ସହ ଚିକିତ୍ସାଳୟରେ ଅନ୍ୟାନ୍ୟ ଅବ୍ୟବସ୍ଥା ରହିଛି । ଏହାର ପ୍ରତିବାଦ କରାଯିବ ବୋଲି କଂଗ୍ରେସ ପକ୍ଷରୁ ନିଷ୍ପତ୍ତି ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଉପଦେଷ୍ଟା କ୍ଷେତ୍ରବାସୀ ଦାଶ, ନଗର କଂଗ୍ରେସ ସଭାପତି କାଶିନାଥ ମହାପାତ୍ର, ଡମପଡ଼ା ବ୍ଲକ କଂଗ୍ରେସ ସଭାପତି ଅସୀତ୍‌ବରଣ ପଟ୍ଟନାୟକ, ବାବୁଲି ଦଳେଇ, ରମାକାନ୍ତ ସେଠୀ, ନକୁଳ ପ୍ରଧାନ, କୁବେର ଚୌଧୁରୀ, ଅମୀୟ ନାୟକ,ଭାଗଗ୍ରାହୀ ସ୍ୱାଇଁ, ତରଣୀ ମଲ୍ଲିକଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ଯୋଗଦେଇଥିଲେ ।



ବୈଠକରେ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ଓ ଦଳୀୟ କର୍ମୀମାନେ ।

## ବାଙ୍କୀ ମହୋତ୍ସବ-୨୦୨୩ ପାଇଁ ପ୍ରସ୍ତୁତି ବୈଠକ

ବାରଙ୍ଗ,୮।୧୦(ଲିଙ୍ଗରାଜ ରାଉତ)

ବାରଙ୍ଗ ଭୂଖଣ୍ଡର କଳା ସାହିତ୍ୟ ସଂସ୍କୃତିର ଉତ୍କର୍ଷ ପ୍ରତିପାଦନ ନିମନ୍ତେ ବାରଙ୍ଗ ଶାନ୍ତି କମିଟି ସହଯୋଗରେ ବାଙ୍କୀ ମହୋତ୍ସବ-୨୦୨୩ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ରବିବାର ବାରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବାଙ୍କୀ ମହୋତ୍ସବର କାର୍ଯ୍ୟକାରୀ ସଭାପତି ତଥା ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥିଙ୍କ ମଧ୍ୟରେ ବାଙ୍କୀ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ବାଙ୍କୀ ମହୋତ୍ସବର ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ, ବାରଙ୍ଗ ଶାନ୍ତି କମିଟି ସଭାପତି ପ୍ରତାପ ପାଣି, ସାଧାରଣ ସମ୍ପାଦକ ସୁରେଶ ମହାନ୍ତିଙ୍କ ସମେତ ଅଞ୍ଚଳର ବହୁ ମୁରବି ଓ ଲୋକପ୍ରତିନିଧି ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ସଙ୍କୀର୍ତ୍ତନମଣ୍ଡଳୀଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ଲୋକଙ୍କୁ ଜଣାଇଲେ ସରକାରୀ ଯୋଜନା

## ବିଜେଡିର ଜନସମ୍ପର୍କ ପଦଯାତ୍ରା

କଣ୍ଟାପଡା/ଖୁଣ୍ଟୁଣୀ,୮।୧୦ (ସୁରନାରାୟଣ ସାହୁ/ ସଚ୍ଚିଦାନନ୍ଦ ପଣ୍ଡା)/ ସାଲେପୁର,(ଅରବିନ୍ଦ ଭୂୟାଁ)

କଣ୍ଟାପଡା ବ୍ଲକ ଅଧୀନ ୮ ନଂ. ଜୋନ୍‌ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି । ବିଧାୟକ ପ୍ରମୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରାରେ ୮ ନଂ. ଜୋନ ଜିଲା ପରିଷଦ ସଭ୍ୟ ପୀୟୂଷ ରଞ୍ଜନ ମିଶ୍ର, ବିଜେଡି ନେତ୍ରୀ ସ୍ମିତାରାଣୀ ସ୍ୱାଇଁ, ଅନୁସୂୟା ରାୟ, କଣ୍ଟପଡା ବ୍ଲକ ଆମ୍ବା ଅଧ୍ୟକ୍ଷ ନକୁଳ ରାଉତ, ବିଜେଡି ନେତା ବଳରାମ ପାତ୍ର, ଜଗତସିଂହପୁର ଏମ୍ପିଙ୍କ ପ୍ରତିନିଧି ବିମାନ ବିହାରୀ ବେହେରା, ଡିଜିଟାଲ ସମ୍ପାଦକ ପ୍ରିତମ ମହାପାତ୍ର, ସରପଞ୍ଚ ସୁମିତ୍ରା କର, ତୃପ୍ତିମୟୀ ରାଉତ, ସୁପ୍ରିୟା ଭୋଇ, ମାନୁଶ୍ରୀ ମଲ୍ଲିକ, ସମିତି ସଭ୍ୟ ପ୍ରାଶାନ୍ତ ପାଢ଼ୀ ଓ ସନ୍ଧ୍ୟାରାଣୀ ଦାସଙ୍କ ସମେତ ବହୁସଂଖ୍ୟକ କର୍ମୀ ଯୋଗଦେଇଥିଲେ । ଏହି ଶୋଭାଯାତ୍ରାରେ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଓ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯାଇଥିଲା ।

ସେହିପରି ଖୁଣ୍ଟୁଣୀ ଅଞ୍ଚଳରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହାକୁ ବିଜେଡି ଜିଲା ସମ୍ପାଦକ ରଞ୍ଜନ କୁମାର ଆଚାର୍ଯ୍ୟ ଶୁଭାରମ୍ଭ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଯୁବନେତା ତଥା ଆଡ୍‌ଭୋକେଟ୍ ଆଦିତ୍ୟ ପ୍ରସାଦ ସ୍ୱାଇଁ ଯୋଗଦେଇ କହିଥିଲେ, ଓଡ଼ିଶାବାସୀଙ୍କ ଆଶୀର୍ବାଦରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ନମ୍ବର ନେତା ହୋଇପାରିଛନ୍ତି । ଛ' ଗାଁ ପଞ୍ଚାୟତ ପର୍ବତୀୟାଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ମାଣିତ୍ରି, ଗୋବରା, କାଦୁଆ ନୂଆଗାଁ ଦେଇ ଗୁରୁଡିଝାଟିଆଠାରେ ଶେଷ ହୋଇଥିଲା । ଏଥିରେ ଛ' ଗାଁ ସରପଞ୍ଚ ତୁଷାର ସାହୁ, ସମିତିସଭ୍ୟ କାର୍ତ୍ତିକ ରାଉତ, ସରପଞ୍ଚ ଦୀପ୍ତିମୟୀ ଥାଟୋଇ, ସରପଞ୍ଚ ବୈଜୟନ୍ତି ଦଳେଇ, ୨ନଂ. ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟା ମିନତୀ ଗାଗରାଇ, ସତ୍ୟପ୍ରିୟ ମହାନ୍ତି, ରାଜ୍ୟ ବିହନ ଜୈବିକ ପ୍ରାମାଣିକ ସଂସ୍ଥାର ନିର୍ଦ୍ଦେଶକ ନିରାକାର ଲେଙ୍କା, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଦୀପ ବିଶ୍ୱାଳ, ନାରୀନେତ୍ରୀ ପ୍ରଣତୀ ନାୟକ, ରିନ୍‌ଝିନ୍ ରାଉତ ଓ ମିତାଲି ରାଉତଙ୍କ ସମେତ ଦଳୀୟ କର୍ମୀ ଯୋଗଦେଇଥିଲେ ।

ସେହିପରି ସାଲେପୁର ବିଜେଡି ପକ୍ଷରୁ ୫ଟି ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଏଥିରେ ଯୋଗଦେଇ ଘର ଘର ବୁଲି ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତା ପହଞ୍ଚାଇଥିଲେ । ଏହି ପଦଯାତ୍ରା ଛାଣିପୁର ପଞ୍ଚାୟତ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ବାରିଗୋଳ, ମଧ୍ୟକଚ୍ଛ, ପଶ୍ଚିମକଚ୍ଛ ଦେଇ ତେନ୍ତୋଳ ପଞ୍ଚାୟତରେ ଶେଷ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି ପଦଯାତ୍ରରେ ସାଲେପୁର ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ତୃପ୍ତିରେଖା ପରିଡ଼ା, ଜିଲାପରିଷଦ ସଭ୍ୟା ରଞ୍ଜିତା ସେଠୀ, ବ୍ଲକ ବିଜେଡି ସଭାପତି ଅନନ୍ତ ଚରଣ ପ୍ରଧାନ, ଯୁବବିଜେଡି ସଭାପତି ସଜିତଦାଶ, ତେନ୍ତେଲୋ ସମିତି ସଭ୍ୟ ହିମାଂଶୁ ଭୂଷଣ ଦାଶ ପ୍ରମୁଖ ସାମିଲ ହୋଇଥିଲେ ।




କଣ୍ଟାପଡ଼ାରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ପ୍ରମୋଦ ମଲ୍ଲିକ ଓ ଅନ୍ୟମାନେ ।

# ସଦ୍‌ଗୁରୁରେ 'ନି ସିମ୍ପୋଜିନ୍-୨୦୨୩'

କଟକ,୮।୧୦:

ସଦ୍‌ଗୁରୁ ହସ୍ପିଟାଲ କଟକ ପକ୍ଷରୁ ଏକ ଦିନିକିଆ କର୍ମଶାଳା 'ନି ସିମ୍ପୋଜିନ୍-୨୦୨୩' ହସ୍ପିଟାଲର ନୂତନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବରିଷ୍ଠ ଚିକିତ୍ସକ ତଥା ପ୍ରଫେସର ଡା. ବୀର କିଶୋର ଦାସ ଏବଂ କିମ୍‌ସ ହସ୍ପିଟାଲ ଭୁବନେଶ୍ୱରର ପ୍ରଫେସର ଡା. ତନ୍ମୟ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ କଲିକତା ମିଶନ ହସ୍ପିଟାଲର ବରିଷ୍ଠ ଚିକିତ୍ସକ ଡା. ନିର୍ମଳ କୁମାର ଜାଜୋଡିଆ ଓ ଆର ଜି କର ମେଡିକାଲ କଲେଜର ଅର୍ଥୋସ୍କୋପି ଏବଂ ସ୍ପୋର୍ଟସ୍ ସର୍ଜରି ସୋସାଇଟିର କନଭେନର ଡା. ସୁନିତ ହାଜରା ପ୍ରମୁଖ ସମ୍ମାନିତ ଅତିଥି ଯୋଗ ଦେଇଥିଲେ ।

ଏ ସମ୍ପର୍କରେ ସଦ୍‌ଗୁରୁ ହସ୍ପିଟାଲର ଏମ୍‌ଡି ତଥା ଆୟୋଜକ କମିଟିର ଅଧ୍ୟକ୍ଷ ଡା.ପ୍ରଦୀପ କୁମାର ମହାନ୍ତି କହିଥିଲେ, ସାରା ଦେଶରେ ଆଣ୍ଠୁଜନିତ ସମସ୍ୟା ବୃଦ୍ଧି ପାଉଥିବାବେଳେ ବିଭିନ୍ନ ବର୍ଗର ବ୍ୟକ୍ତି ବର୍ତ୍ତମାନ ଏହି ରୋଗର ଆକ୍ରାନ୍ତ ହେଉଛନ୍ତି, ମାତ୍ର ଏହି ସମସ୍ୟାର ସମାଧାନ ମେଡିକାଲ ଚିକିତ୍ସା ବିଜ୍ଞାନରେ ଉପଲବ୍ଧ ରହିଆସିଛି । ଏହି ଜଟିଳ ଅସ୍ତ୍ରୋପଚାରର ଅତ୍ୟାଧୁନିକ ବ୍ୟବସ୍ଥା ଓ ଡାକ୍ତରୀସ୍ତରରେ ଏହାର ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ସଦ୍‌ଗୁରୁ ହସ୍ପିଟାଲ 'ନି ସିମ୍ପୋଜିନ୍-୨୦୨୩' ଆୟୋଜନ କରିଥିବା ଡା. ମହାନ୍ତି ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି ।

ଅପରପକ୍ଷରେ କର୍ମଶାଳାର ପ୍ରଥମ ଅଧିବେଶନ 'ଆଣ୍ଠୁଗଣ୍ଠି ପ୍ରତିରୋପଣ' ଏବଂ ଦ୍ୱିତୀୟ ଅଧିବେଶନ 'ସ୍ପୋର୍ଟସ୍ ଇନଜୁରି ଲିଗାମେଣ୍ଟ ଅସ୍ତ୍ରୋପଚାର' ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହାସହିତ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟରତ ଅର୍ଥୋପେଡିକ ଡାକ୍ତରମାନଙ୍କୁ ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀ ବାବଦରେ ଅବଗତ କରାଇବା ଲାଗି କଲିକତାରୁ ଆସିଥିବା ୨ଜଣ ବରିଷ୍ଠ ଚିକିତ୍ସକ ଲାଇଭ ଅସ୍ତ୍ରୋପଚାର କରାଇ ଉପସ୍ଥିତ ଚିକିତ୍ସକମାନଙ୍କୁ ଆଣ୍ଠୁ ପ୍ରତିରୋପଣ ହେଉ ଅଥବା ଆଣ୍ଠୁ ଜନିତ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ ରାଜ୍ୟ ତଥା ରାଜ୍ୟ ବାହାରର ବରିଷ୍ଠ ଅର୍ଥୋପେଡିକ୍‌ସ ଡାକ୍ତରମାନେ ଯୋଗ ଦେଇଥିଲେ ।

# ସିଏମ୍‌ସିରେ ସାର୍ବଜନୀନ ପୂଜା ପାଇଁ ଆଦାୟ ହେବନି ଗ୍ରାଉଣ୍ଡ ରେଣ୍ଟ

## ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/କଟକ, ୮।୧୦ (ସୁନିତ୍ ମିଶ୍ର/ ସୁପ୍ରିୟା ପ୍ରିୟଦର୍ଶିନୀ):

ଚଳିତବର୍ଷ ପାର୍ବଣ ସମୟରେ କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ ସାର୍ବଜନୀନ ପୂଜା ଉତ୍ସବ ପାଇଁ ଗ୍ରାଉଣ୍ଡ ରେଣ୍ଟ(ଜାଗା ଭଡା) ଆଦାୟ ନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ପୂଜା ସମିତି ଓ ସ୍ଥାନୀୟ ବିଧାୟକମାନଙ୍କ ଅନୁରୋଧକ୍ରମେ ଜନସାଧାରଣଙ୍କ ସାଂସ୍କୃତିକ ଏବଂ ଆଧାତ୍ମିକ ଭାବନାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି । ଏହାଦ୍ୱାରା ସିଏମ୍‌ସି ଅଞ୍ଚଳରେ ପାର୍ବଣ ଋତୁ ସମୟରେ ସରକାରୀ ଜାଗାରେ ସାମୟିକ ଭାବେ ଆୟୋଜିତ ହେଉଥିବା ବିଭିନ୍ନ ପୂଜା ଉତ୍ସବ ପାଇଁ ଗ୍ରାଉଣ୍ଡ ରେଣ୍ଟ ଆଦାୟ କରାଯିବନାହିଁ । ଆଗକୁ ଦୁର୍ଗା ପୂଜା, କାଳୀ ପୂଜା, ଲକ୍ଷ୍ମୀ ପୂଜା ଓ କାର୍ତ୍ତିକେଶ୍ୱର ପୂଜା ଭଳି ଅନେକ ପୂଜା ଅନୁଷ୍ଠିତ ହେବାର ଅଛି । ଏସବୁ ପୂଜା ପାଇଁ ଗ୍ରାଉଣ୍ଡ ରେଣ୍ଟ ସିଏମ୍‌ସି ପକ୍ଷରୁ ଆଦାୟ ନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ।

## ଏମାନେ କ'ଣ କୁହନ୍ତି...



"ସିଏମ୍‌ସି ଅଞ୍ଚଳରେ ସାର୍ବଜନୀନ ପୂଜା ଉତ୍ସବ ପାଇଁ ଗ୍ରାଉଣ୍ଡ୍ ରେଣ୍ଟ ଆଦାୟ ନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସହରବାସୀ ଓ ପୂଜାକମିଟିଗୁଡିକ କର୍ମକର୍ତ୍ତାଙ୍କ ଭାବନାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏଭଳି ନିଷ୍ପତ୍ତି ନେଇଥିବାରୁ ତାଙ୍କୁ କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଦେଉଛି । ଗତ ୫ ତାରିଖରେ ଶାନ୍ତି କମିଟି କର୍ମକର୍ତ୍ତାମାନେ ଭେଟି ଏନେଇ ଦାବି କରିବା ପରେ କାଉନସିଲରେ ପ୍ରସ୍ତାବ ଆଗତ ହୋଇଥିଲା । ଭୂମିକରରେ ଆର୍ଥିକ କ୍ଷତି ଯୋଗୁ ଅସନ୍ତୋଷ ଦେଖାଦେଉଥିଲା । ମୁଖ୍ୟମନ୍ତ୍ରୀଙ୍କ ଏଭଳି ଘୋଷଣା ସମସ୍ତଙ୍କୁ ଖୁସି ଦେଇଛି ।

-ସୁବାସ ସିଂ, ମେୟର, ସିଏମ୍‌ସି

"ମୁଖ୍ୟମନ୍ତ୍ରୀଙ୍କ ଏଭଳି ନିଷ୍ପତ୍ତି ପାଇଁ କଲେଜଛକ ପୂଜା ପ୍ରତିଷ୍ଠାନ ତାଙ୍କୁ କୃତଜ୍ଞତା ଜଣାଉଛି । ଏହାଦ୍ୱାରା ସହରରେ ଖୁସିର ଲହରୀ ଖେଳିଯାଇଛି । ଏଭଳି ଘୋଣାକୁ ନେଇ ସିଏମ୍‌ସି ମେୟର, କମିଶନର, ମହାନଗର ଶାନ୍ତିକମିଟି ସମ୍ପାଦକ, ପୂର୍ବାଞ୍ଚଳ ଶାନ୍ତିକମିଟି, ସ୍ଥାନୀୟ ଜନପ୍ରତିନିଧିଙ୍କୁ ପୂଜା ପ୍ରତିଷ୍ଠାନ ପକ୍ଷରୁ ଆନ୍ତରିକ ଧନ୍ୟବାଦ ଜଣାଉଛି ।

-ଲୋକନାଥ ଲେଙ୍କା, ସଭାପତି, କଲେଜଛକ ପୂଜା ପ୍ରତିଷ୍ଠାନ



"ଭୁବନେଶ୍ୱରରେ ପୂଜା ସମୟରେ ଗ୍ରାଉଣ୍ଡ ରେଣ୍ଟ ଆଦାୟ ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହାକୁ କଟକରେ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବା ନିମନ୍ତେ ମେୟରଙ୍କୁ ଦାବି ଜଣାଇଥିଲୁ । ମେୟର, ଶାନ୍ତି କମିଟି ଏବଂ ସିଏମ୍‌ସି ଅଞ୍ଚଳରେ ଥିବା ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କ ଅନୁରୋଧ ରକ୍ଷା କରି ମୁଖ୍ୟମନ୍ତ୍ରୀ ଏଭଳି ଘୋଷଣା କରିଥିବାରୁ ସମସ୍ତେ ଆନନ୍ଦିତ ଅଛନ୍ତି ।



-ଦେବେନ୍ଦ୍ର ସାହୁ, ସଭାପତି, ଛତ୍ରବଜାର ପୂଜାକମିଟି

**ସଂକ୍ଷେପରେ**

## ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଲେ ବନଦୁର୍ଗା



ନିରାକାରପୁର,୮।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ସ୍ଥିତ ମା'ବନଦୁର୍ଗାଙ୍କ ପୀଠରେ ଶାରଦୀୟ ଷୋଡ଼ଶ ଦିନାତ୍ମକ ଦୁର୍ଗାପୂଜାର ତୃତୀୟ ଦିବସରେ ମା'ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଇଛନ୍ତି। ରବିବାର ସକାଳେ ମା'ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା, ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତ ଚଣ୍ଡୀ ପାଠ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଡ.କୃପାସିନ୍ଧୁ ପଣ୍ଡା ଓ ପଣ୍ଡିତ ତପନ କୁମାର ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ସାମାଜିକ କର୍ମୀ ସୁବ୍ରତ କୁମାର ମିଶ୍ର, ଦେବବ୍ରତ ମିଶ୍ର, ଶିକ୍ଷାବିତ୍ ସୁବାସ ଚନ୍ଦ୍ର ନାୟକ, ସାମାଜିକ କର୍ମୀ ମଦନ ମୋହନ ମହାପାତ୍ର, ଭାଗୀରଥି ସାହୁ, ବିଷ୍ଣୁପ୍ରିୟା ପଟ୍ଟଜୋଷୀ ପ୍ରମୁଖ ସହଯୋଗ କରିଥିଲେ।

## ସାମାଜିକ କର୍ମୀଙ୍କ ପରଲୋକ

ଟାଙ୍ଗୀ, ୮।୧୦(ରଘୁନାଥ ସାହୁ)

ଟାଙ୍ଗୀ ଅଞ୍ଚଳରେ ସାମାଜିକକର୍ମୀ ଭାବେ ପରିଚିତ ଗୌରାଙ୍ଗ ଚରଣ ସାହୁଙ୍କ ଗତ ଶୁକ୍ରବାର ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ସେ ଜଣେ ସଫଳ ବ୍ୟବସାୟୀ, ସାମାଜିକର୍ମୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତୈଳିକ ବୈଶ୍ୟ ସାଧବ ସମାଜର ଜଣେ ସଙ୍ଗଠକ ମଧ୍ୟ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା, ମଙ୍ଗଳାଯୋଡି ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ସଭାପତି ବିରଞ୍ଚି ନାରାୟଣ ସାହୁ, ସମାଜସେବୀ ଅମୀନ ପରିଡ଼ାଙ୍କ ସମେତ ବହୁ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ କେଳୁଚରଣ ସାହୁ ମୁଖାଗ୍ନି ଦେଇଥିଲେ।

## ରକ୍ତଦାନ ଶିବିର

ଗମ୍ଭାରୀମୁଣ୍ଡା,୮।୧୦(ଦିଲ୍ଲୀପ ସ୍ୱାଇଁ): ବାଣପୁର ବ୍ଲକ କୃତିବାସ ଭବନରେ ବିଜୁ ଯୁବ ଛାତ୍ର ଜନତା ଦଳର ତତ୍ତ୍ୱାବଧାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଅଛି। ଏହି ଶିବିରକୁ ଖୋର୍ଦ୍ଧା ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ଉଦ୍‌ଘାଟନ କରିଥିଲେ। ଶିବିରରେ ୧୧୫ରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଏଥିରେ ସବ୍‌ଡିଭିଜନାଲ ହସ୍ପିଟାଲର ରକ୍ତ ସଂଗ୍ରହ ଅଧିକାରୀ ଡା. ଗୋବିନ୍ଦ ଚନ୍ଦ୍ର ମହାପାତ୍ରଙ୍କ ସହଯୋଗକ୍ରମେ ଅନ୍ୟ ମେଡିକାଲ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ଶିବିରରେ ମାନସ ପ୍ରଧାନ, କୁମାର ଜଗତ୍‌ବଲ୍ଲଭ ମହାରଥା, ମନୋଜ ପ୍ରଧାନ, କୈଳାସ ମହାପାତ୍ର, ନିଲେଶ ବରାଳ, ବେବିନା ତ୍ରିପାଠୀ, କବିତା ମହାପାତ୍ର, ଅଜୟ ରାଉଳ, ଚିତ୍ତରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇବର ସୁରକ୍ଷା ନେଇ ସଚେତନ କଲା ମାସ୍କଟ

ଖୋର୍ଦ୍ଧା,୮।୧୦ (ପ୍ରଭାତ ପାଣିଗ୍ରାହୀ)

- ସତର୍କ ରହିବାକୁ ପରାମର୍ଶ ଦେଲେ
- ଜିଲାପାଳ, ଏସ୍‌ପି ଦୌଡ଼ିଲେ



ମିନି ମାରାଥନରେ ଯୋଗ ଦେଇଥିବା ଜିଲାପାଳ ଏବଂ ଅନ୍ୟ ଅଧିକାରୀ।

ସାଇବର ଅପରାଧ ଦିନକୁଦିନ ବଢ଼ିଚାଲିଛି। ଏଥିରୁ ସୁରକ୍ଷିତ ରହିବା ପାଇଁ ରାଜ୍ୟ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଆରମ୍ଭ ହୋଇଛି। ଗତ ଗାନ୍ଧୀ ଜୟନ୍ତୀରୁ ଜିଲା ସ୍ତରରେ ସାଇବର ସଚେତନତା ରଥ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପରିକ୍ରମା କରି ଲୋକଙ୍କୁ ସଚେତନ କରୁଛି। ରବିବାର ଖୋର୍ଦ୍ଧା ସହରରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ପୋଲିସ ପକ୍ଷରୁ ମିନି ମାରାଥନ ଆୟୋଜିତ ହୋଇଥିଲା। ବିଜେବି ହାଇସ୍କୁଲ ପଡ଼ିଆରେ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସବୁଜ ପତାକା ଦେଖାଇ ମିନି ମାରାଥନର ଶୁଭାରମ୍ଭ କରିଥିଲେ। ଏସ୍‌ପି, ଜିଲାପାଳଙ୍କ ସମେତ ବିଭିନ୍ନ ବିଦ୍ୟାଳୟ ଓ କଲେଜ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ, କ୍ରୀଡ଼ାବିତ୍, ଖେଳାଳି ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। ବିଜେବି ହାଇସ୍କୁଲ ଖେଳପଡ଼ିଆରୁ ସମସ୍ତେ ବାହାରି ନୂଆ ବସ୍‌ଷ୍ଟାଣ୍ଡ ଦେଇ ପୁନଃ ଖେଳପଡ଼ିଆକୁ ଫେରିଥିଲେ। ମାସ୍କଟ 'ସାଇରା' ଲୋକଙ୍କୁ ସଚେତନ କରିଥିଲା। ଲୋକେ ମାସ୍କଟ ସହ ସେଲ୍ଫି ନେଇଥିଲେ।

ସାଇବର ଅପରାଧରୁ କିପରି ବର୍ତ୍ତିହେବ ସେ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଯୁବତୀ ଯୁବକଙ୍କୁ ଜିଲାପାଳ ଏବଂ ଏସ୍‌ପି ବୁଝାଇଥିଲେ। ଅନଲାଇନରେ ଅର୍ଡର, ଆପ୍ ଡାଉନଲୋଡ କରିବା ସମୟରେ ସତର୍କ ରୁହନ୍ତୁ। କୌଣସି ଅଜଣା ନମ୍ବରରୁ କଲ୍ ଅଥବା ଭିଡିଓ କଲ ଆସିଲେ, ଏହାକୁ ଗ୍ରହଣ କରନ୍ତୁ ନାହିଁ। ଅନଲାଇନ ଶପିଂ ବେଳେ ସତର୍କ ରୁହନ୍ତୁ। ପିଲାଙ୍କ ଅନଲାଇନ ଗେମ୍ସ ଖେଳ ଏବଂ ପାଠପଢା ସମୟରେ ନଜର ରଖନ୍ତୁ। ଅଜଣା ବ୍ୟକ୍ତିଙ୍କୁ ନିଜ ବ୍ୟକ୍ତିଗତ ପାସ୍‌ୱାର୍ଡ, ଆଧାର ନମ୍ବର ଦିଅନ୍ତୁ ନାହିଁ। ଅଜଣା ବ୍ୟକ୍ତିଙ୍କ ଫ୍ରେଣ୍ଡ ରିକ୍ୱେଷ୍ଟ ଗ୍ରହଣ କରନ୍ତୁ ନାହିଁ। କୌଣସି ସମୟରେ ସାଇବର ଅପରାଧର ଶିକାର ହେଲେ ତୁରନ୍ତ ସାଇବର ଥାନା ଅଥବା ନିକଟସ୍ଥ ଥାନାରେ ଅଭିଯୋଗ କରନ୍ତୁ। ଏଥିସହିତ ଜିଲା ପୋଲିସ ମୁଖ୍ୟାଳୟ ସହ ମଧ୍ୟ ଯୋଗାଯୋଗ କରିପାରିବେ। ଠକାମିର ୪୮ ଘଣ୍ଟା ବହୁତ ଗୁରୁତ୍ୱପୂର୍ଣ୍ଣ। ଠକେଇର ଶିକାର ହେଲେ ଟଙ୍କା ଫେରିପାଇବେ କି ନାହିଁ, ଏହି ଆଶଙ୍କାରେ ଅନେକ ବ୍ୟକ୍ତି ଅଭିଯୋଗ କରନ୍ତି ନାହିଁ। ଫଳରେ ସାଇବର ଅପରାଧୀ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲନ୍ତି। ଲୋକେ ସଚେତନ ହେବା ସହ ତୁରନ୍ତ ଏ ସମ୍ପର୍କରେ ସାଇବର ଥାନାକୁ ଜଣାଇଲେ ଏହାକୁ ରୋକାଯାଇପାରିବ। ସାଇବର ଅପରାଧଠାରୁ ଲୋକଙ୍କୁ ସୁରକ୍ଷିତ, ସତର୍କ କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଜାରି ରହିଛି ବୋଲି ଏସ୍‌ପି କଟାରିଆ କହିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ, କିଶୋର ଚନ୍ଦ୍ର ମୁଣ୍ଡ, ଡିଏସ୍‌ପି ମୀନାକ୍ଷୀ ଠାକୁର, ସଦର ଏସ୍‌ଡିପିଓ ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଟାଉନ ଥାନା ଅଧିକାରୀ ତାରିକ ଅହମ୍ମଦ ଓ ଟ୍ରାଫିକ ପୋଲିସ ପ୍ରମୁଖ ମାରାଥନ ପରିଚାଳନା କରିଥିଲେ।

# ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

ବେଗୁନିଆ,୮।୧୦(ହର ପ୍ରସନ୍ନ ପଣ୍ଡା)

**୨୭ ଗୋରୁ ଉଦ୍ଧାର**



ବେଗୁନିଆ ଥାନା ପୋଲିସ ରବିବାର ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଗାଡ଼ିରେ ଥିବା ୨୭ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ତେବେ ଗାଡ଼ି ଚାଳକ ଓ ସହଯୋଗୀ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୫୬/୨୩)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଭୋର ପ୍ରାୟ ୪ଟାରେ ଚଟୁଆ-ଟିକୋତାଳ ରାସ୍ତାରେ ବେଗୁନିଆ ଥାନା ଅଧିକାରୀ ଓ କର୍ମଚାରୀମାନେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଦକ୍ଷିଣପାରିକ୍ଷେତା ଛକ ନିକଟରେ ଓଡି୦୨ପି-୭୮୮୬ ନମ୍ବର ବିଶିଷ୍ଟ ଏକ ପିକ୍‌ଅପ୍ ଭ୍ୟାନ୍ ଯାଉଥିଲା। ପୋଲିସର ସନ୍ଦେହ ହେବାରୁ ଗାଡିକୁ ଅଟକାଇବା ସହ ସେଥିରେ ଗୋରୁ ଥିବା ଦେଖିବାକୁ ପାଇଥିଲା। ତେବେ ଗାଡ଼ି ଚାଳକ ଓ ସହଯୋଗୀ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ପରେ ପୋଲିସ ଗାଡ଼ିରେ ଥିବା ୨୭ ଗୋରୁଙ୍କୁ ଉଦ୍ଧାର କରିବା ପରେ ରକ୍ଷଣାବେକ୍ଷଣ ପାଇଁ ବୋଲଗଡ଼ ସ୍ଥିତ ଗୋଶାଳାରେ ଛାଡି ଦିଆଯାଇଛି। ପ୍ରକାଶ ଯେ, ବେଗୁନିଆ ଥାନା ଅଞ୍ଚଳରେ ବେଆଇନଭାବେ ଗୋ ଚାଲାଣକାରୀମାନେ ପୁଣି ସକ୍ରିୟ ହୋଇଉଠିଛନ୍ତି। ତେବେ ଗୋଚାଲାଣ ରୋକିବା ପାଇଁ ବିଭିନ୍ନ ସଙ୍ଗଠନ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହେଉଛି। ତେବେ ଗୋଚାଲାଣ ରୋକିବା ପାଇଁ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି ବୋଲି ଆଇଆଇସିବିଶ୍ୱଜିତ ରାଉତରାୟ କହିଛନ୍ତି।

# ସହଭାଗିତାରେ ବନ୍ୟପ୍ରାଣୀ ସୁରକ୍ଷା ଉପରେ ଗୁରୁତ୍ୱ



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ଟାଙ୍ଗୀ,୮।୧୦(ରଘୁନାଥ ସାହୁ)

ବାଲୁଗାଁସ୍ଥିତ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଟାଙ୍ଗୀ ବ୍ଲକ ସମ୍ମିଳନୀ କକ୍ଷରେ ୬୯ ତମ ବନ୍ୟପ୍ରାଣୀ ସପ୍ତାହ ପାଳନର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲାର ପରିବେଶବିତ୍ ଶୁଳପାଣି ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଭିଜିଲାନ୍ସ ଏସ୍‌ପି ଯୁଗଳ କିଶୋର ଦାସ, ମୁଖ୍ୟ ବକ୍ତା ଚିଲିକା ବନ୍ୟପ୍ରାଣୀ ବନଖଣ୍ଡର ଡିଭିଜନାଲ ଫରେଷ୍ଟ ଅଫିସର ଅମ୍ଲାନ କୁମାର ନାୟକ, ସ୍ୱତନ୍ତ୍ର ଅତିଥି ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ସମ୍ମାନିତ ଅତିଥି ସହକାରୀ ବନ ସଂରକ୍ଷକ ପ୍ରମୋଦ କୁମାର ସେଠୀ, ଶତାବ୍ଦୀ ମିଶ୍ର ପ୍ରମୁଖ ଯୋଗଦେଇ ସହଭାଗିତାରେ ବନ୍ୟପ୍ରାଣୀ ସୁରକ୍ଷା, ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ, ଏକାଠି ହୋଇ ସଚେତନତା କାର୍ଯ୍ୟକ୍ରମ କରିବା, ବନ୍ୟପ୍ରାଣୀ ମାଂସ ଖାଇବା ଆଇନ ବିରୋଧୀ, ଧର୍ମ ବିରୋଧୀ ଓ ଶରୀର ପ୍ରତି ବିପଦ, ଆମେ ଜାଣିଲେ ଆମେ ଜଣାଇବା ବୋଲି ମନ୍ତବ୍ୟ ରଖିଥିଲେ। ପରିବେଶବିତ୍ ଧନେଶ୍ୱର ବିଧାର ସ୍ୱାଗତ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁକ୍ତେଶର ବନପାଳ ସୁଜିତ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ଡିଭିଜନରେ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ବାଲୁଗାଁ କଲେଜ ଅଧ୍ୟାପକ ଡ. ଅକ୍ଷୟ କୁମାର ମିଶ୍ରଙ୍କୁ ବିଜୁ ପଟ୍ଟନାୟକ ସମ୍ମାନ ପ୍ରଦାନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର, ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା। ପକ୍ଷୀ ସୁରକ୍ଷା ପାଇଁ କାର୍ଯ୍ୟ କରିଆସୁଥିବା ମଙ୍ଗଳାଯୋଡି ଇକୋ ଟୁରିଜମ, ମଙ୍ଗଳାଯୋଡି କଞ୍ଜରଭେସନ ଟୁରିଜମ ଟ୍ରଷ୍ଟ ଓ ମହାବୀର ପକ୍ଷୀ ସୁରକ୍ଷା ସମିତିର କର୍ମକର୍ତ୍ତାଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ପାଲା, ଚକୁଳିଆ ପଣ୍ଡା ଗୀତରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ରେଞ୍ଜର ବିରଜା ଦାଶ ଧନ୍ୟବାଦ ଦେଇଥିଲେ।

## ଫ୍ୟାନ୍‌ରେ ଗାମୁଛା ବାନ୍ଧି ଆତ୍ମହତ୍ୟା

ନିରାକାରପୁର,୮।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଫ୍ୟାନ୍‌ରେ ଗାମୁଛା ବାନ୍ଧି ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ କଁପୁର ପଞ୍ଚାୟତ ମଳିପଡା ଗ୍ରାମର ରାକେଶ କଳସ। ଶନିବାର କୌଣସି କାରଣକୁ ନେଇ ରାକେଶ ଘର କବାଟ ଭିତର ପଟୁ ବନ୍ଦ କରିଦେଇଥିଲେ। ରାତି ପ୍ରାୟ ୧୦ଟାରେ ଖାଇବା ପାଇଁ ରାକେଶଙ୍କୁ ପରିବାରଲୋକେ ଡାକିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ପରେ ପରିବାର ଲୋକେ କବାଟ ଭାଙ୍ଗିବା ବେଳେ ରାକେଶ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଗୁରୁତର ଅବସ୍ଥାରେ ପରିବାରଲୋକେ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୨୧/୨୩) ରୁଜୁ କରି ତଦନ୍ତ ଚଳାଇଛି।

## ସେବା ସପ୍ତାହ କାର୍ଯ୍ୟକ୍ରମ

ଖୋର୍ଦ୍ଧା,୮।୧୦(ପ୍ରଭାତ ପାଣିଗ୍ରାହୀ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ବାଣପୁର ଖଣ୍ଡ ପକ୍ଷରୁ ସେବା ସପ୍ତାହ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ୩ଦିନ ଧରି ବାଣପୁର ଅଞ୍ଚଳରେ ବିଭିନ୍ନ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ଗୋ ପୂଜନ, ଦ୍ୱିତୀୟ ଦିବସରେ ଔଷଧୀୟ ଚାରା ବଣ୍ଟନ ଏବଂ ତୃତୀୟ ଦିବସରେ ରଙ୍କନାଥ ଦେବ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ହୋଇଛି। ବାଣପୁର ଖଣ୍ଡ ସଂଘଚାଳକ ସତ୍ୟନାରାୟଣ ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମକୁ ବାଣପୁର ଖଣ୍ଡ କାର୍ଯ୍ୟବାହ ପ୍ରଶାନ୍ତ କୁମାର ସୁପକାର ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏକାଧିକ ସ୍ୱୟଂସେବକ ଏବଂ ରଙ୍କନାଥ ଦେବ ମନ୍ଦିରକୁ ନିୟମିତ ଭାବେ ଆସୁଥିବା ମହିଳାମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆନୁକୂଲ୍ୟରେ ଗତ ୨ ତାରିଖରୁ ସେବା ସପ୍ତାହ କାର୍ଯ୍ୟକ୍ରମ ଜାରି ରହିଛି।

# ଗୋପାଳପୁରରେ କବିତା ପାଠୋତ୍ସବ

କୃଷ୍ଣପ୍ରସାଦ,୮।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଗୋପାଳପୁରସ୍ଥିତ ଆଖଣ୍ଡଳେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଆମ ପୁସ୍ତକ ମେଳା କୃଷ୍ଣପ୍ରସାଦ ବ୍ଲକ ପକ୍ଷରୁ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବତ୍ ସଦାନନ୍ଦ ଗୌଡ଼ଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥିଭାବେ କନ୍ଦାଖାଇ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ ଯୋଗଦେଇ ଆଧୁନିକ କବିତା ଉପରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା କମଳେଶ୍ୱର ଦେବ କଳା ସାହିତ୍ୟ ସଂସ୍କୃତି ପରିଷଦର ଉପସଭାପତି ତଥା ପ୍ରଧାନ ଶିକ୍ଷକ କାଶୀନାଥ ଜେନା ଯୋଗଦେଇ ସାହିତ୍ୟର ମହତ୍ ଉଦ୍ଦେଶ୍ୟ ନେଇ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଆମ ପୁସ୍ତକ ମେଳା ସମ୍ପାଦକ ବିଷ୍ଣୁ ପ୍ରସାଦ ଦଳେଇ, ମାନସିଂହ ସାହିତ୍ୟ ସଂସଦର ସମ୍ପାଦକ ଲଳିତ କୁମାର ସ୍ୱାଇଁ, ବିଦ୍ୟାଧର ପ୍ରଧାନ, ସୁରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ପାଠୋତ୍ସବର ସଂଯୋଜକ କବି ମନୋଜ କୁମାର ବାରିକ ଧନ୍ୟବାଦ ଦେଇଥିଲେ। ସୁସାହିତ୍ୟିକ ବାବୁଲା ନାୟକଙ୍କ ସମେତ ଆଖଣ୍ଡଳେଶ୍ୱର ଦେବ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଜନଜାଗରଣ ସମାବେଶ ପ୍ରସ୍ତୁତି ବୈଠକ



ବୋଲଗଡ଼,୮।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ କଂଗ୍ରେସ ପକ୍ଷରୁ ଆସନ୍ତା ୨୭ ତାରିଖରେ ଖୋର୍ଦ୍ଧା ଗୀତାଭବନ ନିକଟରେ ଅନୁଷ୍ଠିତ ହେବାକୁ ଥିବା ଜନଜାଗରଣ ସମାବେଶରେ ଯୋଗଦେବା ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ସଞ୍ଜୟ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ରାଜ୍ୟ କଂଗ୍ରେସ ସମ୍ପାଦକ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ ଯୋଗଦେଇ କଂଗ୍ରେସ ପ୍ରତି ସାଧାରଣ ଲୋକଙ୍କ ଆସ୍ଥା ବଢୁଥିବା ବେଳେ କର୍ମୀମାନେ ଏକଜୁଟ ହୋଇ ଦଳର ବିଜୟ ପାଇଁ ଉଦ୍ୟମ କରିବାକୁ କହିଥିଲେ। ଏହି ବୈଠକରେ ବ୍ଲକ ଅଞ୍ଚଳର ୧୯ ପଞ୍ଚାୟତର ସଭାପତି ଓ କର୍ମୀମାନେ ଅଂଶଗ୍ରହଣ କରି ଆଗାମୀ ଖୋର୍ଦ୍ଧା ଜନଜାଗରଣ ସମାବେଶରେ ପ୍ରତ୍ୟେକ ଗ୍ରାମର କଂଗ୍ରେସ କର୍ମୀଙ୍କୁ ଏକାଠି କରି ଯୋଗଦାନ କରିବାପାଇଁ ବ୍ୟବସ୍ଥା କରିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ବରିଷ୍ଠ ନେତା ମାଧବ ବିଶ୍ୱାଳ, ବିଜୟ ମହାନ୍ତି, ହାଡିବନ୍ଧୁ ସାହୁ, ବିରଞ୍ଚି ସାହୁ, ବିଜୟ ସେଠୀ, ଯୋଗେନ୍ଦ୍ର ଶ୍ରୀଚନ୍ଦନ, ଚିରଞ୍ଜୀବ ସୁନ୍ଦରାୟ, ରଘୁନଥ ସାହୁ, ଶରତ ପାତ୍ର, ନବ ପ୍ରଧାନ, ଲୋଚନ ମିଶ୍ର, ଜୟକୃଷ୍ଣ ପ୍ରହରାଜ, ନଟବର ପାଣ୍ଡେ, ରଙ୍କନିଧି ସାହୁ, ହୃଷୀକେଶ ପଣ୍ଡା, ବାମନ ସାହୁ, ଶଙ୍କର୍ଷଣ ରାଉତ, ମାନସ ବରାଡ, ନବ କିଶୋର ପଣ୍ଡା, ଭାସ୍କର ହୋତା, ଆର୍ତ୍ତ ପ୍ରଧାନ, ପ୍ରମୋଦ ବଳିୟାରସିଂହ, ସୀମାଞ୍ଚଳ ଖଣ୍ଡାଇ ପ୍ରମୁଖ ଉପସ୍ଥିତ ଥିଲେ। ଗଙ୍ଗାଧର ଦାଶ ଧନ୍ୟବାଦ ଦେଇଥିଲେ।

# ବଡ଼ଭାଇ ଠେଙ୍ଗାମାଡ଼ରେ ସାନ ଗୁରୁତର

ଖୋର୍ଦ୍ଧା,୮।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଧୀନ ଲୋକନାଥପୁର ଗ୍ରାମରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ବଡ଼ଭାଇଙ୍କ ଠେଙ୍ଗାମାଡ଼ରେ ସାନଭାଇ ଶିଶିର ସାହୁ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡ ଫାଟିଛି। ତାଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ଏ ନେଇ ଦଫା ୨୯୪, ୩୨୫, ୫୦୬ ଏବଂ ୩୪ ଆଇପିସିରେ ଏକ ମାମଲା (ନଂ. ୧୭୦/୨୩) ରୁଜୁ କରିଛି। ଶିଶିରଙ୍କ ଅଭିଯୋଗ ଅନୁଯାୟୀ, ଶନିବାର ରାତି ସାଢେ ୮ଟାରେ ତାଙ୍କୁ ହଠାତ୍ ବଡ଼ଭାଇ ଜଗନ୍ନାଥ ଏବଂ ବାପା ବାସୁଦେବ ଗାଳିଗୁଲଜ କରିବା ସହ ଲୁହାରଡ୍ ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶିଶିର ମେଡିକାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ପରେ ସେ ଥାନାରେ ଅଭିଯୋଗ କରିଥିଲେ। ଘରକୁ ପ୍ରବେଶ କଲେ ଜୀବନରେ ମାରିଦେବାକୁ ଧମକ ଦିଆଯାଇଥିବା ନେଇ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।

**ଗୁରୁଜଙ୍ଗ କପ୍ କ୍ରିକେଟ ଟୁର୍ନାମେଣ୍ଟ**

# ସୁଆଙ୍ଗ, ଗୁରୁଜଙ୍ଗ ବିଜୟୀ

ଖୋର୍ଦ୍ଧା,୮।୧୦(ପ୍ରଭାତ ପାଣିଗ୍ରାହୀ)




ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଗୁରୁଜଙ୍ଗ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡିଆରେ ଚାଲିଥିବା ଗୁରୁଜଙ୍ଗ କପ-୨୦୨୩ ଦ୍ୱିତୀୟ ଦିବସରେ ରବିବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ସୁଆଙ୍ଗ ଏବଂ ଗଙ୍ଗପଡ଼ା ଟିମ୍ ମଧ୍ୟରେ ହୋଇଥିଲା। ସୁଆଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୪୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌମିତ୍ର ସେଠୀ ୫୬ ରନ ସଂଗ୍ରହ କରିଥିଲେ। ଜବାବରେ ଗଙ୍ଗପଡ଼ା ଟିମ୍ ସମସ୍ତ ଉଇକେଟ ବିନିମୟରେ ୧୩୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ରୋଶନ ସେନାପତି ୨୮ ରନ ସଂଗ୍ରହ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ଆୟୋଜକ ଗୁରୁଜଙ୍ଗ ଓ ଗୁଡୁମ ଟିମ୍ ମଧ୍ୟରେ ହୋଇଥିଲା। ଗୁଡୁମ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୧୨୧ରନ ସଂଗ୍ରହ କରିଥିଲା। ଜବାବରେ ଗୁରୁଜଙ୍ଗ ଟିମ୍ ୫ ଉଇକେଟ ବିନିମୟରେ ୧୨୨ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଗିରିଧାରୀ ସିଂ ମାଝୀ ୪୨ରନ ଓ ମହାଦୀପ ମହାପ୍ରସାଦ ୪୦ ରନ ସଂଗ୍ରହ କରିଥିଲେ। ପ୍ରଥମ ମ୍ୟାଚରେ ସୁଆଙ୍ଗ ଟିମର ସୌମିତ୍ର ଶ୍ରେଷ୍ଠ ଖେଳାଳି ଏବଂ ଦ୍ୱିତୀୟ ମ୍ୟାଚ ରାଜପ୍ରସାଦ ରଥ ଶ୍ରେଷ୍ଠ ଖେଳାଳିଭାବେ ପୁରସ୍କୃତ ହୋଇଥିଲେ। ଆୟୋଜକ ରୟାଲ ଲାୟନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିବାବେଳେ ଇଞ୍ଜିନିୟର ପ୍ରଭାତ ବଳିୟାରସିଂହ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅସିତ କୁମାର ଶତପଥୀ, ସାନୁଜ ବିଶାଳ, ପ୍ରଶାନ୍ତ ବେହେରା, ଅନିଲ ପାଇକରାୟ, ସନ୍ଦୀପ ପଟ୍ଟନାୟକ, ପ୍ରକାଶ ପାଇକରାୟ, ତ୍ରିନାଥ ପରିଡା ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଦାବି ପୂରଣ ନ ହେଲେ ୨୬ରୁ ସମୂହ ଛୁଟି

**ଜିଲା ମିଳିତ ଅମଲା ସଂଘର ବୈଠକ**

ଖୋର୍ଦ୍ଧା,୮।୧୦(ପ୍ରଭାତ ପାଣିଗ୍ରାହୀ)




ବୈଠକରେ ଉପସ୍ଥିତ ଅମଲା ସଂଘର କର୍ମକର୍ତ୍ତାମାନେ।

ଖୋର୍ଦ୍ଧା ଜିଲା ଅମଲା ସଂଘର ସାଧାରଣ ବୈଠକ ରବିବାର ସ୍ଥାନୀୟ ବିଜେବି ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୧୩ ଦିନ ବ୍ୟବଧାନ ପରେ ଅମଲାମାନେ ପୁଣି ଥରେ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ୪୨୦୦ ଟଙ୍କା ଗ୍ରେଡ୍ ପେ ଦାବିରେ ଓଡ଼ିଶା ଅମଲା ସଂଘ, ଓଡ଼ିଶା ରାଜସ୍ୱ ଅମଲା ସଂଘ, ଓଡ଼ିଶା ଟ୍ରେଜେରି ଅମଲା ସଂଘ ଏବଂ ଓଡ଼ିଶା ନିବନ୍ଧକ ସଂଘକୁ ନେଇ ଗଠିତ ମିଳିତ ମଞ୍ଚ ପୂର୍ବରୁ ଆନ୍ଦୋଳନକୁ ଓହ୍ଲାଇଥିଲା। ଗତ ଏପ୍ରିଲ ୨୩ରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ପରେ ମେ ୧ରେ ଅନୁରୂପ ଭାବେ ରାଜ୍ୟ ଅମଲା ସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଥିଲା। ତେବେ ଦାବି ପୂରଣ ନ ହେବାରୁ ସଂଘର ସଦସ୍ୟମାନେ ମେ ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରିବା ସହ ଜୁନ ୧ରୁ ୧୭ ତାରିଖ ପର୍ଯ୍ୟନ୍ତ ସମୂହ ଛୁଟିରେ ଯାଇଥିଲେ। ପରବର୍ତ୍ତୀ ସମୟରେ ମୁଖ୍ୟ ଶାସନ ସଚିବଙ୍କ ପ୍ରତିଶ୍ରୁତି ପରେ ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା। ତେବେ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ନେଇ ସଂଘ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ଆସନ୍ତା ୨୫ତାରିଖ ସୁଦ୍ଧା ସରକାର ପଦକ୍ଷେପ ଗ୍ରହଣ ନ କଲେ ୨୬ ତାରିଖଠାରୁ ପୁନର୍ବାର ସମୂହ ଛୁଟିରେ ରହି ଆନ୍ଦୋଳନ ଜାରି ରଖିବେ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିବା ସୂଚନା ଦିଆଯାଇଛି। ଏହି ବୈଠକରେ ରାଜ୍ୟ ମିଳିତ ଅମଲା ମଞ୍ଚ ସଭାପତି ନାରାୟଣ ଦାଶ, ଜିଲା ଆବାହକ ସନ୍ତୋଷ କୁମାର ନିଶଙ୍କ, ଜିଲା ସଭାପତି ଅଶୋକ କୁମାର ପଣ୍ଡା, ଶୁଭେନ୍ଦୁ ରାଉତରାୟ, ସମର କାନୁନ୍‌ଗୋ, ନିରଞ୍ଜନ ମହାରଣା, ସାମନ୍ତ ଭୀମସେନ ଭଞ୍ଜ, ଅର୍ଜୁନ ମହାରଣା, ସବ୍ୟସାଚୀ ଧଳ, ତପନ କୁମାର ବାରିକ, ରଶ୍ମି ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

**କାର୍ଯ୍ୟକ୍ଷମ ହେଲା ବିଦ୍ୟୁତ୍ ଗ୍ରୀଡ୍**

ପିପିଲି, (ଦୁର୍ଗାମାଧବ ମିଶ୍ର): ଦୂର ହେଲା ପିପିଲି ଅଞ୍ଚଳର ଦୀର୍ଘ ୪୦ ବର୍ଷର ବିଦ୍ୟୁତ୍ ସମସ୍ୟା। ମଙ୍ଗଳପୁର ନିକଟ ୦ଶା୦ଶାରେ ବିଦ୍ୟୁତ ଗ୍ରୀଡକୁ ଉଦ୍ଘାଟନ କରିଛନ୍ତି ବିଧାୟକ ରୁଦ୍ର ପ୍ରତାପ ମହାରଥୀ। ଦୀର୍ଘ ୪୦ ବର୍ଷ ଧରି ଲୋ-ଭୋଲଟେଜ, ବାରମ୍ବାର ବିଦ୍ୟୁତ କାଟକୁ ନେଇ ଅତିଷ୍ଠ ହୋଇପଡ଼ିଥିବା ପିପିଲିବାସୀ ଏବେ ଏଥିରୁ ମୁକ୍ତି ପାଇବା ନେଇ ଖୁସିବ୍ୟକ୍ତ କରିଛନ୍ତି ବିଧାୟକ ରୁଦ୍ର ପ୍ରତାପ ମହାରଥୀ। ସମସ୍ତଙ୍କ ଉଦ୍ୟମରେ ଏଭଳି ସମସ୍ୟା ସମାଧାନ ହୋଇପାରିଛି ବୋଲି ବିଧାୟକ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଦ୍ୟୁତ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ପିପିଲି ଅଞ୍ଚଳର ଜନସାଧାରଣ, ଜନ ପ୍ରତିନିଧି ଯୋଗ ଦେଇଥିଲେ।



## ସଂକ୍ଷେପରେ

### ସମ୍ବିତଙ୍କ ସହଯୋଗରେ ସୁରଟରୁ ଆସିଲା ମୃତଦେହ

ପୁରୀ,୮।୧୦(ଅଜିତ ମହାନ୍ତି): ଗୁଜରାଟର ସୁରଟରେ ରହୁଥିବା ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳ ଅନ୍ତର୍ଗତ ରୂପଦେଈ ଗ୍ରାମର ସନ୍ତୋଷ ବଳିଆରସିଂହଙ୍କ ଶାରୀରିକ ଅସୁସ୍ଥତା ଯୋଗୁ ଗତ ୫ତାରିଖରେ ଦେହାନ୍ତ ହୋଇଯାଇଥିଲା। ଆର୍ଥିକ ଦୁରାବସ୍ଥା ଯୋଗୁ ତାଙ୍କ ପରିବାର ଆମ୍ବୁଲାନ ଦେଇ ଦେବା ପାଇଁ ଅସମର୍ଥ ଥିବାରୁ ପରିବାର ଲୋକଙ୍କ ପାଖରେ ମୃତଦେହ ପହଞ୍ଚି ପାରୁ ନ ଥିଲା। ଏ ବିଷୟରେ ସ୍ଥାନୀୟ ଭାଜପା କାର୍ଯ୍ୟକର୍ତ୍ତାଙ୍କଠାରୁ ଖବର ପାଇବା ପରେ ଦଳର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ନବସାରୀର ଏମ୍‌ପି ସି.ଆର. ପାଟିଲଙ୍କ ସହ ଯୋଗାଯୋଗ କରି ସନ୍ତୋଷଙ୍କ ମରଶରୀର ଶୀଘ୍ର ଭାବେ ତାଙ୍କ ବାସଭବନରେ ପହଞ୍ଚିବା ନେଇ ସେ ଆବଶ୍ୟକ ବ୍ୟବସ୍ଥା କରିଥିଲେ। ରବିବାର ସନ୍ତୋଷଙ୍କ ମରଶରୀର ତାଙ୍କ ପୈତୃକ ବାସଭବନରେ ପହଞ୍ଚିବା ପରେ ପରିବାର ଲୋକଙ୍କୁ ଡ. ପାତ୍ର ସମବେଦନା ଜଣାଇଥିଲେ। ସନ୍ତୋଷଙ୍କ ଅନ୍ତିମ ସଂସ୍କାରରେ ମଧ୍ୟ ସମ୍ବିତ ଉପସ୍ଥିତ ଥିଲେ।

### ସ୍ଥାୟୀ ଜମିପଟ୍ଟା ପାଇଁ ତହସିଲଦାରଙ୍କୁ ଦାବିପତ୍ର

କାକଟପୁର, ୮।୧୦ (ଶୁଭଦର୍ଶନ ମିଶ୍ର): ପୁରୀ ଜିଲା କାକଟପୁର ବ୍ଲକର ବୋଇତକୁଦ ଗ୍ରାମର ୮୦ ପରିବାର ଏବେ ବି ବିଭିନ୍ନ ସରକାରୀ ଯୋଜନା, ଶିକ୍ଷା, ଗୁରୁତ୍ୱପୂର୍ଣ୍ଣ ପ୍ରମାଣପତ୍ର ଲାଭ କରିବାରୁ ବଞ୍ଚିତ। ଦୀର୍ଘ ୫୦ବର୍ଷରୁ ଅଧିକ ବର୍ଷ ହେଲାଣି ଏଠାରେ ପ୍ରାୟ ୨୦୦ ପରିବାର ଅନ୍ୟ ସ୍ଥାନରୁ ବୋଇତକୁଦ ଗ୍ରାମକୁ ସ୍ଥାନାନ୍ତରିତ ହୋଇ ରହି ଆସୁଛନ୍ତି। ସରକାର ତାଙ୍କୁ ବୋଇତକୁଦ ଗ୍ରାମରେ ଥଇଥାନ କରିଥିଲେ ମଧ୍ୟ ୮୦ ପରିବାରକୁ ଆଜି ପର୍ଯ୍ୟନ୍ତ ସ୍ଥାୟୀ ଘରବାଡି ପଟ୍ଟା ଦେଇନାହାନ୍ତି। ଗ୍ରାମରେ ଥିବା ମେଧାବୀ ଛାତ୍ରୀଛାତ୍ରମାନେ ମଧ୍ୟ ସରକାରୀ ପ୍ରୋତ୍ସାହନରୁ ବଞ୍ଚିତ ରହିଛନ୍ତି। ଏପରିକି ସେମାନେ ସେମାନଙ୍କ ଜାତିଗତ ପ୍ରମାଣପତ୍ର କିମ୍ବା ରୋଜଗାର ପ୍ରମାଣପତ୍ର ମଧ୍ୟ ପାଇପାରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଶ୍ରୀ ମାଧବ ଚାରିଟେବୁଲ ଆଣ୍ଡ ୱେଲ୍ ଫେୟାର ଟ୍ରଷ୍ଟ ନିମାପଡାର ଚେୟାରମ୍ୟାନ ମାଧବ ମଲ୍ଲିକ, ମହିଳା ସୁରକ୍ଷା କମିଟିର ପୁରୀ ଜିଲା ସଭାନେତ୍ରୀ ଲିପିକା ବଳିଆରସିଂ, ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ସର୍ବେଶ୍ୱର ମଲ୍ଲିକ ସେହି ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଛନ୍ତି। ବୋଇତକୁଦର ଗ୍ରାମବାସୀଙ୍କୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ ପାଇଁ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

### ସୁଆଣ୍ଡୋରେ ପାଳନ ହେବ ଗୋପବନ୍ଧୁ ଜୟନ୍ତୀ

ସାକ୍ଷୀଗୋପାଳ, ୮।୧୦ (ଭରତ ରାଉତ): ଗୋପବନ୍ଧୁ ସ୍ମୃତି ପରିଷଦ ଆନୁକୂଲ୍ୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ସୁଆଣ୍ଡୋର ଉତ୍କଳମଣି କ୍ୟାମ୍ପସରେ ପାଳନ କରାଯିବ। ଜୟନ୍ତୀ ଉତ୍ସବରେ ଲୋକସେବକ ମଣ୍ଡଳ ରାଷ୍ଟ୍ରୀୟ ସଭାପତି ଯୋଗଦାନ କରିବେ। ସେହିପରି ଲୋକସେବକ ମଣ୍ଡଳର ଉପସଭାପତି ତଥା ସମାଜର ମୁଦ୍ରକର, ପ୍ରକାଶକ ନିରଞ୍ଜନ ରଥ, ରାଷ୍ଟ୍ରୀୟ ସମ୍ପାଦକ ପ୍ରଭାସ ଆଚାର୍ଯ୍ୟ ଯୋଗ ଦେବେ। ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା, ଜିଲ୍ଲା ପ୍ରଶାସନିକ ଓ ସତ୍ୟବାଦୀ ବ୍ଲକ ପ୍ରଶାସନ ଅଧିକାରୀମାନେ ଯୋଗଦାନ କରି ଗୋପବନ୍ଧୁ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ।

# ବାଲି ଚୋରାଚାଲାଣ ପାଇଁ ନଦୀବନ୍ଧ ତାଡ଼ିଦେଲେ

## ବିପଦରେ ୪ ପଞ୍ଚାୟତବାସୀ

ପିପିଲି, ୮।୧୦ (ପ୍ରଭାତ କୁମାର ମହାପାତ୍ର): ପିପିଲିରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ବେଆଇନ ଭାବେ ଶହଶହ ଟ୍ରିପ୍ ବାଲି ହରିଲୁଟ୍ କରୁଥିବା ବେଳେ ବନ୍ଧ ପାର୍ଶ୍ୱରେ ପାହାଡ ଉଚ୍ଚର ବାଲି ଗଦା କରି ନଦୀବନ୍ଧକୁ ତାଡି ପକାଉଛନ୍ତି। ପିପିଲି ବ୍ଲକ ରୁପୁଦେଇପୁର ପଞ୍ଚାୟତ ଅଲାରପୁର ମା' ଲକ୍ଷ୍ମୀପାଦୁକାଇ ମନ୍ଦିର ନିକଟ ଭାର୍ଗବୀ ନଦୀବନ୍ଧ ଏବେ ବିପର୍ଯ୍ୟସ୍ତ ଅବସ୍ଥାରେ। ଜଳସମ୍ପଦ ବିଭାଗ ଓ ବାଲି ମାଫିଆଙ୍କ ମଧୁଚନ୍ଦ୍ରିକା ଯୋଗୁଁ ପ୍ରାକୃତିକ ସମ୍ପଦ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି। ଭାର୍ଗବୀ ନଦୀ ବନ୍ଧ ମରାମତି ନିମନ୍ତେ ଜଳସମ୍ପଦ ବିଭାଗ କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଏବେ କିଛି ମାଫିଆଙ୍କ ନଜର ଉକ୍ତ ନଦୀବନ୍ଧ ଉପରେ ପଡ଼ିଛି। ଗତ କିଛିଦିନ ହେବ ଜନୈକ ବ୍ୟକ୍ତି ଅଲାରପୁର ମା'ଲକ୍ଷ୍ମୀପାଦୁକାଇ ମନ୍ଦିର ନିକଟ ଭାର୍ଗବୀ ନଦୀବନ୍ଧ ତାଡ଼ି ବାହାରକୁ ଚୋରା ବାଲି ଚାଲାଣ କରୁଥିବା ଅଭିଯୋଗ ହୋଇଛି। ନଦୀବନ୍ଧ ନଷ୍ଟ ହେବା କାରଣରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ନଦୀ ବନ୍ଧର ପ୍ରାୟ ୩ ଫୁଟ୍ ମାଟି ମାଫିଆମାନେ ତାଡ଼ି ନେଇଥିବା ଜଣାଯାଇଛି। ଯଦ୍ୱାରା ବନ୍ଧ ଦୁର୍ବଳ ହେବା ସହ ବନ୍ୟା ହେଲେ ବନ୍ଧ ଭାଙ୍ଗିବା ଆଶଙ୍କା ସୃଷ୍ଟି ହୋଇଛି। ଭାର୍ଗବୀ ନଦୀ ବନ୍ଧ ଭାଙ୍ଗିଲେ ପିପିଲି ବ୍ଲକର ୪ଟି ପଞ୍ଚାୟତ ସମେତ ସତ୍ୟବାଦୀ ବ୍ଲକର ଅନେକ ଅଞ୍ଚଳ ପ୍ରଭାବିତ ହେବାର ଭୟ ରହିଛି। ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି।



ବାଲି ଚୋରାଚାଲାଣ ପାଇଁ ଭାର୍ଗବୀ ନଦୀବନ୍ଧ ତାଡିଦିଆଯାଇଛି ।




ପୁରୀ ସଂସ୍କୃତି ଭବନରେ ରବିବାର ଆୟୋଜିତ ଜିଲାସ୍ତରୀୟ ମହକ ଓ ଉତ୍ସାହ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ପ୍ରତିଯୋଗୀମାନେ ।

# ୧୩ରେ ଟାଉନ ହଲରେ ପ୍ରଦର୍ଶନ ହେବ 'ପୁଷ୍କରା'

ପୁରୀ,୮।୧୦(ଅଜିତ ମହାନ୍ତି): ଆସନ୍ତା ୧୩ ତାରିଖରେ ପୁରୀବାସୀଙ୍କ ପାଇଁ ସ୍ଥାନୀୟ ଟାଉନ ହଲରେ ଓଡ଼ିଆ ଚଳଚ୍ଚିତ୍ର 'ପୁଷ୍କରା' ପ୍ରଦର୍ଶନ ହେବ। ଏନେଇ ରବିବାର ଭକ୍ତ ସାଲବେଗ ପୀଠରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକମାନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଆୟୋଜକ ପିନାକୀ ଶ୍ରୀଚନ୍ଦନ କହିଛନ୍ତି, ଓଡ଼ିଶାରେ ମୌଳିକ କାହାଣୀକୁ ନେଇ ସିନେମା କରିବାର ପରମ୍ପରାକୁ ଆଉ ପାଦେ ଆଗକୁ ନେଇ ଚର୍ଚ୍ଚିତ ଓଡ଼ିଆ ଉପନ୍ୟାସ ନାଦବିନ୍ଦୁ ଆଧାରରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ପୁଷ୍କରା' ମୁକ୍ତିଲାଭ କରିଛି। ଏହାର କଥାବସ୍ତୁ ଶୁଦ୍ଧି କାର୍ଯ୍ୟରେ ପାଳନ ହେଉଥିବା ପୁଷ୍କର ପ୍ରଥା ଉପରେ ଆଧାରିତ ଏକ ପ୍ରେମ କାହାଣୀ ଉପରେ ପର୍ଯ୍ୟବସିତ। ପୁରୀର ସଂସ୍କୃତି, ପରମ୍ପରା, ଲୋକଗୀତ ଏବଂ ପ୍ରାଚୀନତା ଆଧାରରେ ନିର୍ମିତ ତଥା ସୁପରଷ୍ଟାର ସବ୍ୟସାଚୀଙ୍କ ଅଭିନୀତ ଏହି ସିନେମା ସାରା ରାଜ୍ୟ ଏବଂ ରାଜ୍ୟ ବାହାରେ ମୁକ୍ତିଲାଭ କରି ଦର୍ଶକୀୟ ପ୍ରଶଂସା ସାଉଁଟିଛି। ଏହି ସିନେମାରେ ରବି ମିଶ୍ର, ଶମ୍ଭୁନାଥ ଖୁଣ୍ଟିଆ ଏବଂ ପୁରୀର ଅନେକ କଳାକାର ଅଭିନୟ କରିଛନ୍ତି। ପୁରୀରେ ସିନେମା ହଲ୍ ନ ଥିବାରୁ ଏହି ଚଳଚ୍ଚିତ୍ର ଦେଖିବା ପାଇଁ ପୁରୀବାସୀ ବଞ୍ଚିତ ଥିଲେ। ଅନେକ ଦର୍ଶକ ଏହି ସିନେମାକୁ ପୁରୀରେ ରିଲିଜ୍ କରାଇବାକୁ ଅନୁରୋଧ କରିଥିଲେ। ଦର୍ଶକଙ୍କ ଦାବିକୁ ସମ୍ମାନ ଜଣାଇ ଆସନ୍ତା ୧୩ରେ ପୁରୀ ଟାଉନ୍ ହଲ୍‌ରେ 'ପୁଷ୍କରା' ପ୍ରଦର୍ଶନ କରାଯିବ। ସକାଳ ୯ରୁ ମଧ୍ୟାହ୍ନ ୧୨ଟା, ମଧ୍ୟାହ୍ନ ୧୨ରୁ ଅପରାହ୍ନ ୩ଟା, ଅପରାହ୍ନ ୩ରୁ ୬ଟା, ଅପରାହ୍ନ ୬ରୁ ରାତି ୯ଟା ଏବଂ ରାତି ୯ରୁ ୧୨ଟା ପର୍ଯ୍ୟନ୍ତ ଏଭଳି ୫ଟି ଶୋ'ରେ ଏହା ପ୍ରଦର୍ଶନ ହେବ। ସାଧାରଣ ଦର୍ଶକଙ୍କ ପାଇଁ ଟିକେଟ୍ ମୂଲ୍ୟ ୧୦୦ ଟଙ୍କା ରଖାଯାଇଛି। ସକାଳ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ଟାଉନ୍ ହଲ୍ ନିକଟରେ ଟିକେଟ ମିଳିବ। ସିଟ୍ ଏବଂ ଶୋ' ସୀମିତ ଥିବାରୁ ଟିକେଟ ବୁକିଂ ସହାୟତା ନିମନ୍ତେ ମୋବାଇଲ ନଂ. ୯୪୩୭୯୨୦୨୬୬/ ୮୬୩୭୨୯୦୫୦୧ ଜାରି କରାଯାଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ଅଭିଷେକ ଶ୍ରୀଚନ୍ଦନ, ବାଳକୃଷ୍ଣ ପୂଜାପଣ୍ଡା, ତନ୍ମୟ କୁମାର, ଦୀପକ କୁମାର ସାଥୁଆ ଏବଂ ଦିବ୍ୟଜ୍ୟୋତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ପାଲଟିଛି ସ୍ୱପ୍ନ

## ପଲିଥିନ୍ ତଳେ ବିତୁଛି ଜୀବନ

ଚାରିଛକ,୮।୧୦(ଶିଶିର ସ୍ୱାଇଁ) ପୁରୀ ଜିଲା ନିମାପଡା ବ୍ଲକ ଅନ୍ତର୍ଗତ ବାହାରଣା ପଞ୍ଚାୟତ ଅଟେଇହୁଡା ଗ୍ରାମର ପ୍ରକାଶ ଚନ୍ଦ୍ର ବିଶ୍ୱାଳଙ୍କ ପରିବାର ଏବେ ବି ପଲିଥିନ ତଳେ ଜୀବନ ବିତାଉଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ପ୍ରକାଶ ଚନ୍ଦ୍ର ବିଶ୍ୱାଳ ଜଣେ ଭିନ୍ନକ୍ଷମ ଗରିବ ଲୋକ। ଅର୍ଥାଭାବରୁ ତାଙ୍କ ପୁଅ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଫନି ବାତ୍ୟାରେ ତାଙ୍କ ଚାଳ ଘର ଭାଙ୍ଗିଯିବା ପରେ ପୂରା ପରିବାର ଏ ପର୍ଯ୍ୟନ୍ତ ପଲିଥିନ ତଳେ ଆଶ୍ରୟ ନେଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଙ୍କୁ ଗୋଟିଏ ପକ୍କା ଘର ଯୋଗାଇ ଦେବାକୁ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହା ସମ୍ଭବ ହୋଇପାରିନାହିଁ। ପୂର୍ବରୁ ଆବାସ ଯୋଜନା ତାଲିକାରେ ତାଙ୍କ ନାମ ଥିଲା ବେଳେ ରାଜନୈତିକ ଆକ୍ରୋଶରୁ ତାଙ୍କ ନାମ କାଟି ଦିଆଯାଇଥିବା ଅଭିଯୋଗ କରିଛନ୍ତି ପ୍ରକାଶ। ତୁରନ୍ତ ସଠିକ ତଦନ୍ତ କରାଯାଇ ଆବାସ ଯୋଗାଇ ଦେବାକୁ ସେ ଦାବି କରିଛନ୍ତି। ନଚେତ୍ ବ୍ଲକ ସମ୍ମୁଖରେ ତାଙ୍କ ପରିବାର ଧାରଣାରେ ବସିବ ବୋଲି ପ୍ରକାଶ ଚେତାବନୀ ଦେଇଛନ୍ତି।

# ତୀର୍ଥ ପୁଷ୍କରିଣୀ ସଫା କଲେ ଅଞ୍ଚଳବାସୀ



କୋଣାର୍କ,୮।୧୦(ଜ୍ୟୋତିରାଜ ମହାନ୍ତି) ବିଶ୍ୱ ପ୍ରସିଦ୍ଧ କୋଣାର୍କର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଅଳିଆ ଆବର୍ଜନା ହୋଇ ପଡ଼ିଥିଲା। ସ୍ଥାନୀୟ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ରବିବାର ପୂର୍ବାହ୍ନରେ ଅଞ୍ଚଳର ଯୁବ ସାମାଜିକ କର୍ମୀ ଓ ସ୍ୱେଚ୍ଛାସେବୀ ପୁଷ୍କରିଣୀରୁ ଅଳିଆ ଆବର୍ଜନା ସଫା କରିଛନ୍ତି।

ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବା ନିମନ୍ତେ ଦୈନିକ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବା ପରେ ସେମାନେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀଠାରେ ଗ୍ରହ ଶାନ୍ତି ଓ ରିଷ୍ଟ ଖଣ୍ଡନ ନିମନ୍ତେ ସୂର୍ଯ୍ୟ ପୂଜା କରିବା ସହ ସ୍ନାନ କରିଥାନ୍ତି। ଏହି ପୁଣ୍ୟତୋୟା ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀଠାରେ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପରେ ମାଘସପ୍ତମୀ ବୁଡ଼ ଅନୁଷ୍ଠିତ ହୋଇଥାଏ। ଆଉ ୪ମାସ ପରେ ପବିତ୍ର ମାଘସପ୍ତମୀ ବୁଡ଼ ପଡୁଥିବାବେଳେ ମାସେ ପରେ କାର୍ତ୍ତିକ ବ୍ରତ ପାଳନ ନିମନ୍ତେ ଏଠାରେ ହଜାର ହଜାର ସଂଖ୍ୟାରେ ହବିଷିଆଳୀଙ୍କ ସମାଗମ ହେବ। ପୁଷ୍କରିଣୀ ଅଳିଆ ହୋଇ ପଡ଼ିଥିବାରୁ ଆସୁଥିବା ଶ୍ରଦ୍ଧାଳୁ ଏଠାରୁ ମୁହଁ ଫେରାଉଥିବା ଦେଖିବାକୁ ମିଳୁଥିଲା। ଯୁବ ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ମହାପାତ୍ରଙ୍କ ଆହ୍ୱାନରେ କୋଣାର୍କ ଯୁବସଂଗଠନ ଓ ସେବକ ସଂଗଠନ, ଗୋପଙ୍କ ନେତୃତ୍ୱରେ ଚନ୍ଦ୍ରଭାଗାଠାରେ ୫୦ରୁ ଊର୍ଦ୍ଧ୍ୱ ଯୁବକ ଏକତ୍ରିତ ହୋଇ ପୁଷ୍କରିଣୀରୁ ଅଳିଆ ସଫା କରିଥିଲେ।

# ଶିଶୁଙ୍କ ପ୍ରତିଭାର ଉନ୍ମେଷ ଘଟିଲେ ସମାଜର ବିକାଶ ହେବ

ପୁରୀ ୮।୧୦( ଅଜିତ୍ ମହାନ୍ତି) ପ୍ରତ୍ୟେକ ଶିଶୁଙ୍କ ମଧ୍ୟରେ ପ୍ରତିଭା ରହିଛି। ତା'ର ଉପଯୁକ୍ତ ଉନ୍ମେଷ ଘଟିଲେ ସମାଜ, ରାଜ୍ୟ ଓ ଦେଶର ବିକାଶରେ ତାହା ସହାୟକ ହୋଇପାରିବ ବୋଲି ପୁରୀର ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଛନ୍ତି। ରବିବାର ସଂସ୍କୃତି ଭବନରେ ପୁରୀ ଜିଲା ପ୍ରଶାସନ ଓ ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ଶିଶୁ ପ୍ରତିଭା ଉତ୍ସବ 'ମହକ ଓ ଉତ୍ସାହ' ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସାହୁ ଯୋଗଦେଇ କହିଥିଲେ, ପିଲାମାନଙ୍କ ଜ୍ଞାନ ଓ ବୁଦ୍ଧିମତାର ବିକାଶ ପାଇଁ ବିବିଧ ପ୍ରତିଯୋଗିତା ଜରୁରୀ। କିନ୍ତୁ ଜଣେ ସେଥିରେ ସଫଳ ନ ହେଲେ ମଧ୍ୟ ଅଂଶଗ୍ରହଣ କରି ଯେଉଁ ଅଭିଜ୍ଞତା ହାସଲ କରେ ତାହା ପରବର୍ତ୍ତୀ ସମୟ ପାଇଁ ତାକୁ ପ୍ରେରଣା ଦିଏ। ଜିଲା ପ୍ରଶାସନ ପିଲାମାନଙ୍କୁ ସମସ୍ତ ସହଯୋଗ ଓ ସୁବିଧା ଯୋଗାଇଆସୁଛି। ଡେଲାଙ୍ଗର ଅନନ୍ୟା ପ୍ରଧାନ ଖୋ ଖୋ କ୍ରୀଡ଼ାବିତ ଜାତୀୟ ସ୍ତର ପାଇଁ ଚୟନ ହେବା ଅତ୍ୟନ୍ତ ଖୁସି ଓ ଗର୍ବର କଥା ବୋଲି କହିବା ସହ ସାହୁ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଗୋପବନ୍ଧୁ ଜୟନ୍ତୀ ଅବସରରେ ସୁଆଣ୍ଡୋସ୍ଥିତ ଗୋପବନ୍ଧୁ ସଂଗ୍ରହାଳୟ ପରିଦର୍ଶନ ପାଇଁ ଦେୟମୁକ୍ତ ପ୍ରବେଶ ଘୋଷଣା କରାଯାଇଛି ବୋଲି ସେ ସୂଚନା ଦେବା ସହ ବିଭିନ୍ନ ଶିଶୁ ପରିଚର୍ଯ୍ୟାକାରୀ ଅନୁଷ୍ଠାନର ଅନ୍ତେବାସୀଙ୍କୁ ପରିଦର୍ଶନରେ ନେବା ପାଇଁ ପରାମର୍ଶ ଦେଇଥିଲେ। ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଜିତ କୁମାର ମହାପାତ୍ର ଶିଶୁମାନେ ଆମ ଭବିଷ୍ୟତର ସମ୍ବଳ ଓ ସମ୍ଭାବନା, ତେଣୁ ସେମାନଙ୍କ ବିକାଶ ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ରାଜ୍ୟ ଶିଶୁ ବିକାଶ କମିଟି ସଦସ୍ୟ ସଂଗ୍ରାମ କେଶରୀ ସାମଲ, ପ୍ରାକ୍ତନ ଶିଶୁ ମଙ୍ଗଳ କମିଟି ସଦସ୍ୟ ଶକ୍ତିପଦ ମିଶ୍ର ଶିଶୁଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ପ୍ରତିଭାର ପରିପ୍ରକାଶ କରିବା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ଅନୁଷ୍ଠାନଙ୍କୁ ପୁରସ୍କୃତ କରିଥିଲେ। ଶିଶୁ ସୁରକ୍ଷା ୟୁନିଟର କାଉନସିଲର ସ୍ନିଗ୍ଧାରାଣୀ ସାହୁ, ରୋଜାଲିନ ରାଉତ ପ୍ରମୁଖ କାର୍ଯ୍ୟରେ ସହଯୋଗ କରିଥିଲେ। ଜିଲାର ସମସ୍ତ ଶିଶୁ ପରିଚର୍ଯ୍ୟାକାରୀ ଅନୁଷ୍ଠାନର ଅନ୍ତେବାସୀ ଏଥିରେ ଅଂଶଗ୍ରହଣ କରିଥିଲେ।

## ବନ୍ତଳି ପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀ

ଗୋପ,୮।୧୦ (ଭାରତୀ ଭୂଷଣ ଉପାଧ୍ୟାୟ) ଦଳ ଆମର ପରିଚୟ, ବିଜେଡି ଦଳ ସୁଦୃଢ଼ ରହିଲେ ସବୁ କିଛି ସମ୍ଭବ ହୋଇପାରିବ। ନବୀନ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଦଳରେ ଅନ୍ୟମାନଙ୍କୁ ଯୋଡି ପାରିବାରେ ସହାୟକ ହୋଇପାରିବ ବୋଲି ରବିବାର ବନ୍ତଳିଗ୍ରାମ ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳୀ ଠାରେ ଅନୁଷ୍ଠିତ ବିଜେଡି ଦଳର କର୍ମୀ ସମ୍ମିଳନୀରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗ ଦେଇ କହିଛନ୍ତି। ପଞ୍ଚାୟତର ବିଜେଡି ସଭାପତି ଶରତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ସରପଞ୍ଚ ମହେଶ୍ୱର ସ୍ୱାଇଁ, ପଞ୍ଚାୟତ ପର୍ଯ୍ୟବେକ୍ଷକ କୃଷ୍ଣଚନ୍ଦ୍ର ବେହେରାଙ୍କ ସହିତ ମହିଳା ମହାସଂଘ ସଭାନେତ୍ରୀ, ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ବନ୍ୟପ୍ରାଣୀ ସପ୍ତାହ

କୋଣାର୍କ,୮।୧୦(ଜ୍ୟୋତିରାଜ ମହାନ୍ତି) କୋଣାର୍କ ନିକଟସ୍ଥ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ଓ ବସନ୍ତ ମଞ୍ଜରୀ ପାଠାଗାର, କୋଣାର୍କ ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ମିଳିତ ସହଯୋଗରେ ଜାତୀୟ ବନ୍ୟପ୍ରାଣୀ ସପ୍ତାହର ଉଦ୍‌ଯାପନୀ ଉତ୍ସବ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ଅତିଥି ଭାବେ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ର ନାଥ ବାହିନୀପତି ଯୋଗଦେଇ ଉଦ୍‌ଯାପିତ କରିଥିଲେ। ଛାତ୍ରୀଛାତ୍ରଙ୍କୁ କୋଣାର୍କ ବନବିଭାଗ ପକ୍ଷରୁ ସଚେତନତା ସୃଷ୍ଟି କରିବା ସହ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜାତୀୟ ସବୁଜ ବାହିନୀର ଅଧିକାରୀ ରାମକୃଷ୍ଣ ମହାନ୍ତି, ଶିକ୍ଷକ ମାନସ ମୁଦୁଲି, ବନବିଭାଗ ଅଧିକାରୀ ରବୀନ୍ଦ୍ର ସ୍ୱାଇଁ, ଶିକ୍ଷକ ସୁଶାନ୍ତ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# 'ଦୃଢ଼ ଇଚ୍ଛାଶକ୍ତି ସଫଳତା ଆଣିଦିଏ'

## କୃତୀ ଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା

ପିପିଲି, ୮।୧୦ (ପ୍ରଭାତ କୁମାର ମହାପାତ୍ର): ପିପିଲି ଇନଫୋର୍ସ ଏକାଡେମୀ ପକ୍ଷରୁ କୃତୀ ଶିକ୍ଷାର୍ଥୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ଏକାଡେମୀ କାର୍ଯ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଇଂ. ଜେନାମଣି ଆଶିଷ ରଞ୍ଜନ ଜେନା ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଦୃଢ଼ ଇଚ୍ଛାଶକ୍ତି ଓ ଅଗାଢ ପରିଶ୍ରମ ସର୍ବଦା ସଫଳତା ଆଣିଦିଏ ବୋଲି ସେ କହିବା ସହ ଇନଫୋର୍ସ ଏକାଡେମୀର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ଅଗ୍ନିଶମ ବିଭାଗ ଅବସରପ୍ରାପ୍ତ କର୍ମଚାରୀ ଭଗବାନ ପରିଡା, ପିପିଲି ପେଶାଦାର ସାମ୍ବାଦିକ ସଂଘ ସଭାପତି ମନୋରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତୀ ଶିକ୍ଷାର୍ଥୀମାନଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଂପାଦକ ସରୋଜ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ଏକାଡେମୀର ପ୍ରଶିକ୍ଷକ ଜ୍ୟୋତି ରଞ୍ଜନ ସାହୁ, ସମସ୍ତ ପ୍ରଶିକ୍ଷକ ଓ ପୁରାତନ ଛାତ୍ରୀଛାତ୍ର ଏହାକୁ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷାର୍ଥୀ ମାନେ ।

# ମିନି ମାରାଥନ୍ ମାଧ୍ୟମରେ ସାଇବର ସୁରକ୍ଷା ସଚେତନତା

ପୁରୀ, ୮।୧୦( ଅଜିତ୍ ମହାନ୍ତି): ଦେଶ ତଥା ରାଜ୍ୟରେ ଦିନକୁ ଦିନ ସାଇବର ଠକେଇ ବଢ଼ିବାରେ ଲାଗିଛି। ଶିକ୍ଷିତ ଯୁବଗୋଷ୍ଠୀଙ୍କଠାରୁ ଆରମ୍ଭ କରି ବୟସ୍କ ନାଗରିକମାନେ ଏହାର ଶିକାର ହେଉଛନ୍ତି। ଲୋକେ କିପରି ସାଇବର ଠକେଇର ଶିକାର ନ ହେବେ ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସାଇବର ରଥ ଜିଲାର ବିଭିନ୍ନ ସ୍ଥାନ ବୁଲି ଲୋକଙ୍କୁ ସଚେତନ କରୁଛି। ଏଥିସହ ବିଭିନ୍ନ ଶିକ୍ଷାନୁଷ୍ଠାନରେ କୁଇଜ୍ ପ୍ରତିଯୋଗିତା ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସଚେତନତା କରାଯାଉଛି। ରବିବାର ସଚେତନତା ପାଇଁ ମାରାଥନ ଆୟୋଜିତ ହୋଇଯାଇଛି। ଷ୍ଟର୍ଲିଂ ଛକରୁ ମାରାଥନ ବାହାରି ଲାଇଟ୍ ହାଉସ ଛକ ପର୍ଯ୍ୟନ୍ତ ଯାଇଥିଲା। ବହୁ ସଂଖ୍ୟାରେ ଯୁବପିଢ଼ି ଏଥିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ଦେବଦତ୍ତ ଚକ୍ର, ବିଷ୍ଣୁପ୍ରସାଦ ପତି, ଜିତେନ୍ଦ୍ର ଦେହୁରୀ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ଏବଂ ବିଭିନ୍ନ ଥାନାର ଥାନା ଅଧିକାରୀ ଉପସ୍ଥିତ ଥିଲେ। ସାଇବର ସୁରକ୍ଷା ଅଭିଯାନ ରଥ ପୁରୀ ଜିଲାର ୧୧ଟି ବ୍ଲକରେ ଥିବା ସମସ୍ତ ଥାନା ପରିକ୍ରମା କରିବ। ଏଥିସହ ପ୍ରମୁଖ ସ୍କୁଲ, କଲେଜ୍ ଓ ଜନଗହଳି ପୂର୍ଣ୍ଣ ସ୍ଥାନରେ ଲୋକଙ୍କୁ ସାଇବର ସୁରକ୍ଷା ନେଇ ସଚେତନ କରିବ। ରାଜ୍ୟରେ ୩୪ଟି ସାଇବର ରଥ ୩୦ ଜିଲାରେ ୬୦୦ ଥାନା ପରିକ୍ରମା କରିବ। ଏହି ସଚେତନତା କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ସ୍ଥାନରେ ଜାରି ରହିବ ।



ମିନି ମାରାଥନରେ ସାମିଲ ହୋଇଥିବା ମାସ୍କଟ ସହ ସ୍ୱେଚ୍ଛାସେବୀ ଓ ଅନ୍ୟମାନେ ।

# ପାର୍ବଣ ପୂର୍ବରୁ ସୁନା ବଜାରରେ ଉତ୍ସାହ

- ଖସୁଛି ମୂଲ୍ୟ
- ନୂଆ କଲେକ୍ସନ
- ଆକର୍ଷଣୀୟ ଅଫର

ଭୁବନେଶ୍ୱର,୮।୧୦ (ଅଭୟ ଦାଶ)



ବିଗତ କିଛି ମାସ ପରେ ପୁଣି ଥରେ କ୍ରମାଗତ ଭାବେ ସୁନା ଦରରେ ହ୍ରାସ ଘଟୁଛି। ବିଶେଷକରି ଚଳିତ ବର୍ଷର ପାର୍ବଣ ପୂର୍ବରୁ ବଜାରରେ ସୁନା ମୂଲ୍ୟ ହ୍ରାସ ଯୋଗୁ ଉଭୟ ଗ୍ରାହକ ଓ ବ୍ୟବସାୟୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି, ଯାହାର ପ୍ରଭାବ କାରବାର ଉପରେ ପଡ଼ିଥିବାବେଳେ ଶୋ'ରୁମ୍‌ଗୁଡିକର ଭିତରୁ ତାହା ସ୍ପଷ୍ଟ ବାରି ହୋଇପଡୁଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସୁନା ବଜାରର ମୂଲ୍ୟ ଗତ ସପ୍ତାହ ମଧ୍ୟରେ ପ୍ରାୟ ୨୦୦୦ରୁ ୨୫୦୦ଟଙ୍କା ହ୍ରାସ ପାଇଥିବାବେଳେ ରବିବାର ଭୁବନେଶ୍ୱରର ସୁନା ମୂଲ୍ୟ ୨୪ କ୍ୟାରେଟ ସୁନାର ଦର ୫୭,୯୮୧ ଟଙ୍କା, ୨୨ କ୍ୟାରେଟ ସୁନାର ମୂଲ୍ୟ ୫୩,୧୫୦ ଟଙ୍କା ରହିଥିବାବେଳେ ଅନ୍ୟାନ୍ୟ ସୁନା କ୍ୟାରେଟର ମୂଲ୍ୟ ୪୭,୦୦୦ ରୁ ୪୯,୦୦୦ ଟଙ୍କା ମଧ୍ୟରେ ରହିଛି। ସେହିଭଳି ରୁପା (ସିଲିଭର) ଗହଣା ମୂଲ୍ୟ ପ୍ରାୟ ୭୧,୦୦୦ ଟଙ୍କା ରହିଥିବାବେଳେ ପ୍ଲାଟିନମ୍ ଅଳଙ୍କାର ମୂଲ୍ୟ ପ୍ରାୟ ୩୫,୦୦୦ ରୁ ୩୭,୦୦୦ ଟଙ୍କା ରହିଥିବା ସହରର ପ୍ରମୁଖ ଅଳଙ୍କାର ଶୋରୁମ୍‌ଗୁଡିକର ବରିଷ୍ଠ ଅଧିକାରୀମାନେ ସୂଚନା ଦେଇଛନ୍ତି। ଅପରପକ୍ଷରେ ହୀରା ଗହଣାର ମୂଲ୍ୟରେ ମଧ୍ୟ ବେଶ୍ ସୁବିଧା ଗ୍ରାହକଙ୍କୁ ଯୋଗାଇ ଦିଆଯାଉଥିବାବେଳେ ହୀରା ସମେତ ଅନ୍ୟାନ୍ୟ ପ୍ରିମିୟମ ଗହଣା ଉପରେ ଆକର୍ଷଣୀୟ ଅଫର ଓ ରିହାତି ପ୍ରଦାନ କରାଯାଉଛି। ସେହିପରି ଆଗକୁ ପୂଜା କାରବାର (ପାର୍ବଣ ସେଲ୍‌ସ) ଓ ବିବାହ ଋତୁ ଆସୁଥିବାରୁ ଉଭୟ ରାଜ୍ୟ ଓ ଜାତୀୟସ୍ତରୀୟ ଅଳଙ୍କାର ବ୍ରାଣ୍ଡ୍ (ଶୋ'ରୁମ)ଗୁଡିକ ନୂତନ କଲେକ୍ସନ ସାଙ୍ଗକୁ ଅଫର ଆଦି ସମ୍ପର୍କରେ ଘୋଷଣା କରୁଛନ୍ତି। ଫଳରେ ପାର୍ବଣ ପାଇଁ ପରିବାର ପରିଜନ ଓ ଅନ୍ୟ କାରଣ ଯୋଗୁ ମଧ୍ୟ ଗ୍ରାହକଙ୍କ ମନରେ ଉତ୍ସାହ ଦେଖାଦେଇଛି। ଅପରପକ୍ଷରେ ଗତ କିଛି ଦିନ ହେଲା ଇସ୍ରାଏଲ ଓ ଗାଜା ମଧ୍ୟରେ ଯୁଦ୍ଧ ଲାଗି ରହିଥିବାରୁ ଅନ୍ତଃରାଷ୍ଟ୍ରୀୟ ଅଳଙ୍କାର ବଜାରରେ ଦର ବୃଦ୍ଧିର ଆଶଙ୍କା ଦେଖାଦେଇଛି। ଏପରିକି ନିବେଶକମାନେ ଷ୍ଟକ୍ ବଜାରରୁ ସେମାନଙ୍କର ନିବେଶ ପ୍ରତ୍ୟାହାର କରି ସୁନାରେ ନିବେଶ କରିବାକୁ ଆଗ୍ରହ ଦେଖାଇଲେଣି। କାରଣ ସୁନାରେ ସୁରକ୍ଷିତ ନିବେଶ କରିବାର ସମ୍ଭାବନା ଥିବାରୁ ସୁନାର ଚାହିଦା ବୃଦ୍ଧି ପାଇଛି। ଫଳରେ ଅନ୍ତର୍ଜାତୀୟ ବଜାରରେ ଗତ କିଛି ଦିନ ହେଲା ହ୍ରାସ ପାଉଥିବା ସୁନା ଦର ହଠାତ ବଢ଼ିବା ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ, ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏଶନ୍ (ଆଇବିଜେଏ)ର ୱେବସାଇଟ୍ ସୂଚନା ଅନୁଯାୟୀ ବୁଲିଅନ୍ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୫୬,୫୩୯ ଟଙ୍କା ରହିଥିବାବେଳେ ୨୨କ୍ୟାରେଟ ସୁନା ମୂଲ୍ୟ ୫୧,୭୯୦ ଟଙ୍କା ଏବଂ ୧୮ କ୍ୟାରେଟ ସୁନା ମୂଲ୍ୟ ୪୨,୪୦୪ ଟଙ୍କା ଓ ରୁପା କିଲୋଗ୍ରାମ ପିଛା ୬୭,୦୯୫ ଟଙ୍କା ରହିଛି।

# ପ୍ରେଷ୍ଟିଜ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



ଭୁବନେଶ୍ୱର, ୮।୧୦

ଦେଶର ଅଗ୍ରଣୀ କିଚେନ ଆପ୍ଲାଏନ୍ସ ଆଣ୍ଡ କୁକ୍ ୱେୟର ନିର୍ମାତା ତଥା ଟିଟିକେ ପ୍ରେଷ୍ଟିଜର ପ୍ରମୁଖ ବ୍ରାଣ୍ଡ ପ୍ରେଷ୍ଟିଜର ନୂତନ ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଭୁବନେଶ୍ୱରର ସୁନ୍ଦରପଦା ନିକଟସ୍ଥ ହାଇଟେକ ଛକଠାରେ ଉଦଘାଟିତ ହୋଇଯାଇଛି। ବିଶେଷ କରି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର 'ଅପର୍ଣ୍ଣା ଏଣ୍ଟରପ୍ରାଇଜେସ' ଆନୁକୂଲ୍ୟରେ ଉକ୍ତ ଆଉଟଲେଟର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଟିଟିକେ ପ୍ରେଷ୍ଟିଜର ଏଏମ୍‌ଏସ ପ୍ରବୀଣ ପାତ୍ର, ବିଏଚ୍ ଆଶାବତୀ ପଣ୍ଡା, ଏଏମ୍‌ଏସ୍ ଅମିତ କୁମାର ଭୂୟାଁ, ଭୁବନେଶ୍ୱର ହେଡ ଶେଷଦେବ ବିଶ୍ୱାଳ, ଏସଏମ ସୁଜିତ କୁମାର ନାୟକଙ୍କ ସମେତ ଅପର୍ଣ୍ଣା ଏଣ୍ଟରପ୍ରାଇଜେସର ଏମଡି ଚିତ୍ତରଞ୍ଜନ ତ୍ରିପାଠୀ ଏବଂ ରୋଜାଲିନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷ କରି ୩୦୦ ବର୍ଗ ଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢି ଉଠିଥିବା ଏହି ଆଉଟଲେଟରେ ପ୍ରେଷ୍ଟିଜର ସମସ୍ତ ବର୍ଗର ଉତ୍ପାଦ ଉପଲବ୍ଧ ରହିଥିବାବେଳେ ସ୍ଥାନୀୟ ଗ୍ରାହକଙ୍କ ଚାହିଦା ପୂରଣକୁ ଗୁରୁତ୍ୱ ଦିଆଯିବ ବୋଲି ଅପର୍ଣ୍ଣା ଏଣ୍ଟରପ୍ରାଇଜେସ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ପ୍ରଥମ ୫୦ ଗ୍ରାହକଙ୍କୁ ଆକର୍ଷଣୀୟ ଉପହାର ଆଉଟଲେଟ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ପ୍ରେଷ୍ଟିଜ ପକ୍ଷରୁ କୁହାଯାଇଛି।

# ଟିପିସିଓଡିଏଲ୍‌ର ଅଭିନବ ପ୍ରୟାସ

ଭୁବନେଶ୍ୱର, ୮।୧୦

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଯାଇଛି। ବିଶେଷକରି କମ୍ପାନୀର 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍'ର ବିପୁଳ ସଫଳତା ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଭିନବ ପଦକ୍ଷେପ ଗ୍ରାହକମାନଙ୍କୁ ତୁରନ୍ତ ସେମାନଙ୍କର ବକେୟା ପୈଠ କରିବାକୁ ଉତ୍ସାହିତ କରି ଉଲ୍ଲେଖନୀୟ ସଫଳତା ପାଇବା ସହ ଶୂନ୍ୟ-ବକେୟା ସ୍ଥିତି ହାସଲ କରିଛି। ଉକ୍ତ କାର୍ଯ୍ୟକ୍ରମକୁ ଗ୍ରାହକଙ୍କଠାରୁ ବିପୁଳ ସମର୍ଥନ ମିଳିଛି, ଏହି ପ୍ରୟାସର ଏକ ଅଂଶ ସ୍ୱରୂପ ଟିପିସିଓଡିଏଲ୍ ପକ୍ଷରୁ ୨୦ଟି ଡିଭିଜନର ୧୬ଟି ଭିନ୍ନ ଭିନ୍ନ ସ୍ଥାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୦୦ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ମୋବାଇଲ୍ ଫୋନ୍ ବଣ୍ଟନ କରାଯାଇଛି।

ଏ ସମ୍ପର୍କରେ ଟିପିସିଓଡିଏଲର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଟିପିସିଓଡିଏଲ୍ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଉଛି। ଗ୍ରାହକମାନଙ୍କୁ ସଶକ୍ତ କରିବା ଏବଂ ଠିକ୍ ସମୟରେ ଦେୟ ପୈଠ କରି ମୂଲ୍ୟବାନ ପୁରସ୍କାର ଜିତିବାର ସମ୍ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ପ୍ରତିବଦ୍ଧ ରହିଛୁ, ଟିପିସିଓଡିଏଲ୍ ସମସ୍ତ ଗ୍ରାହକଙ୍କୁ ଅକ୍ଟୋବର ମାସ ଚାଲିବାକୁ ଥିବା ଏହି ଯୋଜନାରେ ଅଂଶଗ୍ରହଣ କରିବା ପାଇଁ ଆମନ୍ତ୍ରଣ କରୁଛି, ଯାହା ମାସ ଶେଷରେ ଶୂନ୍ୟ-ବକେୟା ସ୍ଥିତି ବଜାୟ ମାଧ୍ୟମରେ ସେମାନଙ୍କୁ ଏକ ନୂତନ ମୋବାଇଲ୍ ଫୋନ ଜିତିବାର ସୁଯୋଗ ପ୍ରଦାନ କରିବ। 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍'ର ମୂଳ ଉଦ୍ଦେଶ୍ୟ ହେଉଛି ସର୍ବଦା ଠିକ୍ ସମୟରେ ବିଦ୍ୟୁତ ବିଲ୍ ପୈଠକରି ଓଇଆରସି ପକ୍ଷରୁ ପ୍ରଦାନ କରାଯାଉଥିବା ରିହାତି ମାଧ୍ୟମରେ ଗ୍ରାହକମାନଙ୍କୁ ପ୍ରୋତ୍ସାହିତ କରିବା। ଉଲ୍ଲେଖଯାଗ୍ୟ, 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍' ବିଷୟରେ ଜାଣିବା ଏବଂ ଅତିରିକ୍ତ ସୂଚନା ପାଇଁ ଗ୍ରାହକମାନେ ୧୯୧୨ କିମ୍ବା ୧୮୦୦-୩୪୫-୭୧୨୨ରେ ଯୋଗାଯୋଗ କରିବାକୁ ଟିପିସିଓଡିଏଲ ଉତ୍ସାହିତ କରୁଛି।

# ଲୋକାଭିମୁଖୀ ହେବ 'ମିଶନ୍ ଜିରୋ ହଙ୍ଗର'

ଭୁବନେଶ୍ୱର, ୮।୧୦

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ସଙ୍ଗଠନ ଜେଏସ୍‌ପି ଫାଉଣ୍ଡେଶନର ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ 'ମିଶନ୍ ଜିରୋ ହଙ୍ଗର'କୁ ବ୍ୟାପକ ଓ ଲୋକାଭିମୁଖୀ କରିବାକୁ ଫାଉଣ୍ଡେଶନ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ଜେଏସ୍‌ପିର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ କ୍ଷୁଧାମୁକ୍ତ ଭାରତ ଲକ୍ଷ୍ୟକୁ ହାସଲ କରିବା ପାଇଁ ଫାଉଣ୍ଡେଶନ ତା'ର ମିଶନ୍‌କୁ ବ୍ୟାପକ କରିବାକୁ ଯୋଜନା ପ୍ରସ୍ତୁତ କରିଛି। ଉଲ୍ଲେଖଯୋଗ୍ୟ, କ୍ଷୁଧାମୁକ୍ତ ଦେଶ ଗଠନ ଉଦ୍ଦେଶ୍ୟରେ ଜିନ୍ଦଲ ଲୋକ ସଭାରେ ଏକ ବେସରକାରୀ ବିଧେୟକ ଉପସ୍ଥାପନା କରିଥିଲେ। ସେହିଭଳି ଜେଏସପି ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ପ୍ରତିବର୍ଷ ସାରା ଭାରତରେ ୫୦ ଲକ୍ଷରୁ ଅଧିକ ଖାଦ୍ୟ ବଣ୍ଟନ କରାଯାଉଛି। ବର୍ତ୍ତମାନ ଏହାକୁ ୧ କୋଟିରେ ପହଞ୍ଚାଇବାର ମହତ ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନା ଗରିବ



ଶାଲୁ ଜିନ୍ଦଲ

ଏବଂ ସାମାଜିକ ଭାବେ ଦୁର୍ବଳ ସମୁଦାୟ, ପୁଷ୍ଟିହୀନ ଶିଶୁ, ଗର୍ଭବତୀ ଏବଂ ରକ୍ତହୀନ ମହିଳା, ପ୍ରବାସୀ ଶ୍ରମିକ ଏବଂ ଅନ୍ୟାନ୍ୟ ଅବହେଳିତ ଗୋଷ୍ଠୀଙ୍କ ପାଇଁ ଖାଦ୍ୟ ସୁରକ୍ଷା ଏବଂ ମୌଳିକ ପୋଷଣ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥାଏ। ବିଶେଷକରି ସମଗ୍ର ଭାରତରେ ଗରିବ ଲୋକଙ୍କୁ ଗରମ ରନ୍ଧା ଖାଦ୍ୟ ଏବଂ ଶୁଖିଲା ରାଶନ ଯୋଗାଇବାରେ ଏହା ବେଶ୍ ସହାୟକ ହୋଇଛି। ସେହିପରି ଫାଉଣ୍ଡେଶନ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡ ଭଳି ରାଜ୍ୟ ଏବଂ ଧୀରେ ଧୀରେ ଭାରତର ଅନ୍ୟ ରାଜ୍ୟର କୋଣ ଅନୁକୋଣରେ କ୍ଷୁଧା ଓ କୁପୋଷଣ ଦୂର କରିବା ପାଇଁ ମିଶନ ଜିରୋ ହଙ୍ଗର ଯୋଜନା କାର୍ଯ୍ୟକାରୀ କରିବାକୁ ଶାଲୁ ଆଗ୍ରହ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ହାସଲ କରିବା ପାଇଁ ଜେଏସ୍‌ପି ଫାଉଣ୍ଡେଶନ ସକ୍ରିୟ ଭାବେ ସମଭାବାପନ୍ନ ଏନଜିଓ, ବୃତ୍ତିଗତ ଏଜେନ୍ସି, ନାଗରିକ ସମାଜର ସହଯୋଗ ଓ ସହାୟତା ଚାହୁଁଛି। ଯେଉଁ ଆଶାୟୀ ଏଜେନ୍ସିଗୁଡ଼ିକୁ (rfp@jsplfoundation.com) ଇମେଲ୍ ମାଧ୍ୟମରେ ଫାଉଣ୍ଡେଶନ ସହ ଯୋଗାଯୋଗ କରି କିମ୍ବା (www.jspfoundation.co.in) ଫାଉଣ୍ଡେଶନର ୱେବ୍‌ସାଇଟକୁ ଯାଇ ଯୋଗାଯୋଗ କରିବାକୁ ଆମନ୍ତ୍ରଣ କରାଯାଇଛି। ବିଶେଷକରି ଜେଏସ୍‌ପି ଫାଉଣ୍ଡେଶନର ୱେବ୍‌ସାଇଟରେ ଆରଏଫ୍‌ପି (ରିକ୍ୱେଷ୍ଟ ଫର୍ ପ୍ରପୋଜାଲ) ଆପ୍ଲିକେଶନର ଫର୍ମାଟ ସହିତ ଅପଲୋଡ୍ କରାଯାଇଛି।

# ବୀମା କର୍ମଚାରୀ ସଂଘର ୬୭ତମ ଅଧିବେଶନ

କଟକ, ୮।୧୦

କଟକ ଡିଭିଜନ ବୀମା କର୍ମଚାରୀ ସଂଘର ୬୭ତମ ଖୋଲା ଅଧିବେଶନ କଟକ ଏଲଆଇସି ଡିଭିଜନ ଅଫିସ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ସଂଘର ସଭାପତି ତଥା ଅର୍ଥନୀତିଜ୍ଞ ଡ଼. ସନ୍ତୋଷ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଅଧିବେଶନକୁ ଉଦଘାଟନ କରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ପ୍ରଫେସର ଡ଼. ମାନସ କୁମାର ବେହେରା ଶ୍ରମିକ, କର୍ମଚାରୀ ତଥା ସାଧାରଣ ଜନତା କିପରି ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତିର କୁପରିଣାମ ଅଙ୍ଗେ ଅଙ୍ଗେ ନିଭାଉଛନ୍ତି, ତାହାକୁ ସେ ବିସ୍ତୃତ ଭାବେ ଆଲୋକପାତ କରାଇଥିଲେ। ସେହିଭଳି ପୂର୍ବ ମଧ୍ୟ ବୀମା କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ତ୍ରିନାଥ ଦୋରା ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ କିପରି ବିସ୍ଫୋରକ ଦରବୃଦ୍ଧି ଓ ଉତ୍କଟ ବେକାରୀ ଜ୍ୱାଳାରେ ଲୋକେ ଛଟପଟ ହେଉଛନ୍ତି ଏବଂ ସମ୍ପଦ ଓ ଆୟରେ ତାରତମ୍ୟ ତୀବ୍ର ବେଗରେ ବଢିବଢି ଜନଅସନ୍ତୋଷ ବୃଦ୍ଧି ପାଉଛି ତାହା କହିଥିଲେ। ଅପରପକ୍ଷରେ କଟକ ଡିଭିଜନର ବିପଣନ ପ୍ରବନ୍ଧକ ରାମକଷ୍ଣ ମିଶ୍ର ଏବଂ ବିଭିନ୍ନ ଭାତୃପ୍ରତମି ସଗଠନର ନେତତ୍ୱ ଯଥା ରବୀନ୍ଦ୍ର ଧଳ, ପ୍ରକାଶ ରାଏ, ରବିନାରାୟଣ ମଲ୍ଲିକ, ମାନଗୋବିନ୍ଦ ବାରିକ, ଫଣୀଭୂଷଣ ତ୍ରିପାଠୀ, ମଳୟ ପଣ୍ଡା, ରାଣା ଚାଟାର୍ଜୀ, ଭାରତ ଭୂଷଣ ନାୟକ, ରାଜୀବ ଦାଶ, ସନ୍ତୋଷ ରଥ, ଦେବାଷଶି ନାୟକ, ତପନ ନନ୍ଦ, ଦେଶ ରଞ୍ଜନ ମହାପାତ୍ର, ଜ୍ଞାନେନ୍ଦ୍ର ମିଶ୍ର ଆଦି ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସଂଘର ସାଧାରଣ ସମ୍ପାଦକ ଅଜୟ କୁମାର ଦାସ ପ୍ରାରମ୍ଭକି ସୂଚନା ସହିତ ଅତଥିଙ୍କ ପ୍ରାରମ୍ଭିକ ପରିଚୟ ପ୍ରଦାନ କରିଥିଲେ। କଟକ ଡିଭିଜନର ବିଭିନ୍ନ ଶାଖା ଅଫିସି ଏବଂ ବିଭିନ୍ନ ସଙ୍ଗଠନର ୪୦୦ ଉର୍ଦ୍ଧ୍ୱ କର୍ମଚାରୀ ଯୋଗ ଦେଇଥିଲେ।

## ଫୁରସତ୍

# ବିଶ୍ୱାସର ସାଥୀ ଡାକଘର

ଆଜିର ଦିନରେ ୧୯୨ ସଭ୍ୟ ରାଷ୍ଟ୍ର ଥିବା ଜାତିସଂଘର ଦ୍ୱିତୀୟ ସର୍ବପୁରାତନ ସଂସ୍ଥା ୟୁନିଭର୍ସାଲ ପୋଷ୍ଟାଲ ୟୁନିୟନ ବା 'ବିଶ୍ୱ ଡାକ ସଂଘ' ୯ ଅକ୍ଟୋବର ୧୮୭୪ରେ ପ୍ରତିଷ୍ଠିତ ଯାହାର ମୁଖ୍ୟାଳୟ ସୁଇଜରଲାଣ୍ଡର ରାଜଧାନୀ ବର୍ନଠାରେ ଅବସ୍ଥିତ। ବିଶ୍ୱ ଡାକ କଂଗ୍ରେସର ୧୯୬୯ ଟୋକିଓ ଘୋଷଣାନାମା ଅନୁଯାୟୀ ବିଶ୍ୱ ଡାକ ସଂଘର ପ୍ରତିଷ୍ଠା ଦିବସ ୯ ଅକ୍ଟୋବରକୁ ଏହି ସଭ୍ୟ ରାଷ୍ଟ୍ରମାନେ 'ବିଶ୍ୱ ଡାକ ଦିବସ' ଭାବେ ପାଳନ କରିଥାନ୍ତି। ଭାରତୀୟ ଡାକ ପ୍ରତିବର୍ଷ ୯ ଅକ୍ଟୋବରରୁ ଏକ ସପ୍ତାହ ବ୍ୟାପୀ ଜାତୀୟ ଡାକ ସପ୍ତାହ ପାଳନ କରେ। ଭାରତୀୟ ଡାକ ବିଭାଗ ଏବର୍ଷ ୧୦ରୁ ୧୩ ଅକ୍ଟୋବରକୁ ଯଥାକ୍ରମେ ବିତ୍ତୀୟ ସଶକ୍ତୀକରଣ ଦିବସ, ଫିଲାଟେଲି ଦିବସ, ମେଲ୍ ଓ ପାର୍ସଲ ଦିବସ ଏବଂ ଅନ୍ତ୍ୟୋଦୟ ଦିବସ ଭାବରେ ପାଳନ କରୁଛି। ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଗାଁର ଶାଖା ଡାକଘରୁ ଡାକ ନିର୍ଦ୍ଦେଶାଳୟ ପର୍ଯ୍ୟନ୍ତ ଏବଂ ମଣ୍ଡଳ ସ୍ତରରୁ ସର୍ବଭାରତୀୟ ସ୍ତର ପର୍ଯ୍ୟନ୍ତ ଡାକ ବିଭାଗ ଯୋଗାଇଦେଉଥିବା ଡାକଘର ସ୍ୱଳ୍ପ ସଞ୍ଚୟ ଯୋଜନା, ଡାକ ଜୀବନ ବୀମା, ବିଭିନ୍ନ ଲାଭଦାୟକ ଓ ଡିଜିଟାଲ ସେବା ଉପରେ ଜନ ସଚେତନତା ସୃଷ୍ଟି କରି ଡାକ ସେବାକୁ ଅଧିକ ଲୋକାଭିମୁଖୀ କରେଇବା ବିଶ୍ୱ ଡାକ ଦିବସ ଓ ଜାତୀୟ ଡାକ ସପ୍ତାହର ମୂଳ ଲକ୍ଷ୍ୟ।

୨୦୨୩ ବିଶ୍ୱ ଡାକ ଦିବସର ବିଷୟବସ୍ତୁ ହେଉଛି, "ବିଶ୍ୱାସ ପାଇଁ ସାଥିରେ, ସୁରକ୍ଷିତ ଓ ସଂଯୁକ୍ତ ଭବିଷ୍ୟତ ଲାଗି ସହଯୋଗିତା"। କହିବା ବାହୁଲ୍ୟ ଯେ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ, ବ୍ୟବସାୟିକ, ସାମାଜିକ, ଅର୍ଥନୈତିକ ଓ ଡିଜିଟାଲ ସେବାର ଉପଲବ୍ଧ କରାଇ ଡାକଘର ସଂଯୋଗଶୀଳ, ସମନ୍ୱିତ ଓ ସଂଯୁକ୍ତ ସମ୍ପ୍ରଦାୟ ପାଇଁ ଏକ ଆବଶ୍ୟକ କେନ୍ଦ୍ର ହିସାବରେ କାମ କରେ। ବିଶେଷ ଭାବେ ଅପହଞ୍ଚ ଅଞ୍ଚଳରେ ଏହା ଏକମାତ୍ର ଜନସେବା ପ୍ରଦାନକାରୀ ମାଧ୍ୟମ କହିଲେ ଅତ୍ୟୁକ୍ତି ହେବନାହିଁ। ପିଢ଼ି ପରେ ପିଢ଼ି ଡାକ କର୍ମଚାରୀମାନେ ଦୈନିକ ଦୁଆରେ ଦୁଆରେ ସେବା ପ୍ରଦାନ କରି ଜନସାଧାରଣଙ୍କର ଚିର ପରିଚିତ ତଥା ବିଶ୍ୱାସଯୋଗ୍ୟ ବନ୍ଧୁ ହିସାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ବିଶ୍ୱବାସୀଙ୍କର ଏହି ବିଶ୍ୱାସ ଓ ଭରସା ହିଁ ଶତାବ୍ଦୀ ଶତାବ୍ଦୀ ଧରି ଡାକଘରର ସଫଳତାର ମୂଳମନ୍ତ୍ର ହୋଇରହିଛି। ଆଜିର ଦିନରେ ବିଶ୍ୱର ୬.୫ ଲକ୍ଷ ଡାକଘରର ୫୦ ଲକ୍ଷରୁ ଉର୍ଦ୍ଧ୍ୱ କର୍ମଚାରୀ ଖବର, ଚିଠି, ଉପହାର, ଅର୍ଥ, ଔଷଧପତ୍ର ଓ ଅନେକ ଅତ୍ୟାବଶ୍ୟକ ଦ୍ରବ୍ୟ ଦେଣନେଣ କରି ସୁରକ୍ଷା ଓ ନିରାପତ୍ତାର ଦୃଢ଼ ପ୍ରତିଶ୍ରୁତି

## 'ବିଶ୍ୱ ଡାକ ଦିବସ'




ବଳରେ ବିଶ୍ୱବାସୀଙ୍କର ବିଶ୍ୱାସଭାଜନ ହୋଇପାରିଛନ୍ତି। ଉଭୟ କର୍ମଚାରୀ ଓ ସେବା ସମୂହର ସୁରକ୍ଷା ଓ ନିରାପତ୍ତା ପାଇଁ ଭାରତୀୟ ଡାକ ସହ ବିଶ୍ୱର ସମସ୍ତ ଡାକ ସଂସ୍ଥା ନିରବଚ୍ଛିନ୍ନ ଭାବେ କାର୍ଯ୍ୟରତ। ବିଶେଷ ଭାବେ, ଯୁଦ୍ଧ ଓ ମହାମାରୀ ଭଳି ଆକସ୍ମିକ ବିପତ୍ତି ସମୟରେ ବିଶ୍ୱର ସମସ୍ତ ଡାକ ସଂସ୍ଥାର କର୍ମଚାରୀମାନେ ସର୍ବାଗ୍ରେ ସହଯୋଗର ହାତ ବଢ଼ାଇଥା'ନ୍ତି। ସମୁଦ୍ର ପତ୍ତନଠାରୁ ୪୪୪୦ ମିଟର ଉଚ୍ଚରେ ସିକିମ୍‌ଠାରେ ବିଶ୍ୱର ସର୍ବୋଚ୍ଚ ଡାକଘରଠାରୁ ପ୍ରଶାନ୍ତ ମହାସାଗରର ହାଇଡୱେରେ ବିଶ୍ୱର ପ୍ରଥମ ପାଣିତଳ ଡାକଘର ପର୍ଯ୍ୟନ୍ତ ଏବଂ ଚିର ବରଫାବୃତ୍ତ ଆଣ୍ଟାର୍କଟିକାର ପୋର୍ଟଲକରୁ ଶ୍ରୀନଗରର ଡାଲ୍ ହ୍ରଦରେ ଥିବା ଭାସମାନ ଡାକଘର ପର୍ଯ୍ୟନ୍ତ ସବୁ ଡାକଘର ସର୍ବତ୍ର କରୋନା ମହାମାରୀ ସମୟରେ ଅତ୍ୟନ୍ତ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି। ଉଦାହରଣ ସ୍ୱରୂପ, ଆୟର୍ଲାଣ୍ଡ ଡାକ ବିଭାଗ ବୟସ୍କ ଓ ସଂକ୍ରମିତଙ୍କ ପରୀକ୍ଷଣ କରେଇ ପୋଷ୍ଟମ୍ୟାନମାନଙ୍କ ଜରିଆରେ ଔଷଧପତ୍ର ବିତରଣ କରିଥିଲା ବେଳେ ଟ୍ୟୁନିସିଆ ଡାକ ବିଭାଗ ପେନ୍‌ସନଭୋଗୀଙ୍କ ନିକଟରେ ସେମାନଙ୍କ ପେନ୍‌ସନ୍ ରାଶି ପହଞ୍ଚେଇଥିଲା। ଅଷ୍ଟ୍ରେଲିଆ, ଫିଲିପାଇନ୍ସ, ବାଂଲାଦେଶ ଡାକ ବିଭାଗ, ସ୍ୱାସ୍ଥ୍ୟ କେନ୍ଦ୍ର, ସ୍ୱାସ୍ଥ୍ୟ କର୍ମୀ ଓ ଜନସମୁଦାୟଙ୍କ ପାଖରେ ବିଭିନ୍ନ ସ୍ୱାସ୍ଥ୍ୟ ସେବା ତଥା ବ୍ୟକ୍ତିଗତ ସୁରକ୍ଷା ଉପକରଣ ଓ କୋଭିଡ୍ ପରୀକ୍ଷଣ ସରଞ୍ଜାମ ପହଞ୍ଚେଇଥିଲା ବେଳେ କେନିଆ ଓ ଚେକୋସ୍ଲୋଭାକିଆ ଭଳି ରାଷ୍ଟ୍ରର ଡାକଘରଗୁଡିକ ଅପହଞ୍ଚ ଅଞ୍ଚଳର ଲୋକମାନଙ୍କୁ ଖାଦ୍ୟପଦାର୍ଥ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଉଥିଲେ। ଉଲ୍ଲେଖଯୋଗ୍ୟ ଯେ ୧.୫୯ ଲକ୍ଷ ଡାକଘର ସହ ୫ ଲକ୍ଷ କର୍ମଚାରୀଙ୍କୁ ନେଇ ସାଧାରଣ ସମୟରେ ଦିନକୁ ହାରାହାରି ୨୫ ହଜାର କିଲୋମିଟର ଯାତାୟାତ ସହ ୭୫ ଟନ୍‌ରୁ ଅଧିକ ଚିଠିପତ୍ର ଓ ପାର୍ସଲ ବାଣ୍ଟୁଥିବା ବିଶ୍ୱର ସର୍ବବୃହତ୍ ଡାକ ସଂସ୍ଥା ଭାରତୀୟ ଡାକ, ତାଲାବନ୍ଦର ତୃତୀୟ ପର୍ଯ୍ୟାୟ ଶେଷ ସୁଦ୍ଧା ୨୦୦୦ ଟନ୍‌ରୁ ଅଧିକ ଓଜନର ଔଷଧପତ୍ର ଓ ସ୍ୱାସ୍ଥ୍ୟସେବା ଉପକରଣ ବିତରଣ କରିଥିଲା। ଖାଲି ସେତିକି ନୁହେଁ, ଡିଜିଟାଲ ସାମର୍ଥ୍ୟର ସୁଯୋଗ ନେଇ ବିଶ୍ୱର ଅଧିକାଂଶ ଡାକ ବିଭାଗ ଦୁଆରମୁହଁରେ ଟଙ୍କା ସହ ବିଭିନ୍ନ ସେବା ଯୋଗାଇଦେବାରେ ସକ୍ଷମ ହୋଇଛି। ମହାମାରୀ ସମୟରେ ଅହର୍ନିଶ ନିରବଚ୍ଛିନ୍ନ ସେବା ପ୍ରଦାନ କରି ବିଶ୍ୱର ପ୍ରତ୍ୟେକ ଡାକ ସଂସ୍ଥା ଜନମାନସରେ ସେମାନଙ୍କର ବିଶ୍ୱାସ ଓ ଭରସାକୁ ବହୁଗୁଣିତ କରିଛନ୍ତି।

ଜନସମୁଦାୟଙ୍କ ସହ ଡାକଘରର ଏହି ବିଶ୍ୱାସ ଓ ଭରସାଯୋଗ୍ୟ ସମ୍ପର୍କକୁ ଆହୁରି ଦୃଢୀଭୂତ କରି ଗଢ଼ିତୋଳିବା ଉଦ୍ଦେଶ୍ୟରେ ବିଶ୍ୱର ସମସ୍ତ ଡାକ ସଂସ୍ଥା ସେମାନଙ୍କର ବ୍ୟାପକ ଭୌତିକ ଡାକ ବ୍ୟବସ୍ଥାକୁ ଏକ ବିଶାଳ ଡିଜିଟାଲ କ୍ଷେତ୍ରରେ ରୂପାନ୍ତରଣ କରିବା ପାଇଁ ଅହରହ ଚେଷ୍ଟିତ। ପ୍ରତ୍ୟେକ ଦିନ ବିଶ୍ୱର ଅନ୍ୟୂନ ୮୦ କୋଟି ଲୋକଙ୍କ ପାଖରେ ନିରାପଦ ଓ ସୁରକ୍ଷିତ ଡାକସେବା ପହଞ୍ଚାଉଥିବା ୬.୫ ଲକ୍ଷ ଡାକଘର ମଧ୍ୟରୁ ପାଖାପାଖି ୧ଲକ୍ଷ ଡାକଘରେ ଆବଶ୍ୟକ ଇଣ୍ଟରନେଟ ସୁବିଧା ଉପଲବ୍ଧ ନାହିଁ। ସାମ୍ପ୍ରତିକ ପରିସ୍ଥିତିରେ ଲୋକେ ଶାରୀରିକ ଓ ହସ୍ତକୃତ ସେବାରୁ ମୁହଁ ବୁଲେଇ ସୁରକ୍ଷିତ ଓ ନିରାପଦ ଡିଜିଟାଲ ସେବା ପ୍ରାପ୍ତି ପାଇଁ ବେଶି ତତ୍ପର। ତେଣୁ ସମ୍ପୂର୍ଣ୍ଣ ଡିଜିଟାଲ ରୂପାନ୍ତରଣ ପାଇଁ ବିଶ୍ୱ ଡାକ ସଂସ୍ଥା 'କନେକ୍ଟ ଡଟ୍ ପୋଷ୍ଟ' ଜରିଆରେ ୨୦୩୦ ସୁଦ୍ଧା ସମସ୍ତ ଡାକଘରକୁ ଇଣ୍ଟରନେଟ ସୁବିଧା ଉପଲବ୍ଧ କରେଇବା ପାଇଁ ପ୍ରୟାସ ଜାରି ରଖିଛି। କେବଳ ସେତିକି ନୁହେଁ, ବିଶ୍ୱର ସମସ୍ତ ଛୋଟ ବଡ଼ ଡାକ ସଂସ୍ଥା ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଲୋକଙ୍କୁ ସୁହାଇଲା ଭଳି ସମସ୍ତ ଇ-କମର୍ସ, ଇ-ଗଭର୍ନମେଣ୍ଟ ଓ ଇ-ଫାଇନାନ୍ସ ସେବା କିଭଳି ଯୋଗାଇଦେବେ, ସେଥିପାଇଁ ମଧ୍ୟ ବିଶ୍ୱ ଡାକ ସଂସ୍ଥା କାର୍ଯ୍ୟରତ। ଏହି ପରିପ୍ରେକ୍ଷୀରେ ବିଶ୍ୱ ଡାକ ସଂସ୍ଥାର ୨୦୨୩ ବିଶ୍ୱ ଡାକ ଦିବସରେ 'ବିଶ୍ୱାସ ପାଇଁ ସାଥିରେ' ଡାକରା, ଡିଜିଟାଲ ରୂପାନ୍ତରଣ ପାଇଁ ଅକୁଣ୍ଠ ସହଯୋଗ ପ୍ରଦାନ କରି ସମସ୍ତ ଭୌତିକ ଡାକ ବ୍ୟବସ୍ଥାକୁ ଏକକ ଡିଜିଟାଲ ଡାକ କ୍ଷେତ୍ରରେ ପରିଣତ କରିବାକୁ ବିଶ୍ୱର ସମସ୍ତ ସରକାର ଓ ସେମାନଙ୍କର ଡାକ ସଂସ୍ଥା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ।

-ବୃହସ୍ପତି ସାମଲ

# 'ସିଙ୍ଘମ୍ ଏଗେନ'ରେ ବେବୋ

ମୁମ୍ବାଇ



କରିନା କପୁର ଖାନ୍

ବଲିଉଡ୍ ବେବୋ କରିନା କପୁର ବି-ଟାଉନର ଅନ୍ୟତମ ସଫଳ ଅଭିନେତ୍ରୀ। ସେ ବର୍ତ୍ତମାନ ତାଙ୍କ ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରିଛନ୍ତି।ଯାହାକୁ ନେଇ ତାଙ୍କ ପ୍ରଶଂସକ ଖୁସି ବ୍ୟକ୍ତ କରିଛନ୍ତି। ଅଭିନେତ୍ରୀ ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ସିଙ୍ଘମ୍ ଏଗେନ'ର ଶୁଟିଂ ଆରମ୍ଭ କରିଛନ୍ତି। ଏନେଇ କରିନା ଶୁଟିଂ ସେଟ୍‌ର ଏକ ଫଟୋ ଶେୟାର କରିଛନ୍ତି। ସେ କ୍ୟାପ୍ସନରେ ଲେଖିଛନ୍ତି, 'ମୁଁ କାହା ପାଇଁ ଶୁଟିଂ କରୁଛି, କହିବା ଆବଶ୍ୟକ କି? ସେ ମୋର ପ୍ରିୟ ନିର୍ଦ୍ଦେଶକଙ୍କ ମଧ୍ୟରୁ ଜଣେ। ଏହା ତାଙ୍କର ସହିତ ମୋର ୪ର୍ଥ ଚଳଚ୍ଚିତ୍ର।' କରିନା ଶୁଟିଂ ପାଇଁ ହାଇଦ୍ରାବାଦ୍‌ରେ ଅଛନ୍ତି। କରିନାଙ୍କ ଏହି ପୋଷ୍ଟରୁ 'ସିଙ୍ଘମ୍ ଏଗେନ'ର ଶୁଟିଂ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଫିଲ୍ମରେ ଅଭିନେତ୍ରୀଙ୍କ ସହିତ ଦୀପିକା ପାଦୁକୋନ, ଅଭିନେତା ରଣବୀର ସିଂ, ଅକ୍ଷୟ କୁମାର ଅଜୟ ଦେବଗନ, ଭିକ୍କି କୌଶଲ, ଜ୍ୟାକି ଶ୍ରଫଙ୍କୁ ଏକାଠି ଦେଖିବାକୁ ମିଳିବ। କରିନା ୨୦୦୦ରୁ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ତାଙ୍କ ଅଭିନୟରେ ସମସ୍ତଙ୍କ ହୃଦୟରେ ଜାଗା କରିସାରିଛନ୍ତି। ଗତବର୍ଷ ତାଙ୍କୁ 'ଲାଲ ସିଂ ଚଢା'ରେ ଦେଖିବାକୁ ମିଳିଥିଲା। ପରେ ଗତ ସେପ୍ଟେମ୍ବରରେ ତାଙ୍କର ଫିଲ୍ମ 'ଜାନେ ଜାନ' ରିଲିଜ୍ ହୋଇଥିଲା।

# ଅପରାଧୀଙ୍କୁ ସୁଧାରିଲେ ସହପାଠୀ ବିଚାରପତି

ନୂଆଦିଲ୍ଲୀ





ଆମେ ପ୍ରତିଦିନ ଅନେକ ଲୋକଙ୍କୁ ଭେଟୁ ଏବଂ ସମ୍ପର୍କ ବଢେ। ହେଲେ କିଛି ସମ୍ପର୍କ ଛୋଟବେଳୁ ସୀମିତ ହୋଇ ରହିଥାଏ। କିନ୍ତୁ ସେମାନଙ୍କ ସହ ସମ୍ପର୍କର ମୁହୂର୍ତ୍ତ ମନେ ରହିଥାଏ। ଯଦି ସେହି ସାଙ୍ଗ ସହିତ ବହୁତ ବର୍ଷ ପରେ ଦେଖାହୁଏ, ତେବେ ତାଙ୍କୁ ନିଶ୍ଚିତ ଚିହ୍ନି ହୁଏ। ନିକଟରେ ପିଲାଦିନର ଦୁଇ ସାଙ୍ଗଙ୍କ ସହିତ କିଛି ଏପରି ହୋଇଛି। ଆର୍ଥୁର ବୁଦ୍ଧ ଏବଂ ମାଇଁଡି ଗ୍ଲେଜର ପିଲାବେଳେ ଏକାଠି ପଢୁଥିଲେ। ଜଣେ ବଡ଼ ନ୍ୟୁରୋ ସର୍ଜନ ହେବା ଆର୍ଥୁରଙ୍କ ସ୍ୱପ୍ନ ଥିବାବେଳେ ମାଇଁଡି ଜଣେ ପ୍ରାଣୀ ଚିକିତ୍ସକ ହେବାକୁ ଚାହୁଁଥିଲେ। ହେଲେ ପରେ ସେ ଜଣେ ଜଜ୍ ହୋଇଗଲେ। ପିଲାଦିନ ପରଠାରୁ ଦୁହେଁ ଅଲଗା ହୋଇ ନିଜ ନିଜ ଭବିଷ୍ୟତ ଗଢିବାରେ ବ୍ୟସ୍ତ ରହିଲେ। ଏବେ ଦୁହିଁଙ୍କ ଦେଖାସାକ୍ଷାତ୍ ହୋଇଛି, ହେଲେ ଏପରି ଏକ ସ୍ଥାନରେ ତାହା ସମସ୍ତ ଆଶ୍ଚର୍ଯ୍ୟକର। ନିକଟରେ ଏକ କୋର୍ଟରୁମର ଭିଡିଓ ଭାଇରାଲ ହୋଇଛି। ଯେଉଁଠାରେ ଦୁଇ ସାଙ୍ଗଙ୍କ ଭେଟ ହୋଇଛି। କୋର୍ଟରେ ମାଇଁଡି ଜଜ୍ ଥିବାବେଳେ ଆର୍ଥୁର ତାଙ୍କ ସମ୍ମୁଖରେ ଜଣେ ଅପରାଧୀ ଭାବେ ଠିଆ ହୋଇଥିଲେ। ଆର୍ଥୁରଙ୍କୁ ଜୁଆ ଏବଂ ଡ୍ରଗ୍ସର ଅଭ୍ୟାସ ହୋଇଯାଇଥିଲା। ସେ ଅନେକ ଲୁଟପାତରେ ମଧ୍ୟ ସାମିଲ ଥିଲେ। ତେବେ ଆର୍ଥୁରଙ୍କ ମାମଲା ଶୁଣାଣି ପାଇଁ ସେ କୋର୍ଟରେ ଉପସ୍ଥିତ ହୋଇଥିଲେ। ସେଠାରେ ଜଜ୍ ତଥା ମାଇଁଡି ଯେତେବେଳେ ତାଙ୍କ ପିଲାଦିନ ସ୍କୁଲର ନାଁ ନେଇ ପଚାରିଲେ, ତମେ ସେଇ ସ୍କୁଲରେ ପଢୁଥିଲ, ସେତେବେଳେ ଆର୍ଥୁର କାନ୍ଦିବାକୁ ଲାଗିଲେ। ସେ ପୂର୍ବରୁ ଅନେକ ଭୁଲ କାମ କରି ଜେଲ ଯାଇଥିବାବେଳେ ଏବେ ସେ ସେବୁରୁ ଦୂରରେ ଅଛନ୍ତି। ସେ ଏବେ ଏକ ଫାର୍ମାସ୍ୟୁଟିକାଲ କମ୍ପାନୀରେ ମ୍ୟାନେଜର ଅଛନ୍ତି।

# ଭାଜପା ପୁଣି କ୍ଷମତାକୁ ଆସିଲେ ଦେଶ ବିପଦରେ ପଡ଼ିବ: ପିନାରାୟୀ

ଥିରୁଭାନନ୍ତପୁରମ୍,୮।୧୦

ଭାଜପା ତୃତୀୟ ଥର କ୍ଷମତାକୁ ଆସିଲେ ଦେଶ ବିପଦରେ ପଡିଯିବ ବୋଲି କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଚେତାବନୀ ଦେଇଛନ୍ତି। ଉତ୍ତର କେରଳର ଏକ ଜିଲା କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଏବଂ ଆରଏସଏସକୁ ଟାର୍ଗେଟ୍ କରିଛନ୍ତି। ସେମାନେ ଦେଶର ବିବିଧତା ନଷ୍ଟ କରି ଧର୍ମକୁ ନେଇ ଏକ ଦେଶ ଗଠନ କରିବାକୁ ଚେଷ୍ଟା କରୁଥିବା ବିଜୟନ୍ ଅଭିଯୋଗ କରିଛନ୍ତି। ଗାଈ ଆଧାରରେ ଦେଶରେ ସାମ୍ପ୍ରଦାୟିକ ସଂଘର୍ଷ ଘଟୁଛି। ଏକ ଗୋଷ୍ଠୀର ନାଗରିକଙ୍କୁ ଦେଶର ଶତ୍ରୁ ଭାବରେ ଚିତ୍ରଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଯୁକ୍ତି ବାଢିଛନ୍ତି ଯେ, ଜାତି କିମ୍ବା ଧର୍ମ ନିର୍ବିଶେଷରେ ସମସ୍ତେ ଆଇନର ସମାନ ସୁରକ୍ଷା ପାଇବାକୁ ହକଦାର, କିନ୍ତୁ ଦେଶରେ ଏହା ବଦଳାଯାଉଛି। ଏସବୁ ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟରେ ଭୟ ସୃଷ୍ଟି କରିଛି। ଯଦି ଭାଜପା ତୃତୀୟ ଥର କ୍ଷମତାକୁ ଆସେ ତେବେ ଦେଶକୁ ଏପରି ବିପଦର ସମ୍ମୁଖୀନ ହେବାକୁ ପଡ଼ିବ, ଯାହାକୁ ଦୂର କରାଯାଇପାରିବ ନାହିଁ ଏବଂ ଏହା ପରେ ଦୁଃଖ ପ୍ରକାଶ କରିବାର କୌଣସି ଅର୍ଥ ରହିବ ନାହିଁ ବୋଲି ସେ କହିଛନ୍ତି।



ଦିଲ୍ଲୀ ମଦ ଦୁର୍ନୀତି ଅଭିଯୋଗରେ ଏଏପି ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ଗିରଫ ହେବା ପରେ ତାଙ୍କ ବାସଭବନକୁ ରବିବାର ଆସିଛନ୍ତି ଜେଡି(ୟୁ) ସଭାପତି ରାଜୀବ ରଞ୍ଜନ ସିଂ।

# ରାଜସ୍ଥାନ ଲୋକେ କଂଗ୍ରେସ ସରକାର ହଟାଇବାକୁ ମନ ବଳାଇସାରିଛନ୍ତି : ଧର୍ମେନ୍ଦ୍ର



ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର)

ରାଜସ୍ଥାନରେ ଅଶୋକ ଗେହଲଟଙ୍କ ଦିଶାହୀନ କଂଗ୍ରେସ ସରକାରକୁ ହଟାଇବା ପାଇଁ ଏଠାକାର ଲୋକେ ମନ ବଳାଇସାରିଛନ୍ତି। ରବିବାର ଜୟପୁରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ସେ କହିଛନ୍ତି ଯେ, ଆଗାମୀ ୫୦ ଦିନରେ ରାଜସ୍ଥାନରେ ଭାଜପା ସରକାର ଆସିବ। ରାଜ୍ୟର କଂଗ୍ରେସ ସରକାରରେ ଚାଷୀଙ୍କୁ ଧୋକା ଦିଆଯାଉଛି। ଏହି ସରକାରରେ ମହିଳାଙ୍କ ପ୍ରତି ନିର୍ଯାତନା ବଢିଛି। ଯୁବପିଢ଼ିଙ୍କ ଭବିଷ୍ୟତ ସହ ସରକାର ଖେଳ ଖେଳୁଛନ୍ତି। ପରୀକ୍ଷାରେ ବିଭ୍ରାଟ, ରୋଜଗାରରେ ଦୁର୍ନୀତି ହେଉଛି। ଏଠାରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଅଶୋକ ଗେହଲଟଙ୍କ ନେତୃତ୍ୱରେ ପରିଚାଳିତ ଭ୍ରଷ୍ଟ କଂଗ୍ରେସ ସରକାରକୁ ହଟାଇବା ପାଇଁ ରାଜ୍ୟର ଲୋକ ମନ ବଳାଇସାରିଛନ୍ତି। ନିର୍ବାଚନ ସମୟରେ କଂଗ୍ରେସ ଲୋକଙ୍କୁ ଅନେକ ପ୍ରତିଶ୍ରୁତି ଦେଇଥିଲା। ମାତ୍ର ସେସବୁ ଏ ପର୍ଯ୍ୟନ୍ତ ପୂରଣ ହୋଇପାରିଲା ନାହିଁ। କଂଗ୍ରେସ ଭିତରେ ଅନ୍ତଃକନ୍ଦଳ ଦିବାଲୋକ ପରି ସ୍ପଷ୍ଟ ଦେଖାଯାଉଛି। ଲୋକମାନେ ଆଗାମୀ ନିର୍ବାଚନରେ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଶାସନ ଜୟପୁର ଓ ରାଜସ୍ଥାନବାସୀଙ୍କ ଆସ୍ଥାଭାଜନ ହୋଇଛି ବୋଲି ସେ କହିଛନ୍ତି।

# କାର୍ଗିଲରେ ପରିଷଦ ନିର୍ବାଚନ: ବାଜିମାରିଲା କଂଗ୍ରେସ, ଏନ୍‌ସି ମେଣ୍ଟ

**ଶ୍ରୀନଗର,୮।୧୦:** ୩୭୦ ଧାରା ହଟାଯିବା ପରେ ପ୍ରଥମ ଥର ପାଇଁ କାର୍ଗିଲରେ ଅନୁଷ୍ଠିତ ହୋଇଛି ଲଦାଖ ସ୍ୱାୟତ୍ତ ପାର୍ବତୀୟ ପରିଷଦ (ଏଲ୍ଏଏଚ୍‌ଡିସି) ନିର୍ବାଚନ। ଏଥିରେ କଂଗ୍ରେସ ଏବଂ ନ୍ୟାଶନାଲ୍ କନଫରେନ୍ସ(ଏନ୍‌ସି) ମିଳିତ ମେଣ୍ଟ ବାଜି ମାରିଛନ୍ତି। ୨୬ ଆସନ ବିଶିଷ୍ଟ ଲଦାଖ ପରିଷଦ ନିର୍ବାଚନରେ କଂଗ୍ରେସ ଏବଂ ଏନ୍‌ସି ଭାଜପାକୁ ବହୁ ପଛରେ ପକାଇ ଦେଇଛି।

# ବିଜେଡି: ୨ ଜିଲାର ୬ ନିର୍ବାଚନମଣ୍ଡଳୀ ଲାଗି ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ୨ଟି ଜିଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ଅନୁଗୋଳ ଜିଲାର ୪ଟି ଏବଂ ଗଜପତି ଜିଲାର ୨ଟି ନିର୍ବାଚନମଣ୍ଡଳୀ ଲାଗି ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ଏହାକୁ ମଞ୍ଜୁର ପ୍ରଦାନ କରିଛନ୍ତି। ଅନୁଗୋଳ ଜିଲାର ଅନୁଗୋଳ ଏବଂ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ଚିନ୍ମୟ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଏହି ଜିଲାର ଛେଣ୍ଡିପଦା ଏବଂ ପାଲଲହଡା ବିଧାନସଭା କ୍ଷେତ୍ର ଲାଗି ନେପ୍ଟୁ ଦାସଙ୍କୁ ପର୍ଯ୍ୟବେକ୍ଷକ ଭାବେ ଦଳ ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଗଜପତି ଜିଲାର ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ଶଶିଭୂଷଣ ମହାନ୍ତିଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଏହି ଜିଲାର ମୋହନା ନିର୍ବାଚନମଣ୍ଡଳୀ ଲାଗି ପୃଥ୍ୱୀରାଜ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତରେ ଦୁଇଟି ଭିନ୍ନ ଭିନ୍ନ ବିଜ୍ଞପ୍ତି ଜରିଆରେଏହି ଘୋଷଣା କରାଯାଇଛି।

# 'କୃଷକ ପଞ୍ଚାୟତ' ଗଠନ କରି ଆନ୍ଦୋଳନକୁ ଓହ୍ଲାଇବ ଭାଜପା

ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଗତ ୯ ବର୍ଷ ଶାସନରେ ଅନେକ କୃଷି ଓ କୃଷକ କଲ୍ୟାଣ ଯୋଜନାର କାର୍ଯ୍ୟାନ୍ୱୟନ କରିଛନ୍ତିଃ ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ମୋଦି ସରକାର ସଂକଳ୍ପବଦ୍ଧ ଏବଂ କାର୍ଯ୍ୟରତ। କୃଷି ଓ କୃଷକ କଲ୍ୟାଣ ପାଇଁ କେନ୍ଦ୍ରର ବିଭିନ୍ନ ଯୋଜନାରେ ରାଜ୍ୟକୁ ବ୍ୟାପକ ମାତ୍ରାର ଟଙ୍କା ଆସୁଛି। ହେଲେ ବହୁ ଲୋକାଭିମୁଖୀ କାର୍ଯ୍ୟକ୍ରମ ଚାଷୀଙ୍କ ନିକଟରେ ପହଞ୍ଚୁନି। ଏଥିଯୋଗୁ ଚାଷୀର ଆର୍ଥିକ ଅଭିବୃଦ୍ଧି ହେଉନାହିଁ। ବିଭିନ୍ନ ସମସ୍ୟା ଘେରରେ ଥିବା ରାଜ୍ୟର ଚାଷୀମାନେ ଅନେକ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ଆଗାମୀ ଦିନରେ ପଞ୍ଚାୟତ ସ୍ତରରେ 'କୃଷକ ପଞ୍ଚାୟତ' ଗଠନ କରି ଭାଜପା କୃଷକମୋର୍ଚ୍ଚା ଆନ୍ଦୋଳନକୁ ଓହ୍ଲାଇବ ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି। ରବିବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ମୋର୍ଚ୍ଚା ସଭାପତିଙ୍କ ଅଧ୍ୟକ୍ଷତାରେ କୃଷକ ମୋର୍ଚ୍ଚାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୋର୍ଚ୍ଚାର ସମସ୍ତ ରାଜ୍ୟ ପଦାଧିକାରୀ, ଜିଲା ସଭାପତି ଏବଂ ରାଜ୍ୟ ସଂଯୋଜକମାନେ ଉପସ୍ଥିତ ଥିଲେ । ବୈଠକରେ ଯୋଗଦେଇ ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ମାନସ କୁମାର ମହାନ୍ତି କୃଷକ ମୋର୍ଚ୍ଚାର ବିଗତ ଦିନରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ ଆଗାମୀ ଦିନରେ ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ତୃଣମୂଳସ୍ତରର ସଙ୍ଗଠନକୁ ସୁଦୃଢ଼ କରିବା ବିଷୟରେ ଆଲୋଚନା କରିଛନ୍ତି।

# ୧୨ରେ ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ



ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ ସମ୍ପର୍କରେ ଜିଲା ବିଜେଡି କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି ।

## ମାଲକାନଗିରିରେ ଜିଲା ବିଜେଡିର ପ୍ରସ୍ତୁତି ବୈଠକ

ମାଲକାନଗିରି,୮।୧୦
(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲାରେ 'ଲକ୍ଷ୍ମୀ' ଯୋଜନାର ଶୁଭାରମ୍ଭ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଆସନ୍ତା ୧୨ ତାରିଖରେ ମାଲକାନଗିରି ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏ ନେଇ ରବିବାର ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ସଭାପତିତ୍ୱରେ ପୌର ପରିଷଦ ନଗର ଭବନଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସ୍ୱତନ୍ତ୍ର ପ୍ରତିନିଧି ପ୍ରକାଶ କୁମାର ମହାନ୍ତି ଓ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଯୋଗ ଦେଇ ଆସନ୍ତା ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାଲକାନଗିରି ଜିଲା ଗସ୍ତ ଓ ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ ପାଇଁ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମ କିଭଳି ଶାନ୍ତି ଶୃଙ୍ଖଳାରେ ହେବ ସେଥିପ୍ରତି ଜିଲା ବିଜେଡିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। 'ଲକ୍ଷ୍ମୀ' ଯୋଜନାରେ ପଞ୍ଚାୟତରୁ ରାଜଧାନୀକୁ ବସ୍ ସେବା ସୁନିଶ୍ଚିତ ହେବ। ଲୋକଙ୍କ ଗମନାଗମନର ସୁବିଧା ପାଇଁ ୧,୦୦୦ରୁ ଅଧିକ ବସ୍ ନିୟୋଜିତ ହେବାକୁ ଯାଉଛି। ଏଥିପାଇଁ ରାଜ୍ୟ ସରକାର ୩,୧୭୮ କୋଟି ଖର୍ଚ୍ଚ କରିବାକୁ ଯାଉଛନ୍ତି। ଏହି ସାର୍ବଜନୀନ ପରିବହନ ବ୍ୟବସ୍ଥା ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ବୈଠକରେ ଆଲୋଚନା ହୋଇଥିଲା।

ପ୍ରସ୍ତୁତି ବୈଠକରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡ଼ମା ରାବା, ଜିଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀ, ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା,ଜିଲା ଉପ ସଭାପତି ନୃସିଂହ ଚରଣ ମହାନ୍ତି, ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ଜିଲା ମହିଳା ସଭାନେତ୍ରୀ ଲକ୍ଷ୍ମୀ ପ୍ରିୟା ନାୟକ ଓ ଜିଲା ପରିଷଦ ଉପାଧ୍ୟକ୍ଷ ପତିତ ପାବନ ବୈଦ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାର ମିଶ୍ରଣ ପର୍ବ

ଜଳେଶ୍ୱର,୮।୧୦(ରବିନାରାୟଣ ପାତ୍ର)

ଜଳେଶ୍ୱର ଭାଜପା ପକ୍ଷରୁ ନିର୍ବାଚନ ମଣ୍ଡଳୀସ୍ତରୀୟ ଏକ ସାଂଗଠନିକ ବୈଠକ ଓ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀର ସମସ୍ତ ଜିଲାପରିଷଦ ଜୋନ୍ ଅଞ୍ଚଳର ପଞ୍ଚାୟତ ସଭାପତି, ସମ୍ପାଦକ ଓ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ନେଇ ଏହି ବୈଠକ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରତ୍ୟେକ ବୁଥ୍‌କୁ ସଶକ୍ତ କରିବା ନିମନ୍ତେ ବୈଠକରେ ଉପସ୍ଥିତ ଯୁବ ନେତା ଦିବ୍ୟକାମ ମହାନ୍ତି (ଜିତୁନ୍) ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ୧୦ନଂ. ଜୋନ୍‌ର ପଶ୍ଚିମବାର୍ଡ ମଣ୍ଡଳ, ୭ନଂ. ଜିଲା ପରିଷଦ ଜୋନ ଓ ରାଇବଣିଆ ମଣ୍ଡଳ ସଭାପତି ମନୋଜ କୁମାର ସାସମଲଙ୍କ ନେତୃତ୍ୱରେ ଅନ୍ୟଦଳର ବହୁ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ସେମାନଙ୍କୁ ମଣ୍ଡଳ ସଭାପତି ପ୍ରତାପ ସେନାପତି ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ।



ଭାଜପାରେ ଯୋଗଦେଇଥିବା ଅନ୍ୟ ଦଳର କର୍ମୀଙ୍କୁ ସ୍ୱାଗତ କରାଯାଉଛି।

# ସରକାରକୁ ଆସିଲେ ଦୁର୍ନୀତିମୁକ୍ତ ଓଡ଼ିଶା ଗଠନ ହେବ



ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଉଛନ୍ତି।

ନୂଆପଡ଼ା,୮।୧୦(ମକାରୁ ବେମାଲ)

ନୂଆପଡ଼ା ଜିଲାକୁ ୨ ଦିନିଆ ଗସ୍ତରେ ଆସି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ବଲାଙ୍ଗୀର ଜିଲା ଅଭିମୁଖେ ଫେରିଯାଇଛନ୍ତି। ରବିବାର ପୂର୍ବାହ୍ନରେ ଆମସେନା ଗୁରୁକୁଳ ଆଶ୍ରମରେ ଏକ ହୋମଯଜ୍ଞ କାର୍ଯ୍ୟକ୍ରମରେ ଯୋଗଦେଇ ଗାଁରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଜିଲା ରିଜର୍ଭ ପୋଲିସ ମୁଖ୍ୟାଳୟରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ସ୍ଥାନୀୟ ଏକତା ଛକରେ ଥିବା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତି ଉପରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ଥାନୀୟ ସର୍କିଟ୍ ହାଉସଠାରେ ଏକ ଖବରଦାତା ସମ୍ମିଳନୀ କରି କେନ୍ଦ୍ର ସରକାରଙ୍କ ବିକାଶମୂଳକ ଯୋଜନା ଉପରେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ଅମୃତ ମହୋତ୍ସବରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ରଖିଛନ୍ତି। ଯେଉଁମାନେ ଦେଶ ପାଇଁ ଶହୀଦ ହୋଇଛନ୍ତି, ଦେଶମାତୃକା ଲାଗି ସଂଘର୍ଷ କରିଛନ୍ତି, ଆମକୁ ସୁରକ୍ଷିତ ରଖିଛନ୍ତି, ସେହି ପବିତ୍ର ମାଟି ସଂଗ୍ରହ କରି ସମସ୍ତଙ୍କୁ ସ୍ମରଣ କରିବା ପାଇଁ ଦିଲ୍ଲୀରେ ଅମୃତ ବାଟିକା ନିର୍ମାଣ କରାଯାଉଛି। ୯ବର୍ଷ ଶାସନରେ ରାଜ୍ୟକୁ ୧୮ ଲକ୍ଷ ୮୩ ହଜାର କୋଟି ଟଙ୍କା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ଅନୁଦାନ ଦେଇଛନ୍ତି। ୧୦ ହଜାର ୭୫ ଲକ୍ଷ ମହିଳାଙ୍କୁ ଉଜ୍ୱଳା ଯୋଜନାରେ ରୋଷେଇ ଗ୍ୟାସ ପ୍ରଦାନ କରିଛନ୍ତି। ୫୨ କୋଟି ମହିଳା ଜିରୋ ବାଲାନ୍ସରେ ଆକାଉଣ୍ଟ ଖୋଲିଛନ୍ତି। ପ୍ରତି ପଞ୍ଚାୟତରେ ଦୁର୍ନୀତି, ଭ୍ରଷ୍ଟାଚାର ଭରି ରହିଛି। ଆସନ୍ତା ନିର୍ବାଚନରେ ଭାଜପା ସରକାର ଗଢ଼ିଲେ ଦୁର୍ନୀତିମୁକ୍ତ ଓଡ଼ିଶା ଗଠନ ହେବ ବୋଲି ସମ୍ମିଳନୀରେ ସାମଲ ସୂଚନା ଦେଇଥିଲେ। ଏହି ସମୟରେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ରାଜ୍ୟ ସମ୍ପାଦକ ସରୋଜ କର, ଜିଲା ପ୍ରଭାରୀ ଆର୍ତ୍ତତ୍ରାଣ ମହାପାତ୍ର, ଜିଲା ସଭାପତି ସୁବ୍ରତ ଠାକୁର, ରାଜ୍ୟ କାର୍ଯ୍ୟକାରଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଯଦୁମଣି ପାଣିଗ୍ରାହୀ, ଖରିଆର ରୋଡ ନଗର ପାଳିକା ସୋନିଆ ଜୈନ, କମଲେଶ ଦୀକ୍ଷିତ, ଅଭିନନ୍ଦନ ପଣ୍ଡା, ସଦାନନ୍ଦ ଯୋଶୀ ଓ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସାଙ୍ଗ ବଞ୍ଚାଇଦେଲା ଜୀବନ ସିକିମ୍‌ରେ ଫସି ରହିଥିବା ଯୁବତୀ ଘରେ ପହଞ୍ଚିଲେ

ଗୋପ,୮।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ମୋ ସାଙ୍ଗ ଭୂମିକା ମହନ୍ତଙ୍କ ଟେଲିଫୋନ ମତେ ମରଣମୁହଁରୁ ବଞ୍ଚାଇ ଦେଇଛି ବୋଲି ରବିବାର ସିକିମ୍‌ରୁ ବହୁ କଷ୍ଟରେ ଆସି ଗୋପରେ ପହଞ୍ଚିଥିବା ନଫିଂଶା ଜାହଁ(୨୫) ନିଜର ଅନୁଭୂତି ବର୍ଣ୍ଣନା କରିଛନ୍ତି। ପ୍ରକାଶ ଯେ ଗୋପ ବସ୍ତିର ମୂର୍ତ୍ତୁଜା ଫଜଲ୍ ଅଲ୍ଲୀ ଖାଁଙ୍କ ସାନ ଝିଅ ନଫିଂଶା ୩ ବର୍ଷ ହେବ ସିକିମ୍‌ର ରମ୍ପୋ ସହରସ୍ଥିତ ଘରୋଇ ଆଲକେମ୍ ମେଡିସିନ୍ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଗତ ୩ ତାରିଖ ରାତିରେ ହଠାତ୍ ବାଦଲଫଟା ବର୍ଷା ସାଙ୍ଗକୁ ଡ୍ୟାମ୍ ପାଣି ମାଡ଼ି ଆସିବାରୁ ସହର ଜଳମଗ୍ନ ହେବା ସହିତ ଅନେକ ଲୋକଙ୍କର ମୃତ୍ୟୁ ଘଟିଥିଲା। ତେବେ ଉକ୍ତ ରାତିରେ ନିକଟରେ ରହୁଥିବା ମୟୂରଭଞ୍ଜ ଅଞ୍ଚଳର ନଫିଂଶାଙ୍କ ସାଙ୍ଗ ଫୋନ୍ ଯୋଗେ ନଫିଂଶାଙ୍କୁ ଏହି ଖବର ଦେବା ପରେ ସେ ଉପର ମହଲାକୁ ପଳାଇଥିଲେ। ଦୁଇଦିନ ଧରି ବିସ୍କୁଟ ଖାଇ ଜୀବନ ବଞ୍ଚାଇବା ସହ ଚାଲି ଚାଲି ଶେଷରେ ସିକିମ୍ ସିଲିଗୁଡ଼ିରୁ ଟ୍ରେନ୍ ଯୋଗେ ଘରେ ପହଞ୍ଚିଛନ୍ତି ବୋଲି ନଫିଂଶା କହିଛନ୍ତି। ତେବେ ଡ୍ୟାମ୍ ପାଣି ମାଡ଼ି ଆସିବା ପରେ ସବୁଆଡ଼େ ଜୀବନ ବଞ୍ଚାଇବାର ଚିତ୍କାର ଶୁଣି ଅତ୍ୟନ୍ତ ଭୟଭୀତ ହୋଇପଡ଼ିଥିଲେ ବୋଲି ସେ କହିଛନ୍ତି।

# ମୁଣ୍ଡିମରା ପ୍ରହେଳିକା: ଉଦୁଉଦିଆ ଦି'ପହରେ ଝାଉଁବଣରୁ ସୃଷ୍ଟି !

ଡ. ସୁରେନ୍ଦ୍ର କୁମାର ମିଶ୍ର




ମୁଣ୍ଡିମରା କାର୍ଯ୍ୟ ମିଳିତ ଭାବରେ ସମ୍ପନ୍ନ ହୋଇଥିଲା। କୌଶଳ ଧର୍ମପଦଙ୍କର। ମୁଣ୍ଡିମରାବେଳେ ସହାୟତା କରିଥିଲେ ଶିବେଇ ସାମନ୍ତରା ଓ ଗଙ୍ଗା ମହାପାତ୍ର। ଛଅଜଣ ଦିହୁଡ଼ିଆ ଥିଲେ। କାର୍ଯ୍ୟ ସମ୍ପନ୍ନ ହେବାରେ ସମସ୍ତଙ୍କର ସମାନ ସହଯୋଗ ଥିଲା ଆମେ ଅନୁଭବ କରିପାରିବା।

ଝାଉଁ ଜଙ୍ଗଲ। ମହୋଦଧି ସଂଲଗ୍ନ ମନ୍ଦିର ଉପରେ ଦିହୁଡ଼ି ଦେଖାଇବା ଶିଳ୍ପୀମାନଙ୍କୁ ସହଜ ନୁହେଁ। ଦିହୁଡ଼ି ପୋଲାଙ୍ଗ ତେଲରେ ଜଳିଥିବ। ସେ ତେଲ ପ୍ରସ୍ତୁତ ହେବାକୁ ସମୟ ଲାଗିଥିବ। ଘଣାରେ ପୋଲାଙ୍ଗ ପେଡ଼ା ହୋଇଥିବ। ଜଳନ୍ତା ଦିହୁଡ଼ି ସହ ତେଲ ବି ଧରିଥିବେ। ପବନକୁ ଜଗିଥିବେ, ହୁସିଆର ହୋଇ ପଥର ଉପରେ ପଞ୍ଝା ପକେଇ ଠିଆ ହୋଇଥିବେ... କହିପାରିବାନି ସେମାନଙ୍କ ଅବଦାନ କମ୍ ଥିଲା ବୋଲି!!! ଅଥଚ... ରାଷ୍ଟ୍ର ହୋଇଗଲା ଶିଳ୍ପୀ ଶିବିରରେ ଧର୍ମପଦ ଶ୍ରୀପଦ୍ମକେଶର ମନ୍ଦିରର ମୁଣ୍ଡି ମାରିଦେଲେ। ଯେଉଁମାନେ ବୟସ୍କ ଶିଳ୍ପୀ ମୂଳରୁ ଲହୁଲୁହ ଢାଳି ନିର୍ମାଣ କାର୍ଯ୍ୟରେ ନିଜକୁ ହଜେଇଦେଇଥିଲେ, ସେମାନଙ୍କୁ ଟିକେ ଝଟକା ଲାଗିଲା ଏ କଥା। ଜାଣିପାରିଲେ ଧର୍ମପଦ। ସେ ଶ୍ରେୟ ନେବାକୁ ଚାହୁଁ ନ ଥିଲେ। ଚୁପ୍‌ଚାପ୍ ସୂର୍ଯ୍ୟଦେବ ଉଇଁଲା ବେଳକୁ ହାତୀରେ ବସି ନିଜ ଗାଁକୁ ଫେରିଯାଇଥିଲେ। ରାଜକୀୟ ପ୍ରଶାସନିକ କାଇଦାରେ ଗାଁକୁ ପଠାଇବାବେଳେ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଇଥିଲା।

କେହି କେହି ସମ୍ଭାବନା କରିଛନ୍ତି ଫେରେଇ ଦିଆଯାଇଥିଲା ଗାଁକୁ, ଶିଳ୍ପୀ ଶିବିରର ବାତାବରଣକୁ ଲକ୍ଷ୍ୟକରି। ତାହା ପୋଥିରୁ ସ୍ପଷ୍ଟ ହୁଏ ନାହିଁ। ସେ ନିଜେ ଶ୍ରେୟରୁ ଦୂରେଇଯିବାକୁ ମନସ୍ଥ କରିଥିଲେ। ଗାଁକୁ ଫେରେଇଥିଲେ ଦାୟିତ୍ୱରେ ଥିବା ସହସ୍ର ମଲ୍ଲ ପାଞ୍ଚମାଢ଼ ସୁନା, ଦୁଇଯୋଡ଼ା ସିଲ୍‌କ ଧୋତି ପୁରସ୍କାର ଘୋଷଣା କରି ନ ଥାନ୍ତେ। ଗାଁକୁ ଗଲାବେଳେ ବଳଶ୍ରୀ ମୁଖ୍ୟ ନିରୀକ୍ଷକଙ୍କୁ ଆଦେଶ ଦେଇ ନ ଥାନ୍ତେ ୭୦ ମାଢ଼ ସୁନା ସହ ହାତୀରେ ଧର୍ମପଦ ଯିବେ ବୋଲି? ଅବଶ୍ୟ ଏହା ପୁରସ୍କାର ନ ଥିଲା, ଥିଲା ପାରିଶ୍ରମିକ।

ଗଜପତି ଆସି କୋଣାର୍କରେ ପହଞ୍ଚିବା ବେଳକୁ ଧର୍ମପଦ କୋଣାର୍କ ପରିତ୍ୟାଗ କରି ସାରିଥିଲେ। ତିନି ଦିନ ତିନି ରାତି ଅନିଦ୍ରା, ପୁଣି ଅକ୍ଳାନ୍ତ ପରିଶ୍ରମ ଜଣକୁ ବିଶ୍ରାମ ଦିଗକୁ ଟାଣିନେବା ସ୍ୱାଭାବିକ। କାମ ବାକି ଥିଲା କେବଳ ଶୀର୍ଷରେ କଳସ ବସିବ। ଧର୍ମପଦ ଯେଉଁଦିନ ଏଗାର ପଟିକ ଚୁମ୍ବକଶିଳା ବସାଇ ମୁଣ୍ଡି ମାରିଥିଲେ ସେଦିନ ଥିଲା ବାହୁଡ଼ାଯାତ୍ରା। ବାହୁଡ଼ାଯାତ୍ରାରେ ଛେରାପହଁରା କରି ପୁରୀରେ ଗଜପତି ଅବସ୍ଥାନ କରିଥିଲେ। ହରିଶୟନ ଏକାଦଶୀ ଦିନ ରାଜଗୁରୁଙ୍କ ସହ ସେ କୋଣାର୍କରେ ପଦାର୍ପଣ କରିଥିଲେ।

ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ଦିନ, ଯେଉଁଦିନ ପୁରୀରେ ରଥ ଉପରେ ମହାପ୍ରଭୁଙ୍କର ଅଧରପଣା ନୀତି ହୁଏ। ସେଇଦିନ ବାକି ରହିଥିବା କଳସ କାମ ପାଇଁ ବାରଜଣ ମନ୍ଦିର ଶୀର୍ଷକୁ ଯାଇଥିଲେ। ମୁଖ୍ୟ ଥିଲେ ରାମଚନ୍ଦ୍ର ମହାପାତ୍ର ଓ ମୁକୁନ୍ଦ ମହାପାତ୍ର। ସେମାନେ କଳସର ଅପରପାର୍ଶ୍ୱ ଗୋଟିଏ ଦିନରେ ମୁଦ ଦେଇଥିଲେ। ଧଳାଧାନ, ଦହି, ନବରତ୍ନ ପଥର, ନପୁଂସକ ଶିଳା, ଶୁଦ୍ଧ କର୍ପୂର, ହରିତାଳ ଶିଳା, ମୁରମଂସୀ (ସୁଗନ୍ଧ ଗଛର ମଞ୍ଜି), ଝୁଣା ଓ ୧୨ଟି ସୁବର୍ଣ୍ଣ ଖଣ୍ଡ। ରୁପାଖଣ୍ଡ ୨୦ଟି ଏହିପରି ଦଶଟି ଦ୍ରବ୍ୟରେ କଳସ ମୁଦ ହୋଇଥିଲା। ମୁଣ୍ଡିମାରିବା ଓ ମୁଦ ଦେବା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ। ଦୁହେଁ ଦୁହିଁଙ୍କ ପରିପୂରକ। ଦୁଇଜଣ ଶିଳ୍ପୀ ମୁଦ ଦେବାରେ ଅକ୍ଳାନ୍ତ ପରିଶ୍ରମ କରିଥିବେ। ତାଙ୍କ ଅବଦାନକୁ ଅଣଆଡ଼ିଆ କରି ହେବ ନାହିଁ।



ଏଇ ଦୁହୁଡି ହିଁ ମୁଣ୍ଡିମରା ବେଳର ସାକ୍ଷୀ। ହାତରେ ପୁଲାଙ୍ଗ ତେଲରେ ପାତ୍ର, ଅନ୍ୟ ହାତ ନିଜ ସୁରକ୍ଷା ପାଇଁ ପଥର ଉପରେ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ଏବେ ଆମେ ବିଚାର କରିବା କଥା ଯେ, ଧର୍ମପଦ ମୁଣ୍ଡି ମାରିବା ପାଇଁ

## ଚୁମ୍ବକଶିଳା: ପ୍ରହେଳିକାର ମୂଳ ଆଧାର

ଯେଉଁ ଚୁମ୍ବକଶିଳା କୌଶଳ ପ୍ରୟୋଗ କରିଥିଲେ, ସେତେବେଳେ ତାଙ୍କୁ ୩୪ ବର୍ଷ ପୂର୍ଣ୍ଣ ହୋଇ ୩୫ବର୍ଷ ଚାଲିଥିଲା। ସୀମାଚଳରେ ଥିବା ଶ୍ରୀନୃସିଂହନାଥ ମନ୍ଦିର ଐତିହ୍ୟରୁ ଜଣାପଡ଼େ ସେହି ମନ୍ଦିର ସମ୍ପୂର୍ଣ୍ଣ କରିବା ପାଇଁ ଧର୍ମପଦ ନିଜ କକା ନିଧି ମହାପାତ୍ରଙ୍କ ସହ ବିଶାଖାପାଟଣାଠାରେ ଥିଲେ। ସୀମାଚଳରେ ମନ୍ଦିର କାମ ସରିବା ପରେ ଘୋଡ଼ାରେ କକା-ପୁତୁରା ନିଜ ଗାଁ ଡିହପାଟଣାକୁ ଫେରିଥିଲେ। ଗାଁରେ ପହଞ୍ଚି ବାପା ଅସୁସ୍ଥ ଥିବା କଥା ଜାଣିଲେ। ତା' ପରେ କୋଣାର୍କ ଯାତ୍ରା କରିଥିଲେ।

ତେବେ 'ବାରବରଷର ବାଳୁତ ପିଲା' ଧର୍ମପଦ କେବେ କେମିତି କାନ୍ଦଣା ଗୀତଠାରୁ ଜନଶ୍ରୁତିରେ ଚର୍ଚ୍ଚିତ ହୋଇଗଲା! ତା' ପଛର ଐତିହ୍ୟ ଖୋଜିବାକୁ ହେବ। ଆମେ ଜାଣିଲେ ସେ ମରି ନାହାନ୍ତି। ଗାଁକୁ ସସମ୍ମାନରେ ପୁରସ୍କାର ସହ ହାତୀରେ ଯାଇଛନ୍ତି। ତାଙ୍କ ବୟସ ବିଚାରକଲେ ସେ ବିବାହିତ ଥିବା ସମ୍ଭାବନା ଅମୂଳକ ନୁହେଁ।

ଦ୍ୱିତୀୟ ବିନ୍ଦୁ ବିଚାର କରିବା। ସେ ଏକା ମୁଣ୍ଡି ମାରି ନାହାନ୍ତି। ତାଙ୍କ ସହ ତାଙ୍କ ବାପା ଶିବେଇ ସାମନ୍ତରା ଓ ଗଙ୍ଗା ମହାପାତ୍ର ରହିଥିଲେ। ସାତଜଣ ପଥୁରିଆ ସାହାଯ୍ୟ କରୁଥିଲେ। ଗୋଟିଏ ରାତିରେ ଛଅ ଦିହୁଡ଼ିଆଙ୍କୁ ନେଇ କାମ ସାରିଲେ। ସେ କେବଳ ଗୋଟିଏ ନୂଆ କୌଶଳ ପ୍ରୟୋଗ କରିଥିଲେ 'ଏଗାରୁ ପଟିକ ଚୁମ୍ବକଶିଳା'। ସେ କୌଶଳ ଖଞ୍ଜିବାରେ ତିନିଜଣ ମୁଖିଆ ଥିଲେ। ତେବେ ଧର୍ମପଦ ଏକା ମୁଣ୍ଡି ମାରିଲେ ଯେ ପ୍ରହେଳିକା କେଉଁ ଝାଉଁବଣରୁ ଉଦୁଉଦିଆ ଦି' ପହରେ ସୃଷ୍ଟି ହେଲା, ତାହା ଏବେ ବି ଗୁପ୍ତାଗାରରେ ଅଳନ୍ଧୁ ଭିତରେ ରହିଛି।

ତୃତୀୟ ବିନ୍ଦୁ ହେଲା ସହସ୍ର ମଲ୍ଲଙ୍କ ଧର୍ମପଦକୁ ସ୍ୱୀକୃତି। ଏ ସ୍ୱୀକୃତି ଥିଲା ଗୋଟେ ଓଡ଼ିଆ ଟୋକା ଶିଳ୍ପୀର ସାହସିକତା ପାଇଁ, ଶିଳ୍ପ କୌଶଳ ପାଇଁ ଏବଂ ସେଇ କୌଶଳର ସାକାର ସଫଳତା ପାଇଁ। ମୁଣ୍ଡି ମାରିଦେଲେ ଏକା ବୋଲି ନୁହେଁ। ସେ ରାତିରେ ଉପସ୍ଥିତ ଥିଲେ। ମନ୍ଦିର ଶିଖରକୁ ଚଢ଼ିଥିବା ୧୬ଜଣଙ୍କୁ ସେ ସ୍ୱୀକୃତି ଦେଇଛନ୍ତି ସୁବର୍ଣ୍ଣ ମାଢ଼ ଦେଇ।

ଚତୁର୍ଥ ବିନ୍ଦୁରେ ଜାଣିବା ବଳଶ୍ରୀ ଅତ୍ୟନ୍ତ ଖୁସି ହୋଇଯାଇଥିଲେ ଚୁମ୍ବକଶିଳା ବସିବା ପରେ,ସହସ୍ର ମଲ୍ଲ ଭାବପ୍ରବଣ ହୋଇଯାଇଥିଲେ- ସତରେ ତିନି ତିନିଥର ବିଫଳ ହେବା ପରେ ଏଥର ସଫଳ ହେଲା ମୁଣ୍ଡିମରା!!

**ପଞ୍ଜାବୀ ଗାୟିକା ଜସ୍ମିନ୍‌ଙ୍କୁ ହତ୍ୟା ଧମକ**

ଦିଲ୍ଲୀରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ପାଇଁ ପହଞ୍ଚିଥିବା ଲୋକପ୍ରିୟ ପଞ୍ଜାବୀ ଗାୟିକା ଜସ୍ମିନ୍ ସାଣ୍ଡଲାସ୍‌ଙ୍କୁ ହତ୍ୟା ଧମକ ମିଳିଛି। ଜେଲରେ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ତରଫରୁ ଏହି ଧମକ ଦିଆଯାଇଥିବା ପୋଲିସ କହିଛି। ଅନ୍ତର୍ଜାତୀୟ ନମ୍ବରରୁ ଏହି ଫୋନ୍ କଲ୍ ଆସିଥିଲା। ଜସ୍ମିନ୍‌ଙ୍କ କର୍ମଚାରୀମାନେ ଏ ସମ୍ପର୍କରେ ଦକ୍ଷିଣ-ପଶ୍ଚିମ ଦିଲ୍ଲୀ ପୋଲିସକୁ ଜଣାଇବା ପରେ ହୋଟେଲରେ ତାଙ୍କୁ ସୁରକ୍ଷା ଯୋଗାଇ ଦିଆଯିବା ସହ ଫୋନ୍‌କଲ୍ ସମ୍ପର୍କରେ ତଦନ୍ତ ଜାରି ରହିଛି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ତିତିଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭୂକମ୍ପ ମୃତ୍ୟୁ ୨,୦୦୦ ଟପିଲା

**କାବୁଲ,୮।୧୦**

ପଶ୍ଚିମ ଆଫଗାନିସ୍ତାନରେ ଶନିବାର ହୋଇଥିବା ପ୍ରଳୟଙ୍କରୀ ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ୨,୦୦୦ ଅତିକ୍ରମ କରିଥିବା ତାଲିବାନ ପକ୍ଷରୁ ଘୋଷଣା କରାଯାଇଛି। ଗତ ୨ ଦଶନ୍ଧି ମଧ୍ୟରେ ଆଫଗାନିସ୍ତାନରେ ଏହା ସବୁଠୁ ଭୟାବହ ଭୂକମ୍ପ। ୬.୩ ତୀବ୍ରତାର ଭୂକମ୍ପ ପରେ ୮ ଥର ଶକ୍ତିଶାଳୀ ପଶ୍ଚାତ୍ କମ୍ପନ ଅନୁଭୂତ ହୋଇଥିଲା। ଭୂକମ୍ପ ଯୋଗୁ ୧୨ଟି ଗ୍ରାମର ୬୦୦ ଘର ମାଟିରେ ମିଶିଯାଇଛି। ସର୍ବାଧିକ କ୍ଷତିଗ୍ରସ୍ତ ହେରାତ ସହରରେ ଲୋକେ ରବିବାର ଘରଗୁଡ଼ିକର ଭଗ୍ନାବଶେଷ ତଳୁ ମୃତାହତଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ ଚଳାଇଛନ୍ତି। ଭଗ୍ନାବଶେଷ ତଳେ ବହୁ ଲୋକ ରହିଯାଇଥିବା ଆଶଙ୍କା କରାଯାଉଛି। ଉଦ୍ଧାରକାରୀ ଜଣେ ଶିଶୁକନ୍ୟାକୁ ଭୁଶୁଡ଼ି ପଡ଼ିଥିବା ଘରୁ ଜୀବନ୍ତ ଉଦ୍ଧାର କରିଥିବାବେଳେ ତା'ର ମାଆ ଜୀବିତ କିମ୍ବା ମୃତ ଜଣାପଡ଼ି ନାହିଁ। ଭଗ୍ନାବଶେଷ ତଳୁ ମହିଳା ଜଣକ ହାତ ଦେଖାଯାଉଛି। ମୃତ୍ୟୁସଂଖ୍ୟା ବହୁତ ଅଧିକ ହୋଇପାରେ ବୋଲି ସୂଚନା ଓ ସଂସ୍କୃତି ମନ୍ତ୍ରଣାଳୟ ମୁଖପାତ୍ର ଅବଦୁଲ ୱାହିଦ ରୟାନ କହିଛନ୍ତି। ୨,୦୬୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧,୨୪୦ ଆହତ ହୋଇଛନ୍ତି। ୧,୩୨୦ ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା ରୟାନ ସୂଚନା ଦେଇଛନ୍ତି। ସେନା ଏବଂ ରେଡ୍ କ୍ରିସେଣ୍ଟ ସମେତ ବିଭିନ୍ନ ସଂଗଠନର ଉଦ୍ଧାରକାରୀ ଦଳ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ସର୍ବାଧିକ କ୍ଷତିଗ୍ରସ୍ତ ଜେଣ୍ଡା ଜନ୍ ଜିଲାକୁ ୩ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଟିମ୍ ପଠାଯାଇଛି। ଜାତିସଂଘ ଡାକ୍ତର ଏବଂ ଆମ୍ବୁଲାନ୍ସ ଯୋଗାଇଦେଇଛି। ଡକ୍ଟର୍ସ ୱିଦାଉଟ୍ ବର୍ଡରସ୍ ପକ୍ଷରୁ ହେରାତ ରିଜିଅନାଲ ହସ୍ପିଟାଲରେ ୫ଟି ମେଡିକାଲ ଶିବିର ସ୍ଥାପନ କରାଯାଇଛି।



**ଭଗ୍ନାବଶେଷ ତଳୁ ଆତ୍ମୀୟଙ୍କୁ ଖୋଜୁଛନ୍ତି ଆଫଗାନିସ୍ତାନ ବାସିନ୍ଦା**


CLASSIFIED DISPLAY
MORE SPACE ' SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 3,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BIJAYA FINANCE**

Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%

Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**୧୪ ତମ ଜନ୍ମଦିନ ଶୁଭେଚ୍ଛା**



**ସ୍ନେହା ଶ୍ରୀ (ତିତିଲି)**

ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର
ଆଜି ତୋର ୧୪ତମ ଜନ୍ମବାର୍ଷିକୀ ଅବସରରେ ଆମେ ପ୍ରଭୁ ସାଇବାବାଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ତୋତେ ସଂସାରର ସବୁ ସୁଖ ମିଳୁ ଓ ତୋର ସମସ୍ତ ମନସ୍କାମନା ପୂରଣ ହେଉ। ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଖୁସିରେ ଭରିଯାଉ ।
ଶୁଭେଚ୍ଛା ସହ: ଅଜା, ଆଈ, ମମି,ଶ୍ରୀରାମ ମଉସା, ମାମା, ମାମୁ, ମାଇଁ, ସାଇ, ଶ୍ରଦ୍ଧା ଓ ଇଶାନ୍ ।
ଧ-୭୩୮୩


## ନଦୀରେ ବୁଡ଼ିଯାଇ ୨୨ ମୃତ

**ପାଟନା,୮।୧୦**

ବିହାରରେ ଜୀବିତପୁତ୍ରିକା ଉତ୍ସବ ଅବସରରେ ନଦୀ ଓ ପୁଷ୍କରିଣୀରେ ଗାଧୋଇବା ବେଳେ ବୁଡ଼ିଯାଇ ୨୨ ଜଣଙ୍କ ମୃତ୍ୟୁ ଘଟିଛି। ଜୀବିତପୁତ୍ରିକା ଉତ୍ସବରେ ଭାଗନେଇଥିବା ମହିଳାମାନେ ସେମାନଙ୍କ ପିଲାମାନଙ୍କ କଲ୍ୟାଣ ପାଇଁ ଉପବାସ ପାଳନ କରିଥାନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ନଦୀ ଓ ବିଭିନ୍ନ ପୁଷ୍କରିଣୀରେ ଗାଧୋଇବା ବେଳେ ୨୨ ମହିଳାଙ୍କ ଜୀବନ ଯାଇଛି। ଏହି ଦୁଃଖଦ ଘଟଣାରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶୋକବ୍ୟକ୍ତ କରିବା ସହ ମୃତକମାନଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଭୋଜପୁର ଜିଲାରେ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜେହନାବାଦରେ ୪, ପାଟନା ଓ ରୋହତକରେ ୩ ଜଣ ଲେଖାଏ, ଦରଭଙ୍ଗା ଏବଂ ନୱାଦାରେ ୨ ଜଣ ଲେଖାଏ ପ୍ରାଣ ହରାଇଛନ୍ତି। ଏହା ବ୍ୟତୀତ କାଇମୁର, ମାଦେପୁରା ଓ ଔରଙ୍ଗାବାଦରେ ଜଣେ ଲେଖାଏ ଗାଧୋଇବା ବେଳେ ବୁଡ଼ିଯାଇ ଜୀବନ ହରାଇଛନ୍ତି।

## ନବୋଦୟ ବିଦ୍ୟାଳୟରେ ର୍‍ୟାଗିଂ: ବହୁ ପିଲା ଆହତ

**ପାଲଘର,୮।୧୦**

ମହାରାଷ୍ଟ୍ରର ପାଲଘରସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ର୍‍ୟାଗିଂ ଯୋଗୁ ବହୁ ପିଲା ଆହତ ହୋଇଥିବା ଜଣାପଡ଼ିଛି। ର୍‍ୟାଗିଂ ବେଳେ ସେମାନଙ୍କ ବରିଷ୍ଠ ଛାତ୍ରମାନେ ମାଡ଼ ମାରିଥିଲେ ବୋଲି ଅଭିଯୋଗ ହୋଇଛି। ଶନିବାର ଏହି ଘଟଣା ଜଣାପଡ଼ିବା ପରେ କର୍ତ୍ତୃପକ୍ଷ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ୧୦ ଜଣ ପିଲାଙ୍କ ଉପରେ ୫ ଛାତ୍ର ର୍‍ୟାଗିଂ କରିଥିବା ଅଭିଯୋଗ ହୋଇଛି। ତଦନ୍ତ ରିପୋର୍ଟ ମିଳିବା ପରେ ଦୋଷୀ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍କୁଲ୍ କର୍ତ୍ତୃପକ୍ଷ କହିଛନ୍ତି।

# ଭାରତ ବାହାରେ ସର୍ବବୃହତ୍ ହିନ୍ଦୁ ମନ୍ଦିର

**ନ୍ୟୁ ଜର୍ସିରେ ଅକ୍ଷରଧାମ୍ ମନ୍ଦିର ଉଦ୍‌ଘାଟିତ**

**ନୂଆଦିଲ୍ଲୀ,୮।୧୦**

ଭାରତ ବାହାରେ ବିଶ୍ୱର ସର୍ବବୃହତ୍ ଅତ୍ୟାଧୁନିକ ହିନ୍ଦୁ ମନ୍ଦିର ଆମେରିକାର ନ୍ୟୁ ଜର୍ସିରେ ନିର୍ମିତ ହୋଇଛି। ରବିବାର ଉକ୍ତ ୧୯୧ ଫୁଟ୍ ଉଚ୍ଚତା ବିଶିଷ୍ଟ ମନ୍ଦିର ଉଦ୍‌ଘାଟିତ ହେବା ପରେ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି। ନ୍ୟୁ ଜର୍ସିର ରବିନ୍‌ସଭିଲେରେ ଏହି ବିଶାଳ ଅକ୍ଷରଧାମ ମନ୍ଦିର ନିର୍ମାଣ ପାଇଁ କାରିଗର, ସ୍ୱେଚ୍ଛାସେବୀମାନଙ୍କୁ ୪୭ ଲକ୍ଷ ଘଣ୍ଟା ସମୟ ଲାଗିଛି। ବିଏପିଏସ୍ ସ୍ୱାମୀନାରାୟଣ ଅକ୍ଷରଧାମ୍ ମନ୍ଦିରର ସ୍ୱେଚ୍ଛାସେବୀମାନେ ଏହାର ଉଦ୍‌ଘାଟନ ଉତ୍ସବ ଆୟୋଜନ କରିଥିଲେ। ବିଏପିଏସ୍ ଆଧ୍ୟାତ୍ମିକ ଗୁରୁ ମହନ୍ତ ସ୍ୱାମୀ ମହାରାଜ ଉତ୍ସବର ନେତୃତ୍ୱ ନେଇଥିଲେ। ମନ୍ଦିର ନିର୍ମାଣରେ ଆମେରିକାର ୧୨,୫୦୦ ସ୍ୱେଚ୍ଛାସେବୀ ନିୟୋଜିତ ଥିଲେ। ଏହାର ନିର୍ମାଣ ୨୦୧୧ରୁ ଆରମ୍ଭ ହୋଇ ୨୦୨୩ରେ ଶେଷ ହୋଇଛି। ୧୮୩ ଏକର ଜମି ଉପରେ ନିର୍ମିତ ମନ୍ଦିରର ଦୈର୍ଘ୍ୟ ୩୪୫ ଫୁଟ୍ ହୋଇଥିବାବେଳେ ପ୍ରସ୍ଥ ୨୫୫ ଫୁଟ୍ ଏବଂ ଉଚ୍ଚତା ୧୯୧ ଫୁଟ୍। ଏଥିରେ ୪ ପ୍ରକାର ମାର୍ବଲ ଲାଗିଚି। ଇଟାଲୀରୁ ମାର୍ବଲ ଏବଂ ବୁଲଗେରିଆରୁ ଚୂନପଥର ପ୍ରଥମେ ଭାରତ ଅଣାଯାଇ କାରୁକାର୍ଯ୍ୟ କରାଯିବା ପରେ ନ୍ୟୁଜର୍ସି ନିଆଯାଇଥିଲା। ହିନ୍ଦୁ ଗ୍ରନ୍ଥ ଏବଂ ପୁରାତନ ଭାରତୀୟ ସଂସ୍କୃତି ଅନୁଯାୟୀ ଏହାର ଡିଜାଇନ କରାଯାଇଛି। ମନ୍ଦିରରେ ୧୦ ହଜାର ମୂର୍ତ୍ତି ରହିଛି। ଏଥିସହ ମନ୍ଦିର କାନ୍ଥରେ ଭାରତୀୟ ବାଦ୍ୟଯନ୍ତ୍ର ଓ ନୃତ୍ୟଶୈଳୀ ଖୋଦିତ ହୋଇଛି।



## ଆଇଏଏଫ୍ ଘାତକ, ଦୁର୍ଜୟ

**ବାୟୁସେନା ଦିବସରେ ରାଜନାଥଙ୍କ ବାର୍ତ୍ତା**

**ନୂଆଦିଲ୍ଲୀ,୮।୧୦(ପି.ଟି.)**

ବାୟୁସେନା ଦିବସ ଅବସରରେ ରବିବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ବାୟୁବୀର ଓ ସେମାନଙ୍କ ପରିବାରକୁ ଶୁଭେଚ୍ଛା ଜଣାଇଛନ୍ତି। ଭାରତୀୟ ବାୟୁସେନା (ଆଇଏଏଫ୍) ଆଜି ଅନ୍ୟତମ ଘାତକ ଓ ଦୁର୍ଜୟ ଶକ୍ତିରେ ପରିଣତ ହେବା ସହ ସୀମା ବାହାରେ ନିଜର ପରାକ୍ରମ ଦେଖାଇଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ୨୦୧୦ରେ ଅନରାରୀ ଭାବେ ଗ୍ରୁପ୍ କ୍ୟାପ୍‌ଟେନ୍ ର୍‍ୟାଙ୍କ୍ ପାଇଥିବା କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ଏହି ଅବସରରେ ବାୟୁସେନା ଯବାନମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭାରତୀୟ ବାୟୁସେନା ୧୯୩୨ ଅକ୍ଟୋବର ୮ରେ ଆନୁଷ୍ଠାନିକ ଭାବେ ଗଠନ ହୋଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଏହାର ଯବାନମାନଙ୍କ ବୀରତ୍ୱ ଓ ସଫଳତା ପାଇଁ ୧୯୪୫ ମାର୍ଚ୍ଚରେ ଏହାକୁ 'ରୟାଲ' ଉପାଧି ମିଳିଥିଲା ଓ ଏହାର ରୟାଲ ଇଣ୍ଡିଆନ୍ ଏୟାରଫୋର୍ସ ଭାବେ ନାମିତ ହୋଇଥିଲା। ୧୯୫୦ରେ ଭାରତ ସାଧାରଣତନ୍ତ୍ର ହେବା ପରେ ଆଇଏଏଫ୍ ରୟାଲ ଶବ୍ଦକୁ ବାଦ୍ ଦେଇଥିଲା। ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ୯୧ତମ ବାୟୁସେନା ଦିବସ ପାଳନ ଅବସରରେ ଚିଫ୍ ଅଫ୍ ଏୟାର ଷ୍ଟାଫ୍ ଏୟାର ଚିଫ୍ ମାର୍ଶାଲ ଭି.ଆର୍. ଚୌଧରୀ ବାୟୁସେନାର ନୂଆ ଲୋଗୋ ଉନ୍ମୋଚନ କରିଛନ୍ତି।


**Classified Everyday**
**0674-2580101, 2549949**



REAL ESTATE
**SALE**

Available resale plot at Hanspal, Rudrapur Surrounded quality building purchase gated Society at Nakhara/ Pahala, 9439363944. D-75230

ଭୁବନେଶ୍ୱର NH-16 ପିତାପଲ୍ଲୀରୁ 1 K.M. ମଧ୍ୟରେ Carmel School ପାଖରେ 30' road, boundary ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 9337166296, 9853474706. D-75233

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। (Bank Loan available) Excuse broker- 6370469894. D-75229

Duplex sale at Bhubaneswar @ 57 lakhs only. Contact: 9777433701. D-75232

3 stored Villa with terrace garden, Penthouse 2 parking 8000 sqft. super buildup 6.5 cr. Palasuni close to national Highway. Contact No.- 9437922289. D-1456

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar, NH16 ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ- 9658562429. D-75224

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ସ୍ଥିତିବାନ ବାସୋପଯୋଗୀ ପ୍ଲଟ୍ ସୁଲଭ ମୂଲ୍ୟରେ ବିକ୍ରିହେବ। (General/ SC) plot available. Contact: 9938066403/ 9438315973. D-1457

ଭୁବନେଶ୍ୱର ପାହାଳ ଜଗନ୍ନାଥ ମନ୍ଦିର Audi Showroom NH ପାଖରେ ଘରବାରି Boundary ପ୍ଲଟ୍ sqft.- 3200/- (ready for construction). 9178704897. D-75225

ଭୁବନେଶ୍ୱର ଗଙ୍ଗପଡ଼ା HP ପେଟ୍ରୋଲ୍‌ପମ୍ପ ନିକଟରେ sqft.-899/-, Adyanta College ପାଖରେ 750/- boundary, road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। 9861319999, 9658891108. D-75220

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot- 300/-. 7978663279. D-75231

Khurda ITBP & IRB ପାଖରେ Sthitiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

3212sqft.Gharabadi residential plot with boundary wall sale nearby "PHULNAKHARA CHHAKA". 9438279244. D-1464

Khurda- Bhubaneswar, ମଧ୍ୟରେ Pitapalli Chhakରେ Sthitiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ଏବଂ ଗଙ୍ଗପଡା ପାଖରେ ସ୍ଥିତିବାନ୍ possession plot କିଣି ଘର କରନ୍ତୁ। Contact: 9777067303. D-1513



CONSTRUCTION

Construct your home 850/-, 1340/- which includes Architecture structure along with 3 years FMC, provide BDA Plan approval, boring- SNV Construction- 9439295469. D-75226

**LEASE**

Warehouse for lease at hanspal. 9000 sqft, dock height, gated compound with all amenities. Whatsapp - 7205809501. D-1486




Relax, Refresh your body, Mind at Saikrupa Spa with best therapies. 8984068077. D-1502

Newly open Spa positively Health benefit with expert. Contact: 7749976301. D-1469

Full body massage by expert therapist positively health benefits. 9938843929. D-75153

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75046

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Padhy pest Controllers Bumper Offer for anti-termite treatment with 5years warranty @ 3.50per sqft. from 16.10.23 to 21.10.23. Contact: 9515883819. D-75154

**AFFIDAVIT**

By virtue of an affidavit before Executive Magistrate, Bhubaneswar I, Bishal Mallick, S/o Bijaya Kumar Mallick, residing at Village- Dahianta, P.O.- Sahira, P.S.- Aul, Dist.- Kendrapara to state that some certificates and documents my father's name wrongly printed as Bijay Kumar Mallick instead of Bijaya Kumar Mallick. I declare by this affidavit my father Bijaya Kumar Mallick and Bijay Kumar Mallick is one and same person. D-1520

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ**



**୰ଖୁଲଣା ବେହେରା**
ସ୍ୱାମୀ:ସନ୍ତୋଷ କୁମାର ବେହେରା
ବଇଣ୍ଡାଛକ, ଅନୁଗୋଳ
ଆବିର୍ଭାବ: ୨୨।୦୭।୧୯୫୫
ତିରୋଧାନ: ୦୯।୧୦।୨୦୨୧
ମାଆ, ତୁମର ଅନୁପସ୍ଥିତି ଆମ୍ଭମାନଙ୍କ ଜୀବନରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି, ଯାହା ଅପୂରଣୀୟ। ତୁମ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲପାଇବା ଆମ୍ଭମାନଙ୍କ ପାଇଁ ଚିର ସ୍ମରଣୀୟ। ଚାହୁଁ ଚାହୁଁ ତୁମେ ଛାଡି ଚାଲିଯିବାର ଦୁଇ ବର୍ଷ ବିତିଗଲାଣି। ତୁମେ ଯେଉଁଠି ବି ଥାଅ ଆମ୍ଭମାନଙ୍କ ଉପରେ ସଦା ସର୍ବଦା ତୁମର ଆଶୀର୍ବାଦ ଥାଉ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ପବିତ୍ର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛୁ। ଶୋକସନ୍ତପ୍ତ: ସ୍ୱାମୀ ସନ୍ତୋଷ, ପୁତ୍ର: ମାନସ, ରମେଶ, ଉମେଶ, ବୋହୂ: ମିତା, ବବି, ଝିଅ: ଡଲି, ଜ୍ୱାଇଁ: ଟୁକୁଲି, ନାତି: ପ୍ରଭୁ, ନାତୁଣୀ: ପ୍ରାଚୀ, ପାୟଲ, ପଲକ, ବେହେରା ପରିବାରବର୍ଗ।
ଧ-୧୫୨୨

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ନବୀନ ଚନ୍ଦ୍ର ହୋତା**
ଅନୁଗୋଳ ସରକାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର
ମାଧପୁର, ଆଠମଲ୍ଲିକ
ଆବିର୍ଭାବ: ୦୧।୧୦।୧୯୪୭
ତିରୋଧାନ: ୨୯।୦୯।୨୦୨୩
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ସ୍ତ୍ରୀ: କିରଣବାଳା ହୋତା, ପୁଅ ଋଷଭ ତ୍ରିପାଠୀ, ଝିଅ: ମଧୁସ୍ମିତା, ମୋନାଲିସା, ମୌସୁମୀ, ମିନାକ୍ଷୀ, ମନୀଷା ଏବଂ ନାତି, ନାତୁଣୀ ଓ ପରିବାରବର୍ଗ ।
ଧ-୧୫୧୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସତପଥି ଖମାରୀ**
ବୁଗବୁଗା (ଗହ୍ଲାଟିକ୍ରା), ଅତାବିରା, ବରଗଡ଼
ଆବିର୍ଭାବ: ୧୫।୦୭।୧୯୩୭
ତିରୋଧାନ: ୨୬।୦୯।୨୦୨୩
ଆଜି ଗଙ୍ଗାଶ୍ରାଦ୍ଧରେ ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-ଶୋକସନ୍ତପ୍ତ-
ଖମାରୀ ପରିବାରବର୍ଗ।
ଧ-୧୫୨୧

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଚାଇନା ସୀମାରେ ନିୟୋଜିତ ହେଲେ ମାଣ୍ଡାରିନ୍ ବିଶେଷଜ୍ଞ

**ନୂଆଦିଲ୍ଲୀ,୮।୧୦**

ଭାରତ ଏବଂ ଚାଇନା ମଧ୍ୟରେ ସୀମା ବିବାଦକୁ ନେଇ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଅନେକ ପର୍ଯ୍ୟାୟ ଆଲୋଚନା ଜାରି ରହିଥିବାରୁ ଟେରିଟୋରିଆଲ ଆର୍ମି ସୀମାରେ ମାଣ୍ଡାରିନ୍ ଭାଷା ବିଶେଷଜ୍ଞଙ୍କୁ ନିଯୁକ୍ତି ଦେଇଛି। ଭାରତୀୟ ସେନାର ଟେରିଟୋରିଆଲ ଆର୍ମି ଚାଇନା ପାର୍ଶ୍ୱରେ ଭାରତର ସୁରକ୍ଷା ପାଇଁ ନିୟୋଜିତ ଅଛନ୍ତି। ମାଣ୍ଡାରିନ୍ ଭାଷା ବିଶେଷଜ୍ଞମାନେ ଭାରତ ଓ ଚାଇନା ସେନା ମଧ୍ୟରେ ଆଲୋଚନା ବେଳେ ଦ୍ୱିଭାଷୀର ଭୂମିକା ନିଭାଇବେ। ବର୍ତ୍ତମାନର ସ୍ଥିତିକୁ ନଜରରେ ରଖି ଟେରିଟୋରିଆଲ ଆର୍ମି ସାଇବର ବିଶେଷଜ୍ଞମାନଙ୍କୁ ନିୟୋଜିତ କରିବାକୁ ଯୋଜନା ଚଳାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ମଞ୍ଜୁରୀ ମିଳିବା ପରେ ଚଳିତ ମାସରେ ସେମାନଙ୍କୁ ନିଯୁକ୍ତ କରାଯିବ। ଟେରିଟୋରିଆଲ ଆର୍ମି ଯୁଦ୍ଧ ଓ ଶାନ୍ତି ସମୟରେ ଦେଶ ପାଇଁ କାର୍ଯ୍ୟ କରିଆସିଛି। ସୋମବାର ଏହା ୭୪ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଛି।

## ଇଜିପ୍ଟ ପୋଲିସ ଗୁଳିରେ ୨ ଇସ୍ରାଏଲୀ ପର୍ଯ୍ୟଟକ ମୃତ

**କାଇରୋ,୮।୧୦**

ଇଜିପ୍ଟର ଆଲେକ୍‌ଜାଣ୍ଡ୍ରିଆ ସହରରେ ଜଣେ ପୋଲିସ ଅଫିସର ରବିବାର ଇସ୍ରାଏଲୀ ପର୍ଯ୍ୟଟକମାନଙ୍କ ଏକ ଗ୍ରୁପ୍ ଉପରକୁ ଗୁଳି ଚଳାଇଥିଲେ। ଏଥିରେ ୨ ଇସ୍ରାଏଲୀ ଏବଂ ଜଣେ ଇଜିପ୍ଟ ନାଗରିକ ପ୍ରାଣ ହରାଇଛନ୍ତି। ଶନିବାରଠାରୁ ପାଲେଷ୍ଟାଇନ୍‌ର ହମାସ ଏବଂ ଇସ୍ରାଏଲୀ ସେନା ମଧ୍ୟରେ ସଂଘର୍ଷ ଲାଗିରହିଥିବାବେଳେ ଇଜିପ୍ଟରେ ୨ ଇସ୍ରାଏଲୀ ପର୍ଯ୍ୟଟକଙ୍କୁ ହତ୍ୟା କରାଯାଇଛି। ପୋଲିସ ଅଫିସରଙ୍କ ଗୁଳିରେ ଅନ୍ୟ ଜଣେ ଆହତ ହୋଇଛନ୍ତି। ସନ୍ଦିଗ୍ଧ ଆକ୍ରମଣକାରୀଙ୍କୁ ସୁରକ୍ଷା ବଳ ଅଟକ ରଖିଛି।

# ଏସିଆନ୍ ଗେମ୍ସର ରଙ୍ଗାରଙ୍ଗ ଉଦ୍‌ଯାପନ



ଏସିଆନ୍ ଗେମ୍ସର ଉଦ୍‌ଯାପନୀ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ତ୍ରିରଙ୍ଗା ସହ ପି.ଆର୍. ଶ୍ରୀଜେଶ।

## ମନମୋହିଲା ଲାଇଟ, ସାଉଣ୍ଡ ଶୋ'

ହାଙ୍ଗଝୋ,୮।୧୦(ପି.ଟି.)

ଚୀନ୍‌ର ହାଙ୍ଗଝୋରେ ଅନୁଷ୍ଠିତ ଏସିଆନ୍ ଗେମ୍ସ ଲାଇଟ୍ ଓ ସାଉଣ୍ଡ ଶୋର ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଉଦ୍‌ଯାପିତ ହୋଇଛି। ୪୫ ଅଂଶଗ୍ରହଣକାରୀ ରାଷ୍ଟ୍ରର ଆଥଲେଟ ଓ ୮୦ ହଜାର ଦର୍ଶକଙ୍କ ଉପସ୍ଥିତିରେ 'ବିଗ୍ ଲୋଟସ୍ ଷ୍ଟାଡିୟମ'ରେ ପ୍ରାୟ ୭୫ ମିନିଟ ଧରି ଏହି କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ଦୁଇ ସପ୍ତାହ ଧରି ବିଭିନ୍ନ କ୍ରୀଡା ଇଭେଣ୍ଟ ଆୟୋଜିତ ହେବା ପରେ ଗେମ୍ସ ଭିଲେଜକୁ ବିଦାୟ ଜଣାଇଛନ୍ତି ସମସ୍ତ ଆଥଲେଟ୍ । କ୍ରୀଡା ଓ ଚାଇନାର ସଂସ୍କୃତିକୁ ନେଇ ଉଦ୍‌ଯାପନୀ ଉତ୍ସବର କାର୍ଯ୍ୟକ୍ରମ ପର୍ଯ୍ୟବେସିତ ଥିଲା। ଅଲିମ୍ପିକ୍ସ କାଉନ୍‌ସିଲ୍ ଅଫ୍ ଏସିଆର କାର୍ଯ୍ୟକାରୀ ମୁଖ୍ୟ ରଣଧୀର ସିଂ ଓ ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ଉପସ୍ଥିତ ଥିଲେ। ପାରମ୍ପରିକ ଭାବରେ ୧୯ ତମ ଏସିଆନ୍ ଗେମ୍ସ ସମାପ୍ତ ହୋଇଥିବା ନେଇ ରଣଧୀର ଘୋଷଣା କରିଥିଲେ। ଏହା ସହିତ ୨୦ତମ ଏସିଆନ୍ ଗେମ୍ସ ଜାପାନର ଆଇଚି ନାଗୋୟାରେ ଅନୁଷ୍ଠିତ ହେବ ବୋଲି ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଥିଲ।୨୦୧ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୭୧ ବ୍ରୋଞ୍ଜ ସହିତ ଆୟୋଜକ ଚାଇନା ପ୍ରଥମ ସ୍ଥାନରେ ରହିଥିବା ବେଳେ ଜାପାନ ଦ୍ୱିତୀୟ ଓ ଦକ୍ଷିଣ କୋରିଆ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଭାରତ ଚଳିତ ବର୍ଷ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବା ସହିତ ୧୦୭ ପଦକ ହାସଲ କରି ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଏହା ମଧ୍ୟରେ ୨୮ ସ୍ୱର୍ଣ୍ଣ, ୩୮ ରୌପ୍ୟ ଓ ୪୧ ବ୍ରୋଞ୍ଜ ପଦକ ରହିଛି। ୧୬ ଦିନର ଏହି ମେଗା ଇଭେଣ୍ଟରେ ୧୩ ବିଶ୍ୱ ରେକର୍ଡ, ୨୬ଟି ଏସିଆନ୍ ରେକର୍ଡ ହୋଇଥିବା ବେଳେ ୯୭ ଗେମ୍ସ ରେକର୍ଡ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ହକି ଦଳର ଗୋଲକିପର ପି.ଆର. ଶ୍ରୀଜେସ ଧ୍ୱଜାବାହକ ସାଜିଥିଲେ। ଶେଷରେ ୧୯୫୧ ଏସିଆନ୍ ଗେମ୍ସର ମଶାଲ ଆଇଚି ନାଗୋୟା ଗଭର୍ନରଙ୍କୁ ପ୍ରଦାନ କରାଯାଇଥିଲା।




ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅବସରରେ କଳାକାରମାନେ।




ୱିପ୍ରୋ ପକ୍ଷରୁ ରବିବାର ଭୁବନେଶ୍ୱରରେ ଅନୁଷ୍ଠିତ ଗଣଦୌଡ଼।

## ଦ୍ରୁତତମ ଶତକ ରେକର୍ଡ

ଆଡିଲେଡ୍,୮।୧୦(ପି.ଟି.)

ପ୍ରଥମ ଶ୍ରେଣୀ ଦିନିକିଆ କ୍ରିକେଟରେ ଦ୍ରୁତତମ ଶତକ ରେକର୍ଡ କରିଛନ୍ତି ଦକ୍ଷିଣ ଅଷ୍ଟ୍ରେଲିଆର ଜେକ୍ ଫ୍ରେଜର୍ ମ୍ୟାକଗର୍କ। ମାତ୍ର ୨୯ ବଲ୍‌ରୁ ଜେକ୍ ଶତକ ହାସଲ କରିବା ସହ ଏବି ଡିଭିଲିୟର୍ସଙ୍କ ରେକର୍ଡ ଭାଙ୍ଗିଥିଲେ। ଡିଭିଲିୟର୍ସ ୨୦୧୫ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ମାତ୍ର ୩୧ ବଲ୍‌ରେ ଶତକ ଅର୍ଜନ କରିଥିଲେ। ଦକ୍ଷିଣ ଅଷ୍ଟ୍ରେଲିଆ ପକ୍ଷରୁ ଖେଳୁଥିବା ଜେକ୍ ଟାସ୍‌ମାନିଆ ବିପକ୍ଷରେ ଏହି ରେକର୍ଡ କରିଛନ୍ତି।

## ଅଲିମ୍ପିକ୍ସ ବିଡ୍‌ର ସମୟ ଆସିଛି: ଉଷା

ହାଙ୍ଗଝୋ,୮।୧୦(ପି.ଟି.)

ଏସିଆନ୍ ଗେମ୍ସରେ ଭାରତର ରେକର୍ଡ ସଫଳତା ପରେ ବର୍ତ୍ତମାନ ଦେଶ ଅଲିମ୍ପିକ୍ସ ହୋଷ୍ଟ କରିବା ପାଇଁ ପ୍ରସ୍ତୁତ ବୋଲି କହିଛନ୍ତି ଭାରତୀୟ ଅଲିମ୍ପିକ୍ସ ମହାସଂଘ (ଆଇଓଏ) ସଭାପତି ତଥା ଦୌଡ଼ରାଣୀ ପି.ଟି. ଉଷା। ଏହା ସହ ଭାରତ ସରକାର ୨୦୩୬ରେ ଅଲିମ୍ପିକ୍ସ ଆୟୋଜନ ପାଇଁ ବିଡ୍ ଦାଖଲ କରିବେ ବୋଲି ସେ କହିଛନ୍ତି। ୨୦୧୮ ଜାକର୍ତ୍ତା ଗେମ୍ସ ଅପେକ୍ଷା ଭାରତ ୩୭ଟି ଅଧିକ ପଦକ ହାସଲ କରିଛି। ବିଗତ ସଂସ୍କରଣରେ ଭାରତ ସମୁଦାୟ ୭୦ ପଦକ ହାସଲ କରିଥିବା ବେଳେ ଚଳିତ ସଂସ୍କରଣରେ ୧୦୭ ପଦକ ହାସଲ କରିଛି। ଭାରତୀୟ ଆଥ୍‌ଲେଟମାନେ ୨୮ ସ୍ୱର୍ଣ୍ଣ ସମେତ ୩୮ ରୌପ୍ୟ ଓ ୪୧ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହି ସଫଳତାର ଶ୍ରେୟ ଉଷା କୋଚ୍, ଆଥ୍‌ଲେଟ ଓ ଅନ୍ୟାନ୍ୟ ଅଫିସିଆଲମାନଙ୍କୁ ଦେଇଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ବର୍ତ୍ତମାନ ଦୁଇ ଅଙ୍କ ସଂଖ୍ୟାର ପଦକ ହାସଲ କରିବା ପ୍ରଥମ ଲକ୍ଷ୍ୟ ରହିବ ବୋଲି ଉଷା କହିଛନ୍ତି। ସରକାର କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ପାଇଁ ବଦ୍ଧପରିକର ରହିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ୟକ୍ତିଗତ ଭାବରେ କ୍ରୀଡ଼ାର ଉନ୍ନତି ପାଇଁ ପ୍ରୟାସରତ। ୨୦୩୬ ଅଲିମ୍ପିକ୍ସ ପାଇଁ ବିଡ୍ ଦାଖଲ କରିବାର ଏହା ପ୍ରକୃଷ୍ଟ ସମୟ ବୋଲି ଉଷା କହିଛନ୍ତି। ପ୍ୟାରିସ୍‌ରେ ଦଳ ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସରେ ଭଲ ପଦକସଂଖ୍ୟା ରହିଲେ ଆୟୋଜନର ଦାବି ପୂରଣ ହୋଇପାରିବ ବୋଲି ଉଷା କହିଛନ୍ତି। ଅକ୍ଟୋବର ୧୫-୧୭ ମଧ୍ୟରେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କାଉନ୍‌ସିଲର ବୈଠକ ମୁମ୍ବାଇରେ ହେବାକୁ ଥିବାବେଳେ ସରକାର ଏହି ଦାବି ଉପସ୍ଥାପନ କରିବେ ବୋଲି ଜଣାପଡିଛି।

## ଚେସ୍ ଇନ ସ୍କୁଲ ଶୀର୍ଷକ କର୍ମଶାଳା

ଭୁବନେଶ୍ୱର, ୮।୧୦
(ତପନ ସ୍ୱାଇଁ)

### ଏକ ସମୟରେ ୨୦ ଜଣଙ୍କ ସହ ଚେସ ଖେଳିଲେ ଗ୍ରାଣ୍ଡ ମାଷ୍ଟର ଏସ. କିଦାମ୍ବି

କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ରବିବାର କଳିଙ୍ଗ ଷ୍ଟାଡିୟମ ସ୍ଥିତ ଟେନିସ ସେଣ୍ଟର ଅଡିଟୋରିୟମଠାରେ ଚେସ-ଇନ-ସ୍କୁଲ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ଶାସନ ସଚିବ ଶୁଭ୍ରାଂଶୁ ମିଶ୍ରଙ୍କ ସମେତ ସର୍ବଭାରତୀୟ ଚେସ ମହାସଂଘ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ଅଲ ଓଡିଶା ଚେସ ଆସୋସିଏସନ ସମ୍ପାଦକ ଦେବବ୍ରତ ଭଞ୍ଜ, ଗ୍ରାଣ୍ଡ ମାଷ୍ଟର ସୁନ୍ଦରରାଜନ କିଦାମ୍ବି, ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ, ଚେସ ବେସ ଇଣ୍ଡିଆର ସିଇଓ ତଥା ଆଇଏମ ସାଗର ସାହା, ଲି ଚେସ ଡଟ୍ କମ୍‌ର ଥେଇପୋଲିସ ୱାଇଟ ଏବଂ ଆଇଏମ ରାକେଶ ଜେନା ପ୍ରମୁଖ ଅଂଶ ଗ୍ରହଣ କରି ବିଦ୍ୟାଳୟ ସ୍ତରରୁ କିଭଳି ଚେସର ଉନ୍ନତି ହୋଇ ପାରିବ ସେ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

ଏହି କର୍ମଶାଳାରେ ସର୍ବଭାରତୀୟ ଚେସ ମହାସଂଘ, ଅଲ ଓଡିଶା ଚେସ ଆସୋସିଏଶନ, ଓସେପା ଏବଂ ରାଜ୍ୟ ଚେସ ସଂଘ ଜିଲା ପ୍ରତିନିଧି ଓ ଖେଳାଳି ମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଚେନାଇର ଗ୍ରାଣ୍ଡ ମାଷ୍ଟର ସୁନ୍ଦରରାଜନ କିଦାମ୍ବି ଏକ ସମୟରେ ୨୦ ଜଣ ଖେଳାଳିଙ୍କ ସହ ଚେସ ଖେଳିଥିଲେ । କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ଶାସନ ସଚିବ ଶୁଭ୍ରାଂଶୁ ମିଶ୍ର, ପ୍ରୋ-ଚେସ-ଟା ପ୍ରଶାସକ ତଥା ଆଇଏମ ଏସ. ସତ୍ୟପ୍ରଜ୍ଞ ଏବଂ ଓଏସଡି ସ୍ୱରୂପ ନନ୍ଦନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା ।



ପିଲାମାନଙ୍କ ସହ ଖେଳିବା ଅବସରରେ ଏସ୍. କିଦାମ୍ବି। (ଫଟୋ: ବିକାଶ ନାୟକ)

## ସିଆଇଏସ୍‌ସିଇ ଜାତୀୟ ଫୁଟ୍‌ବଲ ଉଦ୍‌ଯାପିତ

ଭୁବନେଶ୍ୱର, ୮।୧୦ (ବିଜୟ ରଣା)

ସିଆଇଏସ୍‌ସିଇ ନ୍ୟାଶନାଲ ଗେମ୍ସ ଆଣ୍ଡ ସ୍ପୋର୍ଟ୍ସ ଅନ୍ତର୍ଗତ ୧୯ ବର୍ଷରୁ କମ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ କେରଳକୁ ୨-୦ ଗୋଲରେ ହରାଇ ମହାରାଷ୍ଟ୍ର ଚାମ୍ପିୟନ ହୋଇଛି। ମହାରାଷ୍ଟ୍ର ବନାମ ଉତ୍ତର ଭାରତ ଏବଂ କେରଳ ବନାମ ତାମିଲନାଡୁ ମଧ୍ୟରେ ସେମିଫାଇନାଲ ଦୁଇଟି ଅନୁଷ୍ଠିତ ହୋଇଥିଲା। ଏଥିରେ ମହାରାଷ୍ଟ୍ର ଓ କେରଳ ବିଜୟୀ ହୋଇଥିଲେ। ପରେ ପ୍ଲେ-ଅଫ୍‌ରେ ଉତ୍ତର ଭାରତକୁ ହରାଇ ତାମିଲନାଡୁ ତୃତୀୟ ସ୍ଥାନ ଅଧିକାର କରିଛି।

ରବିବାର ମ୍ୟାଚ୍‌ରେ ଜଏଣ୍ଟ ସ୍ପୋର୍ଟ୍ସ କୋଅର୍ଡିନେଟର୍ ସିନିୟର ବୀଣା ଭର୍‌ଗିଜ୍, ଓଡ଼ିଶା ଆଞ୍ଚଳିକ କ୍ରୀଡ଼ା ଉପ ସମିତିର ସଦସ୍ୟ ବ୍ରଦର ଥୋମାସ୍ ଜନ୍, ସିଆଇଏସ୍‌ସିଇ ଅବଜରଭର ଅଭିରା ଦାସ୍‌ଙ୍କ ସମେତ ଆୟୋଜକ ବିଦ୍ୟାଳୟର ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଶିବ ଶଙ୍କର ପଣ୍ଡା, ଚନ୍ଦ୍ରକାନ୍ତ ବାରିକ, ଶେଖାୱତ ଖାନ୍ ଓ ଦୁର୍ଗାମାଧବ ଆଚାର୍ଯ୍ୟ ପ୍ରମୁଖ ମ୍ୟାଚ ଅଫିସିଆଲ ଏବଂ ଦୁର୍ଗାମାଧବ ନାୟକ ଓ ସୁଜିତ କୁମାର ପାତ୍ର ମ୍ୟାଚ କମିଶନର ଦାୟିତ୍ୱରେ ଥିଲେ। ସିଲେକ୍ଟର ଭାବେ ଆର୍.ଆଇ ଟିଗା ଓ ମାନସ ସାମଲ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଜେତା ମହାରାଷ୍ଟ୍ର ଟିମ୍‌କୁ ରୁଚିକା ସ୍କୁଲ୍‌ର ପ୍ରିନ୍ସିପାଲ ଲୀନା ଖୁରାନା, ସିଷ୍ଟର୍ ବୀଣା ଭରଗିଜ୍, ବ୍ରଦର୍ ଥୋମାସ୍ ଜନ୍ ଓ ବିଦ୍ୟାଳୟର ଅଧକ୍ଷ ଗୁରୁପ୍ରୀତ ସିଂ ଖୁରାନା ପୁରସ୍କୃତ କରିଥିଲେ। ୧ମ ରନର୍-ଅପ୍ ଟିମ୍ କେରଳକୁ ଲୀନା ଖୁରାନା ଓ ସିଷ୍ଟର୍ ବୀଣା ଭର୍‌ଗିଜ୍ ଏବଂ ୨ୟ ରନର୍‌ଅପ୍ ଟିମ୍ ତାମିଲନାଡୁକୁ ବ୍ରଦର୍ ଥୋମାସ୍ ଜନ୍ ଓ ଗୁରୁପ୍ରୀତ ସିଂ ଖୁରାନା ପୁରସ୍କୃତ କରିଥିଲେ।




ଚାମ୍ପିୟନ କର୍ନାଟକ ଦଳର ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।



# ବିଜୟ ସହ ଭାରତର ଅଭିଯାନ

ଚେନ୍ନାଇ, ୮।୧୦

ଚେନ୍ନାଇର ଚେପକ୍ ଷ୍ଟାଡିୟମରେ ବିଜୟ ସହ ଭାରତ ଦିନିକିଆ କ୍ରିକେଟ ବିଶ୍ୱକପ ଅଭିଯାନ ଆରମ୍ଭ କରିଛି। ବିରାଟ କୋହଲି ଓ ଲୋକେଶ ରାହୁଲଙ୍କ ଶତକୀୟ ଭାଗୀଦାରି ବଳରେ ଘରୋଇ ଦଳ ରବିବାର ଅଷ୍ଟ୍ରେଲିଆକୁ ୬ ଉଇକେଟରେ ପରାସ୍ତ କରିଛି। ସ୍ପିନ୍ ଟ୍ରାକ୍‌ରେ ଭାରତୀୟ ବୋଲରଙ୍କୁ ଉଚିତ ମୁକାବିଲା କରି ନ ପାରି ଅଷ୍ଟ୍ରେଲିଆ ୪୯. ୩ ଓଭରରେ ୧୯୯ ରନକରି ଅଲ୍‌ଆଉଟ ହୋଇଥିଲା। ଭାରତ ୪୧.୨ ଓଭରରେ ୪ ଉଇକେଟ ହରାଇ ୨୦୧ ରନ ସଂଗ୍ରହ କରି ନେଇଥିଲା। ୯୭ ରନ୍‌ରେ ଅପରାଜିତ ରହିଥିବା ଲୋକେଶ ରାହୁଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୨୦୦ ରନ ବିଜୟ ଲକ୍ଷ୍ୟର ପିଛା କରି ଭାରତ ମାତ୍ର ୨ ରନରେ ୩ଟି ଉଇକେଟ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟାୟର ସମ୍ମୁଖୀନ ହୋଇଥିଲା। ଓପନର ଅଧିନାୟକ ରୋହିତ ଶର୍ମା ଓ ଇଶାନ କିଶନ ଏବଂ ୪ ନମ୍ବର ବ୍ୟାଟର ଶ୍ରେୟସ ଆୟର ଖାତା ଖୋଲିପାରି ନ ଥିଲେ। ଜୋଶ୍ ହାଜେଲଉଡ୍ ଓ ମିଚେଲ ଷ୍ଟାର୍କ ଘାତକ ବୋଲିଂ କରି ଭାରତକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ମାତ୍ର ଦୁଇ ନିର୍ଭରଯୋଗ୍ୟ ବ୍ୟାଟର ବିରାଟ କୋହଲି ଏବଂ ଲୋକେଶ ରାହୁଲ କେବଳ ଯେ ଇନିଂସ ସମ୍ଭାଳିଥିଲେ ତା' ନୁହେଁ ଦୃଢ଼ ବ୍ୟାଟିଂ କରି ଭାରତକୁ ବିଜୟ ଦିଗରେ ଅଗ୍ରସର କରାଇଥିଲେ। ୭.୩ ଓଭରରେ ଦଳୀୟ ସ୍କୋର ୨୦ ଥିବାବେଳେ ହାଜେଲଉଡ୍‌ଙ୍କ ବଲ୍‌ରେ କ୍ୟାଚ ଦେଇଥିଲେ କୋହଲି। ମାତ୍ର ମିଚେଲ ମାର୍ଶ ତାହା ଡ୍ରପ୍ କରିଥିଲେ। କୋହଲି ସେତେବେଳେ ମାତ୍ର ୧୨ ରନ କରିଥିଲେ। ଏହା ଅଷ୍ଟ୍ରେଲିଆ ପାଇଁ ମହଙ୍ଗା ପଡ଼ିଥିଲା। ଆଉ ପଛକୁ ଫେରି ଚାହିଁ ନ ଥିଲେ ବିରାଟ। ସେ ୪ର୍ଥ ଉଇକେଟରେ ରାହୁଲଙ୍କ ସହ ୧୬୫ ରନର ଭାଗୀଦାରି ଗଢ଼ି ଭାରତକୁ ବିଜୟ ଦ୍ୱାରରେ ପହଞ୍ଚାଇ ଦେଇଥିଲେ। ବିଶ୍ୱକପରେ ୪ର୍ଥ ଉଇକେଟରେ ଭାରତର ଏହାଥିଲା ଦ୍ୱିତୀୟ ସର୍ବାଧିକ ଭାଗୀଦାରି। ୨୦୧୫ରେ ଅକ୍‌ଲାଣ୍ଡଠାରେ ଜିମ୍ବାୱେ ବିପକ୍ଷରେ ମହେନ୍ଦ୍ର ସିଂ ଧୋନୀ ଓ ସୁରେଶ ରାଇନା ୧୯୬* ରନ ସଂଗ୍ରହ କରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ୧୧୬ଟି ବଲ୍‌ର ସମ୍ମୁଖୀନ ହୋଇଥିବା କୋହଲି ୬ ଚୌକା ସହାୟତାରେ ୮୫ ରନ କରିଥିଲେ। ଅନ୍ୟପକ୍ଷରେ ୧୧୫ ବଲ୍‌ର ସମ୍ମୁଖୀନ ହୋଇଥିବା ରାହୁଲ ୮ ଚୌକା ଓ ୨ ଛକା ସହାୟତାରେ ୯୭ ରନକରି ଅପରାଜିତ ରହିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୮ ବଲ୍‌ରୁ ୧୧* (୧ ଛକା) ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ୍ ହାଜେଲଉଡ୍ ୩ଟି ଓ ମିଚେଲ ଷ୍ଟାର୍କ ଗୋଟିଏ ଉଇକେଟ ନେଇଥିଲେ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଅଷ୍ଟ୍ରେଲିଆ। ସ୍କୋର ମାତ୍ର ୫ ହୋଇଥିବାବେଳେ ଓପନର ମିଚେଶ ମାର୍ଶ(୦)ଙ୍କୁ ବିରାଟ କୋହଲିଙ୍କ ହାତରେ କ୍ୟାଚ କରାଇ ଏହି ଦଳକୁ ଶକ୍ତ ଝଟ୍‌କା ଦେଇଥିଲେ ଯଶପ୍ରୀତ୍ ବୁମ୍‌ରା। ଏଥିସହ କୋହଲି ବିଶ୍ୱକପରେ ସର୍ବାଧିକ କ୍ୟାଚ ହାସଲକାରୀ ହୋଇ ଯାଇଥିଲେ। ସେ ୧୫ତମ କ୍ୟାଚ ନେଇ ଅନିଲ କୁମ୍ବଲେ (୧୪ କ୍ୟାଚ)ଙ୍କ ନାମରେ ଥିବା ରେକର୍ଡକୁ ଭାଙ୍ଗିଥିଲେ। ଡେଭିଓ ୱାର୍ନର ଓ ଷ୍ଟିଭ୍ ସ୍ମିଥ୍ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳିଥିଲେ। ଦ୍ୱିତୀୟ ଉଇକେଟରେ ୬୯ ରନ ଯୋଗ ହେବାପରେ କଟ୍ ଆଣ୍ଡ ବୋଲ୍ଡ କରି ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ ସ୍ପିନର କୁଲଦୀପ ଯାଦବ। ୱାର୍ନର ନିଜର ୪୧ ରନର ଇନିଂସ ମଧ୍ୟରେ ବିଶ୍ୱକପରେ ୧୦୦୦ ରନ ପୂରଣ କରିଥିଲେ। କେବଳ ସେତିକି ନୁହେଁ ସେ ଦ୍ରୁତ ୧୦୦୦ ରନ ପୂରଣ ରେକର୍ଡର ମଧ୍ୟ ଅଧିକାରୀ ହୋଇଥିଲେ। ସେ ମାତ୍ର ୧୯ ମ୍ୟାଚରୁ ଏହି ମାଇଲ୍‌ଖୁଣ୍ଟ ସ୍ପର୍ଶ କରି ସଚିନ ତେନ୍ଦୁଲକର ଓ ଏବି ଡିଭିଲର୍ସ (୨୦ ମ୍ୟାଚ) ରେକର୍ଡକୁ ଭାଙ୍ଗିଥିଲେ। ମ୍ୟାଚ ଆଗେଇବା ସହ ଚେପକ୍‌ର ଟର୍ନିଂ ଟ୍ରାକ୍‌ରେ ଭାରତୀୟ ସ୍ପିନରମାନେ ପ୍ରଭାବୀ ବୋଲିଂ କରିଥିଲେ। ଫଳରେ ଅଷ୍ଟ୍ରେଲୀୟ ବ୍ୟାଟରମାନେ ରନ ସଂଗ୍ରହ ପାଇଁ ସଂଘର୍ଷ କରିଥିଲେ। ଆତ୍ମବିଶ୍ୱାସର ସହ ଖେଳୁଥିବା ସ୍ମିଥ୍‌ଙ୍କୁ ରବୀନ୍ଦ୍ର ଜାଡେଜା କ୍ଲିନ ବୋଲ୍ଡ କରିଦେବାପରେ ଅଷ୍ଟ୍ରେଲିଆ ଇନିଂସ ଆହୁରି ଧିମେଇ ଯାଇଥିଲା। ସ୍ମିଥ୍ ୭୧ ବଲ୍‌ରୁ ୪୬ ରନ କରିଥିଲେ। ମିଡିଲ ଅର୍ଡରରେ ମାର୍ନସ ଲାବୁସେନ ୨୭ ଓ ଗ୍ଲେନ୍ ମ୍ୟାକ୍ସୱେଲ ୧୫ ରନ କରିବାକୁ ସକ୍ଷମ ହୋଇଥିବାବେଳେ ଆଲେକ୍ସ କାରେ ଖାତା ଖୋଲିପାରି ନ ଥିଲେ। ଲୋୟର ଅର୍ଡରରେ ମିଚେଲ ଷ୍ଟାର୍କ ୨୮ ରନ କରିବାରୁ ଅଷ୍ଟ୍ରେଲିଆ ସ୍କୋର ୨୦୦ ନିକଟତର ହୋଇ ପାରିଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା ସର୍ବାଧିକ ୩ଟି, କୁଲଦୀପ ଯାଦବ ଓ ଯଶପ୍ରୀତ୍ ବୁମ୍‌ରା ୨ଟି ଲେଖାଏ ଏବଂ ମହମ୍ମଦ ସିରାଜ, ହାର୍ଦ୍ଦିକ ପାଣ୍ଡ୍ୟା ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। କୌଣସି ଭାରତୀୟ ବୋଲର ଉଇକେଟ ଶୂନ୍ୟ ରହି ନ ଥିଲେ।



ଉଇକେଟ ନେବା ପରେ ରବୀନ୍ଦ୍ର ଜାଡେଜାଙ୍କ ପ୍ରତିକ୍ରିୟା।

## ଦିନିକିଆ ବିଶ୍ୱକପ

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ନ୍ୟୁଜିଲାଣ୍ଡ ବନାମ ନେଦରଲାଣ୍ଡ୍ସ**

ସ୍ଥାନ: ହାଇଦ୍ରାବାଦ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ସହ ଲୋକେଶ ରାହୁଲ।

## ସୁରକ୍ଷା ବଳୟ ଭାଙ୍ଗିଲେ ଜାର୍ଭୋ

ଚେନ୍ନାଇ,୮।୧୦(ପି.ଟି.)

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ ମ୍ୟାଚରେ ପୁଣି ଥରେ ସୁରକ୍ଷା ବଳୟ ଭାଙ୍ଗି ପଡ଼ିଆରେ ପ୍ରବେଶ କରିଛନ୍ତି ପ୍ରାଙ୍କଷ୍ଟର ତଥା ୟୁଟ୍ୟୁବର ଡାନିଏଲ ଜାର୍ଭିସ୍। ଚେନ୍ନାଇର ଏମ୍ ଏ ଚିଦାମ୍ବରମ ଷ୍ଟାଡିୟମରେ ୬୯ ନମ୍ବରର ଜର୍ସି ପିନ୍ଧି ଜାର୍ଭୋ ପଡିଆରେ ପ୍ରବେଶ କରିଥିଲେ। ଏହା ସହିତ ଜାର୍ଭୋ ବିଶ୍ୱକପର ଅନ୍ୟ କୌଣସି ମ୍ୟାଚ୍ ଦେଖିବା ଉପରେ ଆଇସିସି ପ୍ରତିବନ୍ଧକ ଲଗାଇଛି। ଏହା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାରତୀୟ ଅଧିକାରୀଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଜାର୍ଭୋ ଚତୁର୍ଥ ଥର ପାଇଁ ଏକ ମ୍ୟାଚ ଅଧାରେ ପଡିଆରେ ପ୍ରବେଶ କରିଛନ୍ତି। ୨୦୨୧ରେ ଇଂଲଣ୍ଡର ବିଭିନ୍ନ ଭେନ୍ୟୁରେ ଏଭଳି ଆଚରଣ ପ୍ରଦର୍ଶନ କରିଥିଲେ। ଏପରି କି ସୁରକ୍ଷା ଅଧିକାରୀମାନେ ଜାର୍ଭୋଙ୍କୁ ନେଇ ଫେରୁଥିବା ବେଳେ ଷ୍ଟାର ଭାରତୀୟ ବ୍ୟାଟର ବିରାଟ କୋହଲି ତାଙ୍କୁ କିଛି କହୁଥିବାର ଦେଖିବାକୁ ମିଳିଥିଲା।




## ବିଭିନ୍ନ ଦଳ ବିପକ୍ଷରେ ଭାରତର ଦିନିକିଆ

୧୬୭: ବନାମ ଶ୍ରୀଲଙ୍କା
୧୫୦: ବନାମ ଅଷ୍ଟ୍ରେଲିଆ
୧୪୨: ବନାମ ୱେଷ୍ଟଇଣ୍ଡିଜ
୧୩୪: ବନାମ ପାକିସ୍ତାନ
୧୧୬: ବନାମ ନ୍ୟୁଜିଲାଣ୍ଡ
୧୦୬: ବନାମ ଇଂଲଣ୍ଡ


ଜଣେ ଦିବ୍ୟାଙ୍ଗ ପ୍ରଶଂସକଙ୍କଠାରୁ ନିଜର ଏକ ପଟ୍ଟଚିତ୍ର ଗ୍ରହଣ କରୁଛନ୍ତି ବିରାଟ କୋହଲି।

## ଭାରତର ବୟସ୍କ ଅଧିନାୟକ

ରୋହିତ ଶର୍ମା: ୩୬ ବର୍ଷ ୧୬୧ ଦିନ (୨୦୨୩)*
ମହମ୍ମଦ ଆଝାରୁଦ୍ଦିନ: ୩୬ ବର୍ଷ ୧୨୪ ଦିନ (୧୯୯୯)
ରାହୁଲ ଦ୍ରାବିଡ: ୩୪ ବର୍ଷ ୭୧ ଦିନ (୨୦୦୭)
ଏସ. ଭେଙ୍କଟରାଘବନ: ୩୪ ବର୍ଷ ୫୬ ଦିନ (୧୯୭୯)
ମହେନ୍ଦ୍ର ସିଂ ଧୋନୀ: ୩୩ ବର୍ଷ ୨୬୨ ଦିନ (୨୦୧୫)

**ଭାରତୀୟଙ୍କ ସର୍ବାଧିକ କ୍ୟାଚ**
(ଉଇକେଟକିପରଙ୍କ ବିନା)
୧୫: ବିରାଟ କୋହଲି*
୧୪: ଅନିଲ କୁମ୍ବଲେ
୧୨: କପିଳ ଦେବ
୧୨: ସଚିନ ତେନ୍ଦୁଲକର

**ଦ୍ରୁତ ୧୦୦୦ ରନ**
ଡେଭିଡ ୱାର୍ନର: ୧୯ ମ୍ୟାଚ*
ସଚିନ ତେନ୍ଦୁଲକର/ଏବି ଡି ଭିଲର୍ସ: ୨୦
ଭିଭ୍ ରିଚାର୍ଡ୍ସ/ସୌରଭ ଗାଙ୍ଗୁଲି: ୨୧
ମାର୍କ ୱ: ୨୨
ହର୍ଶେଲ ଗିବ୍ସ: ୨୨

**ଅଷ୍ଟ୍ରେଲୀୟଙ୍କ ସର୍ବାଧିକ ରନ**
ରିକି ପଣ୍ଟିଂ: ୧୭୪୩
ଆଡାମ ଗିଲକ୍ରିଷ୍ଟ: ୧୦୮୫
ମାର୍କ ୱ: ୧୦୦୪
ଡେଭିଡ ୱାର୍ନର: ୧୦୦୧*
ମାଥ୍ୟୁ ହେଡେନ-୯୮୭

## ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ଇନିଂସ**
ୱାର୍ନର-କ ଆଣ୍ଡ ବୋ- କୁଲଦୀପ-୪୧
ମିଚେଲ ମାର୍ଶ-କ-କୋହଲି-ବୋ-ବୁମ୍‌ରା-୦
ଷ୍ଟିଭ୍ ସ୍ମିଥ୍-ବୋ-ଜାଡେଜା-୪୬
ଲବୁସେନ-କ-ରାହୁଲ-ବୋ-ଜାଡେଜା-୨୭
ମାକ୍ସୱେଲ୍-ବୋ-କୁଲଦୀପ-୧୫,
ଆଲେକ୍ସ କାରେ-ଏଲବିଡବ୍ଲ୍ୟୁ-ଜାଡେଜା-୦
କାମେରନ ଗ୍ରୀନ୍-କ-ପାଣ୍ଡ୍ୟା-ବୋ-ଅଶ୍ୱିନ-୮
ପ୍ୟାଟ କୁମିନ୍ସ-କ-ଆୟାର-ବୋ-ବୁମ୍‌ରା-୧୫
ମିଚେଲ ଷ୍ଟାର୍କ-କ-ଆୟାର-ବୋ-ସିରାଜ-୨୮
ଆଡାମ ଜାମ୍ପା-କ-କୋହଲି-ବୋ-ପାଣ୍ଡ୍ୟା-୬
ଜୋସ୍ ହାଜ୍‌ଲେଉଡ୍-ନଟଆଉଟ-୧
ଅତିରିକ୍ତ-୧୨
**ମୋଟ:** (୪୯.୩ ଓଭର/ଅଲଆଉଟ) ୧୯୯।
**ଉଇକେଟ ପତନ:** ୧/୫, ୨/୭୪, ୩/୧୧୦, ୪/୧୧୯, ୫/୧୧୯, ୬/୧୪୦, ୭/୧୪୦, ୮/୧୬୫, ୯/୧୮୯।

**ବୋଲିଂ (ଭାରତ)**
ଯଶପ୍ରୀତ ବୁମ୍‌ରା ୧୦-୦-୩୫-୨
ମହମ୍ମଦ ସିରାଜ ୬.୩-୧-୨୬-୧
ହାର୍ଦ୍ଦିକ ପାଣ୍ଡ୍ୟା ୩-୦-୨୮-୧
ରବିଚନ୍ଦ୍ରନ ଅଶ୍ୱିନ ୧୦-୧-୩୪-୧
କୁଲଦୀପ ଯାଦବ ୧୦-୦-୪୨-୨
ରବୀନ୍ଦ୍ର ଜାଡେଜା ୧୦-୨-୨୮-୩।

**ଭାରତ ଇନିଂସ**
ରୋହିତ ଶର୍ମା-ଏଲ୍‌ବିଡବ୍ଲ୍ୟୁ-ହାଜେଲଉଡ୍-୦
ଇଶନ କିଶନ-କ-ଗ୍ରୀନ୍-ବୋ-ଷ୍ଟାର୍କ-୦
କୋହଲି-କ-ଲବୁସେନ୍-ବୋ-ହାଜଲେଉଡ୍-୮୫
ଶ୍ରେୟସ-କ-ୱାର୍ନର-ବୋ-ହାଜେଲଉଡ-୦
କେ.ଏଲ୍ ରାହୁଲ-ନଟ ଆଉଟ-୯୭
ହାର୍ଦ୍ଦିକ ପାଣ୍ଡ୍ୟା-ନଟଆଉଟ-୧୧
ଅତିରିକ୍ତ-୮
**ମୋଟ:** (୪୧.୨ ଓଭର/୪ ଉଇକେଟ) ୨୦୧।
**ଉଇକେଟ ପତନ:** ୧/୨, ୨/୨, ୩/୨, ୪/୧୬୭।

**ବୋଲିଂ (ଅଷ୍ଟ୍ରେଲିଆ)**
ମିଚେଲ ଷ୍ଟାର୍କ ୮-୦-୩୧-୧
ଜୋସ୍ ହାଜ୍‌ଲେଉଡ ୯-୧-୩୮-୩
ପ୍ୟାଟ କୁମିନ୍ସ ୬.୨-୦-୩୩-୦
ଗ୍ଲେନ ମାକ୍ସୱେଲ ୮-୦-୩୩-୦
କାମେରନ ଗ୍ରୀନ ୨-୦-୧୧-୦
ଆଡାମ ଜାମ୍ପା ୮-୦-୫୩-୦।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୧ | ୧ | ୦ | ୨ | +୨.୧୪୯ |
| ଦକ୍ଷିଣ ଆଫ୍ରିକା | ୧ | ୧ | ୦ | ୨ | +୨.୦୪୦ |
| ପାକିସ୍ତାନ | ୧ | ୧ | ୦ | ୨ | +୧.୬୨୦ |
| ବାଂଲାଦେଶ | ୧ | ୧ | ୦ | ୨ | +୧.୪୩୮ |
| ଭାରତ | ୧ | ୧ | ୦ | ୨ | +୦.୮୮୩ |
| ଅଷ୍ଟ୍ରେଲିଆ | ୧ | ୦ | ୧ | ୦ | -୦.୮୮୩ |
| ଆଫଗାନିସ୍ତାନ | ୧ | ୦ | ୧ | ୦ | -୧.୪୩୮ |
| ନେଦରଲାଣ୍ଡ୍ସ | ୧ | ୦ | ୧ | ୦ | -୧.୬୨୦ |
| ଶ୍ରୀଲଙ୍କା | ୧ | ୦ | ୧ | ୦ | -୨.୦୪୦ |
| ଇଂଲଣ୍ଡ | ୧ | ୦ | ୧ | ୦ | -୨.୧୪୯ |



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଅକ୍ଟୋବର ୯/୨୦୨୩ Bhubaneswar, Monday, October 9/ 2023




# ଡବଲ୍ସରେ ଦେବାଶିଷ ରନରଅପ୍

ଭୁବନେଶ୍ୱର, ୮।୧୦

(ତପନ ସ୍ୱାଇଁ)

ଓଡ଼ିଶାର ପ୍ରତିଭା ସମ୍ପନ୍ନ ଟେନିସ ଖେଳାଳି ଦେବାଶିଷ ସାହୁ ଅନ୍ତର୍ଜାତୀୟ ଟେନିସରେ ଭଲ ପ୍ରଦର୍ଶନ ଜାରି ରଖିଛନ୍ତି। ଘାନାର ଆକ୍ରାରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଆଇଟିଏଫ୍ (ଅନ୍ତର୍ଜାତୀୟ ଟେନିସ ଫେଡେରେଶନ) ଜେ ୬୦ ଟୁର୍ନାମେଣ୍ଟର ଡବଲ୍ସରେ ସେ ରନରଅପ୍ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଦେବାଶିଷଙ୍କ ପାର୍ଟନରଥିଲେ ସର୍ବିୟାର ନିକୋଲା ଜୋଭିକ୍। ଦେବାଶିଷ-ଜୋଭିକ୍ ଯୋଡ଼ି ପ୍ରଥମ ରାଉଣ୍ଡରେ ଆରନ ଅରମା-ହନିଫ ବୋଟେଙ୍ଗଙ୍କୁ ୬-୧,

## ଆଇଟିଏଫ୍ ଜେ ୬୦ ଟେନିସ

୬-୧ ସେଟ୍‌ରେ ହରାଇବାପରେ କ୍ୱାର୍ଟର ଫାଇନାଲରେ କୋସି ଆନ୍ଦ୍ରେ ଡଗବେଫୁ-ଇକେନା ପ୍ରସ୍ୱର ଓକୋନୋକୋଙ୍କୁ ୭-୬, ୬-୨ରେ ପରାସ୍ତ କରିଥିଲେ। ସେମିଫାଇନାଲରେ ଏହି ଯୋଡ଼ି ନାଇଜେରିଆର ଡାନିଏଲ ଆଡେଲେୟେ ଓ ଡାଭିଡ ଏକପେନଙ୍କୁ ୬-୨, ୭-୬ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଟାଇଟଲ ପର୍ଯ୍ୟାୟରେ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଦେବାଶିଷ-ଜୋଭିକ୍ ପ୍ରତିପକ୍ଷ ଘାନାର ରାଫାଲ ନି ଅଙ୍କ୍ରା ଓ ଆମେରିକାର କାରେଲ ଅବ୍ରିଏଲ ଏନ୍‌ଗୋନୋଇଙ୍କଠାରୁ ୬-୩, ୫-୭, ୫-୧୦ରେ ହାରି ଯାଇଥିଲେ। ସିଙ୍ଗଲ୍ସରେ ମଧ୍ୟ ଦେବାଶିଷ ଆକର୍ଷଣୀୟ ପ୍ରଦର୍ଶନ କରି ସେମିଫାଇନାଲ ପର୍ଯ୍ୟନ୍ତ ଉନ୍ନିତ ହୋଇଥିଲେ। ୨୦୨୪ ଜାନୁୟାରୀରେ ହେବାକୁଥିବା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସର ଜୁନିୟର ବର୍ଗରେ ଖେଳିବା ପାଇଁ ଦେବାଶିଷ କଡ଼ା ସଂଘର୍ଷ ଜାରି ରଖିଛନ୍ତି। ଚଳିତ ବର୍ଷ ଶେଷ ବେଳକୁ ସେ ୧୫୦ ର୍‍ୟାଙ୍କ୍ ଭିତରେ ରହିବାକୁ ମଧ୍ୟ ଉଦ୍ୟମ ଜାରି ରଖିଛନ୍ତି। ନିଜର ଏହି ସଫଳତା ପାଇଁ ଦେବାଶିଷ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଟେନିସ ଆସୋସିଏଶନକୁ ଶ୍ରେୟ ଦେଇଛନ୍ତି। ଆସୋସିଏଶନ ଓ କ୍ରୀଡ଼ା ବିଭାଗର ସମର୍ଥନ ମିଳୁ ନ ଥିଲେ ଏପରି ଟୁର୍ନାମେଣ୍ଟ ଗୁଡ଼ିକରେ ଖେଳିବା ସମ୍ଭବ ହେଉ ନ ଥାନ୍ତା ବୋଲି ସେ ପ୍ରକାଶ କରିଛନ୍ତି। ଆସନ୍ତା ସପ୍ତାହରେ ସେ ସେହି ଘାନାର ଆକ୍ରାଠାରେ ଆଇଟିଏଫ୍ ଜେ୧୦୦ ଟୁର୍ନାମେଣ୍ଟରେ ଖେଳିବେ।


ଦେବାଶିଷ ସାହୁ

# ଭାରତୀୟ ଖୋଖୋ ଦଳରେ ସୁନୀଲ

ବାଲେଶ୍ୱର,୮।୧୦

(ମାନସ ବିଶ୍ୱାଳ)

ବାଲେଶ୍ୱରର ଖୋଖୋ ଖେଳାଳି ସୁନୀଲ ପାତ୍ର ଭାରତୀୟ ଖୋଖୋ ଦଳରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ସେ ଆସନ୍ତା ୧୧ ତାରିଖରେ ଭାରତୀୟ ଦଳ ସହିତ ମାଲେସିଆ ଗସ୍ତ କରିବେ ବୋଲି ସୂଚନା ମିଳିଛି। ଏହି ସଫଳତା ପାଇଁ ଜିଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର, ସାଧାରଣ ସମ୍ପାଦକ ଅଧୀପ ଦାସ, ଯୁଗ୍ମ ସମ୍ପାଦକ (ଖୋଖୋ) କାର୍ତ୍ତିକ ଚନ୍ଦ୍ର ନାୟକ ଓ ଯୁଗ୍ମ ସମ୍ପାଦକ ବିରେନ୍ଦ୍ର କୁମାର ସ୍ୱାଇଁ, କୋଚ୍ ମଳୟ ରଞ୍ଜନ ବେହେରା ପ୍ରମୁଖ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ନୂଆଦିଲ୍ଲୀଠାରେ ଆୟୋଜିତ ତାଲିମ ଶିବିରରେ ସନୀଲ ପ୍ରଶିକ୍ଷଣ ଗ୍ରହଣ କରି ଭାରତୀୟ ଖୋଖୋ ଦଳରେ ଯୋଗଦେବା ପାଇଁ ମନୋନୀତ ହୋଇଥିଲେ।


ଖୋଖୋ ଖେଳାଳି ସୁନୀଲ ପାତ୍ର।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ